# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ବୁଧବାର, ଜୁଲାଇ ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, July 23/2025 | Page 14 | ₹ 7.00

୫୧ଶ ଭାଗ ୨୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 238 | ମୂଲ୍ୟ ₹୭/-




**ହରମନପ୍ରୀତ୍‌ଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ମହିଳା କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ହରମନପ୍ରୀତ୍ କୌର।

୧୪

୧୦

**ଖୁବ୍‌ଶୀଘ୍ର କାଜୋଲ, ଟ୍ୱିଙ୍କଲଙ୍କ ଟକ୍ ଶୋ**

ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ ଭିଡିଓ ପକ୍ଷରୁ ମଙ୍ଗଳବାର ଏକ ନୂତନ ଟକ୍ ଶୋ'ର ଘୋଷଣା କରାଯାଇଛି। ଅଭିନେତ୍ରୀ କାଜୋଲ ଏବଂ ଟ୍ୱିଙ୍କଲ ଖାନ୍ନା ଏହି ଶୋ'କୁ ହୋଷ୍ଟ କରିବେ।





ଶ୍ରାବଣ ମାସ 'କନ୍‌ୱର୍ ଯାତ୍ରା' ଅବସରରେ ମଙ୍ଗଳବାର ଶ୍ରଦ୍ଧାଳୁମାନେ ହରିଦ୍ୱାରସ୍ଥିତ ହର୍ କି ପୁରୀ ଗଙ୍ଗାଘାଟରେ ବୁଡ଼ ପକାଉଛନ୍ତି।

# ଏସ୍‌ଆଇଟି ତଦନ୍ତ ଅନାବଶ୍ୟକ

**ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ଏସ୍‌ଆଇଟି ତଦନ୍ତ ପାଇଁ ହାଇକୋର୍ଟରେ ହୋଇଥିବା ଆବେଦନ ଖାରଜ ହୋଇଯାଇଛି। ଏହି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ କରୁଥିବା ତଦନ୍ତ ଠିକ୍ ବାଟରେ ଯାଉଛି। ଏଥିରେ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ (ଏସ୍‌ଆଇଟି) ତଦନ୍ତର ଆବଶ୍ୟକତା ନାହିଁ ବୋଲି ମଙ୍ଗଳବାର ଉଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଏଥିସହିତ ଛାତ୍ରୀ ମୃତ୍ୟୁକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଆନ୍ଦୋଳନ ଏବଂ ବିକ୍ଷୋଭ କରାଯାଇ ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବା ଅଭିଯୋଗରେ ଉଭୟ ବିଜେଡି ଏବଂ କଂଗ୍ରେସ ରାଜ୍ୟ ସଭାପତିଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି ।**





**ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା**

## ବିଜେଡି, କଂଗ୍ରେସକୁ ନୋଟିସ ଜାରି କଲେ କୋର୍ଟ

କଟକ,୨୨।୭(କାର୍ତ୍ତିକ ସାହୁ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ମାମଲାକୁ ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମାନସ ରଞ୍ଜନ ପାଠକଙ୍କ ଖଣ୍ଡପୀଠ ଏହି ମାମଲାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତରେ ସନ୍ତୋଷ ପ୍ରକାଶ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଏସ୍‌ଆଇଟି ଦ୍ୱାରା ତଦନ୍ତ କରାଇବା ନିମନ୍ତେ ହୋଇଥିବା ଆବେଦନକୁ ହାଇକୋର୍ଟ ଆବଶ୍ୟକ ନାହିଁ ବୋଲି କହିଛନ୍ତି। ତେବେ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ବିଜୁ ଜନତା ଦଳ ଓ କଂଗ୍ରେସ ପକ୍ଷରୁ କରାଯାଇଥିବା ଓଡ଼ିଶା ବନ୍ଦ ଆନ୍ଦୋଳନ ପାଇଁ ଉଭୟ ଦଳର ରାଜ୍ୟ ସଭାପତିଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବାଲେଶ୍ୱର ଛାତ୍ରୀ ମୃତ୍ୟୁ ମାମଲାର ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ଏସ୍‌ଆଇଟି ଗଠନ କରାଯାଇ ଦକ୍ଷ ଅଧିକାରୀଙ୍କ ଦ୍ୱାରା ନିରପେକ୍ଷ ତଦନ୍ତ କରିବାକୁ ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ☞ପୃଷ୍ଠା–୪

# ଏସ୍‌ଆଇଆର୍ ଝଡ଼ରେ ସଂସଦ ଅଚଳ

- ■ ବିହାର ବିଧାନସଭାରେ ପ୍ରବଳ ହଟ୍ଟଗୋଳ
- ■ ଭୋଟରଙ୍କ ନାଗରିକତ୍ୱ ଛଡ଼ାଇନେବା ପାଇଁ ଷଡ଼ଯନ୍ତ୍ର: ତେଜସ୍ୱୀ

**ବିହାର ବିଧାନସଭା ଭୋଟ ପୂର୍ବରୁ ଭାରତର ନିର୍ବାଚନ କମିଶନ (ଇସିଆଇ) ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପାଇଁ ଚଳାଇଥିବା ସ୍ପେଶିଆଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍) ପ୍ରସଙ୍ଗ ମଙ୍ଗଳବାର ସଂସଦରେ ଅଚଳାବସ୍ଥା ସୃଷ୍ଟି କରିଛି। କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସମେତ ବିରୋଧୀ ପକ୍ଷ ଏହା ଉପରେ ବିତର୍କ ଦାବିରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ହଟ୍ଟଗୋଳ କରିବାରୁ ବାରମ୍ବାର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ହୋହଲ୍ଲା, ସ୍ଲୋଗାନ ମଧ୍ୟରେ ଉଭୟ ସଦନକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ବିହାର ବିଧାନସଭା ମଧ୍ୟ ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ଏସ୍‌ଆଇଆର୍ ବିରୋଧୀ ବିକ୍ଷୋଭର ଝଡ଼ରେ ଥମିଯାଇଛି।**

ନୂଆଦିଲ୍ଲୀ/ପାଟନା, ୨୨।୭ (ପି.ଟି./ଏଜେନ୍ସି)

ବିହାର ବିଧାନସଭା ନିର୍ବାଚନ ଆସନ୍ତା ସେପ୍ଟେମ୍ବର ଆଡ଼କୁ ହେବାକୁ ଥିବାବେଳେ ଇସିଆଇ ଭୋଟର ତାଲିକା ସଂଶୋଧନରେ ଲାଗିଛନ୍ତି। ନିର୍ବାଚନ କମିଶନ ଆଗକୁ ସାରା ଦେଶରେ ଏସ୍‌ଆଇଆର୍ କରାଇବାକୁ ଯାଉଥିବାରୁ ବିରୋଧୀ ଦଳଗୁଡ଼ିକ ଏହାକୁ ଭୋଟରଙ୍କ ନାଗରିକତ୍ୱ ଛଡ଼ାଇନେବା ପାଇଁ ଷଡ଼ଯନ୍ତ୍ର ରୂପେ ଅଭିହିତକରି ଏହା ଉପରେ ବିତର୍କ ଦାବି କରିଛନ୍ତି। ମଙ୍ଗଳବାର ଲୋକ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ ଓ ଦିଲୀପ ସାଇକିଆ ବିରୋଧୀ ଏମ୍‌ପିମାନଙ୍କୁ ନିଜ ଆସନକୁ ଯାଇ ଗୃହକାର୍ଯ୍ୟ ଚଳାଇଦେବାକୁ ବାରମ୍ବାର ଅନୁରୋଧ କରିଥିଲେ। କିନ୍ତୁ ଉଭୟଙ୍କ କଥା କେହି ଶୁଣି ନ ଥିଲେ। ଅପରାହ୍ନରେ ବାଚସ୍ପତି ଓମ୍ ବିର୍ଲା ସ୍ଲୋଗାନ ଦେବା ଓ ପ୍ଲାକାର୍ଡ ଦେଖାଇବା ଗୃହର ମର୍ଯ୍ୟାଦା ହାନି କରୁଛି କହି ମୁଲତବୀ ଘୋଷଣା କରିଥିଲେ। ବିରୋଧ ଓ ବିକ୍ଷୋଭ ଜାରି ରହିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ବିପକ୍ଷର ଆଚରଣକୁ ନିନ୍ଦା କରିଥିଲେ। ଅପରେଶନ ସିନ୍ଦୂର ପରେ ଏସ୍‌ଆଇଆର୍ ଉପରେ ଆଲୋଚନା ପାଇଁ ସୋମବାର ସରକାର ସହମତି ପ୍ରକାଶ କରିଥିବାବେଳେ ବିରୋଧୀ ପ୍ଲାକାର୍ଡ ଧରି ହୋହଲ୍ଲା କରିବା ଦୁର୍ଭାଗ୍ୟଜନକ ବୋଲି ରିଜିଜୁ ସମାଲୋଚନା କରିଥିଲେ। ରାଜ୍ୟ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଗୃହରେ ଅଚଳାବସ୍ଥାକୁ ଦେଖି ଉପାଧ୍ୟକ୍ଷ ହରିବଂଶ ଅନେକ ଥର ମୁଲତବୀ ଘୋଷଣା କରିଥିଲେ। ପରେ ବିରୋଧୀ ସଦସ୍ୟ ଏସ୍‌ଆଇଆର୍, ପହଲଗାମ୍, ଅପରେଶନ ସିନ୍ଦୂର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ବିବୃତି ଦାବି କରିଥିଲେ।

ବିହାର ବିଧାନସଭାରେ ମଧ୍ୟ ମଙ୍ଗଳବାର ଏସ୍‌ଆଇଆର୍ ପ୍ରତିବାଦରେ ପ୍ରବଳ ହଟ୍ଟଗୋଳ ହୋଇଛି। ବିରୋଧୀ ବିଧାୟକମାନେ କଳାପୋଷାକ ପରିଧାନକରି ଏସ୍‌ଆଇଆର୍ ବନ୍ଦ କରିବାକୁ ଦାବି କରିଛନ୍ତି। ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏସ୍‌ଆଇଆର୍‌କୁ ବିହାରୀ ଭୋଟରଙ୍କ ନାଗରିକତ୍ୱ ଛଡ଼ାଇନେବା ପାଇଁ ଷଡ଼ଯନ୍ତ୍ର ରୂପେ ଅଭିହିତ କରି ଏହା ଉପରେ ତୁରନ୍ତ ବିତର୍କ ଦାବି କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଶାସକ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଓ ଭାଜପାର ନୀରବତାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ବିରୋଧୀଙ୍କ ଅଭିଯୋଗ ହେଲା, ଇସିଆଇଙ୍କ ଏସ୍‌ଆଇଆର୍ ପ୍ରକ୍ରିୟାରେ ଅନେକ ତ୍ରୁଟି ରହିଛି। କେତେକ ସ୍ଥାନରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଭୋଟରଙ୍କ ପରିବର୍ତ୍ତେ ନିଜେ ଫର୍ମ ଫିଲପ୍ କରି ତାଲିକା ପ୍ରସ୍ତୁତ କରୁଛନ୍ତି। ଏହା ଅତ୍ୟନ୍ତ ଚିନ୍ତାଜନକ ବିଷୟ ହୋଇଥିବାରୁ ଏହା ଉପରେ ଆଲୋଚନା ଜରୁରୀ। ଏତିକି ନୁହେଁ, କଂଗ୍ରେସ, ଆର୍‌ଜେଡି, ବାମପନ୍ଥୀଙ୍କ ସମେତ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ଆସବାବପତ୍ର ଓଲଟପାଲଟ କରିବା ସଙ୍ଗେ ସଙ୍ଗେ ମାର୍ଶାଲଙ୍କ ସହ ଧସ୍ତାଧସ୍ତି ହୋଇଛନ୍ତି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ନନ୍ଦକିଶୋର ଯାଦବ ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି।

## 'ଆଧାର' ଗ୍ରହଣ କଲେନାହିଁ ଇସିଆଇ

ନୂଆଦିଲ୍ଲୀ,୨୨।୭(ପି.ଟି.)

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଚାଲିଥିବା ସ୍ପେଶିଆଲ ଇଣ୍ଟେନ୍‌ସିଭ ରିଭିଜନ୍ (ଏସ୍‌ଆଇଆର୍) ଭୋଟର ତାଲିକାରେ ଶୁଦ୍ଧତା ଆଣିବ ବୋଲି ଦର୍ଶାଇ ନିର୍ବାଚନ କମିଶନ (ଇସି) ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ପରାମର୍ଶକୁ ଅଗ୍ରାହ୍ୟ କରିଦେଇଛନ୍ତି। ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍ ଦେବା ପାଇଁ ଏହି ପ୍ରକ୍ରିୟା ଚାଲିଥିବାରୁ ଆଧାର କାର୍ଡ, ଭୋଟର ଆଇଡି ଏବଂ ରାଶନ୍ କାର୍ଡକୁ ମତଦାନର ମାପକାଠି ରୂପେ ଗ୍ରହଣ କରାଯାଇପାରିବ ନାହିଁ। ଏହା କେବଳ ପରିଚୟ ଚିହ୍ନଟ ପାଇଁ ଉଦ୍ଦିଷ୍ଟ ବୋଲି ଇସିଆଇଙ୍କ ପକ୍ଷରୁ ଦାଖଲ ଏକ ସତ୍ୟପାଠରେ ଦର୍ଶାଯାଇଛି।

ବିହାରରେ ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନଙ୍କ ଏସ୍‌ଆଇଆର୍ ନିଷ୍ପତ୍ତିକୁ ଚ୍ୟାଲେଞ୍ଜକରି ସୁପ୍ରିମକୋର୍ଟରେ ୧୦ରୁ ଊର୍ଦ୍ଧ୍ୱ ପିଟିଶନ ଦାଖଲ ହୋଇଛି। ଜୁଲାଇ ୧୦ରେ ସୁପ୍ରିମକୋର୍ଟ ସେଗୁଡ଼ିକର ଶୁଣାଣି କରି ଭୋଟର ପଞ୍ଜୀକରଣ ପାଇଁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଓ ରାଶନ୍ କାର୍ଡକୁ ଗ୍ରହଣ କରିବା ଲାଗି ବିଚାର କରିବାକୁ ଇସିଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ନଭେମ୍ବର ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏବେ କାହିଁକି ରିଭିଜନ୍ କରାଯାଉଛି ବୋଲି ଅଦାଲତ ପ୍ରଶ୍ନ ଉଠାଇଥିଲେ। ଜୁଲାଇ ୨୮ରେ ଏହାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବାବେଳେ ଇସିଙ୍କ ପକ୍ଷରୁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ଇସି ଏଥିରେ ଦର୍ଶାଇଛନ୍ତି, ଅନେକ ଆଇନଗତ ଆହ୍ୱାନ ରହିଥିଲେ ମଧ୍ୟ ଆଧାର, ଭୋଟର ଆଇଡି ଓ ରାଶନ୍ କାର୍ଡକୁ ଏସ୍‌ଆଇଆର୍–୨୦୨୫ ପାଇଁ ସୀମିତ ଉଦ୍ଦେଶ୍ୟରେ ପଞ୍ଜୀକରଣ ନିମନ୍ତେ ବିଚାର କରାଯାଉଛି। ତେବେ ଏସ୍‌ଆଇଆର୍ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍‌ଦେବା ପାଇଁ ଉଦ୍ଦିଷ୍ଟ। ମତଦାନ ଅଧିକାର ସମ୍ବିଧାନର ଅନୁଚ୍ଛେଦ ୩୨୬ ଅଧୀନରେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ନଗଦ ଟଙ୍କାକୁ ଫେରିବା

## ଆକାଂକ୍ଷୀ ବ୍ଲକ ସଂଖ୍ୟା ୪୦ ଛୁଇଁଲା

**କେନ୍ଦୁଝରର ୫ ଓ ମୟୂରଭଞ୍ଜର ୬ ନୂଆ ବ୍ଲକ ସାମିଲ**

ଭୁବନେଶ୍ୱର,୨୨।୭ (ରବିନାରାୟଣ ଜେନା)

ଓଡ଼ିଶାର ଆକାଂକ୍ଷୀ ବ୍ଲକ ସଂଖ୍ୟା ୪୦କୁ ବୃଦ୍ଧି ପାଇଛି। ପୂର୍ବରୁ ୨୯ରେ ସୀମିତ ଥିବାବେଳେ ମଙ୍ଗଳବାର ନୀତି ଆୟୋଗଙ୍କ ପକ୍ଷରୁ ଆଉ ୧୧ଟି ନୂଆ ବ୍ଲକ ଏଥିରେ ଯୋଡ଼ାଯାଇଛି।

**ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ରଖିଲା ନୀତି ଆୟୋଗ**

ସେଥିମଧ୍ୟରେ କେନ୍ଦୁଝର ଜିଲାର ୫ଟି ଓ ମୟୂରଭଞ୍ଜ ଜିଲାର ୬ଟି ନୂଆ ବ୍ଲକ ସାମିଲ ହୋଇଥିବା ନୀତି ଆୟୋଗଙ୍କ ବିଜ୍ଞପ୍ତିରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବ୍ଲକଗୁଡ଼ିକୁ ସାମିଲ କରିବା ପାଇଁ ନିକଟରେ ନୀତି ଆୟୋଗଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ରକ୍ଷାକରି ନୀତି ଆୟୋଗ ☞ପୃଷ୍ଠା–୪

## କୋଟିଆକୁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ବସ୍ ସେବା: ମନ୍ତ୍ରୀ

ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)

କୋଟିଆ ପାଇଁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ କରାଯିବ। କୋଟିଆର ସମନ୍ୱିତ ବିକାଶ ପାଇଁ ସରକାର ଲକ୍ଷ୍ୟ ରଖିଥିବା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଜେନା ଆହୁରି କହିଛନ୍ତି, କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। ଯିଏ ଯେତେ ଦାବିକଲେ ମଧ୍ୟ କୋଟିଆ ଓଡ଼ିଶାରେ ରହିଛି, ଆଗକୁ ମଧ୍ୟ ରହିବ। ନିର୍ବାଚନ ସମୟରେ କୋଟିଆ ଉପରେ ଆନ୍ଧ୍ରର ଆଖି ରହୁଛି। ତାକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଚଳାଇଛନ୍ତି। ମନ୍ତ୍ରୀ ଜେନା ଆହୁରି କହିଛନ୍ତି, ଖଣି ଖାଦାନରେ କୋଟିଆ ଭରପୂର ରହିଛି। ସେଠାକାର ଏକ ପାହାଡ଼କୁ ସୁନାପାହାଡ଼ ବୋଲି କୁହାଯାଏ। ତାକୁ ଚିହ୍ନଟକରି ତା'ର ସଦୁପଯୋଗ କରିବା ପାଇଁ ଖଣି ବିଭାଗ ☞ପୃଷ୍ଠା–୪

# ୩ ହକି ପ୍ରଶିକ୍ଷକ ଗିରଫ

## ନାବାଳିକା ହକି ପ୍ରଶିକ୍ଷାର୍ଥୀଙ୍କୁ ଗଣବଳାତ୍କାର ଘଟଣା

ଯାଜପୁର/ଯାଜପୁର ଟାଉନ (ହର୍ଷବର୍ଦ୍ଧନ ବେହେରା/ପ୍ରଯନ୍ତା ପ୍ରିୟଦର୍ଶିନୀ ମହାନ୍ତି),୨୨।୭

ଯାଜପୁର ଟାଉନ ଥାନା ଅନ୍ତର୍ଗତ ମାନସାପୋଲ ନିକଟସ୍ଥ ଜଣେ ନାବାଳିକା ହକି ପ୍ରଶିକ୍ଷାର୍ଥୀଙ୍କୁ ଗଣବଳାତ୍କାର ଘଟଣାରେ ୩ ହକି ପ୍ରଶିକ୍ଷକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ଓଦପଡ଼ା ଗ୍ରାମର ସନ୍ଦୀପ ସ୍ୱାଇଁ ଓରଫ ବଣ୍ଟି(୨୬), କଟକ ଜିଲା ନେମାଳ ଥାନା ଅନ୍ତର୍ଗତ ମଲିକାପୁର ଗ୍ରାମର ସାର୍ଥକ ମହାନ୍ତି ଓରଫ ପିକୁନ(୨୨) ଏବଂ କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ହୁଲିପୁର ଗ୍ରାମର ସାଗର କୁମାର ନାୟକ ଓରଫ ମିଠୁ(୨୭)। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସାଗର ଓ



ସାର୍ଥକ କଟକ ହକି ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକ ହୋଇଥିବାବେଳେ ସନ୍ଦୀପ ଯାଜପୁର ହକିପ୍ରଶିକ୍ଷଣ କେନ୍ଦ୍ରରେ ଗତ ୧୦ ମାସ ହେଲା ଯୋଗ ଦେଇଥିଲେ। ଅନ୍ୟ ଜଣେ ପ୍ରଶିକ୍ଷକଙ୍କ ଏହି ଘଟଣାରେ ସଂପୃକ୍ତି ନ ଥିବାରୁ ତାଙ୍କୁ ସାକ୍ଷୀ ରୂପେ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ଗତ ରବିବାର ରାତିରେ ଜଣେ ନାବାଳିକା ହକି ପ୍ରଶିକ୍ଷାର୍ଥୀ ୪ ପ୍ରଶିକ୍ଷକଙ୍କ ନାମରେ ଯାଜପୁର ଥାନାରେ ଅସଦାଚରଣ ଓ ଜଣକ ନାମରେ ବଳାତ୍କାର କରିଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଲା ପରେ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ତୁରନ୍ତ ମାମଲା ରୁଜୁ କରି କଟକ ଜିଲାର ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଧରିବା ସହ ଯାଜପୁର ଥାନାରେ ଅଟକ ରଖି ପଚରାଉଚରା କରିଥିଲେ। ହକି ପ୍ରଶିକ୍ଷକ ସନ୍ଦୀପ ପୂର୍ବରୁ ଧମକ ଚମକ ଦେଇ ନାବାଳିକା ହକି ଖେଳାଳିଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଗତ ୩ ତାରିଖରେ ପ୍ରଶିକ୍ଷକ ସାର୍ଥକ ଓ ସାଗର ବିଭିନ୍ନ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ☞ପୃଷ୍ଠା–୪

# ଶକ୍ତିଶାଳୀ ପାସ୍‌ପୋର୍ଟ ତାଲିକା: ୭୭ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୨୨।୭

ହେନ୍‌ଲେ ପାସ୍‌ପୋର୍ଟ ସୂଚକାଙ୍କ–୨୦୨୫ (କ୍ୱାର୍ଟର ୨)ରେ ଭାରତର ସ୍ଥିତିରେ ଉନ୍ନତି ଘଟିଛି। ଚଳିତ ସୂଚକାଙ୍କରେ ଭାରତ ୮ ସ୍ଥାନ ଉପରକୁ ଉଠି ୭୭ତମ ସ୍ଥାନରେ ପହଞ୍ଚିଛି। ୬ ମାସ ତଳେ ହେନ୍‌ଲେ ପକ୍ଷରୁ ଜାରି କରାଯାଇଥିବା ସୂଚକାଙ୍କରେ ଭାରତର ପାସ୍‌ପୋର୍ଟ ୮୫ତମ ସ୍ଥାନରେ ଥିଲା। ଏହି ସୂଚକାଙ୍କ ଅନୁଯାୟୀ, ଭାରତୀୟ ପାସ୍‌ପୋର୍ଟଧାରୀ ବିନା ଭିଜାରେ କିମ୍ବା ଭିଜା ଅନ୍ ଆରାଇଭାଲ ସୁବିଧା ସହ ବିଶ୍ୱର ୫୯ ଦେଶକୁ ସମ୍ପ୍ରତି ଭ୍ରମଣ କରିପାରୁଛନ୍ତି। ଗତ ଜାନୁଆରୀରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ଭାରତୀୟ ପାସ୍‌ପୋର୍ଟଧାରୀ ବିନା ଭିଜାରେ ୫୭ ଦେଶକୁ ଯାତ୍ରା କରିପାରୁଥିଲେ। ଥାଇଲାଣ୍ଡ, ଇଣ୍ଡୋନେସିଆ, ଶ୍ରୀଲଙ୍କା, ଭୁଟାନ, ନେପାଳ ଆଦି ପର୍ଯ୍ୟଟନ ବହୁଳ ଦେଶଗୁଡ଼ିକୁ ଭାରତୀୟମାନେ ବିନା ଭିଜାରେ ଯାତାୟାତ କରିପାରୁଥିବା ବେଳେ ଆମେରିକା, ଅଷ୍ଟ୍ରେଲିଆ, ବ୍ରିଟେନ୍ ପରି ଦେଶକୁ ଯିବା ପାଇଁ ଭାରତୀୟଙ୍କୁ ଭିଜା ଆବେଦନ କରିବାକୁ ପଡୁଛି। ଏହି ସୂଚକାଙ୍କ ଅନୁଯାୟୀ, ସିଙ୍ଗାପୁରର ପାସ୍‌ପୋର୍ଟ ହେଉଛି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପାସ୍‌ପୋର୍ଟ। ସମ୍ପ୍ରତି ସିଙ୍ଗାପୁରର ନାଗରିକମାନେ ବିନା ଭିଜାରେ ୧୯୩ ଦେଶକୁ ଯାତ୍ରା କରିପାରୁଛନ୍ତି। ଜାପାନ ଏବଂ ଦକ୍ଷିଣ କୋରିଆ ଏହି ସୂଚକାଙ୍କରେ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଭୟ ଦେଶର ଲୋକେ ବିନା ଭିଜାରେ ୧୯୦ ଦେଶକୁ ଭ୍ରମଣ କରିପାରୁଛନ୍ତି। ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଆୟର୍ଲାଣ୍ଡ, ସ୍ପେନ୍ ପରି ୟୁରୋପୀୟ ସଂଘର ୭ ଦେଶ ଏହି ସୂଚକାଙ୍କରେ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ସବୁ ଦେଶଗୁଡ଼ିକର ଜନସାଧାରଣ ବିନା ଭିଜାରେ ୧୮୯ ଦେଶକୁ ଯାତାୟାତ କରିପାରୁଛନ୍ତି।

**ହେନ୍‌ଲେ ପାସ୍‌ପୋର୍ଟ ସୂଚକାଙ୍କ**





**ସିଙ୍ଗାପୁର ଶୀର୍ଷରେ, ନିମ୍ନରେ ଆଫଗାନିସ୍ତାନ**

ଆଫଗାନିସ୍ତାନର ପାସ୍‌ପୋର୍ଟ ସବୁଠାରୁ ଦୁର୍ବଳ ହୋଇଥିବା ଏହି ରିପୋର୍ଟ କହିଛି। ଆଫଗାନିସ୍ତାନର ନାଗରିକମାନେ ବିନା ଭିଜାରେ ସମ୍ପ୍ରତି କେବଳ ୨୫ ଦେଶକୁ ଭ୍ରମଣ କରିପାରୁଛନ୍ତି। ତେବେ ଆମେରିକା ଏବଂ ବ୍ରିଟେନ୍‌ର ପାସ୍‌ପୋର୍ଟ ସାମାନ୍ୟ ଦୁର୍ବଳ ହୋଇଥିବା ଏହି ରିପୋର୍ଟ କହିଛି। ଏକଦା ଶକ୍ତିଶାଳୀ ପାସ୍‌ପୋର୍ଟ ଭାବେ ପରିଚିତ ଥିବା ଆମେରିକା ଏବଂ ବ୍ରିଟେନ୍ ଏହି ସୂଚକାଙ୍କରେ ଯଥାକ୍ରମେ ୧୦ମ ଏବଂ ଷଷ୍ଠ ସ୍ଥାନରେ ରହିଛନ୍ତି। ବ୍ରିଟେନ୍‌ର ଜନସାଧାରଣ ବିନା ଭିଜାରେ ୧୮୬ ଦେଶ ଏବଂ ଆମେରିକାର ଜନସାଧାରଣ ୧୮୨ ଦେଶ ଭ୍ରମଣ କରିପାରୁଛନ୍ତି। ହେନ୍‌ଲେ ପକ୍ଷରୁ ଜାରି କରାଯାଉଥିବା ସୂଚକାଙ୍କରେ ଗତ ୧୦ ବର୍ଷ ମଧ୍ୟରେ ଆମେରିକା ୮ ସ୍ଥାନ ତଳକୁ ଖସିଥିବା ବେଳେ ବ୍ରିଟେନ୍ ୫ ସ୍ଥାନ ତଳକୁ ଖସିଛି। ୧୦ ବର୍ଷ ମଧ୍ୟରେ ଭେନଜୁଏଲାର ପାସପୋର୍ଟ ସର୍ବାଧିକ ୧୫ ସ୍ଥାନ ତଳକୁ ଖସି ସଦ୍ୟ ସୂଚକାଙ୍କରେ ୪୫ତମ ସ୍ଥାନରେ ପହଞ୍ଚିଛି।

## ସଂକ୍ଷେପରେ

### ଟିକସ ଛାଡ଼ ମାମଲାରେ କଂଗ୍ରେସକୁ ଝଟକା

ନୂଆଦିଲ୍ଲୀ, ୨୨।୭

ଏକ ଆୟକର ମାମଲାରେ ମଙ୍ଗଳବାର କଂଗ୍ରେସକୁ ଝଟକା ଲାଗିଛି। ୨୦୧୭-୧୮ର ଏକ ଟିକସ ଛାଡ଼ ମାମଲାରେ କଂଗ୍ରେସ ଦଳର ଆବେଦନକୁ ଆୟକର ଆପିଲେଟ ଟ୍ରିବ୍ୟୁନାଲ (ଆଇଟିଏଟି) ଖାରଜ କରିଦେଇଛନ୍ତି। ଆଇଟିଏଟି ପକ୍ଷରୁ ଟିକସ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ବଜାୟ ରଖାଯାଇ କୁହାଯାଇଛି, ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରାପ୍ତ ଦାନ ଉପରେ କଂଗ୍ରେସ ଦଳକୁ ଆୟକର ଦେବାକୁ ପଡ଼ିବ। ପ୍ରକାଶ ଯେ, ଆର୍ଥିକ ବର୍ଷ ୨୦୧୭-୧୮ରେ କଂଗ୍ରେସ ଦଳକୁ ଦାନ ଆକାରରେ ମିଳିଥିବା ୧୯୯ କୋଟି ଟଙ୍କା ଉପରେ ଟିକସ ପୈଠ ପାଇଁ ଆୟକର ବିଭାଗ ପକ୍ଷରୁ ନୋଟିସ ଆସିଥିଲା। ଏହି ନୋଟିସକୁ କଂଗ୍ରେସ ବିରୋଧ କରିଥିଲା। ୧୯୯ କୋଟି ଟଙ୍କା ଦାନ ଆକାରରେ ମିଳିଥିବାରୁ ଏହା ସମ୍ପୂର୍ଣ୍ଣ ଟିକସମୁକ୍ତ ହେବା ଉଚିତ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଥିଲା।

### ଆଇଏମ୍ଏଫ୍ ଛାଡ଼ିବେ ଗୀତା ଗୋପୀନାଥ



**ନ୍ୟୁୟର୍କ, ୨୨।୭:** ସମ୍ପ୍ରତି ଭାରତୀୟ-ଆମେରିକୀୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ଦ୍ୱିତୀୟ ସବୁଠାରୁ ବଡ଼ ପଦ ଫାଷ୍ଟ ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ତେବେ ଆସନ୍ତା ଅଗଷ୍ଟରେ ସେ ନିଜ ପଦ ଛାଡ଼ି ଅର୍ଥନୀତି ପ୍ରଫେସର ଭାବେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିବେ। ସୋମବାର ସାମାଜିକ ଗଣମାଧ୍ୟମ 'X'ରେ ଗୀତା ଏହି ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୧ରେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଯୋଗଦେବେ ବୋଲି ଗୀତା କହିଛନ୍ତି। ଆଇଏମ୍ଏଫ୍‌ରେ ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ୨୦୧୯ ଜାନୁଆରୀରେ ସେ ଯୋଗଦେଇଥିଲେ। ଆଇଏମ୍ଏଫ୍‌ରେ ପ୍ରଥମ ମହିଳା ଭାବେ ସେ ଉକ୍ତ ପଦ ସମ୍ଭାଳିଥିଲେ। ୨୦୨୨ ଜାନୁଆରୀରେ ଫାଷ୍ଟ ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଭାବେ ତାଙ୍କୁ ପ୍ରମୋଶନ ମିଳିଥିଲା।

### ବିହାର ଭୋଟର ତାଲିକାରୁ ହଟିଲେ ୫୨ ଲକ୍ଷ

**ନୂଆଦିଲ୍ଲୀ, ୨୨।୭:** ବିହାରରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଅଭିଯାନରେ ରାଜ୍ୟବ୍ୟାପୀ ବର୍ତ୍ତମାନ ସୁଦ୍ଧା ୫୨ ଲକ୍ଷ ମତଦାତାଙ୍କ ନାମକୁ ଭୋଟର ତାଲିକାରୁ ହଟାଯାଇଥିବା ନେଇ ନିର୍ବାଚନ ଆୟୋଗ (ଇସି) ସୂଚନା ଦେଇଛନ୍ତି। ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ମତାଦାତାଙ୍କ ମଧ୍ୟରୁ ୧୮ ଲକ୍ଷ ମତଦାତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଥିଲା। ୨୬ ଲକ୍ଷ ମତଦାତା ବିହାର ବାହାରକୁ କିମ୍ବା ଅନ୍ୟ ବିଧାନସଭା ନିର୍ବାଚନମଣ୍ଡଳୀକୁ ସ୍ଥାୟୀ ଭାବରେ ସ୍ଥାନାନ୍ତରିତ ହୋଇଛନ୍ତି ଏବଂ ୭.୫ ଲକ୍ଷ ଲୋକଙ୍କର ଏକାଧିକ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ନାମ ପଞ୍ଜୀକୃତ ହୋଇଛନ୍ତି। ତେଣୁ ଏ ସମସ୍ତ ନାମକୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି।

# ଚର୍ଚ୍ଚାରେ ଆରିଫ୍, ଥରୁର

## ଉପରାଷ୍ଟ୍ରପତି ଦୌଡ଼: ଗୋଟିଏ ଗୁଳିରେ ଏକାଧିକ ଶିକାର

ନୂଆଦିଲ୍ଲୀ, ୨୨।୭

ଜଗଦୀପ ଧନକର ସଂସଦର ମୌସୁମୀ ଅଧିବେଶନ ପ୍ରଥମ ଦିନରେ ଇସ୍ତଫା ଦେଇ ସମସ୍ତଙ୍କୁ ଚମକାଇ ଦେଇଛନ୍ତି। ତାଙ୍କ ଇସ୍ତଫା ପରେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପାଇଁ ସମ୍ବିଧାନର ଅନୁଚ୍ଛେଦ ୬୮(୨) ଅନୁଯାୟୀ ନିର୍ବାଚନ ଆବଶ୍ୟକତା ପଡ଼ିଛି। ଉପରାଷ୍ଟ୍ରପତି ଆସନରେ କିଏ ଅବସ୍ଥାପିତ ହେବେ ସେନେଇ ଭାଜପା ଓ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତାଙ୍କ କସରତ ଆରମ୍ଭ ହୋଇଛି। ସଂସଦର ଉଭୟ ଗୃହରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ସଂଖ୍ୟାବଳ ଥିବାରୁ ଶାସକ ମେଣ୍ଟ ଅନାୟାସରେ ଉପରାଷ୍ଟ୍ରପତି ନିର୍ବାଚନରେ ବାଜିମାତ୍ କରିପାରେ। ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ପଶ୍ଚିମବଙ୍ଗର ବସିରହାଟ ଆସନ ଖାଲିପଡ଼ିଛି। ସେହିପରି ୨୪୫ ସଦସ୍ୟ ବିଶିଷ୍ଟ ରାଜ୍ୟ ସଭାରେ ୫ ଆସନ ଖାଲି ପଡ଼ିଥିବାରୁ ଉକ୍ତ ସଦନର ଆସନ ସଂଖ୍ୟା ୨୪୦କୁ ଖସିଆସିଛି। ଏହି ୫ ଆସନ ମଧ୍ୟରୁ ଜମ୍ମୁ-କଶ୍ମୀରର ୪ ଓ ଅନ୍ୟଟି ପଞ୍ଜାବର। ଲୋକ ସଭାରେ ଏନ୍‌ଡିଏର ୨୯୩ ଏବଂ ରାଜ୍ୟ ସଭାରେ ୧୨୯ ସଦସ୍ୟ ଅଛନ୍ତି। ଏହାବାଦ୍ ରାଜ୍ୟ ସଭାରେ ମନୋନୀତ ସଦସ୍ୟମାନେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇପାରନ୍ତି। ଏଭଳି ସ୍ଥିତିରେ ଉଭୟ ଗୃହର ମିଳିତ ଏମ୍‌ପିଙ୍କ ସଂଖ୍ୟା ୭୮୬ ରହିଥିବାରୁ ନିର୍ବାଚନ ଜିତିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ୩୯୪ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ତେବେ ଏନ୍‌ଡିଏ ସଂଖ୍ୟା ୪୨୨ ରହିଥିବାରୁ ନିର୍ବାଚନ କରାଗଲେ ଶାସକ ମେଣ୍ଟ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ଉଜ୍ଜ୍ୱଳ।

ଭାଜପାର ଜଣେ ବରିଷ୍ଠ ତଥା ନିର୍ବିବାଦୀୟ ନେତାଙ୍କୁ ଉପରାଷ୍ଟ୍ରପତି କରାଯାଇପାରେ ବୋଲି ଦଳର ଜଣେ ନେତା କହିଛନ୍ତି। ୨୦୨୦ରୁ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ସରକାରଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି। ତେଣୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏମ୍‌ପି ହରିବଂଶ ନାରାୟଣ ସିଂଙ୍କୁ ଉପରାଷ୍ଟ୍ରପତି ପଦ ପାଇଁ ଜଣେ ପ୍ରମୁଖ ଦାବିଦାର ବିବେଚନା କରାଯାଉଛି। ନ୍ୟୁଜ୍ ଏଜେନ୍ସିଗୁଡ଼ିକର ରିପୋର୍ଟ ଅନୁସାରେ ଭାଜପା ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଧନକରଙ୍କ ଭଳି ଜଣେ ଗଭର୍ଣ୍ଣରଙ୍କୁ ତାଙ୍କ ଉତ୍ତରାଧିକାରୀ ବାଛିପାରେ। ଏହି ଦୃଷ୍ଟିରୁ ବିହାର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ମୋଦି ସରକାରଙ୍କ ପସନ୍ଦ ତାଲିକାରେ ରହିଛନ୍ତି। ସଂଖ୍ୟାଲଘୁ ବର୍ଗର ଆରିଫ୍ କେରଳ ରାଜ୍ୟପାଳ ଥିବାବେଳେ ଅନେକ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମର୍ଥନ ଜଣାଇଥିଲେ। ସେହିପରି କେରଳର ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁରଙ୍କ ନାମ ମଧ୍ୟ ସୋସିଆଲ ମିଡିଆରେ ଚର୍ଚ୍ଚାକୁ ଆସିଛି। ଅପରେଶନ ସିନ୍ଦୂର ପରେ ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ଭାରତ ସରକାରଙ୍କ ଦୂତ ସାଜି ଆମେରିକା ସମେତ ଅନେକ ଦେଶରେ ମୋଦି ସରକାରଙ୍କୁ ପ୍ରଶଂସା କରିଥିଲେ। କଂଗ୍ରେସ ହାଇକମାଣ୍ଡଙ୍କ ସହ ଥରୁରଙ୍କ ପଟୁନାହିଁ। ଏହି ବିରୋଧୀ ଏମ୍‌ପିଙ୍କୁ ପୁରସ୍କାର ମିଳିପାରେ ବୋଲି କୁହାଯାଉଛି।

ଥରୁର, ଅରିଫ୍ କିମ୍ବା ହରିବଂଶଙ୍କ ଭଳି ସମ୍ଭାବ୍ୟ ନାମ ମଧ୍ୟରୁ ଯିଏ ଉପରାଷ୍ଟ୍ରପତି ହେବେ, ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଆସିନ କରାଇ ଭାଜପା ଗୋଟିଏ ଗୁଳିରେ ଏକାଧିକ ଶିକାର କରିବାକୁ ଚାହୁଁଥାଇପାରେ ବୋଲି ଆଲୋଚନା ହେଉଛି। ପୁଣି କୁହାଗଲାଣି ଜଣେ ପ୍ରଗତିଶୀଳ ମୁସଲିମ୍ ବୁଦ୍ଧିଜୀବୀଙ୍କୁ ସାମ୍ବିଧାନିକ ପଦରେ ଅବସ୍ଥାପିତ କରି ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ପକ୍ଷ ଏକ ମାଷ୍ଟରଷ୍ଟ୍ରୋକ୍ ଖେଳିପାରେ।

ଏହାବାଦ୍, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନାମ ମଧ୍ୟ ଏହି ପଦ ପାଇଁ ଶୁଣାଯାଉଛି। ତେବେ ଅପ୍ରତ୍ୟାଶିତ ନିଷ୍ପତ୍ତି ନେଇ ଦେଶବାସୀଙ୍କୁ ବିସ୍ମିତ କରିଆସିଥିବା ମୋଦି ସରକାର ଆଦୌ ନାମ ଉଠୁ ନ ଥିବା ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଉପରାଷ୍ଟ୍ରପତି ପଦରେ ଅଳଙ୍କୃତ କରାଇପାରନ୍ତି। ଆର୍‌ଏସ୍‌ଏସ୍ ଫ୍ୟାକ୍ଟର ମଧ୍ୟ କାମ କରିପାରେ ବୋଲି ରାଜନୈତିକ ବିଶ୍ଳେଷକ ମନେକରୁଛନ୍ତି।



ଆରିଫ୍ ମହମ୍ମଦ ଖାନ



ଶଶୀ ଥରୁର୍



ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ୍ କରୁଛନ୍ତି।

### ଧନକର: ରହସ୍ୟ ସନ୍ଦେହ

ଭାରତର ଉପରାଷ୍ଟ୍ରପତି ପଦ ଛାଡ଼ିଥିବା ଜଗଦୀପ ଧନକରଙ୍କ ଇସ୍ତଫାପତ୍ରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଗ୍ରହଣ କରିନେଇଛନ୍ତି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କିନ୍ତୁ ସୋମବାର ଦିନସାରା ରାଜ୍ୟ ସଭା ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବା ପରେ ଘରକୁ ଯାଇ ରାତି ୯ଟା ୨୫ରେ ହଠାତ୍ ସୋସିଆଲ ମିଡିଆରେ ତାଙ୍କ ପଦତ୍ୟାଗ ଘୋଷଣାକୁ ବିରୋଧୀ ଦଳ ଗ୍ରହଣ କରିପାରିନାହାନ୍ତି। ଧନକର ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇନାହାନ୍ତି, ବରଂ ଏହା ପଛରେ କିଛି ରହସ୍ୟ ରହିଛି ବୋଲି କଂଗ୍ରେସ ଏବଂ ଆପ୍ ସନ୍ଦେହ ବ୍ୟକ୍ତ କରି ସଂସଦରେ ଏନେଇ ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ଏହି ପ୍ରସଙ୍ଗ ପାୱାର କରିଡରରେ ହଇଚଇ ସୃଷ୍ଟି କରିଛି ଏବଂ ଦେଶବାସୀଙ୍କ ମନକୁ ମଧ୍ୟ ଆନ୍ଦୋଳିତ କରିଛି।



" ଜଗଦୀପ ଧନକର ବିଭିନ୍ନ ପଦପଦବୀରେ ରହି ଦେଶର ସେବା କରିଛନ୍ତି। ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

" ଇସ୍ତଫାର ପ୍ରକୃତ କାରଣ କେବଳ ଧନକର ଜାଣିଛନ୍ତି। ସରକାର ମଧ୍ୟ ଜାଣିଥାଇପାରନ୍ତି।

**-ମଲ୍ଲିକାର୍ଜୁନ ଖାର୍ଗେ, ରାଜ୍ୟ ସଭାର ବିରୋଧୀ ଦଳ ନେତା**

" ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନକରଙ୍କ ଅପ୍ରତ୍ୟାଶିତ ଇସ୍ତଫାର କାରଣ ସମ୍ପର୍କରେ ସରକାର ସ୍ପଷ୍ଟୀକରଣ ଦେବା ଜରୁରୀ।

**-କେ.ସି. ବେଣୁଗୋପାଳ, କଂଗ୍ରେସ ସାଧାରଣ ସମ୍ପାଦକ**

" ଆମ ଲୋକପ୍ରିୟ ଉପରାଷ୍ଟ୍ରପତି ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଘୋଷଣା କରିବା ପରେ ଭାଜପାର ଜଣେ ହେଲେ ନେତା ତାଙ୍କୁ କାହିଁକି ଭେଟିବାକୁ ଗଲେନାହିଁ?

**-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ**

" ଧନକରଙ୍କ ଇସ୍ତଫା ଉପରେ ସରକାରଙ୍କ ନୀରବତା ଏବଂ ପ୍ରଧାନମନ୍ତ୍ରୀଙ୍କ ବିଳମ୍ବିତ ପ୍ରତିକ୍ରିୟା ଅନେକ ପ୍ରଶ୍ନ ଛିଡ଼ା କରାଇଛି। ତାଙ୍କୁ ଉପରାଷ୍ଟ୍ରପତି ପଦ ବଜାୟ ରଖିବାକୁ କୌଣସି ଉଦ୍ୟମ ହୋଇ ନ ଥିବା ଏଥିରୁ ସ୍ପଷ୍ଟ ବୁଝାପଡୁଛି।

**-ସଞ୍ଜୟ ସିଂ, ଆପ୍ ରାଜ୍ୟ ସଭା ସଦସ୍ୟ**

" ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କ ସ୍ୱାସ୍ଥ୍ୟ ଭଲ ଅଛି। ତାଙ୍କ ଇସ୍ତଫା ସମ୍ପର୍କରେ କିଛି କହିବି ନାହିଁ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

## ଆମେରିକାରୁ ଆସିଲା ୩ ଆପାଚି ହେଲିକପ୍ଟର



ନୂଆଦିଲ୍ଲୀ, ୨୨।୭

୧୬ ମାସର ପ୍ରତୀକ୍ଷା ପରେ ଆମେରିକାରୁ ଭାରତକୁ ଆସିଛି ଆପାଚି ଆଟାକ୍ ହେଲିକପ୍ଟର। ପ୍ରଥମ ପର୍ଯ୍ୟାୟରେ ୬ ଆପାଚି ହେଲିକପ୍ଟର ମିଳିବାକୁ ଥିବାବେଳେ ୩ଟି ଉତ୍ତରପ୍ରଦେଶସ୍ଥିତ ଗାଜିଆବାଦ୍‌ର ହିଣ୍ଡନ ଏୟାରବେସ୍‌ରେ ମଙ୍ଗଳବାର ପହଞ୍ଚିଛି। ଅମେରିକାର ଏକ ମିଲିଟାରି କାର୍ଗୋ ପ୍ଲେନ୍‌ରେ ଏହାକୁ ଅଣାଯାଇଛି। ଭାରତୀୟ ସେନାର ଯୁଦ୍ଧ କ୍ଷମତା ବୃଦ୍ଧିରେ ଏହା ବିଶେଷ ସହାୟକ ହେବ ବୋଲି ମନେକରାଯାଉଛି। ଭାରତର ପଶ୍ଚିମ ସୀମାରେ ଏହି ଡିଫେନ୍ସ ହେଲିକପ୍ଟରକୁ ମୁତୟନ କରାଯିବ ବୋଲି କୁହାଯାଉଛି। ସେନା ୨୦୨୦ରେ ୪,୧୦୦ କୋଟି ଟଙ୍କାରେ ୬ ଆପାଚି ହେଲିକପ୍ଟର ପାଇଁ ଆମେରିକାର ବୋଇଂ କମ୍ପାନୀ ସହ ଚୁକ୍ତିବଦ୍ଧ ହୋଇଥିଲା।

## ସେନାକୁ ଯୁଦ୍ଧ ଡ୍ରୋନ୍ ଯୋଗାଇଲେ ୨ ଛାତ୍ର

ହାଇଦ୍ରାବାଦ, ୨୨।୭

ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ସାଇନ୍ସ (ବିଆଇଟିଏସ୍) ପିଲାନିର ହାଇଦ୍ରାବାଦସ୍ଥିତ କ୍ୟାମ୍ପସ୍‌ରେ ପଢୁଥିବା ୨ ଛାତ୍ର ୨ ମାସ ତଳେ ଆପୋଲିଅନ ଡାଇନାମିକ୍ସ ନାମକ ଏକ ଡିଫେନ୍ସ ଟେକ୍ନୋଲୋଜି ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ। ଉକ୍ତ ଷ୍ଟାର୍ଟଅପ୍ ଦ୍ୱାରା ନିର୍ମିତ ସ୍ୱଦେଶୀ ଯୁଦ୍ଧ ଡ୍ରୋନ୍ ଏବଂ କାମିକାଜେ ଡ୍ରୋନ୍ ଭାରତୀୟ ସେନାକୁ ପସନ୍ଦ ଆସିଛି। ଆପୋଲିଅନ ଡାଇନାମିକ୍ସ ଷ୍ଟାର୍ଟଅପ୍‌ର ଏହି ଡ୍ରୋନ୍‌ଗୁଡ଼ିକୁ ଭାରତୀୟ ସେନା କିଣିଛି। ଖୁବ୍‌ଶୀଘ୍ର ଭାରତୀୟ ସେନା ଏହି ଡ୍ରୋନ୍‌ଗୁଡ଼ିକୁ ବ୍ୟବହାର କରିବ। ଅଜମେର ନିବାସୀ ଜୟନ୍ତ ଖତ୍ରୀ (୨୦) ଏବଂ କୋଲକାତା ନିବାସୀ ସୌର୍ଯ୍ୟ ଚୌଧୁରୀ (୨୦) ବିଆଇଟିଏସ୍ ପିଲାନିରେ ଇଞ୍ଜିନିୟରିଂ କରୁଛନ୍ତି। ଜୟନ୍ତ ମେକାନିକାଲ ଇଞ୍ଜିନିୟରିଂ ପଢୁଥିବାବେଳେ ଶୌର୍ଯ୍ୟ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଅଧ୍ୟୟନ କରୁଛନ୍ତି। ଦୁହେଁ ସେମାନଙ୍କ ହଷ୍ଟେଲ ରୁମ୍‌ରେ ଡ୍ରୋନ୍‌ଗୁଡ଼ିକର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ।

## ସହରାଞ୍ଚଳ ଜଳବାୟୁ ଭିତ୍ତିଭୂମି ପାଇଁ ୨.୪ ଟ୍ରିଲିୟନ୍ ଡଲାର ଲୋଡ଼ା

**ନୂଆଦିଲ୍ଲୀ, ୨୨।୭(ରଏଟର୍ସ):** ଭାରତରେ ଜଳବାୟୁ-ସହିଷ୍ଣୁ ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣ ପାଇଁ ୨୦୫୦ ସୁଦ୍ଧା ୨.୪ ଟ୍ରିଲିୟନ୍ ଆମେରିକୀୟ ଡଲାରରୁ ଊର୍ଦ୍ଧ୍ୱ ନିବେଶ ଆବଶ୍ୟକ। ବିଶ୍ୱବ୍ୟାଙ୍କର ଏକ ରିପୋର୍ଟରେ ମଙ୍ଗଳବାର ଏହି ବିଷୟ ଉଲ୍ଲେଖ କରାଯାଇଛି। ଭାରତୀୟ ସହରଗୁଡ଼ିକରେ ବସବାସ କରୁଥିବା ଜନସଂଖ୍ୟା ବଢ଼ିଚାଲିଛି। ଦ୍ରୁତ ବର୍ଦ୍ଧନଶୀଳ ସହରଗୁଡ଼ିକରେ ଆହ୍ୱାନ ମଧ୍ୟ ବହୁଗୁଣିତ ହୋଇଛି। ୨୦୨୦ରେ ଜଳବାୟୁ ସହିଷ୍ଣୁ ସହରାଞ୍ଚଳ ନିର୍ମାଣ ପାଇଁ ୪୮୦ ନିୟୁତ ଡଲାରର ଆବଶ୍ୟକତା ଅନୁମାନ କରାଯାଇଥିଲା। ଏବେ ତାହା ଦୁଇଗୁଣ ଅଧିକ ୯୫୧ ନିୟୁତ ଡଲାରରେ ପହଞ୍ଚିବା ଆକଳନ କରାଯାଇଛି। ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତରେ ଅନିୟମିତ ବୃଷ୍ଟିପାତ, ଅସହ୍ୟ ଗ୍ରୀଷ୍ମପ୍ରବାହ ଓ ସମୁଦ୍ର ପତ୍ତନ ହ୍ରାସ ପାଇବ ବୋଲି 'ଟୁୱାର୍ଡ୍ସ ରେଜିଲିଏଣ୍ଟ ଆଣ୍ଡ ପ୍ରସ୍ପରସ୍ ସିଟିଜ୍ ଇନ୍ ଇଣ୍ଡିଆ' ଶୀର୍ଷକ ରିପୋର୍ଟରେ ୱାର୍ଲ୍ଡ ବ୍ୟାଙ୍କ ଉଲ୍ଲେଖ କରିଛି।

## କେରଳରୁ ଅଷ୍ଟ୍ରେଲିଆ ଗଲା ବ୍ରିଟିଶ୍ ଫାଇଟର ଜେଟ୍

### ଜୁନ୍ ୧୪ରେ ଜରୁରୀ ଅବତରଣ କରିଥିଲା

ଥିରୁଭାନନ୍ତପୁରମ, ୨୨।୭

କେରଳର ଥିରୁଭାନନ୍ତପୁରମ ବିମାନବନ୍ଦରରେ ପ୍ରାୟ ମାସେ ଧରି ଫସିରହିଥିବା ବ୍ରିଟିଶ୍ ଫାଇଟର ଜେଟ୍ 'ଏଫ୍-୩୫ ବି' ମଙ୍ଗଳବାର ସକାଳେ ଅଷ୍ଟ୍ରେଲିଆର ଡାର୍‌ୱିନ ଅଭିମୁଖେ ଉଡ଼ାଣ ଭରିଛି। ମରାମତି ଏବଂ ରକ୍ଷଣାବେକ୍ଷଣ ପରେ ଏହି ବିମାନ ଉଡ଼ାଣ ଭରିଛି। ଗତ ଜୁନ୍ ୧୪ରେ ବୈଷୟିକ ତ୍ରୁଟି ଯୋଗୁ ଏହି ବିମାନଟି କେରଳର ଥିରୁଭାନନ୍ତପୁରମ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ଏହାର ମରାମତି ଏବଂ ସୁରକ୍ଷା ଯାଞ୍ଚ ନିମନ୍ତେ ବ୍ରିଟିଶ୍ ଇଞ୍ଜିନିୟରମାନଙ୍କ ଏକ ଟିମ୍ ଥିରୁଭାନନ୍ତପୁରମ ଆସିଥିଲେ। ଗତ ୬ରେ ସେମାନେ ବିମାନର ସୁରକ୍ଷା ଯାଞ୍ଚ ପ୍ରକ୍ରିୟା ଶେଷ କରିଥିଲେ। ମରାମତି ଏବଂ ପୁନରୁଦ୍ଧାର ପ୍ରକ୍ରିୟା ସମୟରେ ଭାରତୀୟ ଅଧିକାରୀ ଏବଂ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହଯୋଗ ଯୋଗୁ ବ୍ରିଟେନ୍ ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଥିଲା। ବ୍ରିଟିଶ୍ ରୟାଲ ନାଭିର ୧୧ କୋଟି ଆମେରିକୀୟ ଡଲାର ମୂଲ୍ୟର ଏହି ଫାଇଟର ଜେଟ୍ ବିଶ୍ୱର ସବୁଠାରୁ ଉନ୍ନତ ଯୁଦ୍ଧ ବିମାନ ମଧ୍ୟରୁ ଅନ୍ୟତମ।

## 'ଭରଣପୋଷଣ ଦାବି ନୁହେଁ, ରୋଜଗାର କରି ଚଳ'

ନୂଆଦିଲ୍ଲୀ, ୨୨।୭

ସୁପ୍ରିମକୋର୍ଟ ସୋମବାର ଏକ ମାମଲାର ଶୁଣାଣି କରି କହିଛନ୍ତି, ଯୋଗ୍ୟ ମହିଳାମାନେ ସେମାନଙ୍କ ଜୀବିକା ନିର୍ବାହ ପାଇଁ ରୋଜଗାର କରିବା ଉଚିତ। ଛାଡ଼ପତ୍ର ପରେ ଉଚ୍ଚ ଶିକ୍ଷିତା ମହିଳାମାନେ ସ୍ୱାମୀଙ୍କଠାରୁ ଭରଣପୋଷଣ ଦାବି କରିବା ଉଚିତ ନୁହେଁ। ପ୍ରଧାନ ବିଚାରପତି ବି.ଆର୍. ଗବଇ ଭରଣପୋଷଣ ସମ୍ବନ୍ଧୀୟ ଏକ ମାମଲାର ଶୁଣାଣି କରି ଜଣେ ମହିଳାଙ୍କୁ ଭର୍ତ୍ସନା କରି କହିଛନ୍ତି, ଆପଣ ଏତେ ଉଚ୍ଚଶିକ୍ଷିତା। ଏମ୍‌ବିଏ କରିଛନ୍ତି। ଭରଣପୋଷଣ ଦାବି କରିବା ଅପେକ୍ଷା ନିଜେ ରୋଜଗାର କାହିଁକି କରୁନାହାନ୍ତି। ହାଇଦ୍ରାବାଦ, ବେଙ୍ଗାଲୁରୁ ପରି ସହରରେ ଥିବା ଆଇଟି କ୍ଷେତ୍ରରେ ଆପଣଙ୍କ ପରି ଉଚ୍ଚଶିକ୍ଷିତା ମହିଳାଙ୍କ ଚାହିଦା ଅଧିକ। ଆପଣଙ୍କର ବିବାହ ମାତ୍ର ୧୮ ମାସ ତିଷ୍ଠିଛି। ଏହାସତ୍ତ୍ୱେ ବି ଆପଣଙ୍କୁ ବିଏମ୍‌ଡବ୍ଲ୍ୟୁ କାର୍ ଦରକାର ବୋଲି କହି ପ୍ରଧାନ ବିଚାରପତି ଜଷ୍ଟିସ୍ ଗବଇ ମହିଳାଙ୍କ ଉପରେ ଅସନ୍ତୋଷ ପ୍ରକାଶ କହିଛନ୍ତି। ଉକ୍ତ ମାମଲାରେ ମହିଳା ଜଣଙ୍କ ୧୮ ମାସ ମଧ୍ୟରେ ନିଜ ସ୍ୱାମୀଙ୍କଠାରୁ ଅଲଗା ହୋଇଥିଲେ। ସେ ନିଜର ଭରଣପୋଷଣ ପାଇଁ ସ୍ୱାମୀଙ୍କଠାରୁ ୧୨ କୋଟି ଟଙ୍କା, ମୁମ୍ବାଇରେ ଏକ ଫ୍ଲାଟ୍ ଏବଂ ଏକ ବିଏମ୍‌ଡବ୍ଲ୍ୟୁ କାର୍ ଦାବି କରିଥିଲେ।

## ଅବତରଣ ବେଳେ ଏୟାର ଇଣ୍ଡିଆ ବିମାନରେ ନିଆଁ

ନୂଆଦିଲ୍ଲୀ, ୨୨।୭

ହଂକଂରୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନବନ୍ଦରରେ ଲାଣ୍ଡିଂ କରୁଥିବା ସମୟରେ ଏୟାର ଇଣ୍ଡିଆର ଏଆଇ ୩୧୫ ବିମାନର ଅକ୍ସିଲାରି ପାୱାର ୟୁନିଟ୍ (ଏପିୟୁ)ରେ ନିଆଁ ଲାଗିଯାଇଥିଲା। ତେବେ ବିମାନରେ ଥିବା ସମସ୍ତ ସୁରକ୍ଷିତ ଥିବା ନେଇ ମଙ୍ଗଳବାର ଏୟାର ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଏୟାର ଇଣ୍ଡିଆର ମୁଖପାତ୍ର କହିଛନ୍ତି, ବିମାନଟି ଅବତରଣ କରିବା ପରେ ଏହାର ଏପିୟୁରେ ନିଆଁ ଲାଗିଯାଇଥିଲା। ସେତେବେଳେ ଯାତ୍ରୀମାନେ ବିମାନରୁ ଓହ୍ଲାଉଥିଲେ। ନିଆଁ ଲାଗିଥିବା ହେତୁ ବିମାନଟିର ସାମାନ୍ୟ କ୍ଷତି ହୋଇଛି। ଘଟଣାର ତଦନ୍ତ କରାଯିବ ବୋଲି ଏୟାର ଇଣ୍ଡିଆ କହିଛି। ପ୍ରକାଶ ଯେ, ଏପିୟୁ ହେଉଛି ଏକ ଛୋଟ ଗ୍ୟାସ୍ ଟର୍ବାଇନ୍ ଇଞ୍ଜିନ, ଯାହା ସଧାରଣତଃ ବିମାନର ପଛ ପାର୍ଶ୍ୱରେ ରହିଥାଏ।



ପ୍ରୟାଣର ୧୦ମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି
ସପ୍ରେମ ସ୍ମୃତିରେ...
ପଦ୍ମିନୀ ରଥ
ଆବିର୍ଭାବ : ତା ୨୬.୧୦.୧୯୬୨
ତିରୋଧାନ : ତା ୧୩.୦୮.୨୦୧୫

'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ତା ୨୩.୦୭.୨୦୨୫ (ବୁଧବାର)
ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ମୁଖ୍ୟପୁରୋଧା
ପରମପୂଜ୍ୟ ଶ୍ରୀ ସତ୍ୟାନନ୍ଦ ଦାସ
ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ
ପୂର୍ବାହ୍ଣ ୧୧.୩୦ ଘଟିକା
ସ୍ଥାନ: ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, କଟକ
ସ୍ମୃତିଚାରଣ କାର୍ଯ୍ୟକ୍ରମ:ସଂଧ୍ୟା ୭.୦୦ ଘଟିକା
ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ
ରାଜେନ୍ଦ୍ର ନଗର, କଟକ
ଆପଣଙ୍କ ପ୍ରତୀକ୍ଷାରେ
ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ

SRI DURGA CONDEV PVT. LTD.
DRIEMS UNIVERSITY
PADMINI care
PRAMOD HOTELS & RESORTS




# ଡାକ୍ତର କରୁଣାକର ରାଉତଙ୍କୁ ବହିଷ୍କାର କଲେ ମୁଖ୍ୟମନ୍ତ୍ରୀ

■ ଭିଜିଲାନ୍ସ କୋର୍ଟ କରୁଣାକରଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା
■ ପୂର୍ବରୁ ନିଲମ୍ବନ ସହ ଦଣ୍ଡବିଧାନ ମଧ କରାଯାଇଥିଲା

ଭୁବନେଶ୍ୱର,୨୨।୭ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଯାଜପୁର ଜିଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ମେଡିକାଲ ଅଫିସର ଡାକ୍ତର କରୁଣାକର ରାଉତଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଡାକ୍ତର ରାଉତ ବର୍ତ୍ତମାନ ଭଦ୍ରକ ଜିଲା ସଦର ମହକୁମା ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ଏବଂ କ୍ୟାନ୍ସର ବିଭାଗର ବରିଷ୍ଠ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ଦୁର୍ନୀତି ବିରୋଧରେ କଡ଼ା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କରୁଣାକରଙ୍କ ନାମରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ତାଙ୍କ ନାମରେ ମଧ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ କରାଯାଇଥିଲା। ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ସହ ଅନ୍ୟାନ୍ୟ ଦଣ୍ଡବିଧାନ ମଧ କରାଯାଇଥିଲା। ଇତିମଧ୍ୟରେ ଭିଜିଲାନ୍ସ କୋର୍ଟ ପକ୍ଷରୁ ରାୟ ପ୍ରକାଶ ପାଇ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଅନେକ ସମୟରେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉଚ୍ଚପଦସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଦୁର୍ନୀତି ଅଭିଯୋଗରେ ଚଢ଼ାଉ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଅନୁଗୋଳ ଜିଲା ଯୋଗାଣ ନିରୀକ୍ଷକ ବହିଷ୍କୃତ

ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)

ଦୁର୍ନୀତି ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଅନୁଗୋଳ ଜିଲା କଣିହା ବ୍ଲକ୍‌ର ପୂର୍ବତନ ଯୋଗାଣ ନିରୀକ୍ଷକ ବବିଲତା ବେହେରାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ବବିଲତା ବର୍ତ୍ତମାନ ବାରିପଦା ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଣ ନିରୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସୂଚନାଯୋଗ୍ୟ, କଣିହା ବ୍ଲକ୍‌ରେ କାର୍ଯ୍ୟରତ ଥିବାବେଳେ ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗରେ ଅନୁଗୋଳ ଜିଲା ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୋଧରେ ମାମଲା ରୁଜୁହୋଇଥିଲା। ନିକଟରେ ଅନୁଗୋଳ ଭିଜିଲାନ୍ସ ସ୍ପେଶାଲ ଜଜ୍ ତାଙ୍କୁ ଦୋଷୀ ସାବ୍ୟସ୍ତକରି ଦଣ୍ଡ ବିଧାନ କରିଛନ୍ତି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା ମୁଖ୍ୟମନ୍ତ୍ରୀ ଏ ବିଷୟରେ ଅବଗତ ହେବା ପରେ ବବିତା ବେହେରାଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଗୋଟିଏ ଦିନରେ ମୁଖ୍ୟମନ୍ତ୍ରୀ ୨ ଜଣ ଦୁର୍ନୀତିଖୋର୍ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି।

# ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ଦୁଇ ଓଆଇଏସ୍‌ଏଫ୍ ବାଟାଲିୟନ

**ମୁଖ୍ୟମନ୍ତ୍ରୀଙ୍କ ମୋହର ବାଜିଲା**
**ସୃଷ୍ଟିହେଲା ୧୯୪୪ ପଦ**

ଭୁବନେଶ୍ୱର,୨୨।୭
(ରବିନାରାୟଣ ଜେନା)

ରାଜ୍ୟରେ ଖୁବ୍‌ଶୀଘ୍ର ଦୁଇଟି ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(ଓଆଇଏସ୍‌ଏଫ୍) ବାଟାଲିୟନ ପ୍ରତିଷ୍ଠା ହେବ। ଶିଳ୍ପ ନିରାପତ୍ତାକୁ ଦୃଷ୍ଟିରେ ରଖି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗର ଓଆଇଏସ୍‌ଏଫ୍ ବାଟାଲିୟନ ପ୍ରତିଷ୍ଠା ପ୍ରସ୍ତାବରେ ମୋହର ମାରିଛନ୍ତି, ଫଳରେ ଏହି ଦୁଇଟି ନୂତନ ବାଟାଲିୟନରେ ବିଭିନ୍ନ ବର୍ଗରେ ୧୯୪୪ଟି ପଦବୀ ସୃଷ୍ଟିହେବା ନିଶ୍ଚିତ ହୋଇଛି। ଏହାଦ୍ୱାରା ଆଗାମୀ ଦିନରେ ଶିଳ୍ପ ନିରାପତ୍ତା କ୍ଷେତ୍ରରେ ଅଧିକ ସୁଦୃଢ଼ ଆସିପାରିବ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି।

ମଙ୍ଗଳବାର ଏ ସଂକ୍ରାନ୍ତରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓଡ଼ିଶା ମହାଲେଖାକାରଙ୍କୁ ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଟି ଓଆଇଏସ୍‌ଏଫ୍ ବାଟାଲିୟନ ପ୍ରତିଷ୍ଠା ନେଇ ବିଭାଗ ପକ୍ଷରୁ ଚଳିତବର୍ଷ ଏପ୍ରିଲରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସରକାରଙ୍କ ଅନୁମୋଦନ ପରେ ବାଟାଲିୟନ ପ୍ରତିଷ୍ଠା ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ। ଏହି ବାଟାଲିୟନରେ ଅଧିକାରୀମାନେ ନିୟମିତ ଭାବେ ନିଯୁକ୍ତ ହେବେ। ମାତ୍ର ସେମାନଙ୍କୁ ଯେଉଁ ଦରମା ମିଳିବ ତାହା ସଂପୃକ୍ତ ଶିଳ୍ପସଂସ୍ଥା ପ୍ରଦାନ କରିବ। ପ୍ରତିଷ୍ଠା ହେବାକୁଥିବା ନୂତନ ବାଟାଲିୟନରେ ଜଣେ ଲେଖାଏ କମାଣ୍ଡାଣ୍ଟ ରହିବେ। ସେମାନଙ୍କ ଦରମା ପାହ୍ୟା-୧୪ ଅନୁଯାୟୀ ମିଳିବ।

ସେହିପରି ୩ଜଣ ଲେଖାଏ ଡେପୁଟି କମାଣ୍ଡାଣ୍ଟ, ୮ଜଣ ଲେଖାଏ ସହକମାଣ୍ଡାଣ୍ଟ, ୧୨ଜଣ ଲେଖାଏ ଇନ୍ସପେକ୍ଟର ନିଯୁକ୍ତ ହେବେ। ଏହାସହ ଦୁଇ ବାଟାଲିୟନରେ ୫୪ଜଣ ସବ୍‌ଇନ୍ସପେକ୍ଟର, ୧୨୬ଜଣ ସହ ସବ୍‌ଇନ୍ସପେକ୍ଟର, ୨୫୬ ହାବିଲଦାର, ୧୩୫୦ କନ୍‌ଷ୍ଟେବଲ ନିଯୁକ୍ତ ହେବେ। ଏହାବାଦ୍ ଅମଲାସ୍ତରର ୧୪ କର୍ମଚାରୀ ନିଯୁକ୍ତି ହେବାକୁ ରହିଥିବାବେଳେ ଯୋଗାଯୋଗ ପାଇଁ ୬ ଏବଂ ୩୦ ଜଣ ଆର୍ମଡ ଷ୍ଟାଫ୍ ନିଯୁକ୍ତ ହେବ। ତେବେ ବାଟାଲିୟନ କର୍ମଚାରୀଙ୍କୁ ସେବା ଯୋଗାଇବା ପାଇଁ ରୋଷେୟା, ସୁଇପର, ବାର୍ବର, ଧୋବୀ ଓ ଭିସ୍ତୀ ବର୍ଗର ୧୩୬ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ଗୃହ ବିଭାଗ ପକ୍ଷରୁ ଜଣାଯାଇଛି।

# ନଭେମ୍ବର ୧ରୁ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ ଧାନ ସଂଗ୍ରହ

■ ଧାନ ବିକ୍ରି ପାଇଁ ସରଳୀକରଣ ହେଲା ପଞ୍ଜୀକରଣ
■ ଯାଞ୍ଚକରି ନକଲି ଚାଷୀ ଖୋଜିବେ ସରକାର

ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)

୨୦୨୫-୨୬ ଖରିଫ ଋତୁ ପାଇଁ ଧାନ କିଣା ଆସନ୍ତା ନଭେମ୍ବର ୧ରୁ ଆରମ୍ଭହୋଇ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। କେବଳ ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ସରକାର ଧାନ ସଂଗ୍ରହ କରିବେ। ଏଥିପାଇଁ ଚାଷୀମାନେ ନିକଟସ୍ଥ ଅନୁମୋଦିତ ପାକ୍ସ/ଲାମ୍ପ୍ସ /ଡବ୍ଲ୍ୟୁଏସ୍‌ଏଚ୍‌ଜି/ପାଣି ପଞ୍ଚାୟତଗୁଡିକ ଜରିଆରେ ଆଗୁଆ ପଞ୍ଜୀକରଣ କରିପାରିବେ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତ ଖରିଫ ଋତୁରେ ସମସ୍ତ ଚାଷୀଙ୍କ ପଞ୍ଜୀକରଣ ନୂତନ ଭାବେ ହେବ। ଚାଷୀ ଏବଂ ଭାଗଚାଷୀଙ୍କ ଆଧାର ଇ-କେୱାଇସି ମାଧ୍ୟମରେ ଚାଷୀ ପଞ୍ଜୀକରଣ କରାଯିବ। ସରକାରଙ୍କୁ ଧାନ ବିକ୍ରି ପାଇଁ 'ଆଧାର' ହେବ ଏକ ମାତ୍ର ପରିଚୟ ପତ୍ର। ଧାନ ବିକ୍ରୟ ସମୟରେ 'ଆଧାର' ମାଧ୍ୟମରେ ପଞ୍ଜୀକୃତ ଚାଷୀଙ୍କ ବାୟୋମେଟ୍ରିକ୍ ଚିହ୍ନଟୀକରଣ ପ୍ରକ୍ରିୟା ଅବଲମ୍ବନ କରାଯିବ। ଭାଗଚାଷୀମାନଙ୍କ ପାଇଁ ଜମି ମାଲିକଙ୍କ ସହମତି ପତ୍ର ଏବଂ ମୃତ କିମ୍ବା ଯୁଗ୍ମ ପଟ୍ଟା କ୍ଷେତ୍ରରେ ଖାତାଦାରଙ୍କ ସହମତି ପତ୍ରକୁ ପି-ପାସ୍‌ରେ ଅପ୍‌ଲୋଡ୍ କରିବାକୁ ପଡିବ। ପଞ୍ଜୀକୃତ କୃଷକଙ୍କୁ ଚାଷୀ ପଞ୍ଜୀକରଣର ଆକ୍‌ନଲେଜମେଣ୍ଟ ସ୍ଲିପ୍ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଆଧାର ଇ-କେୱାଇସି ହୋଇଥିବା ବ୍ୟାଙ୍କଖାତା ଜରିଆରେ ଧାନ ବିକ୍ରୟରେ ପ୍ରାପ୍ୟ ପ୍ରଦାନ କରାଯିବ। କ୍ରୟକାରୀ ସମିତି(ପ୍ୟାକ୍ସ /ଲାମ୍ପ୍ସ/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ପାଣି ପଞ୍ଚାୟତ) ଗୁଡିକ ଅଧିକରୁ ଅଧିକ ପ୍ରକୃତ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଏବଂ ଭାଗଚାଷୀମାନଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥାରେ ସାମିଲ କରାଇବେ। ସରକାର ପ୍ରକୃତ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଏବଂ ଭାଗଚାଷୀଙ୍କ ଉତ୍ପାଦିତ ଧାନର କ୍ରୟ ଉପରେ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି।

ଅନ୍ୟପଟେ ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସରକାର ନକଲି ଚାଷୀ ଖୋଜିବେ। ଚାଷୀଙ୍କ ଇ-କେୱାଇସି ଯାଞ୍ଚ କରାଯିବ। ଚାଷୀଙ୍କ ଫିଙ୍ଗର ପ୍ରିଣ୍ଟ ସହ ଆଖି ସ୍କାନ କରାଇବେ। ଇ-କେୱାଇସି ହେଲେ ନକଲି ଚାଷୀ ଚିହ୍ନଟ ହୋଇପାରିବେ। ସେହିପରି ଚାଷୀଙ୍କ ପଞ୍ଜୀକରଣ ସରଳ କରାଯାଇଛି। ବାପା କିମ୍ବା ଜେଜେ ବାପା ନାଁରେ ଜମି ଥିଲେ ପୁଅ ପଞ୍ଜୀକରଣ କରିପାରିବେ। ଯେଉଁ ପୁଅ ଯେତିକି ଜମିରେ ଚାଷ କରୁଥିବେ ସେତିକିର ପଞ୍ଜୀକରଣ କରିପାରିବେ। ଯଦି ଭାଇ ସବୁ ଜମିରେ ଚାଷ କରୁଛି, ତେବେ ଅନ୍ୟ ଭାଇମାନେ ସ୍ୱୀକୃତିନାମା ପ୍ରଦାନ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

# ଦିଲ୍ଲୀ ଗସ୍ତରେ ଭାଜପା ସଭାପତି ମନମୋହନ

■ କିଛି ବଡ ନିଷ୍ପତ୍ତି ଉପରେ ମୋହର ଲାଗିପାରେ ବୋଲି ଚର୍ଚ୍ଚା
■ ସାଙ୍ଗରେ ଦଳର ସଙ୍ଗଠନ ମନ୍ତ୍ରୀ ଯାଇଛନ୍ତି

ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଙ୍ଗଳବାର ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ତାଙ୍କ ସହ ଭାଜପା ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ମଧ ଗସ୍ତ କରିଛନ୍ତି। ଦଳର ଏହି ୨ ଶୀର୍ଷ ନେତୃତ୍ୱ ଏକାସଙ୍ଗେ ଦିଲ୍ଲୀ ଗସ୍ତରେ ଯିବା ରାଜନୈତିକ ମହଲରେ ଭିନ୍ନ ଭିନ୍ନ ପ୍ରକାରର ଚର୍ଚ୍ଚା ବଢାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଫେରିବା ପରେ ଏହି ୨ ଶୀର୍ଷ ନେତାଙ୍କ ଗସ୍ତ ସରକାରରେ ଆଉ କିଛି ନୂଆ ନିଯୁକ୍ତି ଆଦି ବିଷୟକୁ ଅଧିକ ଖୋରାକ୍ ଯୋଗାଇଛି। ଭାଜପା ସରକାରରେ ଆଉ ୬ଟି ମନ୍ତ୍ରୀ ପଦ ଖାଲି ପଡିଛି। ସରକାର ପୂରଣକୁ ବର୍ଷେ ପୂରଣ ହୋଇସାରିଲାଣି। ତେଣୁ ଆଉ ଅଧିକ ଦିନ ପାଇଁ ଏହି ମନ୍ତ୍ରୀ ପଦ ଖାଲି ରଖିବାକୁ ଦଳ ଚାହୁଁ ନ ଥାଇପାରେ ବୋଲି ଚର୍ଚ୍ଚା ହେଉଛି। ରାଜ୍ୟ ସରକାରଙ୍କ ବିରୋଧରେ କିଛିଦିନ ହେଲା ବିରୋଧୀ ଦଳ କେତେକ ଗୁରୁତର ଅଭିଯୋଗ ଆଣିଥିବା ଯୋଗୁ କେତେଜଣଙ୍କୁ ମନ୍ତ୍ରୀ ପଦରୁ ବିଦା କରିପାରନ୍ତି ବୋଲି ମଧ କୁହାଯାଉଛି। ଅନ୍ୟପଟେ ଦଳର ରାଜ୍ୟ ସଭାପତି ଚୟନ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସାଙ୍ଗକୁ ଖାଲି ପଡିଥିବା ନିଗମ ଓ ବୋର୍ଡରେ ଭାଜପା ନେତାଙ୍କୁ ଥଇଥାନ କରାଯାଇ ପଦବୀ ପୂରଣ କରାଯିବ ବୋଲି ଶୁଣାଯାଉଥିଲା। ଏନେଇ ଦଳର କେତେଜଣ ବରିଷ୍ଠ ନେତା ମଧ କହିଥିଲେ। ସେହିପରି ମନମୋହନ ମଧ କିଛିଦିନ ତଳେ ଖାଲି ପଡିଥିବା ମନ୍ତ୍ରୀ ପଦବୀ ପୂରଣ ଏବଂ ବୋର୍ଡ ଓ ନିଗମରେ ନିଯୁକ୍ତି ଖୁବ୍‌ଶୀଘ୍ର ହେବ ବୋଲି କହିଥିଲେ। ତେଣୁ ରାଜ୍ୟରେ ଭାଜପାର ସଭାପତି ଭାବେ ମନମୋହନ ୪ର୍ଥ ଥର ଲାଗି ଦାୟିତ୍ୱ ନେଇସାରିବା ପରେ କେନ୍ଦ୍ରରେ ଥିବା ଦଳର କେତେଜଣ ଶୀର୍ଷ ନେତାଙ୍କୁ ଧନ୍ୟବାଦ ଶୁଣାଇବା ପାଇଁ ସେ ଏହି ଗସ୍ତ କରିଥାଇପାରନ୍ତି ବୋଲି ମଧ ଶୁଣିବାକୁ ମିଳୁଛି। ସାଙ୍ଗରେ ଦଳର ସଙ୍ଗଠନ ମନ୍ତ୍ରୀ ଗସ୍ତ କରିଥିବାରୁ ଏହି ଅବସରରେ ଉଭୟ ଦୀର୍ଘଦିନ ଧରି ଚର୍ଚ୍ଚାରେ ଥିବା ପଦ ପଦବୀ ପୂରଣ କଥା ଚୂଡାନ୍ତ କରି ଫେରିଛନ୍ତି ବୋଲି କୁହାଯାଉଛି। ଏପରିକି ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଫେରିବା ପରେ ରାଜ୍ୟପାଳଙ୍କ ସହ ଦେଖାକରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କଥା ହେଇସାରିଛନ୍ତି ଏବଂ ମନମୋହନ ସେଥିରେ ଚୂଡାନ୍ତ ମୋହର ଲଗାଇବାକୁ ଯାଇଥାଇପାରନ୍ତି ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି।



ରାଜଭବନରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଭେଟି ଆଲୋଚନା କରୁଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲେ ରାଜସ୍ୱ ମନ୍ତ୍ରୀ

**ସୋମବାର ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କ ସହ ହୋଇଥିଲା ଭେଟ**

ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ରାଜଭବନ ଯାଇ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ଭେଟିଛନ୍ତି। ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିବାବେଳେ ଏହି ଅବସରରେ ସେ ସରକାର ଏବଂ ରାଜସ୍ୱ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିବା କଥା କହିଛନ୍ତି। ଏହାସହ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସରକାରଙ୍କ ପ୍ରସ୍ତୁତି ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିବା ବେଳେ ରାଜ୍ୟପାଳ ଅନେକ ପ୍ରସ୍ତାବ ଦେଇଥିବା ନେଇ ମନ୍ତ୍ରୀ ତାଙ୍କ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି। ଅନ୍ୟପଟେ ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ଜାରି କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରେ ମଧ ସମାନ କଥା ଉଲ୍ଲେଖ କରାଯାଇଛି। ତେବେ ଯାହା ଜଣାପଡିଛି. ରାଜ୍ୟପାଳ ମଙ୍ଗଳବାର ରାଜସ୍ୱ ମନ୍ତ୍ରୀଙ୍କ ବାସଭବନକୁ ଯିବାର କାର୍ଯ୍ୟକ୍ରମ ରହିଥିଲା। ବ୍ୟକ୍ତିଗତ କାର୍ଯ୍ୟ ପାଇଁ ବାହାରକୁ ଯିବାକୁ ଥିବାରୁ ମନ୍ତ୍ରୀ ଆସି ଆଗୁଆ ଭେଟିଛନ୍ତି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାଜଭବନ ଯାଇ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ସେ ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ। ଉଭୟଙ୍କ ମଧ୍ୟରେ କେଉଁ ବିଷୟରେ ଚର୍ଚ୍ଚା ହୋଇଛି ସେକଥା ବାହାରକୁ ଜଣାପଡି ନାହିଁ। ତେବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ମଧ୍ୟରେ ଆଲୋଚନା ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ସେହିଦିନ ସନ୍ଧ୍ୟାରେ ରାଜ୍ୟପାଳ ଯାଇ ଆଇନ ମନ୍ତ୍ରୀଙ୍କ ସରକାରୀ ବାସଭବନରେ ପହଞ୍ଚିଥିଲେ। କୌଣସି ବିଶେଷ କାର୍ଯ୍ୟକ୍ରମ ଆଇନ ମନ୍ତ୍ରୀଙ୍କ ଘରେ ନ ଥିବା ସତ୍ତ୍ୱେ ସୌଜନ୍ୟମୂଳକ ସାକ୍ଷାତ ଲାଗି ରାଜ୍ୟପାଳ ଯାଇ ମନ୍ତ୍ରୀଙ୍କୁ ଭେଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ବିଷୟକୁ ନେଇ ଅନେକ ସ୍ତରରେ ଚର୍ଚ୍ଚା ମଧ ଜୋର୍ ଧରିଛି। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପୂର୍ବର ଏହି ଭେଟଘାଟ ବୋଲି ଭାଜପା ନେତାମାନେ ଆକଳନ ଲଗାଉଛନ୍ତି।

# ୪୯ ଆଇଏଏସ୍ ଅଫିସରଙ୍କ ଅଦଳବଦଳ

■ ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ଦାୟିତ୍ୱ
■ ରୂପାରୋଶନ ରାଜ୍ୟପାଳଙ୍କ ସଚିବ, ଚଞ୍ଚଳ ରାଣା ବିଏମ୍‌ସି କମିଶନର ଅମୃତ ରତୁରାଜ ଖୋର୍ଦ୍ଧା, ଦିବ୍ୟଜ୍ୟୋତି ପୁରୀ ଜିଲାପାଳ
■ ବଦଳିଲେ କେନ୍ଦ୍ରାଞ୍ଚଳ, ଦକ୍ଷିଣାଞ୍ଚଳ ଆର୍‌ଡିସି, ୧୬ ଜିଲାପାଳ
■ କୀରନଦୀପ କୌର ସହୋତା କଟକ ମହାନଗର ନିଗମ କମିଶନର

ଭୁବନେଶ୍ୱର,୨୨।୭
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ର ୪୯ ଅଫିସରଙ୍କ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବରିଷ୍ଠ ଆଇଏଏସ୍ ଅଫିସର ତଥା ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ଶର୍ମା ଏବେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ସହିତ ଇପିକଲର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଥିବାବେଳେ ତାଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ମିଳିଛି। ଶର୍ମା ସୂଚନା ଓ ଲୋକସମ୍ପର୍କ ବିଭାଗ ଦାୟିତ୍ୱ ଯେବେଠାରୁ ଗ୍ରହଣ କରିବେ, ସେବେଠୁ ଉକ୍ତ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରେ ଥିବା ସଞ୍ଜୟ କୁମାର ସିଂଙ୍କୁ ଅପସାରଣ କରି ନିଆଯିବ ବୋଲି ସରକାରଙ୍କ ପକ୍ଷରୁ ବିଜ୍ଞପ୍ତିରେ ଦର୍ଶାଯାଇଛି। ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କୁ ଅର୍ଥ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏଥିସହିତ ସେ ଇଡ୍‌କୋ ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ତଥା ସାଧାରଣ ଉଦ୍ୟୋଗ ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା ଏନ୍.ବି.ଏସ୍ ରାଜପୁତଙ୍କଠାରୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଦାୟିତ୍ୱ କାଢ଼ି ନିଆଯାଇଛି। ତାଙ୍କୁ ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବଭାବେ ନିଯୁକ୍ତି ମିଳିଛି। ଏଥିସହିତ ସେ ଓଏସ୍‌ଆର୍‌ଟିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପ୍ରମୁଖ ସଚିବ ଭାସ୍କରଜ୍ୟୋତି ଶର୍ମାଙ୍କୁ ଅବକାରୀ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏହାସହିତ ଶର୍ମାଙ୍କୁ ପୂର୍ବଭଳି ଓପିଟିସିଏଲ୍‌ର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ବ୍ରହ୍ମପୁର ଆର୍‌ଡିସି ରୂପା ରୋଶନ ସାହୁଙ୍କୁ ରାଜ୍ୟପାଳଙ୍କ ସଚିବ ଭାବେ ନୂତନ ନିଯୁକ୍ତି ମିଳିଥିବାବେଳେ ସମ୍ବଲପୁର ଆର୍‌ଡିସି ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସିଇଓ ସଚିନ ରାମଚନ୍ଦ୍ର ଯାଦବଙ୍କୁ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ସଚିବ ଭାବେ ନିଯୁକ୍ତି ମିଳିଛି। ଏଥିସହିତ ସେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସିଇଓ ଦାୟିତ୍ୱ ଅତିରିକ୍ତ ଭାବେ ତୁଲାଇବେ। ସେହିପରି ଇପିକଲର ପରିଚାଳନା ନିର୍ଦ୍ଦେଶକ, ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ଭୂପେନ୍ଦ୍ର ସିଂ ପୁନିଆଙ୍କଠାରୁ କେବଳ ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଅତିରିକ୍ତ ଦାୟିତ୍ୱ ଅପସାରଣ କରାଯାଇଛି। ସେ ଏବେ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ବିଭାଗ ସଚିବ ସହିତ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

କେନ୍ଦ୍ରାଞ୍ଚଳ ଆର୍‌ଡିସି ବି. ପରମେଶ୍ୱରନଙ୍କୁ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ଗୁହାପୁନମ ତାପସ କୁମାରଙ୍କଠାରୁ ଅବକାରୀ ବିଭାଗ ଅପସାରଣ କରାଯାଇ ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗ ସଚିବ ଦାୟିତ୍ୱ ସହିତ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଡି. ପ୍ରଶାନ୍ତ କୁମାର ରେଡ୍ଡୀଙ୍କୁ ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ଭାବେ ନିଯୁକ୍ତ କରାଯିବା ସହିତ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ସର ଇନ୍ସପେକ୍ଟର ଅତିରିକ୍ତ ଦାୟିତ୍ୱ ମିଳିଥିବାବେଳେ ଯୋଜନା ଓ ସଂଯୋଜନା ବିଭାଗ ଅତିରିକ୍ତ ସଚିବ ତଥା ଏଡିଜି(ତାଲିମ) ଗୋପବନ୍ଧୁ ଏକାଡେମୀ ପ୍ରଶାସକ ମନୀଷ ଅଗ୍ରୱାଲଙ୍କୁ ଅତିରିକ୍ତ ଏସ୍‌ଆର୍‌ସି ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ମନୀଷଙ୍କୁ ଯୋଜନା ଓ ସଂଯୋଜନା ବିଭାଗ ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ବ୍ରହ୍ମପୁର ଆର୍‌ଡିସି(ଦକ୍ଷିଣାଞ୍ଚଳ) ଭାବେ ନିଯୁକ୍ତ କରାଯାଇଥିବାବେଳେ ଦେବେନ କୁମାର ପ୍ରଧାନଙ୍କୁ ରାଜ୍ୟ ପାନୀୟ ନିଗମ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ବିଜୟ କୁମାର ଦାଶଙ୍କୁ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ କରାଯାଇଥିବାବେଳେ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ସଚିବ, ପୁରୀ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଭୁବନେଶ୍ୱର ମହାନଗର ନିଗମ କମିଶନର, ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଥିବାବେଳେ ଡ. ଯେଦ୍ଦୁଲା ବିଜୟଙ୍କୁ କ୍ରୀଡ଼ା ନିର୍ଦ୍ଦେଶକ, ନିୟତି ପଟ୍ଟନାୟକଙ୍କୁ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପାରୁଲ୍ ପଟ୍ୱାରୀଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ ଦାୟିତ୍ୱ ମିଳିଛି। ସେହିପରି ଅବୋଲି ସୁନୀଲ ନରୱଣେଙ୍କୁ ଶିଳ୍ପ ନିର୍ଦ୍ଦେଶକ, ମଧୁମିତା ରଥଙ୍କୁ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ, ସୁବ୍ରତ କୁମାର ପଣ୍ଡାଙ୍କୁ ମୃତ୍ତିକା ସଂରକ୍ଷଣ ଓ ୱାଟରଶେଡ୍ ଡେଭଲପ୍‌ମେଣ୍ଟ ନିର୍ଦ୍ଦେଶକ, ପ୍ରତାପ ଚନ୍ଦ୍ର ହୋତାଙ୍କୁ ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ଅତିରିକ୍ତ ସଚିବ, ସାଗରିକା ହୋତାଙ୍କୁ ଅର୍ଥ ବିଭାଗ ଅତିରିକ୍ତ ସଚିବ, ଅନ୍ୟା ଦାସଙ୍କୁ ସ୍ୱାସ୍ଥ୍ୟ ବିଭାଗ ଉପସଚିବ ଏବଂ ପି. ଅନ୍ୱେଷା ରେଡ୍ଡୀଙ୍କୁ ଅବକାରୀ କମିଶନର ଦାୟିତ୍ୱ ମିଳିଛି।

ଅନୁରୂପ ଭାବେ ଜିଲାପାଳସ୍ତରରେ ମଧ ବଡ଼ଧରଣର ଅଦଳବଦଳ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ୧୬ ଜିଲାପାଳଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି। ସେଥିମଧ୍ୟରେ କନ୍ଧମାଳ ଜିଲାପାଳ ଅମ୍ରିତ ରତୁରାଜଙ୍କୁ ଖୋର୍ଦ୍ଧା ଜିଲାପାଳ ଭାବେ ନିଯୁକ୍ତି ମିଳିଥିବାବେଳେ ରଘୁରାମ ଆର୍. ଆୟାରଙ୍କୁ କେନ୍ଦ୍ରାପଡ଼ା ଜିଲାପାଳ, ଡ. ମହେଶ୍ୱର ସ୍ୱାଇଁଙ୍କୁ ନବରଙ୍ଗପୁର, ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପୁରୀ, ସୋମେଶ କୁମାର ଉପାଧ୍ୟାୟଙ୍କୁ ମାଲକାନଗିରି ଜିଲାପାଳ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଆଶିଷ ଈଶ୍ୱର ପାଟିଲଙ୍କୁ ଢେଙ୍କାନାଳ ଜିଲାପାଳ ଭାବେ ନିଯୁକ୍ତ କରାଯାଇଥିବାବେଳେ ଡ. ଶୁଭଙ୍କର ମହାପାତ୍ରଙ୍କୁ ସୁନ୍ଦରଗଡ଼, କୀର୍ତ୍ତି ଭାଷନ ଭି.ଙ୍କୁ ଗଞ୍ଜାମ, ମନୋଜ ସତ୍ୟବାନ୍ ମହାଜନଙ୍କୁ କୋରାପୁଟ, ବେଦଭୂଷଣଙ୍କୁ କନ୍ଧମାଳ, କୁଲକର୍ଣ୍ଣି ଆଶୁତୋଷ ସିଂଙ୍କୁ ରାୟଗଡ଼ା ଜିଲାପାଳ, ମଧୁମିତାଙ୍କୁ ଗଜପତି ଜିଲାପାଳ ଭାବେ ବଦଳି କରାଯାଇଛି। ସେହିଭଳି ଚଭନ କୁନାଲ ମୋତିରାମଙ୍କୁ ଝାରସୁଗୁଡ଼ା ଜିଲାପାଳ, ବିଭୂତି ଭୂଷଣ ନାୟକଙ୍କୁ ବୌଦ୍ଧ ଜିଲାପାଳ, ନୃପରାଜ ସାହୁଙ୍କୁ ସୁବର୍ଣ୍ଣପୁର ଜିଲାପାଳ ଏବଂ ଅମ୍ବର କୁମାର କରଙ୍କୁ ଯାଜପୁର ଜିଲାପାଳ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ଧୀନା ଦସ୍ତାଗିରିଙ୍କୁ ରାଉରକେଲା ଏଡିଏମ୍, ରେହନ ଖର୍ତ୍ତୀଙ୍କୁ ସମ୍ବଲପୁର ମହାନଗର ନିଗମ କମିଶନର, ଡ. ରୀନା ପ୍ରଧାନଙ୍କୁ କେନ୍ଦୁଝର ଡିଏମ୍‌ଏଫ୍ ସିଇଓ ଏବଂ କୀରନଦୀପ କୌର ସହୋତାଙ୍କୁ କଟକ ମହାନଗର ନିଗମ କମିଶନର ଭାବେ ଅବସ୍ଥାପିତ କରାଯାଇଛି।

# ରିଭୋଲ୍ୟୁଶନାରି ରୂପ ଦେଖିଛନ୍ତି, ରାଜନୈତିକ ରୂପ ଦେଖିବେ:ଭକ୍ତ

ଭୁବନେଶ୍ୱର,୨୨।୭
(ରବିନାରାୟଣ ଜେନା)

ରାଜଧାନୀର ବିଭିନ୍ନ ଛକସ୍ଥାନରେ ମଙ୍ଗଳବାର ରାହୁଲ ଗାନ୍ଧୀଙ୍କ ସହ ଗିରଫ ହୋଇଥିବା ଛାତ୍ରନେତା ଉଦିତ ପ୍ରଧାନଙ୍କ ପୋଷ୍ଟର ଓ ବ୍ୟାନର ମରାଯିବାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ମାଝୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଭାଜପା ସରକାର ମାନିଗଲେଣି ଯେ ତାଙ୍କର ଅସ୍ତିତ୍ୱ ହଜିଗଲାଣି। ସେମାନେ ଅସତ୍ୟ ପଥରେ ଚାଲିଛନ୍ତି, ଅନ୍ୟାୟ ପଥରେ ଅଛନ୍ତି। ସେମାନେ ନିଜ ଝିଅକୁ ନ୍ୟାୟ ଦେଇପାରିଲେ ନାହିଁ, ନାରୀ ସମାଜକୁ କ'ଣ ନ୍ୟାୟ ଦେବେ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଏ ସରକାର ଇସ୍ତଫା ଦେବାକୁ ବାଧ୍ୟହେବେ। ଛୋଟମୋଟ ଖେଳ ମୁଁ ଖେଳେନାହିଁ, ବଡ଼ ବଡ଼ ଖେଳ ଜାଣେ। ସରକାର ଏବେ ମୋର ରିଭୋଲ୍ୟୁଶନାରି ରୂପ ଦେଖିଛନ୍ତି, ରାଜନୈତିକ ରୂପ ଦେଖିନାହାନ୍ତି। ଭକ୍ତ କହିଛନ୍ତି, ପୋଲିସ ନାରୀଙ୍କ ସୁରକ୍ଷା ପାଇଁ ଯେଭଳି ତତ୍ପରତା ଦେଖାଇବା କଥା ଦେଖାଉନାହିଁ, ବରଂ ବିରୋଧୀଙ୍କୁ ଦମନ କରିବା ଲାଗି ସବୁ ବଳ କଳ ପ୍ରୟୋଗ କରୁଛି। ଯଦି ପୋଲିସ ନାରୀଙ୍କ ସୁରକ୍ଷା ପାଇଁ ମାନସିକସ୍ତରରେ ପ୍ରସ୍ତୁତ ହେବ ତେବେ ରାଜ୍ୟରେ ଏତେ ନାରୀ ନିର୍ଯାତନା ବଢ଼ିବ ନାହିଁ। ଭକ୍ତ ପୁଣି କହିଛନ୍ତି, ଜଣେ ଯୁବତୀ ରାଜ୍ୟ କଂଗ୍ରେସ ଛାତ୍ର ନେତାଙ୍କ ବିରୋଧରେ ଅଭିଯୋଗ ଆଣିବା କ୍ଷଣି ସମ୍ପୃକ୍ତ ଛାତ୍ରନେତାଙ୍କୁ ଦଳରୁ ତତ୍କାଳ ନିଲମ୍ବନ କରାଯାଇଛି। ଅନୁଗୋଳ ଜିଲା ଭାଜପା ସମ୍ପାଦକ ସୁଦୀପ୍ତ ସ୍ୱାଇଁଙ୍କୁ କେଉଁ କାରଣରୁ ଦଳ ନିଲମ୍ବନ କଲା, ତା'ର ଉତ୍ତର ଆଗେ ଦେଉ। କଂଗ୍ରେସ ତ ସେତେବେଳେ ଏହି ଘଟଣାକୁ ନେଇ ଛକସ୍ଥାନରେ ଭାଜପା ମୁଖିଆଙ୍କ ପୋଷ୍ଟର ମାରି ଡ୍ରାମାବାଜି କରି ନ ଥିଲା। ଯଦି ସେମାନେ ଏହି ପ୍ରସଙ୍ଗକୁ ନେଇ ଭାବୁଛନ୍ତି କଂଗ୍ରେସର ସ୍ୱରକୁ ଚପାଇଦେବେ ତେବେ ତାହା ଆଦୌ ସମ୍ଭବ ନୁହେଁ ବୋଲି ଭକ୍ତ କହିଛନ୍ତି।

## ୪ ଅଧ୍ୟାପକଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ

ଅନୁଗୋଳ,୨୨।୭(ମାନସ ବିଶ୍ୱାଳ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୪ ଜଣ ଅଧ୍ୟାପକଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି ୩ ଛାତ୍ରୀ। ଏ ନେଇ ସମ୍ପୃକ୍ତା ଛାତ୍ରୀମାନଙ୍କ ଅଭିଭାବକ ଗତ ଜାନୁଆରୀ ୧୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗପତ୍ର ପଠାଇବା ସହ ତଦନ୍ତ ପାଇଁ ଦାବି କରିଥିଲେ। ଅଭିଭାବକମାନେ ଅଭିଯୋଗରେ ଦର୍ଶାଇଥିଲେ, ସେମାନଙ୍କ ଝିଅଙ୍କୁ କଲେଜର ୪ ଜଣ ଅଧ୍ୟାପକ ଆବେଗିକ, ମାନସିକସ୍ତରରେ ନିର୍ଯାତନା ଦେଉଛନ୍ତି। କ୍ଲାସ ଓ ଲାବରେଟୋରିରେ ଏହିସବୁ ଘଟଣା ଘଟିଥିବାରୁ ସମ୍ପୃକ୍ତା ଛାତ୍ରୀମାନେ ମାନସିକସ୍ତରରେ ଭାଙ୍ଗିପଡିଛନ୍ତି। ଏହି ଅଧ୍ୟାପକମାନେ ୧୫ରୁ ୨୦ ବର୍ଷ ଧରି କଲେଜରେ ଅଛନ୍ତି। ସେମାନଙ୍କ ବିରୋଧରେ ତଦନ୍ତ ସହ ତୁରନ୍ତ ବଦଳି କରାଯିବାକୁ ଅଭିଭାବକମାନେ ଦାବି କରିଥିଲେ।



# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଓୟୁଏଟି ୧୯୨୫ ବିଏସ୍‌ସି(ଏଗ୍ରିକଲ୍‌ଚର) ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ଅବସରରେ କୃଷି, ଖାଦ୍ୟ ଉତ୍ପାଦନ, ଖାଦ୍ୟ ଉପଯୋଗ ସଂକ୍ରାନ୍ତୀୟ ଆଲୋଚନାଚକ୍ର, ସ୍ଥାନ: ଇକୋଲ୍ କନ୍‌ଭେନ୍‌ସନ୍ ହଲ୍, ଶିରିପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରିଟିଶ ସରକାରଙ୍କ ପାଖରେ ଥିବା କୋହିନୁର ହୀରାକୁ ଭାରତ ଫେରାଇ ଆଣିବାକୁ ଜଗନ୍ନାଥ ସେନା ପକ୍ଷରୁ ଆଇସିଜେରେ ଚାଲିଥିବା ମାମଲା ସଂକ୍ରାନ୍ତରେ ଖବରଦାତା ସମ୍ମିଳନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅତ୍ୟାଧୁନିକ ମତ୍ସ୍ୟଚାଷ ତାଲିମ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କୌଶଲ୍ୟାଗଙ୍ଗ(ସିଫା ନିକଟ) ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ରୀଙ୍କୁ ବଳାତ୍କାର ଓ ନିର୍ଯାତନା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଗାନ୍ଧୀମାର୍ଗ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରେଡିଓ ଭୁବନେଶ୍ୱର ୮୯.୨ ଏଫ୍ଏମ୍‌ର ଲୋକାର୍ପଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ପୁସ୍ତକ ଉନ୍ମୋଚନ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା
- ଅଭୟ ଆର୍ଟ ଏକାଡେମି ପକ୍ଷରୁ ଅନ୍ତର୍ଜାତୀୟ ସମ୍ବଲପୁରୀ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### କଟକ
- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ଓଏସ୍‌ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ସ୍ୱର୍ଗତ ପଦ୍ମିନୀ ରଥଙ୍କ ଦଶମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା, ସ୍ଥାନ: ପଦ୍ମିନୀ ଅଡିଟୋରିୟମ, ଡ୍ରିମସ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱର୍ଗତ ପଦ୍ମିନୀ ରଥଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ରାଜେନ୍ଦ୍ର ନଗର, ସମୟ: ସନ୍ଧ୍ୟା ୭ଟା।

### ଖୋର୍ଦ୍ଧା
- ବୁଦ୍ଧିଆରୀ ଦଶଦୋଳ ମେଳଣ କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକୋ, ସ୍ଥାନ: ବୁଦ୍ଧିଆରୀ ହାଇସ୍କୁଲ ସମ୍ମୁଖ, ଜଟଣୀ, ସମୟ–ସକାଳ ୭ଟା।

### ବାଲେଶ୍ୱର
- ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ, ଭୁପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ମହିଳା ସମିତିର ବ୍ଲକ ସମ୍ମିଳନୀ, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ମଜଦୁର ସଂଘର ୭୦ବର୍ଷ ପୂର୍ତ୍ତି ଓ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।

### ମୟୂରଭଞ୍ଜ
- ସାମ୍ବାଦିକ ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା,ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୪ଟା୩୦।

### ବ୍ରହ୍ମପୁର
- ସାହାଣୀ କପ୍ ଉଦଯାପନୀ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

### ଢେଙ୍କାନାଳ
- ସହର ସ୍ୱଚ୍ଛତା କମିଟି ବୈଠକ, ସ୍ଥାନ: ପୌରସଂସ୍ଥା ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।

### କେନ୍ଦ୍ରାପଡ଼ା
- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ:ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।

### ରାୟଗଡ଼ା
- ମେଗା ରକ୍ତଦାନ ଶିବିର, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ରାୟଗଡା, ସମୟ: ସକାଳ ୯ଟା ୩୦।
- ଲେରନଥାନ –୪.୦ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ : ସକାଳ ୯ଟା ୩୦।

### କୋରାପୁଟ
- ଶିଳ୍ପୀ ଉନ୍ନତି ଯୋଜନାରେ ହିତାଧିକାରୀ ଚୟନ ନେଇ ଜିଲାସ୍ତରୀୟ ମନିଟରିଂ ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।
- ଜିଲାରେ ମେଗା ପାଇପ ଜଳ ଯୋଗାଣ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।

### ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ସମ୍ବଲପୁରୀ ଏକତା ମଞ୍ଚ ସମ୍ବଲପୁରୀ ଦିନ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।

### ରାଉରକେଲା
- ସୁଭଦ୍ରା ବସ୍ତିରେ ଡେଙ୍ଗୁ ସଚେତନତା କର୍ମଶାଳା, ସ୍ଥାନ: କୋଏଲନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଏମ୍ଏସ୍‌ର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସେକ୍ଟର–୪ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

### ବୌଦ୍ଧ
- ମତ୍ସ୍ୟଚାଷ ନେଇ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଜିଲା ସାହାଣି କପ ଫୁଟବଲ ସପ୍ତମ ଦିବସ,ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

### ଦେବଗଡ଼
- ଜିଲା ନାଗରିକ କମିଟି ପକ୍ଷରୁ ନୂତନ ହସ୍ପିଟାଲର ଅବ୍ୟବସ୍ଥା ନେଇ ଜରୁରୀକାଳୀନ ବୈଠକ, ସ୍ଥାନ: ସ୍ଥାନୀୟ ଗୋପାଳଜୀଉ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ବୀରମହାରାଜପୁର ନିତ୍ୟ ଯୋଗ ସମିତି ତରଫରୁ ସମ୍ବଲପୁରୀ ଦିନ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା ୩୦।
- ତରଭା ବ୍ଲକ ବାରିକସାହି କୋଶଳେଶ୍ୱର ମନ୍ଦିରରେ ବୋଲବମ କମିଟି ପକ୍ଷରୁ ଜଳଶାୟୀ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୭ଟା।
- ସୁବର୍ଣ୍ଣପୁର ଜିଲା ପରିଷଦ ଓ ବୀରମହାରାଜପୁର ପଞ୍ଚାୟତ ସମିତି ତରଫରୁ ଆଶା, ଅଙ୍ଗନୱାଡି କର୍ମୀ ତାଲିମ ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।

### ନୂଆପଡ଼ା
- ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ତୃତୀୟ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।

# ସୂଚନାର ଉତ୍ସ




ପ୍ରତିବର୍ଷ ଜୁଲାଇ ୨୩ରେ ପାଳିତ ହୋଇଆସୁଛି ଜାତୀୟ ପ୍ରସାରଣ ଦିବସ। ୧୯୨୭ ମସିହାର ଏହି ଦିନରେ ଦେଶର ପ୍ରଥମ ରେଡିଓ ପ୍ରସାରଣ ହୋଇଥିଲା। ଅର୍ଥାତ୍ ଭାରତୀୟ ପ୍ରସାରଣ କମ୍ପାନୀ(ଆଇବିସି) ବମ୍ବେରୁ ଏହାର ପ୍ରଥମ ପ୍ରସାରଣ କରିଥିଲା। ଏହି ଐତିହାସିକ ମୁହୂର୍ତ୍ତକୁ ମନେ ପକାଇବା ପାଇଁ ଆମ ଦେଶରେ ଜାତୀୟ ପ୍ରସାରଣ ଦିବସ ପାଳନ କରାଯାଇଆସୁଛି। ତେବେ ଆଇବିସି ଏକ ଘରୋଇ କମ୍ପାନୀ ଥିଲା, କିନ୍ତୁ ୧୯୩୦ରେ ସରକାର ଏହାକୁ ନିଜ ଅଧୀନକୁ ନେବା ପରେ ଏହାର ନାମ ରଖାଗଲା 'ଅଲ୍ ଇଣ୍ଡିଆ ରେଡିଓ(ଏଆଇଆର୍)'। ସୂଚନା ତଥା ଗଣ ଯୋଗାଯୋଗ କ୍ଷେତ୍ରରେ ଏହା ଭାରତୀୟ ଜନଜୀବନରେ ଏକ ବିଶେଷ ଭୂମିକା ଗ୍ରହଣ କରିଛି।

ଜାତୀୟ ପ୍ରସାରଣ ଦିବସ ପ୍ରସାରଣର ଶକ୍ତି, ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାର ମହତ୍ତ୍ୱକୁ ସ୍ମରଣ କରାଏ। ଏଆଇଆର୍ ଆମ ଦେଶ ବିକାଶରେ ଏକ ବିଶେଷ ଭୂମିକା ନିଭାଇ ଆସିଛି। ଏହାକୁ ଖବର ଏବଂ ସୂଚନା ପ୍ରସାରଣ, ଜନସାଧାରଣଙ୍କୁ ମନୋରଞ୍ଜନ ସହ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, ସାଂସ୍କୃତିକ ତଥା ପାରିବେଶିକ କ୍ଷେତ୍ରରେ ସଚେତନତା ଲାଗି ବ୍ୟବହାର କରାଯାଇଛି। ବର୍ତ୍ତମାନ ଗ୍ରାମାଞ୍ଚଳରେ ଏହି ରେଡିଓ ବିଶେଷ ଭାବେ ଜରୁରୀ ହୋଇପଡ଼ିଛି, ଯେଉଁଠାରେ ଏହା ପ୍ରାୟତଃ ଖବର ଏବଂ ସୂଚନାର ଏକମାତ୍ର ଉତ୍ସ ଭାବେ ପରିଗଣିତ ହେଉଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଷାଠିଏ ବରଷ ଯେ ଚାଲେ ତେଜେ
କୁଆ କାଆ କଲେ ନ ଶୁଏ ଶେଯେ
ଶେଯରୁ ଉଠି ହରିନାମ ଭଜେ
ହରି ସୁମରି ଯେ ଶୁଅଇ ଶେଯେ
ଦନାଇ ଏହାଙ୍କୁ କରେ ଜେଜେ।**

ପ୍ରାତଃ ଭ୍ରମଣ କରୁଥିବା ବ୍ୟକ୍ତିର ଦେହ ଓ ମନ ପ୍ରଫୁଲ୍ଲ ରହିଥାଏ। ସେହିପରି ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ କରିବା ସହ ହରିନାମ ଭଜନ ତଥା ରାତ୍ର କାଳରେ ନିଦ୍ରା ଯିବା ପୂର୍ବରୁ ହରି ନାମ ସ୍ମରଣ କରୁଥିବା ବ୍ୟକ୍ତି ମାନସିକ ଏବଂ ଶାରୀରିକ ସ୍ତରରେ ସୁସ୍ଥ ରହିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଷାଠିଏ ମହଣ ଘିଅ ହେବ
ନା ରାଧା ନାଚିବ।**

ଅସାର ପରିକଳ୍ପନା। ସାମାନ୍ୟ କାର୍ଯ୍ୟ ପାଇଁ ବ୍ୟୟସାପେକ୍ଷ ବ୍ୟବସ୍ଥା। ପରୋକ୍ଷରେ ନ ହବା କଥା। ଏତେ ଯୋଗାଡ ହୋଇ ପାରିବନି କି କାମଟି ହବନି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସାନଖେମୁଣ୍ଡିରେ ଝାଡ଼ାବାନ୍ତି, ୨ ଜଣଙ୍କ ମୃତ୍ୟୁ ଅଭିଯୋଗ

**ଦିଗପହଣ୍ଡି/ପାଟପୁର,୨୨।୭
(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ଦାମପୁର ଗାଁରେ ଝାଡ଼ାବାନ୍ତି ବ୍ୟାପିଛି। ଗତ ୨ ଦିନରେ ଗ୍ରାମର ୧୦ ଜଣରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନେ ଗାଁ ନିକଟରେ କ୍ୱାକ୍‌ଙ୍କ ପାଖରେ ଚିକିତ୍ସିତ ହେଉଛନ୍ତି। ଶୁକୁରି ମଲ୍ଲିକ ନାମ୍ନୀ ଜଣେ ବୃଦ୍ଧାଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ମଙ୍ଗଳବାର ୨ଜଣ ଆକ୍ରାନ୍ତ ସମ୍ବାରୁ ମଲ୍ଲିକ (୬୦) ଏବଂ କାନ୍ଦରା ମଲ୍ଲିକ(୬୨)ଙ୍କ ମୃତ୍ୟୁ ଘଟିଥିବା ସେମାନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା.ବାହନ ଦାସଙ୍କୁ ପଚାରିବାରୁ ଝାଡ଼ାବାନ୍ତି ବ୍ୟାପିବା ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିବା କହିଛନ୍ତି। ତଥାପି, ସେଠାକାର ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରି ତଥ୍ୟ ସଂଗ୍ରହ କରିବେ ବୋଲି କହିଛନ୍ତି। ସେହିପରି ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଫାସିଗୁଡା ଗ୍ରାମରେ ଗତ ଶନିବାରଠାରୁ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ୫ ଜଣ ଆକ୍ରାନ୍ତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସେମାନେ ହେଲେ ଫାସିଗୁଡା ଗ୍ରାମ ନୂଆସାହିର କାଶି ନାୟକ , ସୁବୁଦ୍ଧି ପ୍ରଧାନ, ସୀମାଞ୍ଚଳ ମଣ୍ଡଳ, ଲଗ୍ନା ବିଶ୍ୱାଳ , ଜାଡି ନାୟକ। ପୂର୍ବରୁ ସହଦେବ ଟିକରପଡା ପଞ୍ଚାୟତର ଜନଜାତି ବହୁଳ ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୀ ବହୁ ଲୋକ ଆକ୍ରାନ୍ତ ହୋଇଥିଲେ। ଏପରିକି ଝାଡ଼ାବାନ୍ତିରେ ୩ ଜଣଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଥିଲା। ଫାସିଗୁଡ଼ାରେ ଝାଡାବାନ୍ତି ବ୍ୟାପିଥିବା ଖବର ପ୍ରଚାରିତ ହେବା ପରେ ବ୍ଲକ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଇଛି। ଗ୍ରାମରେ ଭ୍ରାମ୍ୟମାଣ ମେଡିକାଲ ଟିମ୍ ପହଞ୍ଚି ଗ୍ରାମବାସୀଙ୍କୁ ସଚେତନ କରାଇବା ସହ ପ୍ରତିରୋଧକ ଔଷଧ ବଣ୍ଟନ କରିଥିଲା। ସେହିପରି ଗ୍ରାମ୍ୟ ଓ ଜଳ ପରିମଳ ବିଭାଗ ପକ୍ଷରୁ କର୍ମଚାରୀ ପହଞ୍ଚି ଜଳର ନମୁନା ପରୀକ୍ଷଣ କରିବା ସହ ଗ୍ରାମରେ ରହିଥିବା ସମସ୍ତ ନଳକୂପକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ସହ ବିଶୋଧନ କରିଥିବା ଜଣାପଡ଼ିଛି।

# ଅଜଗର ଧରି ଯାତ୍ରା ପରିବେଷଣ କଲେ ଖଳନାୟକ

## ବୈରୀ-ଡାଳିଯୋଡ଼ା ବନ ବିଭାଗର ଚଢ଼ାଉ

**ଚଣ୍ଡିଖୋଲ,୨୨।୭(ପ୍ରଦୀପ୍ତ କୁମାର ପୃଷ୍ଟି)**

ଚଳିତବର୍ଷ ତୁଳସୀ ଗଣନାଟ୍ୟ ଓ ଏହାର ମାଲିକ ଅନନ୍ତ ନାରାୟଣ ଧଳ ଓରଫ୍ ନାଣ୍ଟୁ ବିବାଦ ଘେରରେ ରହିଛନ୍ତି। ହାସ୍ୟ ଅଭିନେତା ନରି ପଣ୍ଡାଙ୍କଠାରୁ ଆରମ୍ଭ କରି ଅନ୍ୟ ୨ ଅଭିନେତ୍ରୀଙ୍କୁ ନେଇ ନାଣ୍ଟୁ ଚର୍ଚ୍ଚାରେ ରହିଥିବାବେଳେ ଏବେ ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନକୁ ନେଇ ପୁଣି ସେ ଚର୍ଚ୍ଚାକୁ ଆସିଛନ୍ତି। ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବିକ୍ରମ ତିରଣଠାରେ ତାଙ୍କ ତୁଳସୀ ଗଣନାଟ୍ୟର ଆଖଡ଼ାରେ ବିଦେଶୀ ଅଜଗର ସାପ ପ୍ରଦର୍ଶନକୁ ନେଇ ବିବାଦ ଦେଖାଦେଇଛି। ଏଠାରେ ନାଣ୍ଟୁଙ୍କ ଦୁଇଟି ପାର୍ଟି ତୁଳସୀ ଗଣନାଟ୍ୟ ଓ ଅଶୋକ ସମ୍ରାଟର ରିହର୍ସାଲ କରାଯାଉଛି। ରିହର୍ସାଲବେଳେ ତୁଳସୀ ଗଣନାଟ୍ୟର ଖଳନାୟକ ଭୂମିକାରେ ଅଭିନୟ କରୁଥିବା ସାଇ ଏକ ଅଜଗର ସାପକୁ ଧରି ପେଣ୍ଡାଲରେ ଯାତ୍ରା ପରିବେଷଣ ସହ ନୃତ୍ୟ କରିଛନ୍ତି। ତୁଳସୀ ଗଣନାଟ୍ୟର ସୋସିଆଲ ମିଡିଆ ପେଜରେ ଏହା ଅପଲୋଡ ହୋଇଛି। ଘଟଣା ପ୍ରଘଟ ପରେ ମଙ୍ଗଳବାର ଆଖଡ଼ାଶାଳରେ ବୈରୀ–ଡାଳିଯୋଡ଼ା ବନ ବିଭାଗ ଚଢ଼ାଉ କରିଛି। ଚଢ଼ାଉବେଳେ ସାପକୁ ଉଦ୍ଧାର କରାଯାଇ ପାରିନାହିଁ। କଟକ ବନାଞ୍ଚଳ ଡିଭିଜନ ଡିଏଫ୍‌ଓ ଅନିଲ କୁମାର ରାୟ କହିଛନ୍ତି, ଅଜଗରକୁ ଧରି ଯାତ୍ରା ପରିବେଷଣ କରାଯାଉଥିବା ସୂଚନା ମିଳିବା ପରେ ବନବିଭାଗ ପକ୍ଷରୁ ଏକ ଟିମ ଘଟଣା ସ୍ଥଳକୁ ଯାଇ ଯାଞ୍ଚ କରିଛି।

# ୨୨ ଖଣିର ନିଲାମ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ: ମନ୍ତ୍ରୀ

**ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)**



ବିଭୂତିଭୂଷଣ ଜେନା

ପୂର୍ବ ସରକାର ଦୀର୍ଘଦିନ ଧରି ଖଣି ନିଲାମ କରୁ ନ ଥିଲେ, ଯେଉଁଥିପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟରେ ହ୍ରାସ ହେଉଥିଲା। ରାଜ୍ୟରେ ନୂଆ ସରକାର ଆସିବା ପରେ ବର୍ଷକ ମଧ୍ୟରେ ୮ଟି ଖଣି ନିଲାମ କରିସାରିଛନ୍ତି। ଖୁବ୍‌ଶୀଘ୍ର ଆହୁରି ୨୨ଟି ଖଣି ନିଲାମ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଜେନା କହିଛନ୍ତି, ଖଣି ନିଲାମ ଦ୍ୱାରା ରାଜ୍ୟର ରାଜସ୍ୱ ବଢ଼ିବ। ତାହା ସହ ଶିଳ୍ପ ଆସିବା ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ସେ ଦିଗକୁ ପ୍ରାଧାନ୍ୟ ଦେଇ ଖଣି ବିଭାଗ କାମ କରୁଛି ବୋଲି ମନ୍ତ୍ରୀ ଜେନା କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଓଏମ୍‌ସି(ଓଡ଼ିଶା ମାଇନିଂ କର୍ପୋରେଶନ)ର ବ୍ୟବସାୟ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏକ ବୈଠକ କରିଥିଲେ। ଖଣି ଉତ୍ତୋଳନ କ୍ଷମତା ବଢ଼ାଇବା ସହ ରାଜସ୍ୱରେ ମଧ୍ୟ ଅଭିବୃଦ୍ଧି ଲାଗି ବୈଠକରେ ଆଲୋଚନା କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଏସ୍‌ଆଇଟି ତଦନ୍ତ...

ମାମଲାର ତଦନ୍ତ ଶେଷ କରିବା ନିମନ୍ତେ ହାଇକୋର୍ଟ ଆଦେଶ ଦେବାକୁ ସେ ଆବେଦନରେ ଉଲ୍ଲେଖ କରିଛନ୍ତି। ସେହିପରି ପୋଲିସ ଡିଜି କ୍ରାଇମବ୍ରାଞ୍ଚ ତଦନ୍ତର ଷ୍ଟାଟସ୍ ରିପୋର୍ଟ ଦାଖଲ, ୟୁନିଭରସିଟି ଗ୍ରାଣ୍ଟସ କମିଶନ (ୟୁଜିସି) ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ତଦନ୍ତ ରିପୋର୍ଟ ଓ କାର୍ଯ୍ୟାନୁଷ୍ଠାନ ଦାଖଲ କରିବାକୁ ଏବଂ ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ନିରାପତ୍ତା ନିୟମାବଳୀ ୨୦୧୫ କାର୍ଯ୍ୟକାରିତାକୁ ନିଶ୍ଚିତ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସଭାପତି, ବିଜୁ ଜନତା ଦଳର ରାଜ୍ୟ ସଭାପତି ଓ ୟୁଜିସିର ସଚିବଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

## 'ଆଧାର' ଗ୍ରହଣ...

ରହିଛି। ଏହାର ଧାରା ୧୬ ଓ ୧୯ ଅନୁସାରେ ଜନପ୍ରତିନିଧି ଆଇନରେ ନାଗରିକଙ୍କ ବୟସ ଓ ବାସସ୍ଥାନ ସମ୍ପର୍କରେ କେତେକ ଯୋଗ୍ୟତା ଉପରେ ଉଲ୍ଲେଖ କରାଯାଇଛି। ତଦନୁସାରେ ଜଣେ ଅଯୋଗ୍ୟ ଭୋଟରଙ୍କ ମତଦାନ ଅଧିକାର ନାହିଁ। ସମ୍ବିଧାନର ଅନୁଚ୍ଛେଦ ୧୯ ଓ ୨୧ର ଉଲ୍ଲଂଘନ ହେଉଥିବା ଅଯୋଗ୍ୟ ଭୋଟର ଦାବି କରିପାରିବେ ନାହିଁ। ବର୍ତ୍ତମାନ ଭୋଟ ଦେଉଥିବା ପ୍ରତ୍ୟେକ ମତଦାତା ନିଜର ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ସୁଯୋଗ ପାଉଛନ୍ତି। ତଦନୁସାରେ ଜୁଲାଇ ୧୮ ସୁଦ୍ଧା ନିର୍ବାଚନ କମିଶନ ବିହାରର ୭,୮୯,୬୯,୮୪୪ ଭୋଟରଙ୍କ ମଧ୍ୟରୁ ୯୦.୧୨% ଅର୍ଥାତ୍ ୭,୧୧,୭୨,୬୬୦ ଜଣଙ୍କଠାରୁ ଫର୍ମ ସଂଗ୍ରହ କରିସାରିଲେଣି।

## ଆକାଂକ୍ଷୀ ବ୍ଲକ ସଂଖ୍ୟା...

ଏହି ବ୍ଲକଗୁଡ଼ିକୁ ଆକାଂକ୍ଷୀ ଯୋଜନାରେ ସାମିଲ କରିଛି। ଏଡି ନୂତନ ଆକାଂକ୍ଷୀ ବ୍ଲକ ମଧ୍ୟରେ କେନ୍ଦୁଝର ଜିଲାର ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇ ରହିଛି। ମୟୂରଭଞ୍ଜ ଜିଲାର ବହଳଦା, ବିଜାତଲା, ଜାମଦ଼ା, କୁସୁମୀ, ରାଇରଙ୍ଗପୁର ଓ ତିରିଙ୍ଗିକୁ ଆକାଂକ୍ଷୀ ବ୍ଲକ ଭାବେ ଯୋଡ଼ାଯାଇଛି। ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ଯୋଜନାଗୁଡ଼ିକ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରାଯାଇ ଗୁରୁତ୍ୱପୂର୍ଣ୍ଣ ବିକାଶକୁ ତ୍ୱରାନ୍ୱିତ କରାଯାଉଛି। ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ବିଭିନ୍ନ ସୂଚକାଙ୍କରେ ବ୍ଲକମାନଙ୍କ ମଧ୍ୟରେ ର୍ୟାଙ୍କିଙ୍ଗ୍ କରାଯାଇ ବିକାଶ ପାଇଁ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରାଯାଉଛି। ଏହାଦ୍ୱାରା ଏହି ଅଞ୍ଚଳ ଗୁଡ଼ିକରେ ବିକାଶ ତ୍ୱରାନ୍ୱିତ ହୋଇପାରୁଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## କୋଟିଆକୁ ଖୁବ୍‌ଶୀଘ୍ର...

ମଧ୍ୟ ପଦକ୍ଷେପ ନେଉଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ କୋଟିଆ ବିବାଦର ସମାଧାନ ଲାଗି ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ କୋଟିଆ ବିବାଦର ସମାଧାନ ଲାଗି ରାଜ୍ୟ ସରକାର ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ବଡ କମିଟି କରି କୋଟିଆ ଲାଗି ଯେପରି ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ସୁବିଧା ଏବଂ ସୁଯୋଗ ପହଞ୍ଚା ଯାଇପାରିବ ସେନେଇ ପଦକ୍ଷେପ ନେବା ଆରମ୍ଭ ହୋଇଛି। ୨ ଜଣ ଓଏଏସ୍ ଅଫିସରଙ୍କୁ ସେଠାରେ ରହି ସବୁ ସରକାରୀ ଯୋଜନାର ମନିଟରିଂ କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ସେଠାରେ ପହଞ୍ଚି ପାଳନ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କିଛିଦିନ ଭିତରେ କୋଟିଆ ଯାଇପାରନ୍ତି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

## ୩ ହକି ପ୍ରଶିକ୍ଷକ...

ସହରର ଏକ ଲଜ୍‌କୁ ଜୋରଜବରଦସ୍ତ ନେଇଥିଲେ। ସେଠାରେ ସେମାନେ ନାବାଳିକାଙ୍କୁ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଛି। ଅଭିଯୁକ୍ତମାନଙ୍କୁ ଲଜ୍‌ର କର୍ମଚାରୀ ମଧ୍ୟ ଚିହ୍ନଟ କରିଛନ୍ତି। ଏସ୍‌ଆଇ ଅଜୟ ସାହୁ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ମୋବାଇଲ ଓ ଅନ୍ୟ ଦସ୍ତାବିଜ ଜବତ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ଏହି ଘଟଣା ସମ୍ପର୍କରେ ନାବାଳିକାଙ୍କ ମା' ଗତ ୧୪ ତାରିଖରେ ଜିଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁଙ୍କୁ ସାକ୍ଷାତ୍ କରି ଜଣାଇଥିଲେ। ଜିଲା କ୍ରୀଡ଼ାଧିକାରୀ ଟୁଡୁ ଲିଖିତ ଭାବେ ତାଙ୍କୁ ଜଣାଇବାକୁ କହିଥିଲେ। ଏହାପରେ ନାବାଳିକାଙ୍କ ମା' ଜିଲା କ୍ରୀଡ଼ାଧିକାରୀ ଟୁଡୁଙ୍କୁ ୧୬ ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ। କ୍ରୀଡ଼ାଧିକାରୀ ଟୁଡୁ ୩ ଦିନ ମଧ୍ୟରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୩ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ବି ଜିଲା କ୍ରୀଡ଼ାଧିକାରୀ ଟୁଡୁ କୌଣସି ପଦକ୍ଷେପ ନ ନେଇ ନୀରବ ରହିଥିଲେ। ଏପରିକି ପୀଡ଼ିତା ନାବାଳିକା ଏକାଧିକ ଥର ଟୁଡୁଙ୍କୁ ଫୋନ କରିଥିଲେ ବି ସେ ଫୋନ କଲ ଗ୍ରହଣ କରି ନ ଥିଲେ ବୋଲି ନାବାଳିକାଙ୍କ ମା' କହିଛନ୍ତି। ଏପରି ସମ୍ବେଦନଶୀଳ ଘଟଣାରେ କ୍ରୀଡ଼ାଧିକାରୀ ଗୁରୁତର ସହ ନେଇ ବିଚାର କରିବା ପରିବର୍ତ୍ତେ ତାଙ୍କ ନୀରବତା ସମସ୍ତଙ୍କୁ ଚକିତ କରିଛି। ତେବେ ଏ ସଂକ୍ରାନ୍ତରେ ଜିଲା କ୍ରୀଡ଼ାଧିକାରୀଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରିନ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ସହଯୋଗ ଅଭାବରୁ କାମଗୁଡ଼ିକ ସୁବିଧାରେ ହେବନାହିଁ। ପରୋକ୍ଷ ଶତ୍ରୁତା କାରଣରୁ ବନ୍ଧୁ ଏବଂ ସହକର୍ମୀଙ୍କ ସହୃଦୟତା ମିଳି ନ ପାରେ। ଦୀର୍ଘଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। ଅବଶ୍ୟ ଦ୍ୱିଜା ନକ୍ଷତ୍ର ପାଇଁ ବିଶେଷ ଅସୁବିଧା ହେବନାହିଁ।

**ବୃଷ** ରୋହିଣୀ ନକ୍ଷତ୍ରର ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ପରିବାରରେ କଳହର ସୂତ୍ରପାତ ହେବ। ଅସୁବିଧା ଦୂର ହୋଇଯିବାରୁ ଆଶ୍ୱସ୍ତି ଅନୁଭବ କରିବେ । ପୂର୍ବାଲୋଚନା କ୍ରମରେ ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ସାହାଯ୍ୟ, ସହଯୋଗ ପ୍ରଦାନ କରିପାରନ୍ତି। କର୍ମକ୍ଷେତ୍ରରେ ବନ୍ଧୁଙ୍କ ମାଧ୍ୟମରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି।

**ମିଥୁନ** ସତ୍ୟ ଭାଷଣ ସକାଶେ ସମାଲୋଚନାର କାରଣ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ମାତ୍ର କଚେରି ମାମଲା ପରିବହନ କିମ୍ବା ପ୍ରଶାସନିକ ସମସ୍ୟା ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ବଢ଼ିଯାଇପାରେ। ପୁନର୍ବସୁ ନକ୍ଷତ୍ରର କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ** ସମସ୍ୟା ସମାଧାନ ଯୋଗୁ ଆଜିର ଜୀବନଯାତ୍ରା ହସଖୁସିରେ ଅତିବାହିତ ହେବ। ପୁଷ୍ୟା ନକ୍ଷତ୍ର ସରଳ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କରିପାରନ୍ତି। ବିବାଦୀୟ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ ହୋଇପାରିବ। ସାହିତ୍ୟ, ସଂସ୍କୃତି ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେଇପାରନ୍ତି।

**ସିଂହ** ଆଜିର ଗ୍ରହସ୍ଥିତି କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବସାଇଦେଇ ନ ପାରେ। ମଘା ନକ୍ଷତ୍ରର ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବାର ଆଶଙ୍କା ରହିଛି। ବିଭିନ୍ନ ପ୍ରକାରର ଆବଶ୍ୟକତାକୁ ନେଇ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ। ବେପରୁଆ ଭାବରେ କାମକରିବା ହେତୁ ବନ୍ଧୁ ଗହଣରେ ସମାଲୋଚିତ ହୋଇପାରନ୍ତି।

**କନ୍ୟା** ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଆଜି ଯାହା କରିବେ ସଫଳତା ପାଇବେ। ବନ୍ଧୁମାନେ ଆବଶ୍ୟକ ସମୟରେ ଆଶାଜନକ ସାହାଯ୍ୟ, ସହଯୋଗ କରିପାରନ୍ତି। ପଡୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ପୁନର୍ବାର ଶାନ୍ତି ଫେରି ଆସିବ। କୌଣସି ଆନୁଷ୍ଠାନିକ କାମ ସକାଶେ ନିମନ୍ତ୍ରଣ ପ୍ରାପ୍ତ ହୋଇ ହଠାତ୍ ଦୂରଯାତ୍ରା କରିପାରନ୍ତି।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯାଇଥିବାରୁ ଆଶ୍ୱସ୍ତି ଲାଭ କରିବେ। ସାମାଜିକ ସ୍ତରରେ ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବାରୁ ଆଜିର କାମ ସଂପର୍ଣ୍ଣ କଷ୍ଟକର ହୋଇପଡିବ। ମାନସିକ ଅସ୍ଥିରତା ହେତୁ ଛୋଟ କଥାରେ ଅନ୍ୟ ଉପରେ ବିରକ୍ତ ହେବେ। ସ୍ୱାତୀ ନକ୍ଷତ୍ର ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଶିଳ୍ପ ଓ ପରିବହନରେ ଆଶା ଅନୁରୂପ ଫଳ ପାଇବେ।

**ବିଛା** ଆଜିର ସ୍ୱଗୃହୀ ଚନ୍ଦ୍ର ସ୍ଥାନ ପ୍ରଭାବରେ ମାନସିକ ଅସ୍ଥିରତା ସଙ୍ଗକୁ ଭାବପ୍ରବଣତା ସୃଷ୍ଟି କରିବ। ପାରିବାରିକ ସ୍ତରରେ କିଛି ନ କରି ବୃଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସମସ୍ୟାର କାରଣ ହେବ। କିନ୍ତୁ ଅନୁରାଧା ନକ୍ଷତ୍ର ସାହିତ୍ୟ, ଗବେଷଣା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ।

**ଧନୁ** ଆପଣଙ୍କ ସୁଚିନ୍ତିତ କର୍ମ ଓ ଉନ୍ନତ ଚିନ୍ତାଧାରା ବୁଦ୍ଧିଜୀବୀଙ୍କ ଦୃଷ୍ଟି ଆକର୍ଷଣ କରିବ। ମୂଳା ନକ୍ଷତ୍ର ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ମଧ୍ୟରେ କାମ ହାସଲ କରିବେ। ନିର୍ମାଣ କାମରେ ପ୍ରତିବନ୍ଧକ ରହିଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରର ସମସ୍ୟା ସମାଧାନ ହେବ।

**ମକର** ପାରିବାରିକ ସ୍ତରରେ ଅତୀତ ଘଟଣାବଳୀର ଆଲୋଡନଜନିତ ମାନସିକ ଅସ୍ଥିରତା ଅନୁଭବ କରିବେ। ଆପଣଙ୍କ କଥାବାର୍ତ୍ତା ଓ ବ୍ୟବହାରରେ ବ୍ୟତିକ୍ରମ ସମସ୍ୟା ସୃଷ୍ଟିର କାରଣ ହେବ। ନିଜ ଲୋକଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବରେ ପରିବର୍ତ୍ତନ ଦୁଶ୍ଚିନ୍ତାର କାରଣ ପାଲଟିବ। ଶ୍ରବଣା ନକ୍ଷତ୍ର ଆଜି ସୁଫଳ ଲାଭକରି ଖୁସି ହେବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବା ହେତୁ ଆଶ୍ୱସ୍ତି ଲାଭ କରିବେ। ବନ୍ଧୁଙ୍କ ସାହାଯ୍ୟ ଲାଭକରି ପୂର୍ବ ସ୍ଥିରୀକୃତ ଯୋଜନାବଦ୍ଧ ନୂତନ କର୍ମାରମ୍ଭ ସମସ୍ୟାମୁକ୍ତ ରହିବ। ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସ୍ଥିତି ମନ୍ଦ ହେବନି। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡି ଚାଲିଲେ ଉପକୃତ ହୋଇପାରିବେ।

**ମୀନ** ରେବତୀ ନକ୍ଷତ୍ର ସକାଶେ ଦିନଟି ବହୁତ ଭଲରେ ଅତିବାହିତ ହେବ। ଯାହା ଆଶା କରୁଛନ୍ତି ତାହା ପାଇବେ ଏବଂ ବନ୍ଧୁବତ୍ସଳ ହୋଇପାରନ୍ତି। କିନ୍ତୁ, ଯେ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ କାମ କରିଚାଲିଲେ ହିଁ ସୁଫଳ ମିଳିବ। ସହକର୍ମୀଙ୍କ ମତପାର୍ଥକ୍ୟ ଯୋଗୁ ପ୍ରଶାସନିକ କ୍ଷେତ୍ରରେ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

ଆଜି ଜୁଲାଇ ୨୩ ତାରିଖ, ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କ ଜନ୍ମ ଦିବସ, ଶ୍ରାବଣ କୃଷ୍ଣ ଚତୁର୍ଦ୍ଦଶୀ ବୁଧବାର। ରାଶିନକ୍ଷତ୍ର–ଆର୍ଦ୍ରା/ମିଥୁନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୨ମି. ଗତେ ଘ. ୦୭.୦୭ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୧୧.୫୩ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁ କାଳ।

## ଜରାଶ୍ରମ ପାଇଖାନାରେ ବୃଦ୍ଧଙ୍କ ଆତ୍ମହତ୍ୟା

ବାସୁଦେବପୁର,୨୨।୭ (ନାରାୟଣ ପ୍ରସାଦ ବାରିକ୍): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ଅପର୍ତ୍ତିପୁର ଗ୍ରାମଠାରେ ଥିବା ଏକ ଜରାଶ୍ରମରେ ରହୁଥିବା ସାଗର ଦାସ(୭୦) ସୋମବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ବୃଦ୍ଧାଶ୍ରମ ପରିସରରେ ଥିବା ଏକ ପାଇଖାନା ଗୃହରେ ସେ ବେକରେ ଗାମୁଛା ଲଗାଇ ଜୀବନ ହାରିଛନ୍ତି। ମୃତ ସାଗରଙ୍କ ଘର ବିଦେଇପୁର ପଞ୍ଚାୟତର ଗଦି ଗ୍ରାମରେ। ଗତ କିଛିମାସ ଧରି ସେ ଏହି ଜରାଶ୍ରମରେ ରହିଆସୁଥିଲେ। କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟା କଲେ, ତାହା ସ୍ପଷ୍ଟ ହୋଇ ନାହିଁ।

# ସିବିଏସ୍‌ଇ ସ୍କୁଲରେ ସିସିଟିଭି

# ଉତ୍ତମ ପଦକ୍ଷେପ

ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ବଡ଼ ପଦକ୍ଷେପ ନେଇଛି। ସିବିଏସ୍‌ଇ ଅନୁବନ୍ଧିତ ବିଦ୍ୟାଳୟରେ ସିସିଟିଭି ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ସିସିଟିଭିଗୁଡିକର ଠିକ୍ କାର୍ଯ୍ୟ ପରିଚାଳନା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାନୁଷ୍ଠାନର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେସବୁ ଲଗାଯିବା ସହ ସର୍ବନିମ୍ନ ୧୫ ଦିନର ଅଡିଓ-ଭିଜୁଆଲ ରେକର୍ଡିଂ ମହଜୁଦ ରହିବ। କେବଳ ବିଦ୍ୟାଳୟର ଟଏଲେଟ୍ ଓ ୱାଶ୍‌ରୁମ୍‌କୁ ଛାଡ଼ି ଅନ୍ୟ ସବୁଠାରେ ସିସିଟିଭି ଲଗାଯିବ ଓ ଅଧିକାରୀମାନେ ଆବଶ୍ୟକସ୍ଥଳେ ଏଗୁଡ଼ିକ ଯାଞ୍ଚ କରିବେ। ସିବିଏସ୍‌ଇର ଏହି ନିଷ୍ପତ୍ତି ଉପରେ ଶିକ୍ଷକ, ଶିକ୍ଷାବିତ୍, ଛାତ୍ରୀ ଓ ଅଭିଭାବକଙ୍କ ମତାମତ ସଂଗ୍ରହ କରାଯାଇଛି। ସମସ୍ତେ ସିବିଏସ୍‌ଇର ଏଭଳି ପଦକ୍ଷେପକୁ ସ୍ୱାଗତ କରିଥିବା ଦେଖାଯାଇଛି।

### ବିଦ୍ୟାଳୟରେ ସିସିଟିଭି ନ ଥିଲେ ତୁରନ୍ତ ଲଗାଯାଉ



ସ୍କୁଲରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ କରିବା ସିବିଏସ୍‌ଇର ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ରାଜ୍ୟର ଅଧିକାଂଶ ସ୍କୁଲରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ଏଯାବତ ଯେଉଁ ବିଦ୍ୟାଳୟଗୁଡିକରେ ସିସିଟିଭି ନାହିଁ ସେମାନେ ତୁରନ୍ତ ଲଗାନ୍ତୁ। ଏହାଦ୍ୱାରା ବିଦ୍ୟାଳୟ ପରିସରର ସମସ୍ତ ଘଟଣା ଆମେ ସିସିଟିଭିରୁ ପାଇପାରିବା। ସିସିଟିଭି ମାଧ୍ୟମରେ ଖେଳପଡିଆଠାରୁ ଆରମ୍ଭ କରି ଶ୍ରେଣୀଗୃହ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଉପରେ ନଜର ରଖିବାକୁ ସୁବିଧା ହେବ।

**- ଅରବିନ୍ଦ ସାହୁ, ଶିକ୍ଷକ, କେନ୍ଦ୍ରୀୟ ବିଦ୍ୟାଳୟ-୪, ଭୁବନେଶ୍ୱର**

### ପିଲାମାନେ ଭୁଲ୍ କରିବାକୁ ଡରିବେ



ସବୁ ସ୍କୁଲରେ ସିସିଟିଭି ଲଗାଯିବା ସହ ତାହାର ଠିକ୍ ପରିଚାଳନା କରିବା ଦରକାର। ସିସିଟିଭି ଥିବାରୁ ପିଲାମାନେ କୌଣସି ଭୁଲ୍ କରିବାକୁ ଡରିବେ। ବର୍ତ୍ତମାନର ପିଲାମାନେ ବିଭିନ୍ନ ପ୍ରକାର ଆପତ୍ତିଜନକ ଘଟଣା ସାଙ୍ଗସାଥୀ ଓ ନିଜ ସହ ଘଟାଉଛନ୍ତି। ସିସିଟିଭି ଦ୍ୱାରା ତାହା ଜଣାପଡ଼ିବା ପରେ ରୋକାଯାଇପାରିବ। ପିଲାଙ୍କ ସୁରକ୍ଷାକୁ ଧ୍ୟାନ ଦେଇ ବିଦ୍ୟାଳୟର ପ୍ରବେଶ ଓ ପ୍ରସ୍ଥାନ ଫାଟକରେ ଅଧିକ ସିସିଟିଭି ଲଗାଯିବ। ସମସ୍ତ ସିସିଟିଭି ତଥ୍ୟ ୧୫ ଦିନ ପର୍ଯ୍ୟନ୍ତ ମହଜୁଦ ରହିବ। ତେଣୁ ନିୟମିତ ଫୁଟେଜ ଯାଞ୍ଚ ହେବା ଦରକାର।

**- ସନ୍ଧ୍ୟା ଜେନା, ଶିକ୍ଷୟିତ୍ରୀ, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର**

### ସ୍କୁଲର ସବୁ ସତ ସିସିଟିଭି ଧରିବ



ବିଦ୍ୟାଳୟରେ ସିସିଟିଭି ଲାଗିବା ଦ୍ୱାରା ସବୁ ଘଟଣାର ସତ୍ୟତା ଜଣାପଡିଯିବ। ପିଲାମାନେ ସଚେତନ ହୋଇଯିବେ। କୌଣସି ଭୁଲ କରିବା ପୂର୍ବରୁ ଚିନ୍ତା କରିବେ। ପିଲାଙ୍କ ଭିତରେ ଝଗଡା କିମ୍ବା ପାଟିତୁଣ୍ଡ ମଧ କମିବ। ପିଲା ସ୍କୁଲରେ ପାଠ ପଢୁଛି କି ନାହିଁ ତା'ର ସମସ୍ତ କାର୍ଯ୍ୟ ଉପରେ ନଜର ରହିବ। ଅଭିଭାବକଙ୍କ ବିଭିନ୍ନ ଅଭିଯୋଗ ଅନୁସାରେ ତା'ର ସବୁ ପ୍ରମାଣ ସିସିଟିଭିରୁ ମିଳିପାରିବ। ସିବିଏସ୍‌ଇର ଏଭଳି ଉତ୍ତମ ପଦକ୍ଷେପ ସ୍ୱାଗତଯୋଗ୍ୟ।

**- ସସ୍ମିତା ସାହୁ, ଅଭିଭାବକ, ଭୁବନେଶ୍ୱର**

### ଶିକ୍ଷକ, ପିଲାଙ୍କ ପାଠପଢ଼ା ଉପରେ ନଜର ରହିବ



ବିଦ୍ୟାଳୟରେ ସିସିଟିଭିର ଗୁରୁତ୍ୱ ରହିଛି। ପିଲାମାନେ ବିଦ୍ୟାଳୟରେ ୬ରୁ ୭ ଘଣ୍ଟା ପର୍ଯ୍ୟନ୍ତ ରହୁଛନ୍ତି। ସେଠାରେ ସେମାନଙ୍କର ସମସ୍ତ ଗତିବିଧିକୁ ନଜର ରଖିବାରେ ସିସିଟିଭି ସହାୟକ ହେବ। ସିସିଟିଭି ରହିଲେ ପିଲାଙ୍କଠାରୁ ଆରମ୍ଭ କରି ଶିକ୍ଷକଙ୍କ ପର୍ଯ୍ୟନ୍ତ ସମସ୍ତେ ସତର୍କ ରହିବେ। ଶ୍ରେଣୀଗୃହରେ ଶିକ୍ଷକଙ୍କ ଶିକ୍ଷାଦାନ ଓ ପିଲାଙ୍କ ପାଠପଢ଼ା ସ୍କୁଲ କର୍ତ୍ତୃପକ୍ଷ ଜାଣିପାରିବେ। ପିଲାମାନେ ବିଦ୍ୟାଳୟକୁ ଆସିବାଠାରୁ ଯିବା ପର୍ଯ୍ୟନ୍ତ ସମସ୍ତ ତଥ୍ୟ ସେଥିରେ ରହିବ। ପରୀକ୍ଷା ପରିଚାଳନା ମଧ ସହଜ ହେବ।

**- ରୀତା ମହାନ୍ତି, ଶିକ୍ଷୟିତ୍ରୀ, ମଦର୍ସ ପବ୍ଲିକ ସ୍କୁଲ, ଭୁବନେଶ୍ୱର**

### ସମସ୍ୟା ସମାଧାନରେ ସିସିଟିଭି ଫୁଟେଜ ଗୁରୁତ୍ୱ ବହନ କରିବ



ସ୍କୁଲରେ ସିସିଟିଭି ସ୍ଥାପନ କରାଯିବା ନେଇ ସିବିଏସ୍‌ଇ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ। ବିଦ୍ୟାଳୟ ପରିବେଶରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ଛାତ୍ରୀଛାତ୍ରଙ୍କ ବିଶୃଙ୍ଖଳିତ ପରିସ୍ଥିତିକୁ ଅଧକ୍ଷମାନେ ସିସିଟିଭି ମାଧ୍ୟମରେ ଜାଣିପାରିବେ। ତା'ର ତର୍ଜମା କରାଯାଇ ବୌଦ୍ଧିକ ଶୃଙ୍ଖଳିତ ଅନୁଶାସନ ପାଇଁ ଉଚିତ ପଦକ୍ଷେପ ନେଇପାରିବେ। ଉତ୍ତମ ପରୀକ୍ଷା ପରିଚାଳନା, ଶିକ୍ଷାଦାନ, ଛାତ୍ରୀଛାତ୍ରଙ୍କ ପ୍ରତି ଶିକ୍ଷୟିତ୍ରୀଶିକ୍ଷକ ବ୍ୟବହାର ଆଦି ସବୁକିଛି ଜଣାପଡ଼ିବ। କେତେକ ସ୍କୁଲରେ ସିସି କ୍ୟାମେରା ଲଗାଇବାରେ ଅବହେଳା ହେଉଥିବା ନଜିର ରହିଛି। ସ୍କୁଲ କର୍ତ୍ତୃପକ୍ଷ ଶୀଘ୍ର ଏହାର ବ୍ୟବସ୍ଥା କରିବା ଦରକାର।

**- ଜଲିଲ ଖାଁ, ଶିକ୍ଷାବିତ୍**

### ସବୁ ଘଟଣା ସହଜରେ ଜାଣିହେବ



ସିସିଟିଭିକୁ ନେଇ ସିବିଏସ୍‌ଇର ନୂଆ ମାର୍ଗଦର୍ଶିକା ସ୍ୱାଗତଯୋଗ୍ୟ। ପୂର୍ବର ଗାଇଡ୍‌ଲାଇନ୍ ଅନୁସାରେ ସ୍କୁଲର କୋଣଅନୁକୋଣରେ ସିସିଟିଭି ଲଗାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ର ସୁରକ୍ଷିତ ମଣୁଛନ୍ତି। କେବଳ କ୍ୟାମେରା ନୁହେଁ, ସ୍କୁଲରେ ଛାତ୍ରୀଛାତ୍ରୀଙ୍କ ସମସ୍ୟାକୁ ଶିକ୍ଷୟିତ୍ରୀଶିକ୍ଷକମାନେ ଗୁରୁତ୍ୱ ଦେଇଥାନ୍ତି। ଏହି କ୍ୟାମେରା ଲଗାଇବା ଓ ଅଡିଓ ଭିଜୁଆଲ ରେକର୍ଡିଂ ଦ୍ୱାରା କେଉଁ ଘଟଣା କେତେବେଳେ ଘଟୁଛି ତାହା ଜାଣିବା ସମ୍ଭବପର ହୋଇପାରିବ।

**- ଶୁଭଶ୍ରୀ ସିଂ, ଶିକ୍ଷୟିତ୍ରୀ, ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ, କଟକ**

### ସମସ୍ତ ସ୍କୁଲ, କଲେଜରେ ଏଭଳି ବ୍ୟବସ୍ଥା ହେବା ଜରୁରୀ



ଏଭଳି ପଦକ୍ଷେପ ବିଶେଷକରି ଛାତ୍ରୀମାନଙ୍କ କ୍ଷେତ୍ରରେ ସହାୟକ ହେବ। ସିସିଟିଭି ଲାଗିବା ଏବଂ ଅଡିଓ ଭିଜୁଆଲ ରେକର୍ଡିଂ ଦ୍ୱାରା ପ୍ରତ୍ୟେକଟି ଭୁଲ ଧରାପଡିଯିବ। ସିସିଟିଭି ସର୍ଭେଲାନ୍ସରେ ରହିଲେ ଛାତ୍ରୀଛାତ୍ରଙ୍କ ମନରେ ଡର ରହିବ। ଏହି ବ୍ୟବସ୍ଥା ସମସ୍ତ ସ୍କୁଲ ଓ କଲେଜରେ କରାଯିବା ନିତାନ୍ତ ଜରୁରୀ।

**- ଆଦ୍ୟାଶା ମିଶ୍ର, ଯୁକ୍ତ୨ ଛାତ୍ରୀ, ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ, କଟକ**

### ସୁରକ୍ଷା ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ପଦକ୍ଷେପ



କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛି। ଏହି ନୂଆ ନିର୍ଦ୍ଦେଶାବଳୀ ଅନୁସାରେ, ସିବିଏସ୍‌ଇ ସହ ଜଡ଼ିତ ସମସ୍ତ ସ୍କୁଲରେ ହାଇ-ରିଜୋଲ୍ୟୁଶନ ସିସିଟିଭି କ୍ୟାମେରା ସ୍ଥାପନ କରାଯିବା ବାଧ୍ୟତାମୂଳକ। ଏଥିରେ ରିୟଲ-ଟାଇମ ଅଡିଓ-ଭିଜୁଆଲ ରେକର୍ଡିଂ କ୍ଷମତା ରହିବ। ଏହି ନିୟମ ସ୍କୁଲ ପରିସରରେ ନିରାପତ୍ତା ବିଶେଷକରି ଅନୁପ୍ରବେଶକାରୀଙ୍କ ବିପଦକୁ ରୋକିବା ପାଇଁ ଲକ୍ଷ୍ୟ ରଖିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଛାତ୍ରୀଛାତ୍ର ଏବଂ ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରିବ। ଖୁବ୍‌ଶୀଘ୍ର ଆମ ବିଦ୍ୟାଳୟରେ ସିବିଏସ୍‌ଇ ଗାଇଡଲାଇନ ଅନୁଯାୟୀ ସିସିଟିଭି ଖଞ୍ଜାଯିବ।

**- ମମତାଞ୍ଜଳି ପଟ୍ଟନାୟକ, ଅଧକ୍ଷା, ସିଗ୍‌ମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା**

### ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନିଶ୍ଚିତ କରିବ



ବିଦ୍ୟାଳୟରେ ଉନ୍ନତ ମାନର ସିସିଟିଭି ଖଞ୍ଜାଯିବା ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହିତ ବିଦ୍ୟାଳୟ ପରିସର ସୁରକ୍ଷାକୁ ନିଶ୍ଚିତ କରିବ। ଏହାବ୍ୟତୀତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚ୍ଚୋଟତା ଏବଂ ନିଷ୍ଠାର ଭାବନା ବିକଶିତ ହେବ। ପରୀକ୍ଷା ସମୟରେ ଅନୈତିକ ଉପାୟ ଅବଲମ୍ବନଠାରୁ ଦୂରେଇ ରହିବାରେ ପିଲାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। ସର୍ବୋପରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବ୍ୟକ୍ତିଗତ ଓ ସାମୂହିକ ଭାବେ ଶିକ୍ଷକ ଏବଂ ବିଦ୍ୟାର୍ଥୀଙ୍କ କାର୍ଯ୍ୟକଳାପ ତଦାରଖ କରିବାରେ ସହାୟକ ହେବ।

**- ଶ୍ରୀହର୍ଷ କୁମାର ପତି, ଶିକ୍ଷକ, ଡିଏଭି ବିଦ୍ୟାଳୟ, ବୁର୍ଲା**

### ଉତ୍ତମ ବ୍ୟବସ୍ଥା



ବିଦ୍ୟାଳୟରେ ଅଡିଓ ଭିଜୁଆଲ୍ ସିସିଟିଭି ଖଞ୍ଜାଯିବା ଏକ ଉତ୍ତମ ବ୍ୟବସ୍ଥା। ଏହାଦ୍ୱାରା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯାଇପାରିବ। ଅନ୍ତତଃ ଅଭିଭାବକମାନେ ନିଜ ସନ୍ତାନଙ୍କ ସୁରକ୍ଷାକୁ ନେଇ ନିଶ୍ଚିନ୍ତ ରହିପାରିବେ। ଏହାବ୍ୟତୀତ ସିସିଟିଭି ନିରୀକ୍ଷଣ ଦ୍ୱାରା ଛାତ୍ରୀଛାତ୍ରଙ୍କ ସହ ବିଦ୍ୟାଳୟରେ ଶିକ୍ଷକମାନେ ମଧ ସତର୍କ ରହିବେ। ତେବେ ପିଲାମାନେ ଏହାର ଯେପରି ଅପବ୍ୟବହାର ନ କରନ୍ତି ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ।

**- ଅକ୍ଷୟ କୁମାର ପଟ୍ଟନାୟକ, ସଭାପତି, ଅଭିଭାବକ ସଂଘ, କେନ୍ଦ୍ରୀୟ ବିଦ୍ୟାଳୟ, ସମ୍ବଲପୁର**

## ନ୍ୟାୟିକ ଅଧିକାରୀଙ୍କ ପରିବାର ସଦସ୍ୟଙ୍କୁ ଚିକିତ୍ସା ପାଇଁ ମିଳିବ ଅଗ୍ରିମ

**ଭୁବନେଶ୍ୱର,୨୨।୭(ରବିନାରାୟଣ ଜେନା)**

ନ୍ୟାୟିକ ଅଧିକାରୀ ତଥା ଅବସରପ୍ରାପ୍ତ ଅଧିକାରୀ ଏବଂ ତାଙ୍କ ଉପରେ ନିର୍ଭର କରୁଥିବା ପରିବାର ସଦସ୍ୟଙ୍କ ଚିକିତ୍ସା କ୍ଷେତ୍ରରେ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେବେ। ଏସଂକ୍ରାନ୍ତରେ ଆଇନ ବିଭାଗ ପକ୍ଷରୁ ଗତ ୧୮ ତାରିଖରେ ଏକ ବିଜ୍ଞପ୍ତି ଜାରି ହୋଇଛି।

ବିଜ୍ଞପ୍ତିରେ ବିଭାଗୀୟ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ ଦର୍ଶାଇଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ୨୦୨୪ ଜାନୁଆରୀ ୪ ଜଜ୍‌ମେଣ୍ଟ ଏବଂ ଜାତୀୟ ନ୍ୟାୟିକ ପେ-କମିଶନଙ୍କ ସୁପାରିସ୍‌କୁ ଆଧାରକରି ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଟି ଫର୍ ସର୍ଭିସ କଣ୍ଡିଶନ ଅଫ୍ ଦି ଡିଷ୍ଟ୍ରିକ୍ଟ ଜୁଡିସିଆରି(ସିଏସ୍‌ସିଡିଜେ) ଗଠନ କରାଯାଇଥିଲା। କମିଟିର ସୁପାରିସ୍‌କ୍ରମେ ଏଣିକି ନ୍ୟାୟିକ ଅଧିକାରୀ, ପୂର୍ବତନ ନ୍ୟାୟିକ ଅଧିକାରୀ, ପେନ୍‌ସନ୍ ନେଉଥିବା ପରିବାର ଏବଂ ସେମାନଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଚିକିତ୍ସା ସମ୍ବନ୍ଧୀୟ ଖର୍ଚ୍ଚ ଅଗ୍ରିମ ନେଇପାରିବେ। ସମ୍ପୃକ୍ତ ପରିବାରର ରୋଗୀ ସରକାରଙ୍କ ସ୍ୱୀକୃତ ତଥା ପ୍ୟାନେଲରେ ଥିବା ହସ୍ପିଟାଲ କିମ୍ବା ଅନ୍ୟ ମେଡିକାଲ ଦ୍ୱାରା ଦିଆଯାଇଥିବା ଆନୁମାନିକ ଖର୍ଚ୍ଚ ରିପୋର୍ଟ ଦାଖଲ କଲେ ସେଠାରୁ ୮୦% ଅଗ୍ରିମ ଭାବରେ ଅର୍ଥ ମଞ୍ଜୁର୍ ହେବ, ଯାହାକି ପ୍ରାଥମିକ ଭାବେ ପ୍ରମୁଖ ଜିଲାଜଜ୍ କିମ୍ବା ସମାନ ମର୍ଯ୍ୟାଦା ଥିବା ଜିଲାଜଜ୍, ଯିଏ ହାଇକୋର୍ଟ ରେଜିଷ୍ଟ୍ରି କିମ୍ବା ନିୟନ୍ତ୍ରଣାଧୀନ ଅଧିକାରୀ/ବିଭାଗ ମୁଖ୍ୟ(ଯେଉଁଠି ଅଧିକାରୀମାନେ ଅନ୍ୟ ବିଭାଗରେ ନିଯୁକ୍ତ କିମ୍ବା ସ୍ୱତନ୍ତ୍ର ୟୁନିଟ୍ ଚଳାଉଛନ୍ତି) ଦ୍ୱାରା ଅଧିକୃତ ଥିବେ ସେମାନେ ଯାଞ୍ଚ କରିବା ପରେ ମଞ୍ଜୁର୍ ଅର୍ଥ ମିଳିବ।

ଏହାବାଦ୍ ମାନ୍ୟତାପ୍ରାପ୍ତ ସିଭିଲ୍ ସର୍ଜନ ବା ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟର ଅଧିକାରୀଙ୍କ ଦ୍ୱାରା ବ୍ୟବହୃତ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ ହେଲାପରେ ବାକି ଅର୍ଥ ପୁନଃଦେୟ ହେବ। ଯଦି ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଖର୍ଚ୍ଚ(କୌଣସି ରୋଗ ପାଇଁ) ନ ମିଳିବ, ତେବେ ସେକ୍ଷେତ୍ରରେ ସଂପୃକ୍ତ ହସ୍ପିଟାଲରେ ଲାଗୁ ହେଉଥିବା ଦର ଲାଗୁହେବ। ଚୂଡ଼ାନ୍ତ ରାଶି ପ୍ରଦାନ ପୂର୍ବରୁ ଠିକ୍‌ଭାବେ ଯାଞ୍ଚ କରାଯିବା ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଅଧିକାରୀଙ୍କ ଏହି ଯାଞ୍ଚ ପ୍ରକ୍ରିୟା ସର୍ବାଧିକ ଏକ ମାସ ମଧ୍ୟରେ ସମାପ୍ତ ହେବା ଦରକାର ବୋଲି ପ୍ରମୁଖ ସଚିବ ବିଜ୍ଞପ୍ତିରେ ଦର୍ଶାଇଛନ୍ତି।

## ମହିଳାଙ୍କ ପ୍ରତି ବଢୁଥିବା ହିଂସା ବିଚଳିତ କଲାଣି: ନବୀନ

**ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)**

ରାଜ୍ୟର ବିଭିନ୍ନ ସ୍ଥାନରୁ ମହିଳାଙ୍କୁ ନେଇ ଆସିଥିବା ଅଭାବନୀୟ ଘଟଣା ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ନବୀନ କହିଛନ୍ତି, ଯାଜପୁରରେ ବଳାତ୍କାର, ଜଗତ୍‌ସିଂହପୁର, ମାଲକାନଗିରିରେ ଗଣବଳାତ୍କାର ଓ ପୁରୀରେ ଯୌନ ନିର୍ଯାତନା ତାଙ୍କୁ ମର୍ମାହତ କରିଛି। ରାଜ୍ୟରେ ମହିଳାଙ୍କ ବିରୋଧରେ ପ୍ରତିଦିନ ଯେଉଁଭଳି ଭାବେ ହିଂସା ବଢିଚାଲିଛି ତାହା ବିଚଳିତ କରିଲାଣି। ନବୀନ ତାଙ୍କ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ମହିଳାଙ୍କ ପାଇଁ ଉଭୟ ସହର ଓ ଗାଁର ରାସ୍ତା ଦିନକୁ ଦିନ ଅସୁରକ୍ଷିତ ହୋଇପଡ଼ିଲାଣି। ସ୍ପଷ୍ଟ ଦିବାଲୋକରେ ମହିଳାଙ୍କ ବିରୋଧରେ ହିଂସା କରାଯାଉଛି। ଜଣେ ଯୁବ ଛାତ୍ରୀ ଯେତେବେଳେ ସ୍କୁଲ, କଲେଜ ଏବଂ ଟ୍ୟୁଶନରୁ ଘରକୁ ଫେରୁଛି ସେ ସୁରକ୍ଷିତ ମନେକରୁନାହିଁ। ଏମାନେ ପ୍ରତିଦିନ ବିପଦର ସାମ୍ନା କରୁଛନ୍ତି। ରାଜ୍ୟରେ ଆଇନକାନୁନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯୌନ ନିର୍ଯାତନା ମାମଲା ବଢ଼ିଚାଲିଛି। ଆମେରିକା ସରକାର ଗତ ମାସରେ ଲେଭେଲ-୨ ପରାମର୍ଶ ଜାରି କରିଥିଲେ। ସେଥିରେ ଓଡ଼ିଶା ସମେତ ଦେଶର ୬ଟି ରାଜ୍ୟର ନାମ ନେଇଥିଲେ। ଏହିସବୁ ରାଜ୍ୟକୁ ଯାଉଥିଲେ ସ୍ୱତନ୍ତ୍ର ଅନୁମୋଦନ ନେବାକୁ ନିଜର କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଗତ ୧୭ ତାରିଖରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ନିର୍ଦ୍ଦେଶନାମା ଜାରି ହୋଇଥିଲା ଯେ, ସନ୍ଧ୍ୟା ସାଢେ ୫ଟା ପରେ କୌଣସି ମହିଳା କର୍ମଚାରୀ କାର୍ଯ୍ୟସ୍ଥଳରେ ରହିବେ ନାହିଁ। ଏହାକୁ ଜନସାଧାରଣରେ ତୀବ୍ର ବିରୋଧ କରାଯିବା ପରେ ପ୍ରଶାସନ ପୁଣି ନିଷ୍ପତ୍ତି ବଦଳାଇଲା। ପୋଲିସ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ରାଜନୈତିକ ଇଚ୍ଛାଶକ୍ତି ବିନା ଏହି ସମସ୍ୟା କେବଳ ବୃଦ୍ଧି ପାଇବ। ରାଜନୈତିକ ନେତୃତ୍ୱକୁ ଏହା ହୃଦୟଙ୍ଗମ କରିବାକୁ ପଡ଼ିବ, ପୋଲିସ ଷ୍ଟେଶନରେ ସ୍ଥାନୀୟ ଦଳୀୟ ନେତାଙ୍କ ହସ୍ତକ୍ଷେପକୁ ଅନୁମତି ଦେବା ଦ୍ୱାରା ରାଜ୍ୟ ସାରା ହିଂସା ବିଶେଷକରି ଲିଙ୍ଗଭିତ୍ତିକ ହିଂସା ସାଧାରଣରେ ପରିଣତ ହେବ। ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥାରେ ପରିବର୍ତ୍ତନକରି ତୁରନ୍ତ କାର୍ଯ୍ୟ କରିବା ଉଚିତ। ବିଜେଡି ମା' ଓ ଭଉଣୀଙ୍କ ସୁରକ୍ଷା ପାଇଁ ସ୍ୱର ଉଠାଇବା ଜାରି ରଖିବ ବୋଲି ନବୀନ ଉଲ୍ଲେଖ କରିଛନ୍ତି।



## ନାରୀ ନ୍ୟାୟ ଆନ୍ଦୋଳନ ଭଣ୍ଡୁର କରିପାରିବେନି ସରକାର : କଂଗ୍ରେସ

**ଭୁବନେଶ୍ୱର,୨୨।୭ (ରବିନାରାୟଣ ଜେନା)**

ବିଜେଡି ସରକାର ଅମଳରେ ରାଜ୍ୟରେ ନାରୀ ନିର୍ଯାତନା ଯାହା ଥିଲା, ତା'ର ରେକର୍ଡ ଏ ସରକାର ଭାଙ୍ଗିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ମଙ୍ଗଳବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ପ୍ରଚାର ମିଡିଆ ଅଧକ୍ଷ ଅରବିନ୍ଦ ଦାସ କହିଛନ୍ତି, ବାଲେଶ୍ୱର ଛାତ୍ରୀଙ୍କ ଆତ୍ମହତ୍ୟା ଓ ବଳଙ୍ଗାରେ ଛାତ୍ରୀପୋଡ଼ି ଘଟଣା ପରେ ଜଗତ୍‌ସିଂହପୁର, ଗୋପାଳପୁର, ନୟାଗଡ଼, ମାଲକାନଗିରି ଘଟଣା ରାଜ୍ୟବାସୀଙ୍କ ମନରେ ଛନକା ସୃଷ୍ଟି କରିଛି। କଂଗ୍ରେସର ନାରୀ ନ୍ୟାୟ ସରକାରଙ୍କ ଉପରେ ଭାରି ପଡୁଛି। ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସରକାରୀ ଭାବେ ବହୁ ଉଦ୍ୟମ ହେଉଛି, ହେଲେ ରାଜ୍ୟବାସୀ ଏସବୁ ଦେଖୁଛନ୍ତି। କଂଗ୍ରେସର ନାରୀ ନ୍ୟାୟ ଆଦୌ ଭଣ୍ଡୁର ହେବନାହିଁ ବୋଲି ଦାସ କହିଛନ୍ତି। ଅରବିନ୍ଦ ପୁଣି କହିଛନ୍ତି, ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତଭାର ଏପରି ଜଣେ ଅଧିକାରୀଙ୍କୁ ନ୍ୟସ୍ତ କରାଯାଇଛି, ଯାହାଙ୍କ ନୈତିକତା ଉପରେ ଏବେ ପ୍ରଶ୍ନ ଉଠିଲାଣି। ସେହିପରି ବଳଙ୍ଗା ନାବାଳିକା ପୋଡ଼ି ଘଟଣାର ଆସାମୀମାନଙ୍କୁ ଗିରଫ କରିବାକୁ ଆଉ କେତେଦିନ ଲାଗିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଉଦିତ୍ ପ୍ରଧାନ ଯଦି ନିର୍ଦ୍ଦୋଷ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କୁ ଦଳରେ ଗ୍ରହଣ କରାଯିବ।

## ବିଜେଡି, କଂଗ୍ରେସ କ୍ଷମା ମାଗନ୍ତୁ: ଭାଜପା

**ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)**

ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ପ୍ରସଙ୍ଗରେ ହୋଇଥିବା ଜନସ୍ୱାର୍ଥ ମାମଲାରେ ହାଇକୋର୍ଟଙ୍କ ଟିପ୍ପଣୀ ୨ ବିରୋଧୀ ବିଜେଡି ଏବଂ କଂଗ୍ରେସର ମୁଖା ଖୋଲିଦେଇଛି। ଘଟଣାରେ ୨ ଦଳ ଯେଉଁଭଳି ରାଜନୀତି ରୁଟି ସେକିବା ପାଇଁ ଆଗଭର ହୋଇ ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରୁଥିଲେ ଏବେ ସେମାନେ ହାଇକୋର୍ଟଙ୍କ ଟିପ୍ପଣୀ ପରେ ଆତ୍ମସମୀକ୍ଷା କରିବା ଆବଶ୍ୟକ। ହାଇକୋର୍ଟ ଏହି ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତରେ ସନ୍ତୁଷ୍ଟି ପ୍ରକାଶ କରିବା ସହ ବିରୋଧୀ ଦଳଗୁଡିକର ଏସ୍‌ଆଇଟି ଏବଂ ନ୍ୟାୟିକ ତଦନ୍ତ ପାଇଁ ଯେଉଁ ଦାବି ଥିଲା ତାହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ହାଇକୋର୍ଟ ହୃଦୟଙ୍ଗମ କରିଛନ୍ତି, ରାଜ୍ୟ ସରକାର ଏହି ଘଟଣାରେ ଯେଉଁଭଳି ତଦନ୍ତ କରିବା କଥା ତାହା ଠିକ୍ ଭାବରେ କରିଛନ୍ତି। କେବଳ ସେତିକି ନୁହେଁ, ଯେଉଁଭଳି ବିରୋଧୀ ଦଳଗୁଡିକ ଓଡ଼ିଶା ବନ୍ଦ ପାଳନକରି ସାଧାରଣ ଲୋକଙ୍କୁ ହଇରାଣ କରିଛନ୍ତି ସେନେଇ ହାଇକୋର୍ଟ ନୋଟିସ କରିଛନ୍ତି। ଏହି ଘଟଣାକୁ ନେଇ ରାଜନୀତି କରୁଥିବା ବିଜେଡି ଏବଂ କଂଗ୍ରେସ ଏବେ କ୍ଷମା ମାଗନ୍ତୁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

## ସରକାର ଚାହୁଁଛନ୍ତି ମହିଳାମାନେ ଘରକୋଣରେ ରୁହନ୍ତୁ: ବିଜେଡି

**ଭୁବନେଶ୍ୱର,୨୨।୭ (ସୁନିତ୍ ମିଶ୍ର)**

ରାଜ୍ୟରେ ଉଦ୍‌ବେଗଜନକ ଭାବେ ନାରୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ମହିଳାମାନେ ଘରକୋଣରେ ରୁହନ୍ତୁ ଓ ବାହାରକୁ ଗୋଡ଼ ନ କାଢ଼ନ୍ତୁ ବୋଲି ଭାଜପା ସରକାର ଚାହୁଁଛନ୍ତି। ଗୋଟିଏ ଦିନରେ ୩ଟି ଜିଲାରେ ବଳାତ୍କାର ଓ ଗଣବଳାତ୍କାର ସହ ପୁରୀରେ ୩ ଭଉଣୀଙ୍କୁ ଅସଦାଚରଣର ସମ୍ମୁଖୀନ ହେବାକୁ ପଡିଛି ବୋଲି ବିଜେଡି ନେତା ପ୍ରଶାନ୍ତ ମୁଦୁଲି କହିଛନ୍ତି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଶାନ୍ତ କହିଛନ୍ତି, ମହିଳାମାନେ ଘରୁ ଗୋଡ଼ କାଢ଼ିବା ଆଉ ସୁରକ୍ଷିତ ନୁହେଁ। ଛାତ୍ରୀ ହେଉ ବା ଗୃହିଣୀ ସମାଜରେ ନିଜକୁ ଆତ୍ମନିର୍ଭର କରିବା ପାଇଁ ଘରୁ ବାହାରକୁ ଆସିବାକୁ ପଡିବ। କିନ୍ତୁ ଦୁର୍ଭାଗ୍ୟର କଥା ରାଜ୍ୟ ଭାଜପା ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ଅସମର୍ଥ। ମାଲକାନଗିରିରେ ୨ଟି ବଳାତ୍କାର ଘଟଣାକୁ ନେଇ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୂର୍ବତନ ବିଧାୟକ ତଥା ଜିଲା ସଭାପତି ମାନସ ମାଡକାମୀଙ୍କ ନେତୃତ୍ୱରେ ଏସ୍‌ପିଙ୍କୁ ଭେଟି ଆଲୋଚନା କରିଛନ୍ତି। ଉପାନ୍ତ ଅଞ୍ଚଳରେ ନାବାଳିକା ଓ ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ବିଜେଡି ସରକାରରେ ମହିଳାଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଥିଲା। କିନ୍ତୁ ରାଜ୍ୟରେ ଭାଜପା ସରକାର ହେବା ଦିନଠାରୁ ମହିଳାମାନେ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ଉତ୍ସବମୁହାଁ ସରକାର ଯଦି ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ନିର୍ଯାତନାରେ ବିରାମ ନ ଲଗାନ୍ତି ଆଗାମୀ ଦିନରେ ସମଗ୍ର ରାଜ୍ୟରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
DRIVER
(PERSONAL)
At - Phulanakhara, Cuttack
Khaiba + Rahiba Free
Salary : 12500/-
MOB : 7809525452

Requirement
Sales Manager-2 nos.
2 year Exp. in Solar Sector
Salary -22k to 28k+ Incentive
Sales Executive -5 nos. (M&F)
Min. 2 year Exp. in Sales.
Salary-15k to 18k + Incentive
Interview Date - 28/07/2025 (MONDAY)
Contact No- 9124614403.
SAURASHAKTI ENTERPRISES PRIVATE LIMITED
ID Market, Nayapalli, Bhubaneswar.

V.N. (AUTO) COLLEGE, JAJPUR ROAD
A WALK IN INTERVIEW will be held at 10 A.M. on 27.07.2025 for different posts, details in website :
www.vnautocollege.in.
Principal

We're HIRING
BUSINESS DEVELOPMENT MANAGER & BUSINESS DEVELOPMENT EXECUTIVE (MALE)
- COMPANY -
SST DEVELOPERS
A Leading Real Estate Company
Location : Flat No. 2001, 2nd Floor, Laxmi Priya Twin City, Pahal, Bhubaneswar
Age : 30 to 35 years / Qualification : MBA in Marketing
Experience : Minimum 5 years in real estate or relevant field
Salary : ₹ 20,000 to ₹ 30,000 per month
(Based on experience & performance)
INTERESTED CANDIDATES CAN CALL : 9777699900

WANTED
Sales Executive - 2 Nos
Qualification : 12th Pass
Computer Knowledge
MAHALAXMI MOBILE
Shop No.-59, Bharatia Tower
Ground Floor, Badambadi, Cuttack
Mobile - 7684862464

See Career Appointment on every Wednesday & Saturday

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
|---|---|---|
| CTP OPERATOR | ▸ Should have experience in CTP plate processing machines operating in print media ▸ Familiarity with plate making equipment and software ▸ Should have expertise in using Altizen, Postrip Express, D Compose, Q Server ▸ Should have basic Computer skills & ability to learn new software techniques. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ- ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ- ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। -ଶ୍ରୀଅରବିନ୍ଦ

-ଶିବ ଚତୁର୍ଦ୍ଦଶୀ
ଓ ବେଢ଼ା



# ନଗଦ ଟଙ୍କାକୁ ଫେରିବା

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଏବେ ନବମ ବର୍ଷରେ ପ୍ରବେଶ କରିଛି। ପ୍ରବଳ ବିରୋଧ ସତ୍ତ୍ୱେ ଏହାକୁ ୧ ଜୁଲାଇ ୨୦୧୭ରେ ଲାଗୁ କରାଯାଇଥିଲା। ଜିଏସ୍‌ଟିଦାତାଙ୍କ ସଂଖ୍ୟା ୨୦୧୭ରେ ୬୭.୮୩ ଲକ୍ଷ ଥିଲାବେଳେ ପାଖାପାଖି ଦୁଇଗୁଣ ବୃଦ୍ଧି ପାଇ ଏବେ ୧ କୋଟି ୫୧ ଲକ୍ଷରୁ ଅଧିକରେ ପହଞ୍ଚିଛି ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ୨୨ ଲକ୍ଷ ୮ ହଜାର କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ ହୋଇଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅତ୍ୟନ୍ତ ଖୁସି ମନରେ ଘୋଷଣା କରୁଛନ୍ତି। କିନ୍ତୁ ଜିଏସ୍‌ଟି ମାଡ଼ ନାଗରିକଙ୍କ ପାଇଁ ଦିନକୁ ଦିନ ଅସହ୍ୟ ହୋଇଯାଉଛି। ଅର୍ଥାତ୍ ତେଲ ଲୁଣଠାରୁ ଆରମ୍ଭ କରି ପ୍ରତ୍ୟେକ ସାମଗ୍ରୀ ଓ ସେବା ଲାଗି ଟିକସ ଦେବାକୁ ପଡୁଛି। ଜିଏସ୍‌ଟିକୁ ସରଳ ଟିକସ ବ୍ୟବସ୍ଥା ବୋଲି କୁହାଯାଇ ଆସୁଛି। ବାସ୍ତବତା ଦେଖିଲେ ଏଥିରେ ଶୂନ, ୫, ୧୨, ୧୮ ଏବଂ ୨୮ ପ୍ରତିଶତର ଜଟିଳ କର ଲାଗୁ କରାଯାଉଥିବାରୁ ବ୍ୟବସାୟୀମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏପରିକି ଅନେକ ସାମଗ୍ରୀ ଓ ସେବାରେ ସିଧାସଳଖ ବିଲ୍ ଉପରେ ଜିଏସ୍‌ଟି ଲଗାଯାଇ ନ ଥିଲେ ମଧ୍ୟ ସେହି ଟିକସ ପୂର୍ବରୁ ନେଇ ନିଆଯାଉଛି। ନିକଟରେ କର୍ନାଟକରେ ଜଣେ ପରିବା ଦୋକାନୀଙ୍କୁ ଦିଆଯାଇଥିବା ଜିଏସ୍‌ଟି ନୋଟିସ ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ହାଭେରି ମ୍ୟୁନିସିପାଲ ହାଇସ୍କୁଲ ପଡ଼ିଆ ନିକଟରେ ଛୋଟ ପରିବା ଦୋକାନ କରିଥିବା ଶଙ୍କରଗୌଡ ହଦିମନି ୨୯ ଲକ୍ଷ ଟଙ୍କାର ଜିଏସ୍‌ଟି ନୋଟିସ ପାଇଛନ୍ତି। ତାଙ୍କ କହିବା କଥା ଚାରି ବର୍ଷ ହେଲା ସେ ଏହି ଦୋକାନ କରିଛନ୍ତି ଓ ଅଧିକାଂଶ ଗରାଖ ୟୁପିଆଇ କିମ୍ବା ଅନ୍ୟ ଡିଜିଟାଲ ୱାଲେଟରେ ତାଙ୍କୁ ଟଙ୍କା ଦେଉଛନ୍ତି। ହଦିମନିଙ୍କ ଅଭିଯୋଗ ଯେ, ୪ ବର୍ଷରେ ସେ ମୋଟ ୧ କୋଟି ୬୩ ଲକ୍ଷ ଟଙ୍କା କାରବାର କରିଥିବାରୁ ତାଙ୍କ ପାଖକୁ ଜିଏସ୍‌ଟି ଅଧିକାରୀମାନେ ଏଭଳି ନୋଟିସ ପଠାଇଛନ୍ତି। ଦେଖିବାକୁ ଗଲେ ସ୍ଥାନୀୟ କୃଷକଙ୍କଠାରୁ ସେ ତଟକା ପନିପରିବା ଆଣି ବିକ୍ରି କରନ୍ତି। ଉଲ୍ଲେଖନୀୟ ଯେ, ତଟକା ପନିପରିବା, ଫଳ ଓ କ୍ଷୀର ଭଳି ସାମଗ୍ରୀ ଜିଏସ୍‌ଟିରୁ ମୁକ୍ତ। ଏପରିକି ସେ ପ୍ରତିବର୍ଷ ଆୟ କର ମଧ୍ୟ ଦେଇଥାନ୍ତି। ହେଲେ ୨୯ ଲକ୍ଷ ଟଙ୍କା ଜିଏସ୍‌ଟି ଦେବା ପାଇଁ ସେ ଅକ୍ଷମତା ପ୍ରକାଶ କରିଛନ୍ତି। ଏଥିସହିତ ଜିଏସ୍‌ଟିର ନିୟମ ଦେଖିଲେ ସେ ଏଭଳି ପରୋକ୍ଷ କର ଲାଗି ଯୋଗ୍ୟ ନୁହନ୍ତି। ତେବେ ଜଣେ ପରିବା ବେପାରୀଙ୍କ ଉପରେ ଜିଏସ୍‌ଟି ଲାଗୁ ହେଲା କେମିତି। ଭାତହାଣ୍ଡିରୁ ଗୋଟିଏ ଚିପିଲେ ସିଝିଛି କି ନାହିଁ ଯେମିତି ଜଣାପଡ଼େ, ଏବେ ସେମିତି ଜିଏସ୍‌ଟିର ସ୍ୱଚ୍ଛତା ଓ କାର୍ଯ୍ୟକାରିତା ଜଣାପଡୁଛି।

ହଦିମନିଙ୍କ ଉପରେ ଏବେ ୨୯ ଲକ୍ଷ ଟଙ୍କା ଜିଏସ୍‌ଟି ନୋଟିସ୍ ଆସିବା ପୂର୍ବରୁ ବେଙ୍ଗାଲୁରୁର ବହୁ ରାସ୍ତାକଡ଼ ବେପାରୀ ଜିଏସ୍‌ଟିର ଚକ୍ରବ୍ୟୂହରେ ପଡ଼ିଆସିଛନ୍ତି, ଯାହା ଏଭଳି ଚର୍ଚ୍ଚାକୁ ଆସି ନ ଥିଲା। ତେବେ ହଦିମନିଙ୍କ ଘଟଣାରୁ ସ୍ପଷ୍ଟ ହେଉଛି ଯେ, ଡିଜିଟାଲ ପେମେଣ୍ଟ ଯଥା ଫୋନ୍‌ପେ, ଗୁଗୁଲ୍‌ପେ, ପେଟିଏମ୍ ଭଳି ଅନେକ ଆପ୍ ନିର୍ଭରଶୀଳ ଅର୍ଥ ପ୍ରଦାନ ମଞ୍ଚ ଦ୍ୱାରା କ୍ଷୁଦ୍ର ବ୍ୟବସାୟୀମାନେ ବଡ଼ ହଇରାଣରେ ପଡୁଛନ୍ତି। ତାଙ୍କୁ ନୋଟିସ ଦେବା ପୂର୍ବରୁ ଜୁଲାଇ ୧୭ରେ କର୍ନାଟକ ଜିଏସ୍‌ଟି ବିଭାଗ ତରଫରୁ କୁହାଯାଇଥିଲା ଯେ, ଡିଜିଟାଲ ପେମେଣ୍ଟଠାରୁ ଦୂରେଇ ରହି ନଗଦ କାରବାର କଲେ ମଧ୍ୟ ଗ୍ରହଣ କରୁଥିବା ମୋଟ ଆୟ ଉପରେ କର ଲାଗୁ କରାଯିବ। ଏଥିରୁ ବୁଝାପଡୁଛି ଯେ, ହଦିମନି ନୋଟିସ ପାଇବା ପୂର୍ବରୁ କେତେକ ଛୋଟ ଦୋକାନୀ କିମ୍ବା ରାସ୍ତାକଡ଼ ବିକାଳି ଜିଏସ୍‌ଟି ଭୟରେ ନଗଦ କାରବାରକୁ ଗ୍ରହଣ କରିନେଇଛନ୍ତି। ଉଦାହରଣ ସ୍ୱରୂପ ବେଙ୍ଗାଲୁରୁ ଭଳି ଡିଜିଟାଲ ପେମେଣ୍ଟର ଦୁର୍ଗରେ ଏବେ ଅଧିକ ନଗଦ କାରବାର ବଢ଼ିଛି । ସେଠାରେ ଛୋଟ ଦୋକାନୀ ଓ ରାସ୍ତାକଡ଼ ବିକାଳିମାନେ 'ୟୁପିଆଇ ନୁହେଁ, କେବଳ ନଗଦ' ଗ୍ରହଣୀୟ ବୋଲି ଲେଖି ଦୋକାନ ଆଗରେ ନୋଟିସ୍ ଲଟ୍‌କେଇ ଦେଇଛନ୍ତି। ଯାହା ଧାରା ଦେଖାଗଲାଣି ଏହା ଓଡ଼ିଶା ସମେତ ଅନେକ ରାଜ୍ୟର ବ୍ୟବସାୟୀଙ୍କୁ ଆଜି ନ ହେଲେ କାଲି ନିଶ୍ଚିତ ଭାବେ ହଇରାଣ କରିବ। ଯେଉଁ ଅର୍ଥନୀତିରେ ନଗଦ ଭୂମିକାକୁ ଗୌଣ କରିଦିଆଯିବ, ସେଠାରେ କ୍ଷୁଦ୍ର, ମଧ୍ୟମ ଶ୍ରେଣୀର ବ୍ୟବସାୟୀ ଓ ନାଗରିକ ଅଧିକ ନକାରାତ୍ମକ ଭାବେ ପ୍ରଭାବିତ ହେବା ସୁନିଶ୍ଚିତ। ଏହା ଏଥିପାଇଁ କୁହାଯାଉଛି ଯେ, ଏଭଳି ଅର୍ଥନୀତିରେ ଥିବା ନଗଦ ଟଙ୍କା କେବଳ ବଡ଼ ବ୍ୟବସାୟୀ ଓ ଶିଳ୍ପପତିଙ୍କଠାରେ ଠୁଳ ହୋଇ ରହିବ। ସାଧାରଣ ନାଗରିକ ଟଙ୍କା ଦେଖିବାର ସୁଯୋଗ ପାଇବେ ନାହିଁ। ଯାହା ବ୍ୟବସାୟ ହେବ ତାହା ଡିଜିଟାଲ ମାଧ୍ୟମରେ ଦିଆନିଆ ହେଲେ କେବଳ କାଳ୍ପନିକ ବା ନୋଶନାଲ୍ କାରବାରରେ ପରିଣତ ହେବ। ଭାରତରେ ସେହି ଅବାସ୍ତବ ପରିସ୍ଥିତି ସୃଷ୍ଟି ହୋଇଯାଇଛି ଏବଂ ସରକାର ସବୁବେଳେ ଚାପ ପକାଉଛନ୍ତି। ଯେତେବେଳେ କର୍ନାଟକ ଭଳି ସମସ୍ୟାର ମାଡ଼ ଆରମ୍ଭ ହେବ ସେତିକି ବେଳେ ସାଧାରଣ ନାଗରିକ ନଗଦର ଗୁରୁତ୍ୱ ବୁଝିପାରିବେ। ତେବେ ହଦିମନିଙ୍କ ଘଟଣା ପ୍ରଘଟ ହେବା ପରେ ଛୋଟିଆ ଦୋକାନୀମାନେ ଆହୁରି ସଜାଗ ହେବା କଥା। ଦୋକାନୀ କେଉଁ ଜିନିଷ ବିକ୍ରି କରୁଛନ୍ତି ତାହା ନ ପରଖି ଡିଜିଟାଲ ପେମେଣ୍ଟ କାରବାରକୁ ଅନିଶା କରି ଆଖିବୁଜି ଜିଏସ୍‌ଟି କଷିଦେବାର ନକାରାତ୍ମକ ପରିଣାମ ସାରା ଦେଶକୁ ଗ୍ରାସ କରିବା ନିଶ୍ଚିତ। ଅବଶ୍ୟ ଅନେକ ବ୍ୟବସାୟୀ ଏହି ଯନ୍ତାରୁ ମୁକୁଳିବାର ସୁଯୋଗ ପାଇପାରନ୍ତି। କିନ୍ତୁ ମିଳିଥିବା ନୋଟିସ୍‌ର ଉତ୍ତର ଦେବାକୁ ହେବ ଏବଂ ଅନେକ ଥର ଜିଏସ୍‌ଟି ଅଫିସ୍‌କୁ ଯିବାକୁ ପଡ଼ିବ। ସେଥିରେ ସମୟ ଓ ଶକ୍ତି ନଷ୍ଟ ହେବା ସହିତ ଓକିଲ କିମ୍ବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ଉତ୍ତର ଲେଖେଇବା ବେଳେ ନଗଦ ଟଙ୍କା ଦେଇ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ।

ଜିଏସ୍‌ଟି ଲାଗୁ କରାଯିବାର ଦୁଇ ବର୍ଷ ପୂର୍ବରୁ ଠିକ୍ ୧ ଜୁଲାଇ ୨୦୧୫ରେ ଡିଜିଟାଲ ଇଣ୍ଡିଆ ଅଭିଯାନ ଆରମ୍ଭ କରାଯାଇଥିଲା। କିନ୍ତୁ ଡିଜିଟାଇଜେଶନ କ୍ଷେତ୍ରରେ ଭାରତରେ ନାଗରିକ ତଥା ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ସୁରକ୍ଷା ଦିଆଯାଇପାରୁନାହିଁ। ଆଧାରଠାରୁ ଆରମ୍ଭକରି ପାନ୍ କାର୍ଡକୁ ବ୍ୟାଙ୍କ ଓ ଅନ୍ୟାନ୍ୟ ସେବା ସହ ଯୋଡ଼ିବା ଫଳରେ ସାଇବର ଅପରାଧୀମାନେ ଅନେକ ଜମାକାରୀଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଲୁଟି ନେବା ସହ ବ୍ୟବସାୟିକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ତେବେ ଡିଜିଟାଲ ପେମେଣ୍ଟରୁ ରାସ୍ତାକଡ଼ ଦୋକାନୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ମୁହଁ ଫେରାଇନେବା ପୁନର୍ବାର ଭାରତ କ୍ୟାଶ୍‌ଲେସ ବଦଳରେ ନଗଦ କାରବାରକୁ ଫେରିଯିବାର ଆଭାସ ମିଳୁଛି।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 5 | | | | 4 | | 9 | 8 | |
| | | | | | 8 | | 7 | 2 |
| | | | | | 1 | | | 4 |
| | | | | | | 7 | | |
| | | 6 | 8 | | | | 5 | |
| | | 4 | 7 | | 6 | 8 | | |
| | | | 3 | | | | | |
| 3 | 5 | 2 | | | | 4 | | |
| 8 | | | | | | | 1 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 4 | 1 | 6 | 5 | 7 | 2 | 9 |
| 1 | 6 | 7 | 9 | 3 | 2 | 5 | 4 | 8 |
| 2 | 9 | 5 | 8 | 4 | 7 | 3 | 1 | 6 |
| 7 | 4 | 2 | 6 | 5 | 8 | 9 | 3 | 1 |
| 8 | 1 | 6 | 3 | 7 | 9 | 4 | 5 | 2 |
| 9 | 5 | 3 | 2 | 1 | 4 | 8 | 6 | 7 |
| 5 | 2 | 1 | 7 | 8 | 3 | 6 | 9 | 4 |
| 6 | 3 | 8 | 4 | 9 | 1 | 2 | 7 | 5 |
| 4 | 7 | 9 | 5 | 2 | 6 | 1 | 8 | 3 |

ଗତକାଲିର ଉତ୍ତର

# ବ୍ୟକ୍ତିତ୍ୱ ଆକଳନ



ଛାୟାକାନ୍ତ ଷଡ଼ଙ୍ଗୀ

ଆମେ ସାଧାରଣତଃ ସ୍ଥାନ, କାଳ ଓ ପାତ୍ରର ସୀମା ଭିତରେ ହିଁ ଯେ କୌଣସି ବିଷୟ ବୁଝିବା ପାଇଁ ଚେଷ୍ଟା କରିଥାଉ। ଏହିସବୁକୁ ଆଧାର କରି ଆମେ ବିଭିନ୍ନ ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱକୁ ଆକଳନ କରୁ। ବେଳେବେଳେ ଜଣକର ଚେହେରା, କଥାବାର୍ତ୍ତା ଓ ଆଚରଣକୁ ଭିତ୍ତିକରି ତା' ସମ୍ପର୍କରେ ବିଭିନ୍ନ ଧାରଣା କରିଥାଉ। ମାତ୍ର ସେସବୁ ଧାରଣା ବେଳେବେଳେ ଭ୍ରମାତ୍ମକ ହୋଇପାରେ। ଜଣେ ଶାନ୍ତ ସୌମ୍ୟ ଦେଖାଯାଇପାରେ, ମାତ୍ର ଅନ୍ତରରେ ହୋଇପାରେ କ୍ରୂର ଓ ଭୟଙ୍କର। ଠିକ୍ ସେହିପରି ଜଣେ ଭୟଙ୍କର ଦେଖାଯାଇପାରେ, ମାତ୍ର ହୃଦୟରେ ହୋଇଥାଇପାରେ କୋମଳ ଓ ଦୟାର୍ଦ୍ର। ଏଣୁ ବିଶିଷ୍ଟ ନାଟ୍ୟକାର ସେକ୍ସପିଅର କହିଥିଲେ, ''ALL THAT GLITTERS IS NOT GOLD'' ଅର୍ଥାତ୍ ସୁନା ଚକ୍‌ଚକ୍ କରେ, ମାତ୍ର ଯାହା କିଛି ଚକ୍‌ଚକ୍ କରେ ସେସବୁ ସୁନା ନୁହେଁ। ଏଣୁ କୌଣସି ବ୍ୟକ୍ତିର ଚରିତ୍ର ଆକଳନ କଲାବେଳେ ଆମେ ହଠାତ୍ କୌଣସି ଉପସଂହାରରେ ପହଞ୍ଚିବା ଠିକ୍ ନୁହେଁ। ତାକୁ ଠିକ୍ ଭାବରେ ବୁଝିବା ପାଇଁ ତା'ର ବ୍ୟକ୍ତିତ୍ୱର ଏକ ନିର୍ଦ୍ଦିଷ୍ଟ ଦିଗକୁ ବା ସୀମିତ ସମୟର ଆଚରଣକୁ ତର୍ଜମା ନ କରି ତା'ର ବ୍ୟକ୍ତିତ୍ୱର 'ସମଗ୍ର'କୁ ବିଶ୍ଳେଷଣ କରିବାକୁ ହେବ। ଏହି ପ୍ରସଙ୍ଗରେ ବିଶିଷ୍ଟ ଲେଖକ ମନୋଜ ଦାସ ତାଙ୍କର ଏକ ଆଲେଖ୍ୟରେ ଏକ ଘଟଣାକୁ ମନେ ପକାଇଦେଇଥିଲେ।

ଜଣେ ସମ୍ଭ୍ରାନ୍ତ ଯୁବକଙ୍କ ଜୀବନର କଥା। ସେ ଚାକିରି କରୁଥିଲେ। ଅଫିସରୁ ତାଙ୍କର କିଛି ପ୍ରାପ୍ୟ ମିଳିବାରେ ଅହେତୁକ ବିଳମ୍ବ ହେବାରୁ ସେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଚିଠିଦ୍ୱାରା ଜଣାଇଥିଲେ। ତା' ସତ୍ତ୍ୱେ ବିଳମ୍ବ ହୁଅନ୍ତେ ସେ ସେହି ସାହେବଙ୍କୁ ସାକ୍ଷାତ କରିବାକୁ ଚାହିଁଲେ। ଅଫିସରେ ପହଞ୍ଚି ଦେଖିଲେ ସାହେବଙ୍କ କୋଠରି ସମ୍ମୁଖରେ ଅର୍ଦ୍ଦଳି ନାହାନ୍ତି। ଅନେକ ସମୟ ଅପେକ୍ଷା କଲାପରେ ଅର୍ଦ୍ଦଳି ନ ଆସିବାରୁ ସେ ସାହେବଙ୍କ କୋଠରି ଭିତରକୁ ପଶିଗଲେ। ଅବଶ୍ୟ ସାହେବଙ୍କ ସହ ତାଙ୍କର ପୂର୍ବରୁ ପରିଚିତି ଥିଲା। ଯୁବକଜଣକ ସାହେବଙ୍କୁ ନମସ୍କାର କରି ତାଙ୍କ ଦୃଷ୍ଟି ଆକର୍ଷଣ କଲେ। ସାହେବ ତାଙ୍କ ମୁହଁ ଟିକିଏ ଉପରକୁ ଉଠାଇ ତାଙ୍କୁ ଅନାଇଲେ, କିନ୍ତୁ ନୀରବ ରହିଲେ। ଯୁବକଜଣକ ଅନେକ ସମୟ ଠିଆହୋଇ ରହିବା ପରେ ମଧ୍ୟ ହାକିମ୍ କିଛି ନ ପଚାରନ୍ତେ ଯୁବକ ଜଣକ ବାଧ୍ୟ ହୋଇ କହିଲେ, ''ଆଜ୍ଞା! ମୋର କିଛି ପ୍ରାପ୍ୟ ପାଇ ନ ଥିବାରୁ ମୁଁ ଆପଣଙ୍କୁ ଏକ ନିବେଦନ ପତ୍ର ଦେଇଥିଲି। ଆପଣ ବିହିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ତା'ସତ୍ତ୍ୱେ ଆପଣଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ



ହେଉନାହିଁ।'' ସାହେବ ମୁଣ୍ଡ ଉଠାଇ ଅନ୍ୟମନସ୍କ ଭାବରେ ପଚାରିଲେ, ''କ'ଣ କହିଲେ?'' ଯୁବକ ଜଣକ ତାଙ୍କ ବକ୍ତବ୍ୟର ପୁନରାବୃତ୍ତି କଲେ। ପୁଣି ସାହେବ ପୂର୍ବବତ୍ ନୀରବ ରହନ୍ତେ ଯୁବକଜଣକ ମନେ ମନେ ଭୀଷଣ ରାଗିଗଲେ। ସେ ସାହେବଙ୍କ ଏପରି ଆଚରଣକୁ ଅସୌଜନ୍ୟମୂଳକ ଭାବିନେଲେ। ସେ ଧରିନେଇଗଲେ ସାହେବ ଜଣକ ହେଉଛନ୍ତି ଅଭଦ୍ର। ଶେଷରେ ''ଠିକ୍ ଅଛି, ମୁଁ ଯାଉଛି'' କହି ଅଫିସରୁ ରାଗିଯାଇ ବାହାରି ଆସିଲେ। ସେ ଫେରିଯାଉଥିବାବେଳେ ଫାଟକରେ ସାହେବଙ୍କ ଅର୍ଦ୍ଦଳି ସହ ଦେଖାହେଲା। ଅର୍ଦ୍ଦଳି ଜଣକ ପଚାରିଲା, ''ବାବୁ, ଆପଣ ସାହେବଙ୍କ କୋଠରି ଭିତରୁ ବାହାରି ଆସିବାର ମୁଁ ଦେଖିଲି। ସାହେବ କଥାବାର୍ତ୍ତା କଲେ?'' ଯୁବକ ଜଣକ କହିଲେ, ''ତୁମ ସାହେବଙ୍କ ସାଧାରଣ ସୌଜନ୍ୟବୋଧ ନାହିଁ। ସେ ମୂକ ପାଲଟି ଯାଇଛନ୍ତି।'' ଅର୍ଦ୍ଦଳି କହିଲା, ''ବାବୁ, ଆପଣ ଭୁଲ୍ ବୁଝିଛନ୍ତି। ଆଜି ସକାଳେ ତାଙ୍କର ଏକମାତ୍ର ପୁଅର ଅକାଳ ମୃତ୍ୟୁ ଘଟିଛି। ସେଥିପାଇଁ......।'' ଯୁବକ ଜଣକ ସ୍ତବ୍ଧ ହେଲେ ଓ ତାଙ୍କ ଭୁଲ୍‌ଧାରଣା ପାଇଁ ଦୁଃଖିତ କହି ଚାଲିଗଲେ। ଯଦି ସେହି ଅର୍ଦ୍ଦଳି ସହ ଯୁବକର ସାକ୍ଷାତ ହୋଇ ନ ଥାନ୍ତା, ସେ ଧରିନେଇଥାନ୍ତେ ସାହେବ ଜଣେ ଅଭଦ୍ର ଓ ଅହଙ୍କାରୀ ବ୍ୟକ୍ତି। ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟ ଉପରେ ପର୍ଯ୍ୟବସିତ ତାଙ୍କ ଧାରଣା ସମ୍ପୂର୍ଣ୍ଣ ଭୁଲ୍ ଥିଲା। ପ୍ରକୃତରେ ସେ ଥିଲେ ଉଦାର ଓ ସହୃଦୟ ବ୍ୟକ୍ତି। ପୁତ୍ର ମୃତ୍ୟୁଜନିତ ଦୁଃଖରେ ସେ ନିର୍ବାକ ହୋଇଯାଇଥିଲେ। ଏଣୁ କୌଣସି ବ୍ୟକ୍ତିର ସାମୟିକ ଚାଲିଚଳନ, କଥାବାର୍ତ୍ତା ଓ ଚେହେରା ଆଦିକୁ ଭିତ୍ତିକରି ତା'ର ବ୍ୟକ୍ତିତ୍ୱର ଆକଳନ କରିବା ଠିକ୍ ନୁହେଁ।

ଯେତେବେଳେ ଆମେ ଜଣେ ବ୍ୟକ୍ତି ବିଷୟରେ କୌଣସି ଧାରଣା କରୁ ଆମେ ତା'ର ଚେହେରା, ହାବଭାବ, କଥାବାର୍ତ୍ତା ଆଦିକୁ ପ୍ରାଥମିକ ଉପାଦାନ ଭାବରେ ବିଚାର କରୁ। ସେହି ଚେହେରା ବା ସେହି କଣ୍ଠସ୍ୱର ଯଦି ଆମ ସ୍ମୃତିରେ ଆଉ କାହାରି ସହ ସାମଞ୍ଜସ୍ୟ ରକ୍ଷା କରୁଥିବ ସେହି ବ୍ୟକ୍ତି ସମ୍ପର୍କରେ ଆମର ଯାହା ଧାରଣା ଥିଲା ତାହା ବର୍ତ୍ତମାନର ବ୍ୟକ୍ତି ସମ୍ପର୍କରେ ଆମ ଧାରଣାକୁ ପ୍ରଭାବିତ କରିବ। କିନ୍ତୁ ତାହା ଠିକ୍ ହୋଇ ନ ପାରେ। ଆମ ଭିତରେ ଶ୍ରଦ୍ଧା ଉଦ୍ରେକ କରୁଥିବା ଜଣେ ବ୍ୟକ୍ତି ଆଉ ଜଣକ ଭିତରେ ଘୃଣା ଉଦ୍ରେକ କରିପାରେ। ଏହି ପ୍ରସଙ୍ଗରେ କେହି ଜଣେ ଚିନ୍ତାନାୟକ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ। ଯେତେବେଳେ ତିନିଜଣ ଲୋକ ଏକତ୍ର ହୁଅନ୍ତି, ସେତେବେଳେ ତହିଁ ନଅ ଜଣ ଉପସ୍ଥିତ ଥାନ୍ତି। ପ୍ରଥମ ତିନିଜଣ ହେଲେ ପ୍ରତ୍ୟେକଙ୍କ ସମ୍ପର୍କରେ ଅନ୍ୟ ଦୁଇଜଣଙ୍କର ଧାରଣାସମ୍ଭୂତ ବ୍ୟକ୍ତି। ଦ୍ୱିତୀୟ ତିନିଜଣ ହେଲେ ନିଜ ନିଜ ସମ୍ପର୍କରେ ପ୍ରତ୍ୟେକଙ୍କ ଧାରଣାସମ୍ଭୂତ ବ୍ୟକ୍ତି। ଶେଷ ତିନିଜଣ ହେଲେ ପ୍ରକୃତରେ ସେମାନେ ଯାହା। ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡରେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିକୁ ଭିତ୍ତିକରି କାହାରି ବ୍ୟକ୍ତିତ୍ୱ ଆକଳନ କରିବା କଷ୍ଟକର ବ୍ୟାପାର। ଏହାର କାରଣ ଜୀବନର ବିବିଧ ଅଭିଜ୍ଞତା ଭିତରେ ପ୍ରତ୍ୟେକ ବ୍ୟକ୍ତି ତା' ଚେତନାରେ ବିକଶିତ ହେଉଥାଏ।

ମଣିଷ ମାତ୍ରେ ଉଭୟ ସୁଗୁଣ ଓ ଦୁର୍ଗୁଣର ସମାହାର। କେହି ସମ୍ପୂର୍ଣ୍ଣ ଦୋଷଶୂନ୍ୟ ନୁହନ୍ତି। ଏଣୁ ଆମେ ଅନ୍ୟ ସମ୍ପର୍କରେ କିଛି କହିବାବେଳେ ଏକ ବାସ୍ତବ ଦୃଷ୍ଟିକୋଣ ପୋଷଣ କରିବା ଉଚିତ। ଏହି ଦୃଷ୍ଟିକୋଣ ଉଭୟ ଅସ୍ତିସୂଚକ ଓ ନାସ୍ତିସୂଚକ ଦୃଷ୍ଟିଭଙ୍ଗୀଠୁ ଭିନ୍ନ। ଜଣେ ବ୍ୟକ୍ତିର ଅନେକ ଦୋଷ ଦୁର୍ବଳତା ଥାଇପାରେ। ଆମେ ତାକୁ ନକାରାତ୍ମକ ଦୃଷ୍ଟିରେ ନ ଦେଖି ଯଦି ଭାବିବା ଯେ ସେ କୌଣସି ପରିସ୍ଥିତିର ଚାପରେ ପଡି ହୁଏତ କିଛି ଅପ୍ରତ୍ୟାଶିତ କୁକର୍ମ କରିଥାଇପାରେ, ତେବେ ତାହା ହେବ ବାସ୍ତବଧର୍ମୀ ଦୃଷ୍ଟିକୋଣ। ଧରିନିଆଯାଉ ମୁଁ ଜଣେ ନୂଆ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲି। କ୍ରମେ ତାଙ୍କ ସହ ମୋର ସମ୍ପର୍କ ବଢ଼ିଲା ଓ ମୁଁ ତାଙ୍କୁ ଜଣେ ବିଶ୍ୱସ୍ତ ବ୍ୟକ୍ତି ଭାବିଲି। ଯଦି ପରବର୍ତ୍ତୀ ସମୟରେ ସେ ଦୈବାତ୍ ମୋ ପ୍ରତି ବିଶ୍ୱାସଘାତକତା କରେ ମୁଁ ଭାଙ୍ଗିପଡ଼ିବି। ସେ ନିର୍ଭରଯୋଗ୍ୟ ହୋଇପାରେ, ସେ ବିଶ୍ୱସ୍ତ ହୋଇପାରେ, ପ୍ରତାରଣା ମଧ୍ୟ କରିପାରେ- ଏଭଳି ସମସ୍ତ ସମ୍ଭାବନା ସମ୍ବଳିତ ଦୃଷ୍ଟିଭଙ୍ଗୀ ନେଇ ଯଦି ମୁଁ ତା' ସଙ୍ଗେ ସମ୍ପର୍କ ରଖେ ଓ ସେ ଯଦି ପ୍ରତାରଣା କରେ ମୁଁ ହତାଶ ହେବି ନାହିଁ। ଏହା ହିଁ ବାସ୍ତବ ଦୃଷ୍ଟିଭଙ୍ଗୀ, କାରଣ କୌଣସି ବ୍ୟକ୍ତିର ସମଗ୍ରକୁ ଯଥାର୍ଥ ଭାବରେ ବୁଝିବା ସମ୍ଭବ ନୁହେଁ। ନକାରାତ୍ମକ ଦୃଷ୍ଟିଭଙ୍ଗୀ ଆମଭିତରେ ମଣିଷ ପ୍ରତି ଅନାସ୍ଥାଭାବ ବିକଶିତ କରିବ; ତଦ୍ୱାରା ଜୀବନରେ ଶାନ୍ତି ବ୍ୟାହତ ହେବ। ଏଣୁ ବାସ୍ତବ ଦୃଷ୍ଟିଭଙ୍ଗୀ ହିଁ ଶାନ୍ତିପୂର୍ଣ୍ଣ ଜୀବନଯାପନର ସହାୟକ ହୁଏ।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ
ଟିଟିଲାଗଡ
ମୋ:୯୪୩୭୩୨୯୨୬୩

## ଏଇ ଭାରତରେ

ଦୂରଦର୍ଶନରେ ଖବର ପଢୁଥିଲେ ଡ. ଜିଏସ୍ ରୋଶନି। ସେ ଏବେ ଖବରପଢ଼ା ଛାଡ଼ି ସାପ ଉଦ୍ଧାର ଭଳି ପୁରୁଷପ୍ରଧାନ କାର୍ଯ୍ୟରେ ପ୍ରବେଶ କରଛନ୍ତି। ସେ ମଧ୍ୟ କେରଳର ପ୍ରଥମ ସାପ ଉଦ୍ଧାରକାରୀ ମହିଳା ଭାବେ ସ୍ୱୀକୃତି ପାଇଛନ୍ତି। ସେ କେରଳ ଜଙ୍ଗଲ ବିଭାଗ ତରଫରୁ ଲାଇସେନ୍ସ ମଧ୍ୟ ପାଇଛନ୍ତି। ଏବେସୁଦ୍ଧା ସେ ୮୦୦ରୁ ଅଧିକ ସାପ ଉଦ୍ଧାର କରିସାରିଲେଣି, ଯେଉଁଥିରେ ରହିଛନ୍ତି ଗୋଖର, ଅହିରାଜ, ରଣା ଓ ଜଙ୍ଗଲୀ ବୋଡ଼ା ଭଳି ବିଷଧର ସାପ। ସବୁଠୁ ଲମ୍ବା ୧୬ ଫୁଟର ଅହିରାଜ ମଧ୍ୟ ଧରିପାରିଛନ୍ତି। ଏହି ସାପଗୁଡ଼ିକ ଧରି ସେ ଜଙ୍ଗଲରେ ଛାଡୁଛନ୍ତି। ଏବେ ତ୍ରିଭେନ୍ଦ୍ରମରେ ଏକ ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରି ତା' ମାଧ୍ୟମରେ ସାପ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଜୁଲାଇ ୧୯୭୬

- ଦୀର୍ଘ ୧୧ ବର୍ଷର ବ୍ୟବଧାନ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ରେଳ ଚଳାଚଳ ଆରମ୍ଭ।
- କଳା, ସାହିତ୍ୟ, ସଂସ୍କୃତ ଏବଂ କ୍ରୀଡ଼ା କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଭାରତ-କ୍ୟୁବା ମଧ୍ୟରେ ଏକ ସାଂସ୍କୃତିକ ଚୁକ୍ତି ସ୍ୱାକ୍ଷରିତ।
- ୧୧ ବର୍ଷ ପରେ ଥାଇଲାଣ୍ଡରେ ଆମେରିକାର ସାମରିକ ପରିସ୍ଥିତି ଅବସାନ ଘଟିଛି।

## ଚିରନ୍ତନୀ

ଅପୂର୍ଣ୍ଣ କେତେ ବାସନା
ଗଭୀର ଶତ ଭାବନା
ବାଜି ଉଠିବ ଗୋ ଶୁଭ ମିଳନର ତାରେ,
ସବୁ ଦୁରାଶା ଅଶାନ୍ତି
ସକଳ ଯାତନା ଭ୍ରାନ୍ତି
ନିଭିଯିବ ନିଘଞ୍ଚ ଏ ଘୋର ଅନ୍ଧକାରେ ।
-(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପ୍ରକୃତ ଦେଶଭକ୍ତି



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଦେଶଭକ୍ତି ଓ ଦେଶଦ୍ରୋହ; ଏ ଦୁଇଟି ଶବ୍ଦକୁ ସାଧାରଣ ଲୋକ ବୁଝିବା ତ ଦୂରର କଥା, ସଚେତନ ନାଗରିକ ଓ ଆମର ବୁଦ୍ଧିଜୀବୀମାନେ ମଧ୍ୟ ଠିକ୍ ରୂପେ ବୁଝିପାରନ୍ତି ନାହିଁ। ଦେଶଭକ୍ତି ଅର୍ଥ କେବଳ ଦେଶକୁ ଭଲପାଇବାର ଏକ ଆବେଗ ଭିତରେ ସୀମିତ ହେବା ଉଚିତ ନୁହେଁ, ବରଂ ଦେଶବାସୀଙ୍କ ସହିତ ସମସ୍ତ ମାନବ ଜାତିର ସେବା କରିବାର ମାନସିକତା ହେବା ଆବଶ୍ୟକ। ଦେଶକୁ ଯେମିତି ଭଲପାଉଛ, ସେମିତି ଦେଶର ଲୋକମାନଙ୍କୁ ମଧ୍ୟ ଭଲପାଇବା ହେଉଛି ପ୍ରକୃତ ଦେଶଭକ୍ତି। ଏହି ପରିପ୍ରେକ୍ଷୀରେ ହିନ୍ଦୁ ଯୁବ ସମ୍ପ୍ରଦାୟକୁ ଲକ୍ଷ୍ୟ କରି ସ୍ୱାମୀ ବିବେକାନନ୍ଦ କହିଥିଲେ, ''ହେ ଯୁବଗଣ! ହିନ୍ଦୁର ଆଦର୍ଶ ଓ ତ୍ୟାଗର ଧ୍ୱଜାକୁ କେବେ ଅବନତ କରିବ ନାହିଁ କିମ୍ବା ଶାସ୍ତ୍ରର ଅର୍ଥକୁ କଦାପି କଦର୍ଥ କରିବ ନାହିଁ।''

ଦେଶଭକ୍ତିର ପ୍ରକୃତ ଅର୍ଥ ହେଉଛି ନିଜ ଦେଶକୁ ଭଲପାଇବା, ତାର ସଂସ୍କୃତି, ଇତିହାସ ଓ ପରମ୍ପରାକୁ ସମ୍ମାନ ଜଣାଇବା। ଦେଶର ବିକାଶ ଓ ସମୃଦ୍ଧି ପାଇଁ ବ୍ରତୀ ହେବା ଏବଂ ଏହାର ସୁରକ୍ଷା ପାଇଁ ସଚେତନ ରହିବା। ଦେଶଭକ୍ତି ଆମକୁ ଏକତ୍ରିତ କରେ ଏବଂ ମିଳିମିଶି କାମ କରିବା ପାଇଁ ପ୍ରେରିତ କରେ। ଦେଶର ନାଗରିକମାନେ ଦେଶକୁ ଭଲ ପାଇବା ଅର୍ଥ; ଦେଶକୁ ଆହୁରି ଉନ୍ନତ କରି ଗଢ଼ି ତୋଳିବା ପାଇଁ ଚେଷ୍ଟାରତ ହେବା। ତେବେ ପ୍ରଶ୍ନଉଠେ, ଆମେ ଦେଶଭକ୍ତ ବୋଲି କିପରି ପ୍ରମାଣ ଦେବା ? ଦେଶର ସମ୍ବିଧାନ ଦ୍ୱାରା ନିର୍ଦ୍ଧାରିତ ଆଇନଗୁଡ଼ିକୁ ପାଳନ କରି, ଦେଶର ବିକାଶରେ ଯୋଗଦାନ ଦେଇ, ଦେଶର ଅନ୍ୟ ନାଗରିକମାନଙ୍କୁ ସହାନୁଭୂତି ପ୍ରଦର୍ଶନ କରି, ସେମାନଙ୍କ ସହ ମିତ୍ରତା ସ୍ଥାପନ କରି ଏବଂ ପରିଶେଷରେ ଦେଶର ସଂସ୍କୃତି ଓ ପରମ୍ପରାକୁ ପର ପିଢ଼ି ପର୍ଯ୍ୟନ୍ତ ପହଞ୍ଚେଇ ପାରିଲେ, ଆମେ ଜାଣିବା ଯେ ଆମେ ପ୍ରକୃତ ଦେଶଭକ୍ତ।

ଦେଶଭକ୍ତିର ଆରମ୍ଭ ନିଜ ମାତୃଭୂମି ପ୍ରତି ପ୍ରେମରୁ ହୁଏ। ନିଜ ଦେଶର ପ୍ରାକୃତିକ ସୌନ୍ଦର୍ଯ୍ୟ, ବିବିଧ ଭୌଗୋଳିକ ଅବସ୍ଥିତି ଏବଂ ସଂସାଧନର ପ୍ରଶଂସା କରିବା ହେଉଛି ନିଜ ଦେଶକୁ ଭଲପାଇବା; ଯାହା ନିଜ ଦେଶକୁ ଅନେକ ଦେଶ ମଧ୍ୟରେ ଅଦ୍ୱିତୀୟ ବୋଲି ପ୍ରମାଣିତ କରେ। ଆମ ଭାଷା, ପରମ୍ପରା, ଚାଲିଚଳଣି, ରୀତିନୀତି ଯାହା ପିଢ଼ି ପରେ ପିଢ଼ି କେଉଁ ଆବହମାନ କାଳରୁ ଚାଲିଆସୁଛି, ତାକୁ ଆପଣେଇବା ଏବଂ ଏହାକୁ ଉତ୍ସବ ରୂପେ ପାଳନ କରିବା ଦ୍ୱାରା ଦେଶର ନାଗରିକମାନଙ୍କ ଭିତରେ ଏକତା ବୃଦ୍ଧି ପାଏ।

ଦେଶଭକ୍ତିର ଭବ୍ୟ ପରିଦର୍ଶନ ଦେଶର ରାଷ୍ଟ୍ରୀୟ ଉତ୍ସବ, ପାରେଡ଼ରେ ପ୍ରଦର୍ଶିତ ହୁଏ; ମାତ୍ର ଦେଶଭକ୍ତିର ମୂଳତତ୍ତ୍ୱ ନିତିଦିନିଆ ଜୀବନରେ ଘଟୁଥିବା ଛୋଟ ଛୋଟ ଘଟଣାରେ ନିହିତ ଥାଏ। ଦୟା ମନୋଭାବ, ସାଥୀ ନାଗରିକଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଏବଂ ମାନବିକ ମୂଲ୍ୟବୋଧଗୁଡ଼ିକୁ ବଞ୍ଚାଇ ରହିବାର ପ୍ରତିବଦ୍ଧତା; ଏସବୁକୁ ହିଁ ତ ଦୈନିକ ଜୀବନରେ ଦେଶଭକ୍ତିର ଅଭିବ୍ୟକ୍ତି ବୋଲି କୁହାଯାଇପାରିବ। ଗୋଟିଏ ଦେଶରେ



ବାସ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ମତରେ ଭିନ୍ନତା ରହିବା ସ୍ୱାଭାବିକ। ପରସ୍ପର ଭିତରେ ସାଂସ୍କୃତିକ, ଧାର୍ମିକ ଏବଂ ବୈଚାରିକ ମତଭେଦକୁ ସମ୍ମାନ ଜଣାଇବା ହିଁ ପରିପକ୍ୱ ଏବଂ ସମାବେଶୀ ଦେଶଭକ୍ତିର ପ୍ରମାଣ ଅଟେ। ଏକ ଏଭଳି ପରିବେଶ ସୃଷ୍ଟି ହେବା ଆବଶ୍ୟକ, ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ନିଜକୁ ମୂଲ୍ୟବାନ୍, ସ୍ୱୀକୃତ, ସ୍ୱାଧୀନ ଏବଂ ସୁରକ୍ଷିତ ଅନୁଭବ କରିବେ।

ପ୍ରକୃତିର ଯତ୍ନ ନେବା ମଧ୍ୟ ଦେଶଭକ୍ତିର ଅନ୍ୟ ଏକ ଅଭିବ୍ୟକ୍ତି। କାରଣ ପ୍ରକୃତି ସହିତ ମାନବ ସ୍ୱାସ୍ଥ୍ୟର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ପ୍ରକୃତିର ସୁରକ୍ଷା ସହ ଏହାର ସଂରକ୍ଷଣର ଉପାୟ ଏକ ଦେଶଭକ୍ତର କର୍ତ୍ତବ୍ୟ ଓ ଦାୟିତ୍ୱ। ଶିକ୍ଷା ଓ ଜ୍ଞାନର ଅଭିବୃଦ୍ଧି ରାଷ୍ଟ୍ରର ଭବିଷ୍ୟତ ନିର୍ମାଣରେ ସହାୟକ ହୁଏ। ଶିଖିବାକୁ ମହତ୍ତ୍ୱ ଦେବା ଏବଂ ଶିକ୍ଷଣ ପଦ୍ଧତିକୁ ସମର୍ଥନ କରି ବୌଦ୍ଧିକ ଜିଜ୍ଞାସାକୁ ପ୍ରୋତ୍ସାହନ ଦେଇ ବ୍ୟକ୍ତି ଦେଶର ବିକାଶରେ ଯୋଗଦାନ ଦେଇପାରିବ। ଏକ ଦାୟିତ୍ୱବାନ୍ ଉପଭୋକ୍ତା ରୂପେ ଯଥେଷ୍ଟ ପରିଶ୍ରମ କରିବା, ସମୟାନୁଯାୟୀ କର ପଇଠ କରି ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ମଧ୍ୟ ଦେଶଭକ୍ତ।

ଦେଶଭକ୍ତିର ସବୁଠାରୁ ବଡ଼ ପ୍ରମାଣ ହେଲା, ଦେଶଦ୍ରୋହ ନ କରିବା କିମ୍ବା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଦେଶଦ୍ରୋହୀ କାର୍ଯ୍ୟକଳାପରେ ଜଡ଼ିତ ନ ହେବା। ଅକ୍ସଫୋର୍ଡ ଆଡ୍‌ଭାନ୍ସ ଲର୍ନର ଶବ୍ଦକୋଷ ଅନୁସାରେ, 'ଯଦି କୌଣସି ବ୍ୟକ୍ତି ନିଜର ବ୍ୟବହୃତ ଶବ୍ଦ କିମ୍ବା କାର୍ଯ୍ୟ ମାଧ୍ୟମରେ ସରକାରଙ୍କୁ ବିରୋଧ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରେ, ତେବେ ତାକୁ ଦେଶଦ୍ରୋହ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯିବ।' ଆଇନ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ଦେଶଦ୍ରୋହର ପରିଭାଷା ଖୁବ୍ ଜଟିଳ, କାରଣ ସମୟ ସମୟରେ ଏହାର ଦୁରୁପଯୋଗ ହେବାର ସମ୍ଭାବନା ମଧ୍ୟ ରହିଥାଏ। ଏହାକୁ ରୋକିବା ପାଇଁ ଆଇପିସି (ବର୍ତ୍ତମାନ ବିଏନ୍‌ଏସ୍) ଭାରତୀୟ ନ୍ୟାୟ ସଂହିତାର ଦେଶଦ୍ରୋହ ସମ୍ବନ୍ଧୀୟ ଧାରାଗୁଡ଼ିକରେ ପରିବର୍ତ୍ତନ ଅଣାଗଲା। ଦେଶର ସୁରକ୍ଷା ପ୍ରତି ବିପଦ ଥିବା ଯେକୌଣସି କାର୍ଯ୍ୟ ସହ ସମ୍ପୃକ୍ତ ହେଲେ ତାହା ଦେଶଦ୍ରୋହ କୁହାଯିବ। ଆଇନ ଅନୁସାରେ ଦେଶଦ୍ରୋହ ଭଳି ଅପରାଧ ପାଇଁ କଠୋର ଦଣ୍ଡବିଧାନ ଯେପରିକି ଆଜୀବନ କାରାଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି। ଦେଶ ବିରୋଧରେ ଲେଖିବା, କହିବା, ସଂକେତ ଦେବା, କୌଣସି ଭୁଲ୍ ତଥ୍ୟର ଅପପ୍ରଚାର କରିବା, ବିଦ୍ରୋହ କରିବା ଏବଂ ହିଂସା ଓ ଘୃଣା ବିସ୍ତାର କରିବାକୁ ଚେଷ୍ଟା କରିବା ଆଦି କାର୍ଯ୍ୟ ଦେଶଦ୍ରୋହ ଭିତରେ ଗଣାହୁଏ। ଦେଶର ଗୁପ୍ତତଥ୍ୟ ବିଦେଶୀମାନଙ୍କୁ ଦେବା, ଦେଶ ବିରୋଧରେ ଯୁଦ୍ଧ ଉଦ୍ଦେଶ୍ୟରେ ଅସ୍ତ୍ରଶସ୍ତ୍ର ସଂଗ୍ରହ କରିବା, ତିଆରି କରିବା ବା ଲୁଚାଇବାକୁ ଚେଷ୍ଟା କରୁଥିବା ଆରୋପୀର ଦୋଷ ପ୍ରମାଣିତ ହେଲେ ୧୦ ବର୍ଷ କିମ୍ବା ଆଜୀବନ ଜେଲଦଣ୍ଡ ଭୋଗିବାର ସମ୍ଭାବନା ରହିଛି।

ଦେଶ ପ୍ରତି ସରଳ ତଥା ଗଭୀର ପ୍ରେମ ପ୍ରଦର୍ଶନ ହେଉଛି ଦେଶଭକ୍ତି। ଏହା ଏକ ସ୍ଥିର ଅବଧାରଣା ନୁହେଁ, ଏହା ସମାଜର ବୃଦ୍ଧି ଏବଂ ପରିବର୍ତ୍ତନ ସହ ବିକଶିତ ହୁଏ। ନିଜର ଦୈନନ୍ଦିନ ଜୀବନରେ ଦେଶଭକ୍ତିର ସିଦ୍ଧାନ୍ତଗୁଡ଼ିକୁ ଆପଣେଇ ରାଷ୍ଟ୍ରର ସାମୂହିକ ହିତ ସାଧନରେ ଯୋଗଦାନ ଦେଲେ ଆଗାମୀ ପିଢ଼ିଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି ଆଶା କରାଯାଏ।

ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନଅର ଏବେ ଗ୍ରାଣ୍ଡ ସେଣ୍ଟର

ମହାଶୟ,

ପୁରୀ ରାଜନଅରର କିଛି ସ୍ଥାନ ପ୍ରବେଶ ପଥ ପାଇଁ ଛାଡ଼ି ବିଗତ କିଛିବର୍ଷ ହେଲା ସମ୍ମୁଖଭାଗ ଭଙ୍ଗାଯାଇ ଗ୍ରାଣ୍ଡ ସେଣ୍ଟରରେ ବିପଣୀମାଳା ସହ ହୋଟେଲ ଚାଲିଛି। ଆଗପରି ଆଉ ରାଣୀନଅର ନାହିଁ। ତା'ର ଆଗପଟ ଭାଙ୍ଗି ବିଭିନ୍ନ ଦୋକାନକୁ ଭଡ଼ାରେ ଦିଆଯାଇଛି। ଏବେ ନାମକୁ ମାତ୍ର ରାଜନଅର ବିଦ୍ୟମାନ ଯହିଁରେ ଗଜପତି ପରିବାର ସହ ବସବାସ କରୁଛନ୍ତି। ତାଙ୍କ ଜେଜେବାପା ଗଜପତିର ମାନ ମର୍ଯ୍ୟାଦା ରକ୍ଷାକରି ୭/୮ଟି ହାତୀ ଓ ୮/୧୦ଟି ଘୋଡ଼ା ରଖି ସେମାନଙ୍କ ଲାଳନପାଳନ କରୁଥିଲେ। ଗଜପତି ତାମଯାନରେ ରଥଯାତ୍ରାରେ ରଥ ଉପରକୁ ଯାଇ ମହାପ୍ରଭୁଙ୍କ ରଥ ଉପରେ ଛେରାପହଁରା କରିବାକୁ ଗଲାବେଳେ ସୁସଜ୍ଜିତ ହାତୀଟିଏ ସମ୍ମୁଖରେ ଧୀର ପଦକ୍ଷେପରେ ଗତି କରୁଥିବାର ଦୃଶ୍ୟ ମନଲୋଭା, ଯାହା ଏବେ ଶୋଭାପାଉଛି। କ୍ରମଶଃ ସରକାର ମନ୍ଦିର ପରିଚାଳନା ନିମନ୍ତେ ଗଜପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ, ଯାହା ଏ ପର୍ଯ୍ୟନ୍ତ ରହିଛି। ଗଜପତି ମହାପ୍ରଭୁଙ୍କ ପ୍ରଥମ ସେବକ ପଦବୀ ଲାଭ କରିଥିବା ବେଳେ ଶିଳ୍ପପତି ରୂପେ କାଳାତିପାତ କରିବା ଗ୍ରହଣୀୟ ହେଉନାହିଁ।

-ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୨।୭
(ସତ୍ୟଜିତ୍ ରାଉତ)

ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀରେ ରହୁଥିବା କଟକ ଜିଲା ଆଠଗଡ ଅଞ୍ଚଳର ସଞ୍ଜୀବ କୁମାର ବେହେରା (୩୫)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନୟାପଲ୍ଲୀ ଥାନା ଅଞ୍ଚଳର ପୀଡିତା ଜଣକ ୨୦୧୯ରୁ ଭୁବନେଶ୍ୱରର ଏକ ଲାଇବ୍ରେରିରେ ପାଠପଢ଼ା ସମୟରେ ସଞ୍ଜୀବଙ୍କ ସମ୍ପର୍କରେ ଆସିଥିଲେ। ଅଭିଯୁକ୍ତ ତାଙ୍କୁ ବିବାହ କରିବାକୁ କହି ବିଭିନ୍ନ ହୋଟେଲକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଏତଲାକ୍ରମେ ମେ’ ୨୯ରେ ମହିଳା ଥାନା ମାମଲା (ନଂ.୧୩୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

## ଉଦିତ୍‌ଙ୍କ ସହଯୋଗୀ ଆୟୁଷ୍ମାନ ଗିରଫ

ଭୁବନେଶ୍ୱର,୨୨।୭
(ସତ୍ୟଜିତ୍ ରାଉତ)

**ଛାତ୍ରୀଙ୍କୁ ବଳାତ୍କାର ମାମଲାରେ ଭିନ୍ନ ମୋଡ**

- ପୀଡ଼ିତାଙ୍କ ବୟାନ ଆଧାରରେ ମାମଲାରେ ଦିଗ ବଦଳିଲା
- ଲାଗିଲା ଗଣବଳାତ୍କାର ଦଫା

ଜଣେ ଛାତ୍ରୀଙ୍କୁ ମୃଦୁ ପାନୀୟରେ ନିଶା ଦେଇ ବଳାତ୍କାର ମାମଲାରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଗିରଫ ଘଟଣା ଭିନ୍ନ ମୋଡ ନେଇଛି। ବଳାତ୍କାର ମାମଲା ଗଣବଳାତ୍କାରକୁ ବଦଳିଛି। ପୀଡିତା ଦେଇଥିବା ଏତଲାରେ ପ୍ରଥମେ କେବଳ ଉଦିତ୍ ଅଭିଯୁକ୍ତ ହୋଇଥିବାବେଳେ ପରେ ଉକ୍ତ ହୋଟଲରେ ଥିବା ଆୟୁଷ୍ମାନ ସାହୁ ସହଅଭିଯୁକ୍ତ ହୋଇଛନ୍ତି। ମଞ୍ଚେଶ୍ୱର ଥାନା ପୋଲିସ ଆୟୁଷ୍ମାନଙ୍କୁ ଗିରଫ କରିଛି। ସୋମବାର ବିଳମ୍ବିତ ରାତିରେ ଆୟୁଷ୍ମାନଙ୍କୁ ପୋଲିସ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୨ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆୟୁଷ୍ମାନଙ୍କ ଘର ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳର ହୋଇଥିବାବେଳେ ସେ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ବି.ଟେକ୍ ଛାତ୍ର। ପୀଡିତା ଜଣକ ଥାନା ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଆଗରେ ବୟାନ ଦେଇଥିଲେ। ଉକ୍ତ ବୟାନରେ ଆୟୁଷ୍ମାନ ମଧ୍ୟ ଏହି ଆପରାଧିକ କାର୍ଯ୍ୟରେ ସହଯୋଗ କରିଥିବା ଜଣାପଡ଼ିଥିଲା। ଏହାପରେ


ଆୟୁଷ୍ମାନ ସାହୁ

ମାମଲାରେ ଲାଗିଥିବା ବିଏନ୍‌ଏସ୍ ଦଫା ବଳାତ୍କାର-୬୪(୧)କୁ ଗଣବଳାତ୍କାର-୭୦(୧)କୁ ବଦଳିଛି। ଅଭିଯୋଗ ଅନୁଯାୟୀ, ପୀଡିତା ଓ ତାଙ୍କର ଜଣେ ସାଙ୍ଗ ଆୟୁଷ୍ମାନଙ୍କ ସହ ଗତ ମାର୍ଚ୍ଚ ୧୮ ସନ୍ଧ୍ୟାରେ ମାଷ୍ଟରକ୍ୟାଣ୍ଟିନକୁ ବୁଲିବାକୁ ଯାଇଥିଲେ। ଏହାପରେ ସେଠାରେ ଉଦିତ୍ ସେମାନଙ୍କ ଗାଡ଼ିରେ ବସିବା ସହ ସମସ୍ତେ ମଞ୍ଚେଶ୍ୱରସ୍ଥିତ ହୋଟେଲକୁ ଯାଇଥିଲେ। ସେଠାରେ ଉଦିତ୍ ଓ ଅନ୍ୟମାନେ ମଦ୍ୟପାନ କରିଥିଲେ। ପୀଡ଼ିତା ମଦ୍ୟପାନ କରିବାକୁ ମନା କରିବାରୁ ଉଦିତ୍ ତାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ପିଇବାକୁ ଦେବା ପରେ ତାଙ୍କ ମୁଣ୍ଡ ବୁଲେଇଥିଲା। ସେ ଘରକୁ ଯିବାକୁ ଚେଷ୍ଟା କରିବାରୁ ଉଦିତ୍ ଓ ଆୟୁଷ୍ମାନ ତାଙ୍କୁ ଛାଡ଼ି ନ ଥିଲେ। ସେ ଚେତାଶୂନ୍ୟ ହୋଇଯିବା ପରେ ଉଦିତ ତାଙ୍କୁ ବଳାତ୍କାର କରିଥିଲେ। ପ୍ରାୟ ୩୦ ମିନିଟ ପରେ ତାଙ୍କ ଆଖି ଖୋଲିବାରୁ ଘଟଣା ବିଷୟରେ ସେ ଜାଣିପାରିଥିଲେ। ପୋଲିସ ଉଦିତଙ୍କୁ ରବିବାର ଗିରଫ କରି ସୋମବାର କୋର୍ଟଚାଲାଣ କରିବା ପରେ ସେ ଏବେ ଜେଲରେ ଅଛନ୍ତି।

## ନାବାଳିକାଙ୍କୁ ଗଣବଳାତ୍କାର, ୪ ଗିରଫ


ବିଜେଡି କର୍ମୀମାନେ ମାଲକାନଗିରି ଏସ୍‌ପିଙ୍କୁ ଭେଟି ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଦାବି କରୁଛନ୍ତି।

ମାଲକାନଗିରି,୨୨।୭
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଜଣେ ନାବାଳିକା ସାଙ୍ଗ ଜନ୍ମଦିନ ପାଳନ ଲାଗି ଯାଇଥିବା ବେଳେ ସୋମବାର ତାଙ୍କୁ ଗଣବଳାତ୍କାର କରାଯାଇଛି। ମଙ୍ଗଳବାର ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପୃଥକ୍ ଭାବେ ୨ଟି ମାମଲା ରୁଜୁକରି ୪ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଅଛନ୍ତି ମଧ୍ୟପ୍ରଦେଶର ଟ୍ରକ୍ ଡ୍ରାଇଭର ଶୁଭମ୍ ସିଂ। ତାଙ୍କ ନାମରେ ନଂ.୩୬୩/୨୫ରେ ମାମଲା ରୁଜୁ କରାଯାଇଛି। ସେହିପରି ଅନ୍ୟ ୩ଜଣ ହେଲେ ମନୋଜ ହରିଜନ, ରୋହିତ କୁମାର ହିଆଲ ଓ ବୀର ଭରତିଆ। ଏମାନଙ୍କ ନାମରେ ନଂ.୩୬୪/୨୫ରେ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ସମ୍ପୃକ୍ତ ନାବାଳିକା ସାଙ୍ଗର ଜନ୍ମଦିନ ପାଳନ ଲାଗି ତାଙ୍କ ଘରକୁ ଯାଇଥିଲେ। ସେଠାରୁ ସେ ଫେରିବା ବେଳେ ପ୍ରଥମେ ତାଙ୍କୁ ରାସ୍ତାରେ ଏକୁଟିଆ ଦେଖି ମନୋଜ, ରୋହିତ ଓ ବୀର ବଳାତ୍କାର କରିଥିଲେ। ସେଠାରୁ ସେ କୌଣସିମତେ ଗାଁକୁ ଫେରୁଥିବା ବେଳେ ଜଣେ ଟ୍ରକ୍ ଡ୍ରାଇଭର ମଧ୍ୟପ୍ରଦେଶର ସେଭମ୍ ତାଙ୍କୁ ଜବରଦସ୍ତ ରାସ୍ତାରୁ ଉଠାଇ ନେଇ ମାଲକାନଗିରି ସହରଠାରୁ ପ୍ରାୟ ୧୫ କି.ମି ଦୂର ଜୟପୁରକୁ ସଂଯୋଗ କରୁଥିବା ନଂ.୩୨୬ ଜାତୀୟ ରାଜପଥ ବିଜାଘାଟି ଗ୍ରାମ ନିକଟ ଜଙ୍ଗଲରେ ବଳାତ୍କାର କରିଥିଲେ। ସେଠାରେ ନାବାଳିକାଙ୍କ ଚିତ୍କାର ଶୁଣି ନିକଟସ୍ଥ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରୀମାଇନା ପରେ ଶକ୍ତି ସଦନ ସେଣ୍ଟରରେ ରଖିଥିଲା। ଅନ୍ୟପକ୍ଷରେ ନାବାଳିକା ଜଣକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି ପରେ ଘଟଣା ସମ୍ପର୍କରେ ସୂଚନା ପାଇ ସୋମବାର ରାତିରେ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ମଙ୍ଗଳବାର ସକାଳେ ନାବାଳିକାଙ୍କ ପରିବାରବର୍ଗ ଘଟଣାର ସମସ୍ତ ବିଷୟ ଜାଣିବା ପରେ ପୁନର୍ବାର ଥାନାରେ ଗଣବଳାତ୍କାର ସମ୍ପର୍କରେ ଜଣାଇବା ସହ ଏଥିରେ ଅନ୍ୟ କେତେଜଣ ଯୁବକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ତେଜିଛି ରାଜନୀତି। ବିରୋଧୀ ବିଜେଡି ଓ କଂଗ୍ରେସ କର୍ମୀମାନେ ଏସ୍‌ପି ଏବଂ ଥାନା ଅଧିକାରୀଙ୍କୁ ଭେଟି ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି। ନ୍ୟାୟ ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଡାକ୍ତରଙ୍କ ବିରୋଧରେ ଷ୍ଟାଫ୍ ନର୍ସଙ୍କ ଏତଲା

ଭୁବନେଶ୍ୱର,୨୨।୭
(ସତ୍ୟଜିତ୍ ରାଉତ)

**ମାନସିକ, ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ**

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଆନାସ୍ଥେସିଆ ବିଭାଗ ମୁଖ୍ୟଙ୍କ ବିରୋଧରେ ଜଣେ ଷ୍ଟାଫ୍ ନର୍ସ ମାନସିକ ଓ ଶାରୀରିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏନେଇ ପୀଡିତା ଜଣକ ମଙ୍ଗଳବାର ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଏକ ମାମଲା (ନଂ.୪୨୪/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ଦେଢ଼ବର୍ଷ ହେଲା ବିଭିନ୍ନ କାରଣକୁ ନେଇ ଡାକ୍ତର ଜଣକ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଛନ୍ତି। ତେବେ ବିଭିନ୍ନ ଫୋରମରେ ଅଭିଯୋଗ ଆଣି ନିରାଶ ହେବା ପରେ ସେ ପୋଲିସର ଦ୍ୱାରସ୍ଥ ହୋଇଥିବା ଏତଲାରେ ଦର୍ଶାଇଛନ୍ତି। ଏନେଇ ଅଧିକ ତଦନ୍ତ କରାଯାଉଥିବା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

## ଗୋଟିଏ ଗାଁର ୨ ଅଭିଯୁକ୍ତଙ୍କୁ ଗିରଫକଲା ପୋଲିସ

**ଦଳିତ ଯୁବତୀଙ୍କୁ ବଳାତ୍କାର ମାମଲା**

ଜଗତ୍‌ସିଂହପୁର, ୨୨।୭
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅଞ୍ଚଳର ଜଣେ ଦଳିତ ଯୁବତୀଙ୍କୁ ସୋମବାର ରାତିରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ଏନେଇ ମାମଲା (ନଂ. ୫୩୭/୨୫) ରୁଜୁକରାଯାଇ ଅଧିକ ତଦନ୍ତ ଜାରି ରହିଛି। ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ତଥା ଏହି ଥାନା ଅନ୍ତର୍ଗତ କୋଦଳ ପଳସା ତଳସାହିର ପ୍ରୀତିରଞ୍ଜନ ବେହେରା ଓରଫ ଚିକୁ(୨୩)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅନ୍ୟତମ ଅଭିଯୁକ୍ତ ଏହି ଗାଁର କାର୍ତ୍ତିକ ମାଝୀ(୨୧)ଙ୍କୁ ପୋଲିସ ମଙ୍ଗଳବାର ରାତିରେ ଗିରଫ କରିଛି। ଡାକ୍ତରୀମାଇନା ପରେ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ। ପ୍ରାଥମିକ ତଦନ୍ତରେ ଅନ୍ୟ କେହି ଅଭିଯୁକ୍ତ ନ ଥିବା ଜଣାପଡ଼ିଥିବାବେଳେ ପରେ ଯଦି ଆଉ କିଏ ସମ୍ପୃକ୍ତ ଥାଆନ୍ତି ତେବେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ମଙ୍ଗଳବାର ଜଗତ୍‌ସିଂହପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅଜିଙ୍କ୍ୟ ମାଣେ ଓ ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି। ଅନ୍ୟପଟେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ପୀଡ଼ିତାଙ୍କ ପାଖରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

ବ୍ରହ୍ମପୁର,୨୨।୭
(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଅଭିଯୁକ୍ତ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ହିଞ୍ଜିଳିକାଟୁର ଜୀବନ ମିଶ୍ର (୨୯)। ଜୀବନ ହିଞ୍ଜିଳିକାଟୁ ବ୍ଲକ ରାଳବରେ ଆୟୁଷ ଆସିଷ୍ଟାଣ୍ଟ ଭାବେ କାମ କରନ୍ତି। ତାଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ୨୭ ବର୍ଷୀୟା ଜଣେ ଯୁବତୀଙ୍କ ସହ ସମ୍ପର୍କ ଗଢ଼ି ଉଠିଥିଲା। ଯୁବତୀ ଜଣକ କିଛିଦିନ ତଳେ ଘରୋଇ ଶିକ୍ଷାନୁଷ୍ଠାନରେ ଠିକା ସଂସ୍କୃତ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ହଷ୍ଟେଲରେ ରହିବା ପାଇଁ ସେ ତାଙ୍କ ବନ୍ଧୁ ଜୀବନଙ୍କ ସହାୟତା ନେଇଥିଲେ। ଶିକ୍ଷୟିତ୍ରୀଙ୍କୁ ସ୍କୁଟିରେ ଆଣି ଜୀବନ ବଡ଼ବଜାରରେ କିଛି ଘରକରଣା ସାମଗ୍ରୀ କିଣିବା ପରେ ତାଙ୍କ ମାଉସୀ ଘରକୁ ଆସିଥିଲେ। ସେଠାରେ ସେ ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ପରେ ତାଙ୍କୁ ବିବାହ କରିବେ ବୋଲି କହି ପ୍ରତାରଣା କରିଥିଲେ। ଏ ନେଇ ଶିକ୍ଷୟିତ୍ରୀ ଜଣଙ୍କ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଜୀବନଙ୍କୁ ଗିରଫ କରିଛି। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ମାମଲା ନଂ. ୩୭୦/୨୫ରେ ଜୀବନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଭୟଙ୍କ ମୋବାଇଲ ଫୋନ୍, ପୋଷାକ ଜବତ ହୋଇଛି। ପୋଷାକ କେମିକାଲ ପରୀକ୍ଷା ପାଇଁ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଏସଏଫଏସଏଲକୁ ପଠାଯିବ। ଜବତ ମୋବାଇଲଗୁଡ଼ିକରେ ଉଭୟଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଯାଞ୍ଚ କରାଯିବ ବୋଲି ପୋଲିସ କହିଛି।

## କେରଳରୁ ଅଭିଯୁକ୍ତ ଗିରଫ

**ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ**

ଦାରିଙ୍ଗବାଡି, ୨୨।୭ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଘଟିଥିବା ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ସୋମବାର କେରଳର ପାଲସେରୀ ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ଯୁବରାଜ ଧାଙ୍ଗରାମାଝି। ସେ ବିବାହିତ ହୋଇଥିବା ବେଳେ ଜଣେ ଦିବ୍ୟାଙ୍ଗ ନାବାଳିକା (୧୫)ଙ୍କୁ ବଳାତ୍କାର କରିଥିବା ନେଇ ବ୍ରାହ୍ମଣୀଗାଁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଗୁରୁତର ସହ ନେଇ ଆଇଆଇସି ବିଜୟ ହାଇବୁରୁ ନଂ. ୬୯/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲେ। ବାରମ୍ବାର ଠିକଣା ବଦଳାଇ ବିଭିନ୍ନ ସ୍ଥାନରେ ରହୁଥିବା ଅଭିଯୁକ୍ତ କେରଳର ପାଲସେରୀ ଅଞ୍ଚଳରେ ଥିବା ସୂଚନା ପାଇ ପୋଲିସ କେରଳ ଯାଇ ସେଠାରୁ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଗିରଫ ପରେ ତାଙ୍କୁ ପୋଲିସ ଓଡ଼ିଶା ଧରି ଫେରୁଥିବା ଜଣାପଡିଛି। ଚଳିତମାସ ୧୧ ତାରିଖରେ ନାବାଳିକା ଜଣକ ଘରେ ଏକାକୀ ଥିବା ବେଳେ ଅଭିଯୁକ୍ତ ଯୁବରାଜ ତାଙ୍କୁ ବଳାତ୍କାର କରିଥିବା ନାବାଳିକାଙ୍କ ପରିବାର ପକ୍ଷରୁ ଗତ ୧୫ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା।

## ମା’କୁ ପିଟି ହତ୍ୟାକଲା ପୁଅ

ପଟ୍ଟାମୁଣ୍ଡାଇ,୨୨।୭
(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ଓଉପଦା ପଞ୍ଚାୟତ ବିଶୁନୁପୁର ଗାଁରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ନିଜ ଜନ୍ମକଲା ମା’ଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଶାନ୍ତିଲତା ମଳିକ(୫୫)। ଗ୍ରାମବାସୀ ଅଭିଯୁକ୍ତ ପୁଅ ମନୋଜ ମଳିକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୨୭୦/୨୫) ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବିଶୁନୁପୁର ଗାଁର ମନୋଜ ମଳିକ ସୋମବାର ବିଳମ୍ବିତ ରାତିରେ ନିଜ ସ୍ତ୍ରୀ ସସ୍ମିତାକୁ କୌଣସି କାରଣରୁ ମାଡ଼ ମାରୁଥିଲେ। ଏହା ଦେଖି ମା’ ଶାନ୍ତିଲତା(୫୫) ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ମନୋଜ ଶାନ୍ତିଲତାଙ୍କୁ ମଧ୍ୟ ନିସ୍ତୁକ ପିଟିଥିଲେ। ଏତିକିରେ କଥା ସରି ନ ଥିଲା। ମନୋଜ ଏକ କାଠଫାଳିଆରେ ଶାନ୍ତିଲତାଙ୍କୁ ପିଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମା’ର ମୃତ୍ୟୁ ହୋଇଥିବା ଦେଖି ମନୋଜ ଘଟଣାସ୍ଥଳରୁ ଖସି ଯିବାକୁ ଉଦ୍ୟମ କରିଥିଲେ। ହେଲେ ଗ୍ରାମବାସୀ ତାଙ୍କୁ କାବୁକରି ନେଇଥିଲେ।।

**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ୱେଷ୍ଟ-୨୫-୨୬-୨୨, ତାରିଖ: ୨୧।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି/ଚକ୍ରଧରପୁର, ଦ.ପୂ. ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପଶ୍ଚିମ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ବନ୍ଦ ଥିବା ଲେଭଲ କ୍ରସିଂ ନଂ.୨୫୫ ବଦଳରେ ରୋଡ୍ ଅଣ୍ଡରବ୍ରିଜ୍/ଲିମିଟେଡ୍ ହାଇଟ୍ ସବ୍‌ୱେ ନିର୍ମାଣ କରିବା (ବକ୍ସ ପୁଶିଂ ପଦ୍ଧତି ଦ୍ୱାରା)। **ଟେଣ୍ଡର ମୂଲ୍ୟ:** ₹୯,୨୯,୨୭,୩୭୬.୮୧। **ଇଏମ୍‌ଡି:** ₹୬,୧୪,୬୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ୦.୦୦। **ଖୋଲାଯିବା ତାରିଖ:** ୧୨।୦୮।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତାଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିକ୍ରେତାମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **ଦ୍ରଷ୍ଟବ୍ୟ:** ଇ-ଟେଣ୍ଡର ଫର୍ମ ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଜାରି କରାଯିବ। (କର୍ତ୍ତୃପକ୍ଷ - ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି ତାରିଖ: ୧୬।୦୭।୨୦୨୦)। (PR-427)

## ୧୫ ବର୍ଷକୁ ୧୮ କରି ବିବାହ କରାଇଥିଲେ

ଛେନାପଦି, ୨୨।୭(ନିରାକାର ପରିଡା)

**ବାଲ୍ୟବିବାହ ପରେ ସଖୀ ସେଣ୍ଟରରେ ନାବାଳିକା**

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ମରେଇଗାଁ ଗ୍ରାମରେ ଗତ ୧୪ ତାରିଖରେ ଏକ ବାଲ୍ୟ ବିବାହ ହେଉଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅଙ୍ଗନୱାଡି କର୍ମୀ, ଆଶା ଓ ପୋଲିସକୁ ସୂଚନା ଦିଆଯାଇଥିଲା। ଏନେଇ କନ୍ୟାଙ୍କ ମା’ ବାପାଙ୍କୁ ବୁଝାଶୁଝା କରିବା ପରେ ବାହାଘର ନ କରିବା ପାଇଁ ଏକ ଘୋଷଣାନାମାରେ ପୋଲିସ ଦସ୍ତଖତ କରାଇଥିଲା। କିନ୍ତୁ ଘୋଷଣାନାମା ଦସ୍ତଖତ କରିବାର ମାତ୍ର ଅଧା ଘଣ୍ଟା ପରେ ମା’ ବାପା କନ୍ୟାଙ୍କୁ ନେଇ ଯାଜପୁର ଜିଲା ଷଠିପୁର ନିକଟବର୍ତ୍ତୀ ଶାଳବା ଗ୍ରାମର ଅର୍ଜୁନ ଭୂୟାଁଙ୍କ ପୁଅ ରତିକାନ୍ତ ଭୂୟାଁଙ୍କ ସହ ବିବାହ ସମ୍ପନ୍ନ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ମଧ୍ୟ ଏହି ବିବାହ ଅଟକି ନ ଥିଲା। ଏଥିପାଇଁ ପୋଲିସର ନିଷ୍କ୍ରିୟତାକୁ ଦାୟୀ କରିଥିଲେ ଗ୍ରାମବାସୀ। କନ୍ୟାଙ୍କ ବାପା ଆଧାର କାର୍ଡକୁ ଏକ ଡିଟିପି ସେଣ୍ଟରରେ ତାର ଜନ୍ମ ତାରିଖକୁ ୨୦୦୭ କରି ୧୮ ବର୍ଷ ପୂରିଯାଇଛି ବୋଲି ଦର୍ଶାଇଥିଲେ। ନନ୍ଦିପଦା ଥାନାରୁ ମାତ୍ର ଶହେ ମିଟର ଦୂରରେ ଝିଅ ପଢୁଥିବା ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଥିଲେ ମଧ୍ୟ ପୋଲିସ ପ୍ରକୃତ ଜନ୍ମ ତାରିଖକୁ ଯାଞ୍ଚ କରି ନ ଥିଲା। ଗୁପ୍ତ ଭାବରେ ସ୍କୁଲ ରେକର୍ଡ ଓ ଅଙ୍ଗନୱାଡି ରେକର୍ଡ ଯାଞ୍ଚ ପରେ ଝିଅକୁ ୧୫ ବର୍ଷ ପୂରିଥିବା ଜଣାପଡିଥିଲା। ଖୋଲତାଡ଼ ପରେ ପାଣିକୋଇଲି ପୋଲିସ ସହାୟତାରେ କୋରେଇ ବ୍ଲକ ଅଧୀନ ଶାଳବା ଗ୍ରାମରେ ପ୍ରଶାସନ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଯାଜପୁର ସିଡିପିଓ, ଦୁଇଜଣ ଶିଶୁ ମଙ୍ଗଳ ସ୍ୱେଚ୍ଛାସେବୀ, ଦୁଇଜଣ ସ୍ଥାନୀୟ ଆଇସିଡିଏସ ସୁପରଭାଇଜର ଓ ସ୍ଥାନୀୟ ପୋଲିସଙ୍କ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରାଇଥିଲେ। ଏହା ପରେ ନାବାଳିକାଙ୍କୁ ଅସ୍ଥାୟୀ ଭାବେ ସଖୀ ସେଣ୍ଟର, ଯାଜପୁରକୁ ପଠାଯାଇଥିବା ସୂଚନା ମିଳିଛି।

## ୫୨ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ସୋରଡ଼ା,୨୨।୭(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡ଼ା ଅବକାରୀ ଥାନା ଆସିକା ରେଞ୍ଜର ଧରାକୋଟ ବ୍ଲକ ଜି.ଦାମଦରପଲ୍ଲୀଠାରୁ ଏକ ଟ୍ରକରୁ ୫ କୁଇଣ୍ଟାଲ ୨୦ କିଲୋ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୫୨ ଲକ୍ଷ ଟଙ୍କା ହେବ ବୋଲି ଜିଲା ଅବକାରୀ ଅଧକ୍ଷ ଅମରେନ୍ଦ୍ର ଜେନା କହିଛନ୍ତି। ତେବେ ଏଥିରେ ସମ୍ପୃକ୍ତ ମାଣିକପୁର ଗ୍ରାମର ତପନ ଭୂୟାଁ ଓ ହାଡ଼ିସିରା ଗ୍ରାମର ଆକୁଳ ବିଷୋୟୀଙ୍କୁ ଗିରଫ କରାଯାଇଛି। ଟ୍ରକରେ ମୋହନାରୁ ମହାରାଷ୍ଟ୍ରର ନାଗପୁରକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇ ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ଟିମ୍ ଟ୍ରକକୁ ଅଟକାଇ ଗଞ୍ଜେଇ ଜବତ କରିଥିଲେ।

## ଗର୍ଭବତୀ ସ୍ତ୍ରୀଙ୍କୁ ମେଡିକାଲରେ ଛାଡ଼ି ସ୍ୱାମୀ ଫେରାର

ବଲାଙ୍ଗିର,୨୨।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଇଚ୍ଛାପୁର ଗ୍ରାମର ନରେଶ ବେହେରା ଗର୍ଭବତୀ ସ୍ତ୍ରୀ ଜୟନ୍ତୀ ସିଂଙ୍କୁ ରେଢ଼ାଖୋଲ ମେଡିକାଲରେ ଛାଡ଼ି ଫେରାର ହୋଇଯାଇଥିବା ଜୟନ୍ତୀ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ଏନେଇ ଏକ ମାମଲା(ନଂ ୨୫୫/୨୫) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ନରେଶ ଝାରସୁଗୁଡ଼ାର ଏକ ହୋଟେଲରେ ମିସ୍ତ୍ରି ଭାବରେ କାମ କରୁଥିଲେ। ଜୟନ୍ତୀ ମଧ ସେଠାରେ କାମ କରୁଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ପରେ ମନ୍ଦିରରେ ବିବାହ କରିଥିଲେ। ୫ ମାସର ଗର୍ଭବତୀ ଜୟନ୍ତୀଙ୍କୁ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ନରେଶ ରେଢ଼ାଖୋଲ ମେଡିକାଲକୁ ନେଇଥିଲେ। ହେଲେ ନରେଶ ତାଙ୍କଠାରୁ ୫ ହଜାର ଟଙ୍କା, ଏଟିଏମ୍ କାର୍ଡ ନେଇ ଫେରାର ହୋଇଯାଇଥିବା ଜୟନ୍ତୀ ଅଭିଯୋଗ କରିଛନ୍ତି।

## ନିଲମ୍ବନ ହେଲେ ଗଣିତ, ଇଂଲିଶ ଶିକ୍ଷକ

**ଛାତ୍ରୀଙ୍କୁ ଅସଦାଚରଣ ମାମଲା**

ଜଳେଶ୍ୱର, ୨୨।୭ (ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ପୃଥ୍ୱୀନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଗିରଫ ଗଣିତ ଶିକ୍ଷକ କୈଳାସ ବେଜ ଏବଂ ଇଂଲିଶ ଶିକ୍ଷକ କାଳୀଚରଣ ମାଝିଙ୍କୁ ସୋମବାର ବିଳମ୍ବିତ ରାତିରେ କୋର୍ଟଚାଲାଣ କରାଯାଇଛି। ଏଥିସହ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଉଭୟଙ୍କୁ ନିଲମ୍ବନ କରାଯାଇଛି। ଥାନାରେ ଅଟକ ଥିବା ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପାଲଙ୍କୁ ପଚରାଉଚରା କରି ରାଇବଣିଆ ପୋଲିସ ଛାଡ଼ିଦେଇଛି। ମଙ୍ଗଳବାର ବାଲେଶ୍ୱର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀ ଡ. ବସନ୍ତ ନାୟକ, ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ପ୍ରମୁଖ ବିଦ୍ୟାଳୟକୁ ଆସି ଛାତ୍ରୀଛାତ୍ରଙ୍କୁ ନିଲମ୍ବିତ ଶିକ୍ଷକଙ୍କ ବିଷୟରେ ପଚାରି ବୁଝିଥିଲେ।

## କୋଟିପତି ଡିଏଫ୍‌ଓ ଗିରଫ

ଭୁବନେଶ୍ୱର/କେନ୍ଦୁଝର,(ସତ୍ୟଜିତ୍ ରାଉତ/ନରେଶ ପଟ୍ଟନାୟକ) ୨୨।୭

**୨୧୮ ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ**

କେନ୍ଦୁଝର ଜିଲା କେନ୍ଦୁପତ୍ର ଡିଭିଜନର କୋଟିପତି ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ନିତ୍ୟାନନ୍ଦ ନାୟକଙ୍କୁ ମଙ୍ଗଳବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ତୃତୀୟ ଦିନର ଚଢ଼ାଉରେ ଅନୁଗୋଳ ଛେଣ୍ଡିପଦା ମାଛକୁଟରେ ଭିଜିଲାନ୍ସ ଟିମ୍ ନିତ୍ୟାନନ୍ଦଙ୍କ ଦୁଇଟି ଫାର୍ମ ହାଉସ ଓ ଦୁଇ ମାଛ ପୋଖରୀ ଠାବ କରିଛି। ଫାର୍ମହାଉସ୍ ଦ୍ୱୟରେ ଅନ୍ୟାନ୍ୟ ନିର୍ମାଣ ସହ ବହୁ ସଂଖ୍ୟାରେ ଆମ୍ବ, ନଡିଆ, କଦଳୀ ଗଛ ରହିଛି। ଅପରପକ୍ଷରେ ନିତ୍ୟାନନ୍ଦଙ୍କ ଆଉ ୮ଟି ପ୍ଲଟ୍ ଠାବ ହୋଇଛି। ନିଜ ନାମରେ ୫ଟି, ସ୍ତ୍ରୀଙ୍କ ନାମରେ ଗୋଟିଏ ଓ ଦୁଇ ପୁଅଙ୍କ ନାମରେ ଦୁଇଟି ରହିଛି। ଏହାକୁ ମିଶାଇ ମୋଟ୍ ପ୍ଲଟ୍ ସଂଖ୍ୟା ୧୨୩ରେ ପହଞ୍ଚିଛି। ତେବେ ଠାବ ହୋଇଥିବା ବିପୁଳ ସମ୍ପତ୍ତି ନିତ୍ୟାନନ୍ଦଙ୍କ ପ୍ରକୃତ ଆୟଠାରୁ ୨୧୮ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୬/୨୦୨୫) ରୁଜୁ କରାଯାଇ ନିତ୍ୟାନନ୍ଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସମ୍ପତ୍ତି ଠୁଳ କରିବାରେ ସ୍ତ୍ରୀ ସହଯୋଗ କରିଥିବାରୁ ତାଙ୍କୁ ମଧ୍ୟ ସହଅଭିଯୁକ୍ତ ଦର୍ଶାଯାଇଛି। ଅଭିଯୁକ୍ତ ନିତ୍ୟାନନ୍ଦଙ୍କୁ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


ନିତ୍ୟାନନ୍ଦ ନାୟକ

**Revised Dates**

**No.TT-11** : SAMS operates through pre-fixed dates for all its activities. It helps in creating awareness and transparency & timely completion of activities. These dates have been finalized by the Sports & Youth Services Department, Government of Odisha.

| Sl# | Activities | Date Lines |
|---|---|---|
| 01 | Availability of Online Common Application Form (CAF) for B.P.Ed. & M.P.Ed. Course in the Sports and Youth Services Department website www.samsodisha.gov.in & www.dsysodisha.gov.in. | 10.07.2025 |
| 02 | Last date of applying online CAF | 22.07.2025 (11:59 P.M.) |
| 03 | Editing CAF | 23.07.2025 |
| 04 | Availability for downloading of Index Card for Physical Fitness Test | 25.07.2025 |
| 05 | Validation of CAF (One day before PFT for each group) | 18.08.2025 onwards |
| 06 | Date of Physical Fitness Test (Conducted at Bhubaneswar) (Detail of Test Schedule & venue will be mentioned on the index card) (One day after validation for each group) | 19.08.2025 onwards |
| 07 | i. Publication of General Merit List & Disqualified List<br>ii. Publication of 1st Selection List (College-wise) | 30.08.2025 |
| 08 | 1st Admission of selected candidates for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 03.09.2025 To 04.09.2025 |
| 09 | Publication of 2nd selection merit list | 10.09.2025 |
| 10 | Admission of selected candidates of 2nd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 13.09.2025 |
| 11 | Publication of 3rd Selection List if vacancy arises | 15.09.2025 |
| 12 | Admission of selected candidates of 3rd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 18.09.2025 |
| 13 | Classes will start | 19.09.2025 |

*Changes to the dateline (if occurs) will be notified in the website.
OIPR-29001/11/0098/2526 Sd./- Principal

ଫର୍ମ ନଂ.-୧୩
**ଋଣ ଅସୁଲି ପ୍ରାଧିକରଣ, କଟକ**
ସି-୭୧, ସେକ୍ଟର-୭, ସି.ଡ଼ି.ଏ, କଟକ, ଓଡ଼ିଶା
ଓ.ଏ. ନଂ. ୧୭୭/୨୦୨୫

ବ୍ୟାଙ୍କ ଅଫ୍ ଇଣ୍ଡିଆ .....ଆବେଦନକାରୀ

ବନାମ

୧) **ଶ୍ରୀ ଅମୂଲ୍ୟ ବରାଳ,** ବୟସ ପ୍ରାୟ ୩୭ ବର୍ଷ, ପିତା: ଶ୍ରୀ କରୁଣାକର ବରାଳ, ସା: ମାଛିଆ ଦିଆଣ୍ଡି, ପୋ: ବ୍ରହ୍ମଗିରି, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧
୨) **ଶ୍ରୀ ମିଲୁ ବରାଳ,** ବୟସ ପ୍ରାୟ ୩୬ ବର୍ଷ, ପିତା: ଶ୍ରୀ କରୁଣାକର ବରାଳ, ସା: ମାଛିଆ ଦିଆଣ୍ଡି, ପୋ: ବ୍ରହ୍ମଗିରି, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ .....ପ୍ରତିବାଦୀମାନେ

**ପ୍ରାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ**
**ଖବରକାଗଜ ପ୍ରକାଶନ ଦ୍ୱାରା ଜାରୀ ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଆବେଦନକାରୀ ଓ.ଏ. ନଂ. ୧୭୭/୨୦୨୫ ଦ୍ୱାରା ଟ.୨୨,୧୭,୨୮୮/- (ବାଇଶି ଲକ୍ଷ ସତର ହଜାର ଦୁଇ ଶହ ଅଠାଅଶି ଟଙ୍କା ମାତ୍ର) ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପର ଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **ତିରିଶି ଦିନ** ମଧ୍ୟରେ କିମ୍ବା **ତା.୨୨.୦୯.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି ଯଦି ସେ ଏଥିରେ ଖିଲାପ କରନ୍ତି, ତେବେ ଆପଣଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।

ଏହି ପ୍ରାଧିକରଣର ସହି ମୋହର ସହ ମୋ ଦ୍ୱାରା **ତା.୧୪.୦୭.୨୦୨୫ରିଖରେ** ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

**Govt. of Jharkhand**
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

**e-Procurement Notice**

e-Tender Reference No.:-RCD/EMPANELMENT/03/2025-26 Dated 21.07.2025

| | | |
|---|---|---|
| 1- | Name of Work | **Invitation of Application for Empanelment of Consultants under Category-III for three Years in Road Construction Department Jharkhand Ranchi.** |
| 2- | Cost of Tender Document (Application Fee) | **Cost of Tender Document** - Rs 35,000/- (Rupees Thirty five Thousand) (Non-Refundable) through online mode only. As per the Departmental Letter no.-4652(S) dated 06.10.2023, cost of tender document (Application fee) will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 3- | Date and Time of Publishing of Notice (RFP) on official website | 24.07.2025, 05.00 PM |
| 4- | Last date and Time of submission of Bid (With Application Fee) | 14.08.2025, 12.30 PM |
| 5- | Date and Timing of Bid opening | 18.08.2025, 12.30 PM |
| 6- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 7- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

PR 357887 (Road) 25-26 (D)
**Executive Engineer**
**Field Survey Division,A.P**
**Road Construction Department,Ranchi**

# ଚଢ଼ାଦରରେ ସାର, କୀଟନାଶକ ବିକ୍ରି

**ବେଗୁନିଆ ବ୍ଲକ୍‌ରେ ଚାଷୀ ଅସନ୍ତୋଷ**

- ଆବଶ୍ୟକତା ମେଣ୍ଟାଇପାରୁନି ସମବାୟ ବିଭାଗ
- ବିଭାଗୀୟ କର୍ତ୍ତୃପକ୍ଷ ଶୀଘ୍ର ପଦକ୍ଷେପ ନେବାକୁ ଦାବି



ବେଗୁନିଆ,୨୨।୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଞ୍ଚଳରେ ରାସାୟନିକ ସାର ଓ କୀଟନାଶକ ଚଢ଼ାଦରରେ ବିକ୍ରି ହେଉଛି। ବିକ୍ରୟ ମୂଲ୍ୟରେ କୌଣସି ସ୍ୱଚ୍ଛତା ରହୁନାହିଁ। ସବୁଠି ଦରରେ ତାରତମ୍ୟ ଦେଖିବାକୁ ମିଳିଛି। ସରକାରୀ ଧାର୍ଯ୍ୟ ଦରଠାରୁ ରାସାୟନିକ ସାର ବସ୍ତା ପ୍ରତି ୫୦ରୁ ୨୦୦ ଟଙ୍କା ଅଧିକ ମୂଲ୍ୟରେ ବିକ୍ରି ହେଉଛି। ସେହିପରି କୀଟନାଶକ ଏମ୍‌ଆର୍‌ପି ଧାର୍ଯ୍ୟ ଦରଠାରୁ କେଉଁଠି ୨୦ ଟଙ୍କା ତ ଆଉ କେଉଁଠାରେ ୫୦ ଟଙ୍କା ଅଧିକ ମୂଲ୍ୟରେ ବିକ୍ରି ହେଉଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ସମାନ ଅବସ୍ଥା ସୃଷ୍ଟି ହୋଇଥିବାବେଳେ ସମବାୟ ଓ କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସାର କଳାବଜାର ରୋକିବାକୁ ଏପର୍ଯ୍ୟନ୍ତ କମିଟି ଗଠନ କରାଯାଇନାହିଁ କିମ୍ବା କୃଷି ବିଭାଗ ପକ୍ଷରୁ ବୈଠକ ହୋଇପାରି ନାହିଁ। ଅନ୍ୟପକ୍ଷରେ ବେଗୁନିଆ ବ୍ଲକ କୃଷି କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀ ପଦବୀ ଖାଲିପଡ଼ିଥିବାରୁ ଚଢାଉ ହୋଇପାରୁ ନ ଥିବା କୁହାଯାଉଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି।

ଚାଷୀଙ୍କ ଅଭିଯୋଗ ମୁତାବକ ଚଳିତ ଖରିଫ ଋତୁରେ ହୋଇଥିବା ଧାନ ଫସଲରେ ମୂଳ ସାର ପ୍ରୟୋଗ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। କାରଣ ଧାନଗଛକୁ ସଶକ୍ତ କରିବାରେ ସାର ସହାୟକ ହୋଇଥାଏ। ତେବେ ଗଛକୁ ଶୀଘ୍ର ବୃଦ୍ଧି କରିବାକୁ ଏହି ସମୟରେ ଗଛ ମୂଳରେ ୟୁରିଆ, ପଟାସ ଓ ଗ୍ରୋମୋର ସାର ପ୍ରୟୋଗର ଯଥେଷ୍ଟ ଗୁରୁତ୍ୱ ରହିଛି। ସେହିପରି କେତେକ ଜମିରେ ସଅଳ କିସମ ଧାନ ତଳି ରୁଆପୋତା ଆରମ୍ଭ ହୋଇଛି। ଜମିରେ ଅନାବନା ଘାସ ଗଛକୁ ମୂଳପୋଛ କରିବା ପାଇଁ ପ୍ରତିକାର ସ୍ୱରୂପ କୀଟନାଶକ ଛିଞ୍ଚନର ବ୍ୟବହାର କେତେଜଣ ଚାଷୀ ଆବଶ୍ୟକତା ରୂପେ ଗ୍ରହଣ କରୁଛନ୍ତି। ହେଲେ ସମବାୟ ସମିତି ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ସାର ସବ୍‌ସିଡି ଦରରେ ଚାଷୀଙ୍କୁ ଯୋଗାଇ ଦେବାରେ ଅବହେଳା କରାଯାଉଛି। ଫଳରେ ସାର ଓ କୀଟନାଶକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁଚୁରା ବିକ୍ରୟ କେନ୍ଦ୍ରରେ ପହଞ୍ଚିଲା ବେଳକୁ ମାତ୍ରାଧିକ ଦର ବୃଦ୍ଧି ଶୁଣି ଚାଷୀ ଚିନ୍ତାରେ ପଡୁଛନ୍ତି। କଣ୍ଟାବାଡ, ସିମୋର, ବାଘମାରୀ, ଗୁଡୁମ, ଡାଲତୋଳା, ପରିଛଳ, ସିକୋ, ହଜ, ପାଟଣାହାଟ, ବେଗୁନିଆ ଆଦି ବଜାରରେ ଥିବା ବିଭିନ୍ନ ଖୁଚୁରା କେନ୍ଦ୍ରରେ ଅଧିକ ଦରରେ ସାର ବିକ୍ରୟ କରି ବ୍ୟବସାୟୀମାନେ ଚାଷୀଙ୍କୁ ଶୋଷଣ କରିବାରେ ଲାଗିପଡିଛନ୍ତି। ସେହିପରି କୀଟନାଶକ ଦର ବୃଦ୍ଧି କଥା ନ କହିବା ଭଲ। ଖୁଚୁରା ବିକ୍ରୟ କେନ୍ଦ୍ରରେ ଟଙ୍ଗାଯାଇଥିବା ଦର ତାଲିକାରେ କୌଣସି ନିର୍ଦ୍ଦିଷ୍ଟତା ରହୁନାହିଁ। ଅନେକ ବ୍ୟବସାୟ କେନ୍ଦ୍ରରେ କେୱାଇସି ମେଶିନ୍ ଅଚଳ ଆଳ ଦେଖାଇ ଚାଷୀଙ୍କ ଟିପ ଚିହ୍ନ ନିଆଯାଉ ନାହିଁ। ଫଳରେ ଚାଷୀ ସବ୍‌ସିଡି ଯୋଗାଣରୁ ବାଦ୍ ପଡୁଛନ୍ତି। କଟକ, ଜଟଣୀ, ବ୍ରହ୍ମପୁର ଆଦି ଦୂର ସ୍ଥାନରୁ ସାର କିଣି ପରିବହନ ଖର୍ଚ୍ଚ ବାବଦକୁ ଚଢା ଦର ଚାଷୀଙ୍କ ଠାରୁ ନେବାକୁ ପଡୁଛି ବୋଲି ବ୍ୟବସାୟୀମାନେ କହୁଛନ୍ତି। ସେହିପରି କୋ-ଅପରେଟିଭ ସୋସାଇଟି ମାଧ୍ୟମରେ ସବ୍‌ସିଡି ସାର ଯୋଗାଣର ଉପକାର ଅନେକ ସମୟରେ ଚାଷୀ ପାଇପାରୁନାହାନ୍ତି। ବହୁ ସମୟରେ ସୋସାଇଟି ବନ୍ଦ ରହୁଛି। ପର୍ଯ୍ୟାପ୍ତ ପରିମାଣର ସାର ଗଚ୍ଛିତ ରହୁନାହିଁ। ସବ୍‌ସିଡି ସାର ଚାଷୀଙ୍କୁ ନ ଦେଇ ବାଟମାରଣା କରାଯାଉଥିବା ଅଭିଯୋଗ ହେଉଛି। ତେବେ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ବିଷ୍ଣୁପ୍ରସାଦ ପଣ୍ଡା, ମାନସ ରଞ୍ଜନ ସାହୁ, ରବୀନ୍ଦ୍ରନାଥ ମହାପାତ୍ର, ନୀଳମଣି ନାହାକ ପ୍ରମୁଖ ବହୁ ଚାଷୀ କହିଛନ୍ତି। ସୂଚନା ଥାଉକି, ଚଳିତ ବର୍ଷ ଏହି ବ୍ଲକରେ ୧୩ଟି କୋ-ଅପରେଟିଭ ସୋସାଇଟି ମାଧ୍ୟମରେ ସବ୍‌ସିଡିରେ ସାର ଯୋଗାଣ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସାର ବିକ୍ରି କରିବା ପରେ ଏବେ ଅନେକ ସୋସାଇଟିରେ ସାର ଗଚ୍ଛିତ ନାହିଁ। ତେବେ କଳାବଜାର ରୋକିବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ବେଗୁନିଆ ସହକାରୀ କୃଷି ଅଧିକାରୀ ଶୁଭ୍ରମ କୁମାର ରାହୁଲ କହିଛନ୍ତି, ମୁଁ ଏବେ ନୂତନ ଭାବେ ଦାୟିତ୍ୱ ନେଇଛି। ତେବେ ସାର କଳାବଜାର ହେଉଥିବାର ଅଭିଯୋଗ ଆସିଲେ ବିଭାଗ ପକ୍ଷରୁ ତଦାରଖ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।

## ମଦ ସହ ୨ ବାଇକ୍ ଜବତ, ୨ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**ଅବକାରୀ ଚଢ଼ାଉ**

ଟାଙ୍ଗୀ,୨୨।୭ (ରଘୁନାଥ ସାହୁ)

ଟାଙ୍ଗୀ ଅବକାରୀ ବିଭାଗ ତରଫରୁ ମଙ୍ଗଳବାର ଦୁଇଟି ସ୍ଥାନରେ ଚଢାଉ କରାଯାଇ ୬୫ ଲିଟର ଚୋରା ଦେଶୀମଦ ସହ ଦୁଇଟି ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ୨ ଜଣ ବେପାରୀଙ୍କୁ ଗିରଫ କରାଯାଇଛି। ଟାଙ୍ଗୀ ଥାନା ଅନ୍ତର୍ଗତ ଗୋଡିସାହିରେ ଅବକାରୀ ବିଭାଗ ଚଢ଼ାଉ କରି ଏକ ବାଇକ୍‌ରେ ଥିବା ୨୫ ଲିଟର ଆସ୍କାଫର୍ଟି ଜବତ କରିଥିଲା। ସେହିପରି ଟାଙ୍ଗୀ ମଧୁମଙ୍ଗଳ ପଡ଼ିଆ ନିକଟରେ ଚଢ଼ାଉକରି ବାଇକ୍‌ରେ ଥିବା ୪୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ଉଭୟ ଘଟଣାରେ ଚାନ୍ଦପୁର ଥାନା ଅନ୍ତର୍ଗତ କଦମଖୋଲା ଗ୍ରାମର ଅନାମ ନାୟକ ଓ କେରେଣ୍ଡାଟାଙ୍ଗି ଗ୍ରାମର ବିଭୂତି ଭୂଷଣ ପ୍ରଧାନଙ୍କୁ ଗିରଫ କରାଯାଇଛି। କେସ୍ ନଂ. ୭୫/୨୫ ଓ ୭୬/୨୫ ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଚଢ଼ାଉରେ ସୁଜିତ କୁମାର ମୁଦୁଲି, ରାମଚନ୍ଦ୍ର ଜେନା, ସସ୍ମିତା ସେଠୀ, ମୀନକେତନ ମହାପାତ୍ର, ରଞ୍ଜିତ ପଟେଲ ଏବଂ ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।

## ଚାନ୍ଦପୁରରେ କୁକୁଡ଼ା ବିକ୍ରି ଉପରେ କଟକଣା ହେଉ

ଟାଙ୍ଗୀ, ୨୨।୭ (ରଘୁନାଥ ସାହୁ): ଖୋର୍ଦ୍ଧା ଜିଲା ଜଙ୍କିଆ ଓ ନୟାଗଡ଼ ଜିଲା ରଣପୁର ଅଞ୍ଚଳର କୁକୁଡ଼ା ଫାର୍ମରେ ସଂକ୍ରମଣ ହୋଇ ହଜାର ହଜାର ସଂଖ୍ୟକ କୁକୁଡ଼ା ଓ ଚିଆଁ ମରୁଥିବା ଜଣାପଡ଼ିଛି। ରୋଗର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନ ଥିବା ବେଳେ କୁକୁଡ଼ା ମଡ଼କକୁ ନେଇ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ତେଣୁ ତରବରିଆ ଭାବେ ଶସ୍ତାରେ ବ୍ୟବସାୟୀମାନଙ୍କୁ କୁକୁଡ଼ାକୁ ବିକ୍ରି କରି ଦେଉଛନ୍ତି। ଟାଙ୍ଗୀ ଚାନ୍ଦପୁର ବଜାରରେ ବ୍ୟବସାୟୀମାନେ କମ୍ ଦରରେ ଗ୍ରାହକଙ୍କୁ କୁକୁଡ଼ା ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଶସ୍ତାରେ ମିଳୁଥିବାରୁ ଲୋକେ ବହୁ ସଂଖ୍ୟାରେ କୁକୁଡ଼ା କିଣିନେଉଛନ୍ତି। କୁକୁଡ଼ା ଫାର୍ମଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ସଂକ୍ରମଣ ହେଉଥିବା କୁହାଯାଉଛି। ଖବର ପାଇ ପ୍ରାଣୀ ଚିକିତ୍ସାଳୟ ତରଫରୁ ସଂକ୍ରମିତ ଫାର୍ମରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୋପାଳ ପଠାଯାଇଛି। ରିପୋର୍ଟ ଆସିବା ପରେ ରୋଗ ସମ୍ପର୍କରେ ସ୍ପଷ୍ଟ ହେବ। ସେହି ସମୟ ପର୍ଯ୍ୟନ୍ତ ଜିଲା ପ୍ରଶାସନ କୁକୁଡ଼ା ବିକ୍ରିରେ କଟକଣା ଜାରି ରଖିବା ପାଇଁ ସାଧାରଣରେ ଦାବି ହେଉଛି।



ରବୀନ୍ଦ୍ରମଣ୍ଡପରେ ମଙ୍ଗଳବାର ପରିବେଷିତ 'ସମ୍ରାଟ ସିଏ କଳାର ପୂଜାରୀ' ନାଟକର ଏକ ଦୃଶ୍ୟ।

## ବିଦ୍ୟୁତ୍ ତାର ଛିଡ଼ି ୮ ଗାଈ ମୃତ, ଗୋପାଳକ ଆହତ

ଯାଁଳା,୨୨।୭(ବୁଲା ବାରିକ)

ଯାଁଳାର ତଳଖେତା ଅଞ୍ଚଳରେ ମଙ୍ଗଳବାର ରାତିରେ ଏକ ଅଘଟଣ ଘଟିଛି। ରାତି ପ୍ରାୟ ୧୦ଟା ବେଳେ ତଳଖେତା ଛକ ରାଧାଚରଣପୁରରେ ଏକ ଟ୍ରାନ୍ସଫର୍ମର ଜଳିଯିବା ସହ ବିଦ୍ୟୁତ୍ ତାର ଛିଡ଼ି ୮ଟି ଗାଈଙ୍କ ଉପରେ ପଡ଼ିବାରୁ ସେମାନଙ୍କର ଜୀବନ ଯାଇଛି। ସେହିପରି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଗୋପାଳକ ଆହତ ହୋଇଛନ୍ତି। ସେ ହେଲେ ରାଧାଚରଣପୁରରେ ରହୁଥିବା ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳର ଗୋଲଖ ବେହେରା। ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ରାତି ପ୍ରାୟ ୧୦ଟା ବେଳେ ତଳଖେତା ଛକଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରୁ ହଠାତ୍ ନିଆଁ ବାହାରିବା ସହ ନିକଟରେ ଥିବା ଏକ ଟ୍ରାନ୍ସଫର୍ମର ପର୍ଯ୍ୟନ୍ତ ଜଳିଯାଇଥିଲା। ଏହି ସମୟରେ ବଡ ଜୋର୍‌ରେ ଶବ୍ଦ ହୋଇଥିଲା। ଟ୍ରାନ୍ସଫର୍ମର ନିକଟସ୍ଥ ଏକ ଖୋଲା ପଡ଼ିଆରେ ଦାସିଆ ବେହେରା ନାମକ ଗୋପାଳକଙ୍କ ୭୦ରୁ ଉର୍ଦ୍ଧ୍ୱ ଗାଈ ଠିଆ ହୋଇଥିଲେ। ବିଦ୍ୟୁତ୍ ତାର ଜଳିବା ସହ ଶବ୍ଦ ଶୁଣି ଗାଈଗୁଡିକ ଭୟରେ ଏଣେତେଣେ ଦୌଡ଼ିଥିଲେ। ସେହିସମୟରେ ବିଦ୍ୟୁତ୍ ତାର ଛିଡ଼ିପଡ଼ିବାରୁ କରେଣ୍ଟ ଲାଗି ୮ଟି ଗାଈ ଟଳିପଡ଼ିଥିଲେ। ଗାଈଙ୍କୁ ଗୋଲକ ଅଟକାଇବାକୁ ଚେଷ୍ଟା କଲା ବେଳେ ସେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଚାଲିଆସିଥିଲେ।

## ୨୫ରେ ବସ୍ତ୍ର ନିବେଶକ ସମ୍ମିଳନୀ

ଭୁବନେଶ୍ୱର,୨୨।୭(ଅନୁରାଧା ମହାରଣା)

ରାଜ୍ୟ ସରକାର ଆସନ୍ତା ୨୫ ତାରିଖରେ ଭୁବନେଶ୍ୱରରେ ପ୍ରଥମଥର ପାଇଁ ଏକ ବସ୍ତ୍ର ନିବେଶକ ସମ୍ମିଳନୀ 'ଓଡ଼ିଶା ଟେକ୍ସ ୨୦୨୫'ର ଆୟୋଜନ କରିବାକୁ ଯାଉଛନ୍ତି। ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିବେ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାକୁ ବସ୍ତ୍ର, ପୋଷାକ ଏବଂ ଟେକ୍ନିକାଲ ଟେକ୍ସଟାଇଲର ଏକ ପ୍ରମୁଖ ହବ୍ ଭାବେ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ ବସ୍ତ୍ର କ୍ଷେତ୍ରର ଶୀର୍ଷ ସ୍ଥାନୀୟ ସଂସ୍ଥାଗୁଡ଼ିକ ସହ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହେବା ସହ ଏବଂ ବଡ଼ ନିବେଶ ଘୋଷଣା ହେବାର ସମ୍ଭାବନା ରହିଛି। ଏହି ଉଦ୍ୟମ ରାଜ୍ୟର ଶିଳ୍ପ ବିକାଶକୁ ଦୃଢ଼ କରିବା ସହ ୨୦୩୦ ସୁଦ୍ଧା ଓଡ଼ିଶାକୁ ଭାରତର ବସ୍ତ୍ର ରାଜଧାନୀ ଭାବେ ପ୍ରତିଷ୍ଠା କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। 'ଓଡ଼ିଶା ଟେକ୍ସ ୨୦୨୫' ପୂର୍ବ ଭାରତର ସବୁଠାରୁ ବଡ଼ ବସ୍ତ୍ର ନିବେଶ ଇଭେଣ୍ଟ ହେବ। ଏହା ସ୍ଥାନୀୟ ବସ୍ତ୍ର କମ୍ପାନୀ, ବିଶ୍ୱସ୍ତରୀୟ ବ୍ରାଣ୍ଡ, ଉତ୍ପାଦକ, ଷ୍ଟାର୍ଟଅପ୍ ଏବଂ ଯୁବ ଉଦ୍ୟୋଗୀମାନଙ୍କୁ ଏକାଠି କରିବ। ବର୍ତ୍ତମାନ ରାଜ୍ୟ ସରକାର ବସ୍ତ୍ର, ପୋଷାକ ଏବଂ ପରିଧାନଯୋଗ୍ୟ ଉତ୍ପାଦ ପାଇଁ ୬ଟି ନୂଆ ଶିଳ୍ପ ପାର୍କ ନିର୍ମାଣ କରୁଛନ୍ତି। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଛନ୍ତି, ଏହି ମଞ୍ଚ ଓଡ଼ିଶାକୁ ସ୍ଥାନୀୟ ବସ୍ତ୍ର ସଂସ୍ଥାଗୁଡ଼ିକୁ ଆକର୍ଷିତ କରିବା ସହ ଆମ ଯୁବପିଢ଼ି ପାଇଁ ନିଯୁକ୍ତି ଓ ରୋଜଗାର ସୁଯୋଗ ସୃଷ୍ଟି କରିବ। ପ୍ରଗତିଶୀଳ ନୀତି, ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ଦକ୍ଷ କର୍ମଶକ୍ତି ସହ ଆମେ ଏକ ଦୃଢ଼ ଇକୋସିଷ୍ଟମ ଗଢୁଛୁ।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଖୋର୍ଦ୍ଧା,୨୨।୭(ପ୍ରଭାତ ପାଣିଗ୍ରାହୀ)

ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧା ଆନୁକୂଲ୍ୟରେ ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ଘରୋଇ ବ୍ୟାଙ୍କ ତରଫରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ବରିଷ୍ଠ ନାଗରିକମାନେ ରକ୍ତଚାପ, ଇ.ସି.ଜି, ମଧୁମେହ ପରୀକ୍ଷା କରାଇଥିଲେ। ବୟସ୍କ ବ୍ୟକ୍ତିମାନେ ନିୟମିତ ବ୍ୟବଧାନରେ ଚିକିତ୍ସା ସହ ସନ୍ତୁଳିତ ଖାଦ୍ୟ ଓ ଶାରୀରିକ ବ୍ୟାୟାମ କରିବାକୁ ଡାକ୍ତର ପରାମର୍ଶ କରିଥିଲେ। ଡା. ସୁବାସ ଚନ୍ଦ୍ର ପାଢ଼ୀ, ଡା. ବାସୁଦେବ ପାତ୍ର, ଡା. ସୂର୍ଯ୍ୟକାନ୍ତ ପଣ୍ଡା, ଟେକ୍ନିସିଆନ ସୁବାସ ଚନ୍ଦ୍ର ମଲ୍ଲିକ, ଷ୍ଟାଫ ନର୍ସ ଅମ୍ବିକା ପାତ୍ର, ଆକାଶ ମହାକୁଡ, ତାପସ କୁମାର ରାୟ ଏବଂ ଅଂଶୁମାନ ଜ୍ୟୋତି ପ୍ରକାଶ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ୟାଙ୍କ ପ୍ରବନ୍ଧକ ଅଜାତଶତ୍ରୁ ମହାପାତ୍ର, ସହପ୍ରବନ୍ଧକ ଜୁଲେଖା ନାୟକ, ସବ୍ୟସାଚୀ ଭଞ୍ଜଦେଓ, ଶିବନ କୁମାର ତ୍ରିପାଠୀ ଓ ବିଶ୍ୱଜିତ୍ ସିଂ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ହାଜି ନସିମ୍ ଉଦ୍ଦିନ ଖାଁ, ସମ୍ପାଦକ ରାମଶଙ୍କର ଏବଂ ସହସମ୍ପାଦକ ସନ୍ତୋଷ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାଇପ୍ ଫାଟି ଅପଚୟ ହେଉଛି ପାନୀୟଜଳ



ଟାଙ୍ଗୀ,୨୨।୭(ରଘୁନାଥ ସାହୁ)

ଟାଙ୍ଗୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପଞ୍ଚାୟତର ସମସ୍ତ ୱାର୍ଡକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଟାଙ୍ଗୀ ବ୍ଲକ ଛକ, ବଳରାମପୁର ସାହି ମଧ୍ୟରେ ପାଇପ୍ ଫାଟି ରାସ୍ତାରେ ପାଣି ବୋହି ଚାଲିଛି। ପାନୀୟ ଜଳ ଅପଚୟ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ପାଇପ୍ ଫାଟି ପାଣି ବାହାରି ଅଳିଆ ଆବର୍ଜନା ସହ ମିଶି ଦୂଷିତ ହେଉଥିବାରୁ ଶିଶୁମାନେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା କୁହାଯାଉଛି। ତୁରନ୍ତ ପାଇପ୍‌ଗୁଡିକ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

## ବେଆଇନ ଚୋରା ମୋରମ ଚାଲାଣ, ୩ ଚାଳକ ଗିରଫ

ବାରଙ୍ଗ,୨୨।୭(ଲିଙ୍ଗରାଜ ରାଉତ)

ପାଇକେରାପୁରରେ ବେଆଇନ ଭାବେ ଚୋରା ମୋରମ ଚାଲାଣ କରୁଥିବା ୩ଜଣ ଗାଡି ଚାଳକଙ୍କୁ ମଙ୍ଗଳବାର ଚନ୍ଦକା ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଚନ୍ଦକା ଥାନା ଅଧୀନ ପାଇକେରାପୁରରେ ରହୁଥିବା ବେଗୁନିଆ ବାସୁଦେବପୁରର ସୁଦାମ ବେହେରା, ନୟାଗଡ଼ ଖଣ୍ଡପଡ଼ାର ଜିତୁବରାଦ ଓ ଅଜୟ ଗୁରୁ। ଏନେଇ ମାମଲା (ନଂ-୧୯୦/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ଚାଲାଣରେ ବ୍ୟବହୃତ ୩ଟି ହାଇୱା ଗୋଟିଏ ଜେସିବି ମେଶିନ ପୋଲିସ୍ ଜବତ କରିଥିଲା।

ପ୍ରକାଶଯେ, ଜୁନ୍ ୮ ସନ୍ଧ୍ୟାରେ ଚନ୍ଦକା ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ପାଇକରାପୁର ଗ୍ରାମରୁ ମୋରମ ବେଆଇନ ଭାବରେ ପରିବହନ ପାଇଁ ୩ଟି ହାଇୱା ଏବଂ ଗୋଟିଏ ଜେସିବି ମେସିନ ବ୍ୟବହାର କରାଯାଉଥିବା ନେଇ ସୂଚନା ପାଇଥିଲେ। ତୁରନ୍ତ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗାଡି ଚାଳକମାନେ ପାଟ୍ରୋଲିଂ ଟୀମଙ୍କୁ ଅସ୍ତ୍ରଶସ୍ତ୍ର ଦେଖାଇ ଧମକ ଦେଇ ଘଟଣାସ୍ଥଳରୁ ଖସି ପଳାଇଥିଲା। ପୋଲିସ ଘଟଣାସ୍ଥଳରୁ ତିନୋଟି ଲାଟେରାଇଟ ମାଟି ବୋଝେଇ ହାଇୱା ଟ୍ରକ ଏବଂ ଗୋଟିଏ ଜେସିବି ମେଶିନ ଜବତ କରିବାରେ ସଫଳ ହୋଇଥିଲା। ଜବତ ଗାଡିଗୁଡ଼ିକୁ ଥାନାକୁ ଆଣିବା ସମୟରେ, ଟ୍ରକ ମାଲିକମାନଙ୍କ ଦ୍ୱାରା ପ୍ରରୋଚିତ ଏକ ଅସାମାଜିକ ଦଳ ପୋଲିସକୁ ବାଧା ଦେବାକୁ ଚେଷ୍ଟା କରିଥିଲେ। ପ୍ରତିରୋଧ ସତ୍ତ୍ୱେ, ପୋଲିସ ଟିମ ଗାଡ଼ିଗୁଡ଼ିକୁ ଥାନାକୁ ଆଣିବାରେ ସଫଳ ହୋଇଥିଲା। ପରବର୍ତ୍ତୀ ସମୟରେ, ଅଭିଯୁକ୍ତ ଡ୍ରାଇଭରମାନଙ୍କୁ ଧରିବା ପାଇଁ ପୋଲିସ ବାରମ୍ବାର ଚଢାଉ କରିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପାଇକେରାପୁରର ଏକ ଚାଦୋକାନ ନିକଟରୁ ସାଙ୍ଗ ହୋଇ ଚା ପିଉଥିବା ବେଳେ ସୁଦାମ, ଜିତୁ ଏବଂ ଅଜୟ ଅଜୁଙ୍କୁ ପୋଲିସ୍ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

## ପିଟୁକୁଲି ଆର୍‌ଆଇ ଅଫିସରେ କର୍ମଚାରୀ ଅଭାବ

ବୋଲଗଡ,୨୨।୭(ଦେବବ୍ରତ ହୋତା)



ପିଟୁକୁଲି ଆର୍‌ଆଇ ଅଫିସ

ବୋଲଗଡ଼ ତହସିଲ ଅନ୍ତର୍ଗତ ୬ଟି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ମଧ୍ୟରୁ ପିଟୁକୁଲି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟ ପରିସୀମା ସବୁଠୁ ଅଧିକ। ବ୍ଲକର ୧୯ ପଞ୍ଚାୟତ ମଧ୍ୟରୁ ୫ଟି ପଞ୍ଚାୟତ ୫୭ଟି ଗ୍ରାମର ରାଜସ୍ୱ ସଂଗ୍ରହ ସହ ଜାତି ପ୍ରମାଣପତ୍ର,ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର ଆଦି ପ୍ରଦାନ ଏବଂ ସରକାରଙ୍କ ବିଭିନ୍ନ କିସମ ଜାଗା ଓ ଜମିର ମାପଚିହ୍ନଟ ଓ ହେପାଜତ ପାଇଁ ଏହା କାର୍ଯ୍ୟ କରିଥାଏ।ଏହାଛଡା ଘରପୋଡି, ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟାନ୍ୟ ଦୁର୍ବିପାକ କ୍ଷତିଗ୍ରସ୍ତଙ୍କ ଯାଞ୍ଚ ପ୍ରକ୍ରିୟା ସହିତ ସରକାରଙ୍କ ବିଭିନ୍ନ ଯୋଜନା, କୃଷକ ପଞ୍ଜୀକରଣ ଆଦି ଅତିରିକ୍ତ ଦାୟିତ୍ୱ ତୁଲାଇଥାଏ। ଏଥିପାଇଁ କାର୍ଯ୍ୟାଳୟରେ ଜଣେ ଲେଖାଏ ରାଜସ୍ୱ ନୀରିକ୍ଷକ, ଅତିରିକ୍ତ ରାଜସ୍ୱ ନୀରିକ୍ଷକ, ଅମିନ ଏବଂ ପିଅନ କାର୍ଯ୍ୟ କରିବାର ପ୍ରାବଧାନ ରହିଛି। ତେବେ ପିଟୁକୁଲି ଆରଆଇ କାର୍ଯ୍ୟାଳୟ ଏକମାତ୍ର କର୍ମଚାରୀ ରାଜସ୍ୱ ନୀରିକ୍ଷକ ଦେବଦତ୍ତ ବିଶ୍ୱାଳଙ୍କ ଦ୍ୱାରା ପରିଚାଳନା ହେଉଥିବାରୁ ଅଧିକାଂଶ କାର୍ଯ୍ୟ ସମୟ ଅନୁସାରେ ହୋଇପାରୁନାହିଁ। ଏନେଇ ଲୋକେ ହନ୍ତସନ୍ତ ହୋଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି ଅନ୍ୟ କୌଣସି କାର୍ଯ୍ୟରେ ଆର୍‌ଆଇ ବାହାରକୁ ଯିବା ଆବଶ୍ୟକ ପଡ଼ିଲେ କାର୍ଯ୍ୟାଳୟ ବନ୍ଦ ରହୁଛି। ଅପରପକ୍ଷରେ କାର୍ଯ୍ୟାଳୟ ଛାତରୁ ବର୍ଷାପାଣି ଖସି ନଥିପତ୍ର ନଷ୍ଟ ହେଉଥିବାବେଳେ ପାନୀୟଜଳ ଓ ଶୌଚାଳୟ ଆଦି ମୌଳିକ ସୁବିଧା ନଥିବାରୁ ସମସ୍ତେ ହଇରାଣ ହେଉଛନ୍ତି। କର୍ମଚାରୀଙ୍କ ପାଇଁ ବାସଗୃହ ନ ଥିବାରୁ ଦୂରଦୂରାନ୍ତରୁ ଆସି କାର୍ଯ୍ୟ କରିବାକୁ ପଡୁଛି। କାର୍ଯ୍ୟ ପାଇଁ ଆସୁଥିବା ଲୋକଙ୍କ ପାଇଁ ଏଠାରେ ଅପେକ୍ଷା ଗୃହ ନ ଥିବାରୁ ବର୍ଷାଖରାରେ ହଇରାଣ ହେଉଛନ୍ତି। ଏହି ସବୁ ସମସ୍ୟା ଦୂର ପାଇଁ ଅଞ୍ଚଳବାସୀ ଦାବି କରିଚନ୍ତି। ଏ ନେଇ ରାଜସ୍ୱ ନିରୀକ୍ଷକ ବିଶ୍ୱାଳ କହିଛନ୍ତି, ସହାୟକ କର୍ମଚାରୀ ଅଭାବରୁ ସେ ନିଜେ ସମସ୍ତ କାର୍ଯ୍ୟ କରୁଛନ୍ତି। ତହସିଲ କିମ୍ବା ଅନ୍ୟ କାର୍ଯ୍ୟରେ ବାହାରକୁ ଗଲେ ସମସ୍ୟା ଉପୁଜୁଛି। ଏପରିକି କାର୍ଯ୍ୟ ଚାପରେ ଛୁଟିଦିନରେ ମଧ କାର୍ଯ୍ୟ କରିବାକୁ ପଡୁଛି।

## ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଖସିଲା ଖୋର୍ଦ୍ଧା

ଖୋର୍ଦ୍ଧା,୨୨।୭(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ସହରର ଏକ ସ୍ଥାନରେ ପଡ଼ିରହିଥିବା ଆବର୍ଜନା।

ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଶୀର୍ଷ ସ୍ଥାନ ହାସଲ ଲାଗି ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ସଫେଇ ସମେତ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଥିଲା। ଏଥିସହ ସ୍ୱଚ୍ଛସାଥୀ, ସାନିଟାଇଜ କର୍ମଚାରୀଙ୍କୁ ୩ଟି ପର୍ଯ୍ୟାୟରେ ତାଲିମ ଦିଆଯାଇଥିଲା। କାନ୍ଥବାଡ଼ରେ ସ୍ୱଚ୍ଛ ଖୋର୍ଦ୍ଧା-ସୁସ୍ଥ ଖୋର୍ଦ୍ଧାର ବାର୍ତ୍ତା ଲେଖି ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଦ୍ୟ ପ୍ରକାଶିତ ସ୍ୱଚ୍ଛ ସହର ତାଲିକାରେ ଖୋର୍ଦ୍ଧା ପୌରାଞ୍ଚଳର ସ୍ଥିତି ନୈରାଶ୍ୟଜନକ ରହିଛି। ସଦ୍ୟ ପ୍ରକାଶିତ ତାଲିକାରେ ଚଳିତବର୍ଷ ଖୋର୍ଦ୍ଧାର ସ୍ଥାନ ୬୯ରେ ରହିଛି। ୨୦୨୦ରେ ୭୦, ୨୦୨୧ରେ ୭୪, ୨୦୨୨ରେ ୩୩, ୨୦୨୩ରେ ୩୧ ଏବଂ ୨୦୨୪ରେ ୨୦ ନମ୍ବର ସ୍ଥାନରେ ଖୋର୍ଦ୍ଧା ରହିଥିଲା। 'ସ୍ୱଚ୍ଛ ଖୋର୍ଦ୍ଧା ସୁସ୍ଥ ଖୋର୍ଦ୍ଧା' ପାଇଁ ଖୋର୍ଦ୍ଧା ପୌରାଞ୍ଚଳ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ସତ୍ତ୍ୱେ ତାଲିକାରେ ଖୋର୍ଦ୍ଧାର ନୈରାଶ୍ୟଜନକ ସ୍ଥିତିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ୫୦ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଖୋର୍ଦ୍ଧା ସହରରେ ୨୨ଟି ୱାର୍ଡ ରହିଛି। ସହରର ପରିମଳ ବ୍ୟବସ୍ଥା ନିମନ୍ତେ ପୌର ପ୍ରଶାସନ ପକ୍ଷରୁ ମାସିକ ୪୦ଲକ୍ଷ ଟଙ୍କା ଠିକା ସଂସ୍ଥାକୁ ଦିଆଯାଉଛି। ତେବେ ଅଳିଆ ଉଠୁଛି କି ନାହିଁ ସେ ଖବର ପ୍ରଶାସନ ରଖୁନାହିଁ। ଫଳରେ ଠିକା ସଂସ୍ଥା ସାହି ଗଳିକନ୍ଦିରେ ପଡୁଥିବା ଅଳିଆ ଉଠାଇବା ପ୍ରତି ଗୁରୁତ୍ୱ ଦେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଖୋର୍ଦ୍ଧା ପୌର ପ୍ରଶାସନ ଅଧୀନରେ ୨୦୪ ଠିକା କର୍ମଚାରୀ, ୧୪ ସ୍ୱଚ୍ଛ ସାଥୀ, ୪ ସୁପରଭାଇଜର କାର୍ଯ୍ୟରତ ଅଛନ୍ତି। ଠିକା ସଂସ୍ଥା ଅଧୀନରେ ୧୭୪ଜଣ କାର୍ଯ୍ୟରତ ଥିବା ବେଳେ ଅନ୍ୟମାନେ ପୌର ପ୍ରଶାସନ ଅଧୀନରେ କାର୍ଯ୍ୟ କରୁଛନ୍ତି। ସହରରୁ ଦୈନିକ ୧୪ରୁ ୧୬ଟନ ଓଦା ଓ ଶୁଖିଲା ଅଳିଆ ଆବର୍ଜନା ବାହାରୁଛି। ଅଳିଆ ଉଠାଇବା ଲାଗି ଏସ୍‌ଏଚ୍‌ଜି ଗ୍ରୁପ୍ ଜରିଆରେ ୬ଟି ବ୍ୟାଟେରିଚାଳିତ ଅଳିଆବୁହା ଗାଡି, ୬ଟି ଟ୍ରାକ୍ଟର ନିୟୋଜନ କରାଯାଇଛି। ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହାସତ୍ତ୍ୱେ ଗଳିକନ୍ଦିରେ ଅଳିଆ ପଡ଼ିରହୁଛି। କାହା ସ୍ୱାର୍ଥ ପୌର ପ୍ରଶାସନ ଉକ୍ତ ସଂସ୍ଥାକୁ ଅନୁକମ୍ପା ଦେଖାଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ଟ୍ରାଫିକ ଛକ, ସମବାୟ ଛକ, ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ, ରାଧାବଲ୍ଲଭ ସାହି ରାସ୍ତା, ନୂଆ ବସ୍‌ଷ୍ଟାଣ୍ଡ ରୋଡ ଥିବା ପରିତ୍ୟକ୍ତ ପୋଖରୀ ନିକଟରେ ଅଳିଆ ଗଦା ହୋଇ ରହିଛି। ସମ ପରିମାଣ ଦୃଶ୍ୟ ରହିଛି ନୂଆବସଷ୍ଟାଣ୍ଡ। ଗୁରୁଜଙ୍ଗ, ନୂଆ ବସ୍‌ଷ୍ଟାଣ୍ଡ ପରିସର, ଗୀତାଭବନ ପଡ଼ିଆ, ଖ୍ରୀଷ୍ଟିଆନ ସାହି, ମସଜିଦ୍ ସମ୍ମୁଖ ରାସ୍ତା, ଜରି ପୋଖରୀ ପାର୍ଶ୍ୱ ରାସ୍ତା, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍‌ରେ ଥିବା ପରିତ୍ୟକ୍ତ ପୋଖରୀ ମୁକ୍ତ ଡମ୍ପିଂୟାର୍ଡ ପାଲଟିଛି। ଏହା ଡେଙ୍ଗୁ, ମ୍ୟାଲେରିଆକୁ ଆମନ୍ତ୍ରଣ କରୁଛି। ସେହିପରି ଟିଏଲ୍‌ସି ରୋଡ ପାର୍ଶ୍ୱରେ ଥିବା ଖଣି ପୋଖରୀ ମଧ୍ୟ ମୁକ୍ତ ଡମ୍ପିଂୟାର୍ଡ ପାଲଟିଛି। ଏନେଇ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି, ସହରର ସ୍ୱଚ୍ଛତା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଥିରେ ସହରବାସୀଙ୍କ ସହଭାଗିତା ଜରୁରୀ। ଘରର ଅଳିଆ ଡ୍ରେନ୍‌ରେ ନ ପକାଇବା ପାଇଁ ବାରମ୍ବାର ତାଗିଦ୍ କରାଯିବା ସତ୍ତ୍ୱେ ଲୋକେ ଏହାକୁ ମାନୁନାହାନ୍ତି। ସକାଳୁ ଗୋଟିଏ ଟାଇମ ଅଳିଆ ଉଠୁଛି। ପରବର୍ତ୍ତୀ ସମୟରେ ପୁଣି ସେହି ସ୍ଥାନରେ ଅଳିଆ ପଡୁଛି। ଏଣୁ ଏଭଳି ସମସ୍ୟା ଉପଜୁଛି। ଏଥିପ୍ରତି ପୌର ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବ।

**ପରିମଳ ସମସ୍ୟା ସୁଧୁରୁନି**

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ

ନିଶ୍ଚିନ୍ତକୋଇଲି, ୨୨ ।୭(ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଜନାର୍ଦ୍ଦନ ସିଂଙ୍କ ପୁତ୍ର ଜ୍ୟୋତିରଞ୍ଜନ ସିଂ(୫୯)। ଏ ସଂକ୍ରାନ୍ତରେ ତାଙ୍କ ପରିବାର ଲୋକେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜ୍ୟୋତିରଞ୍ଜନ ତାଙ୍କ ଗଛରୁ ସଜନା ଛୁଇଁ ତୋଳୁଥିବା ସମୟରେ ପାଖରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରତର ହୋଇଥିଲେ। ପଡୋଶୀମାନେ ଜ୍ୟୋତିରଞ୍ଜନଙ୍କୁ ନେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଜ୍ୟୋତିରଞ୍ଜନଙ୍କ ଭଣଜା ରମାକାନ୍ତ ବେହୁରା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ସାଲେପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜ୍ୟୋତିରଞ୍ଜନଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି।

### ଟ୍ରେନ୍ ଆଗକୁ ଡେଇଁ ଯୁବକ ମୃତ

ସାଲେପୁର,୨୨ ।୭(ଅରବିନ୍ଦ ଭୂୟାଁ)– ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ରେଳ ଷ୍ଟେଶନ ନିକଟରେ ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ସାଲେପୁର ଥାନା ଅନ୍ତର୍ଗତ ଛାଣିପୁର ପଞ୍ଚାୟତ ସାତବାଟି ଗ୍ରାମର ମାଧବାନନ୍ଦ ମହାରଣାଙ୍କ ପୁଅ ସୁନୀଲ କୁମାର ମହାରଣା (ପାପୁନି )। ସେ ଭୁବେନେଶ୍ୱରରେ ଏକ ଟ୍ରାଭେଲ ଏଜେନ୍ସିରେ କାର୍ଯ୍ୟ କରୁଥିଲେ। ମାତ୍ର କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା କୁହାଯାଇଛି। ଏନେଇ ସାଲେପୁରରେ ଶୋକର ଛାୟା ଖେଳିଯାଇଛି।

### ଦେଶୀ ମଦ ଜବତ ; ୨ କୋର୍ଟ ଚାଲାଣ

ବାଙ୍କୀ, ୨୨।୭(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଥାନା ଅନ୍ତର୍ଗତ ଚାରିଛକ ଅଞ୍ଚଳରୁ ଅବକାରୀ ଟିମ୍ ଚଢ଼ାଉ କରି ୨୦ ଲିଟର ଦେଶୀ ମଦ ଜବତ କରିଛି। ଏହି ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୈଦେଶ୍ୱର ଥାନା ଅନ୍ତର୍ଗତ ଖଜୁରିପଦା ଗ୍ରାମର ଅନୁପମ ପ୍ରଧାନ(୩୫) ଓ ସନ୍ତୋଷ ବେହେରା (୩୫)। ମଦ ଚୋରାଚାଲାଣରେ ବ୍ୟବହୃତ ଏକ ବାଇକ୍‌କୁ ଅଭିଯୁକ୍ତଙ୍କଠାରୁ ଜବତ ହୋଇଛି। ତେବେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯିବା ପରେ ଜେଲ୍‌କୁ ପଠାଯାଇଛି। ଆଠଗଡ଼ ଅବକାରୀ ଉପଅଧୀକ୍ଷକ ସିଏଚ୍ ତିରୁପତିଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ଏଥିରେ ପ୍ରଦୀପ କୁମାର ଦଳାଇ, ଈଶ୍ୱର ଗୁଡ୍ଡୁ, ମନ୍ମଥ ସିଂ ଓ ମନୋଜ ଖାଲିକ ପ୍ରମୁଖ ସହଯୋଗ କରିଥିଲେ।

# ଉଠାଜଳସେଚନ ପ୍ରକଳ୍ପରେ ତାଲା ପକାଇ ଚାଷୀଙ୍କ ଅନଶନ

**୧୫ ଦିନ ଚାଲିବା ସତ୍ତ୍ୱେ ଗମେଇଁ, ପଡ଼ୋଶୀ ଗ୍ରାମରେ ଜମି ଶୁଖିଲା**



ଅନଶନରେ ବସିଥିବା ଚାଷୀମାନେ।

**ବଡ଼ମ୍ବା,୨୨।୭(ମାୟାଧର ମଲ୍ଲିକ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗମେଇ ଗ୍ରାମର ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଫାଟକରେ ତାଲା ପକାଇ ମଙ୍ଗଳବାର ଚାଷୀମାନେ ଅନଶନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଚଳିତବର୍ଷ ମାତ୍ର ୧୫ଦିନ ହେବ ଏହି ପ୍ରକଳ୍ପ ଚାଲୁ ରହିଛି। ମାତ୍ର ଗମେଇଁ ଓ ପଡ଼ୋଶୀ ଗ୍ରାମର ଜମିକୁ ଛାଡ଼ି ଅନ୍ୟ ପଞ୍ଚାୟତର ଜମିରେ ପାଣି ମଡ଼ାଯାଉଛି। ଫଳରେ ଗମେଇଁ ଓ ତତ୍‌ସଂଲଗ୍ନ ଜମି ଶୁଖିଲା ପଡ଼ିଛି। ଏନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ଦରଖାସ୍ତ କରାଯିବା ସହ ଫୋନ ଯୋଗେ ଜଣାଇ ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହାର ପ୍ରତିବାଦରେ ଗମେଇଁ ଗ୍ରାମର ପ୍ରାକ୍ତନ ସଭାପତି ସରୋଜ କୁମାର ନାୟକ ଓ ଉପସଭାପତି ମାଟିଆ ନାୟକଙ୍କ ନେତୃତ୍ୱରେ ବହୁ ଚାଷୀ ପ୍ରକଳ୍ପ ମୁଖ୍ୟ ଫାଟକ ଆଗରେ ଅନଶନ କରିଥିଲେ। ଖବରପାଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅବିନାଶ ପଣ୍ଡା ଅନଶନ ସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରିବା ପାଇଁ ଚାଷୀମାନେ ଦାବି କରିଥିଲେ। ଏ ସମ୍ପର୍କରେ ପଣ୍ଡା କହିଛନ୍ତି, ଗମେଇଁକୁ ସଂଯୋଗ ହୋଇଥିବା ପାଇପ୍ ଲାଇନ ଫାଟିଯାଇଛି। ଏହାକୁ ଦୁଇଦିନ ମଧ୍ୟରେ ମରାମତି କରି ପାଣି ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନରତ ଚାଷୀମାନେ ଅନଶନରୁ ଉଠିଥିଲେ। ଏହି ଅନଶନରେ ଚାଷୀ ଲକ୍ଷ୍ମୀଧର ବାରିକି, କେଶବ ରାଉତ, ନିତ୍ୟାନନ୍ଦ ଦଳେଇ, ପ୍ରାଣବନ୍ଧୁ ବାରିକି, ବିଦ୍ୟାଧର ମଲ୍ଲିକ, ଘନଶ୍ୟାମ ନାୟକ, ମଥୁରା ନାୟକ, ଅଭୟ ନାୟକ, ମାନସ ଦଳେଇ ପ୍ରମୁଖ ସାମିଲ ହୋଇଥିଲେ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ନୂତନ ମାନ୍ୟତା




**ଭୁବନେଶ୍ୱର,୨୨।୭**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏସ୍‌ଏସ୍‌ୟୁ)କୁ ନିକଟରେ ଆଉ ଏକ ନୂତନ ଅନ୍ତଃରାଷ୍ଟ୍ରୀୟ ମାନ୍ୟତା ମିଳିଛି। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ମ୍ୟାଗାଜିନ୍ ଆଉଟ୍ ଲୁକ୍ ଦ୍ୱାରା ଏସ୍‌ଏସ୍‌ୟୁକୁ ଏହି ମାନ୍ୟତା ଦିଆଯାଇଛି। ବିଶେଷକରି ଭାରତୀୟ ଗବେଷଣା ଓ ଶିକ୍ଷାର ଉନ୍ନତି କେନ୍ଦ୍ର–୨୦୨୫ (ଇଣ୍ଡିଆନ୍ ସେଣ୍ଟର ଫର୍ ଆଡଭାନ୍ସମେଣ୍ଟ ଅଫ୍ ରିସର୍ଚ୍ଚ ଆଣ୍ଡ ଏଜୁକେସନ୍–ଆଇସିଏଆର୍‌ଇ) ର୍‍ୟାଙ୍କିଙ୍ଗ୍ ଅନୁସାରେ ଏସ୍‌ଏସ୍‌ୟୁକୁ ୩ୟ ସ୍ଥାନ ମିଳିଛି। ଏପରିକି ଦେଶର ଶ୍ରେଷ୍ଠ ୨୦ଟି ଆୟୁର୍ବେଦ ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାର ଏକମାତ୍ର ଶିକ୍ଷାନୁଷ୍ଠାନ ଭାବେ କଟକର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଉକ୍ତ ତାଲିକାର ୩ୟ ସ୍ଥାନରେ ରହିଛି। ଏଥିରେ ଶିକ୍ଷାତ୍ମକ ଓ ଗବେଷଣା ଉତ୍କୃଷ୍ଟତା (ଏକାଡେମିକ୍ ଆଣ୍ଡ ରିସର୍ଚ୍ଚ ଏକ୍ସଲେନ୍ସ), ଉଦ୍ୟୋଗ ସଂଯୋଗ ଓ ନିଯୁକ୍ତି (ଇଣ୍ଡଷ୍ଟ୍ରି ଇଣ୍ଟରଫେସ୍ ଆଣ୍ଡ ପ୍ଲେସମେଣ୍ଟ), ଭିତ୍ତିଭୂମି ଓ ସୁବିଧାସୁଯୋଗ (ଇନ୍‌ଫ୍ରାଷ୍ଟ୍ରକଚର ଆଣ୍ଡ ଫେସିଲିଟିଜ୍), ପ୍ରଶାସନ ଓ ନାମଲେଖା (ଗଭର୍ନାନ୍ସ ଆଣ୍ଡ ଆଡମିଶନ୍) ଏବଂ ବିବିଧତା ଓ ପ୍ରସାରଣ (ଡାଇଭର୍ସିଟି ଆଣ୍ଡ ଆଉଟରିଚ୍) ଭଳି ୫ଟି ବିଷୟରେ ସମୁଦାୟ ୧୦୦୦ ନମ୍ବରରୁ ଏସ୍‌ଏସ୍‌ୟୁ ୯୩୫.୫୭ ନମ୍ବର ରଖି ଏହି ସଫଳତା ଲାଭ କରିଛି।

ଉକ୍ତ ତାଲିକାର ଶ୍ରେଷ୍ଠ ୫ଟି ଆୟୁର୍ବେଦ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର ପୁଣେସ୍ଥିତ ଭାରତୀ ବିଦ୍ୟାପୀଠ ଅନ୍ତର୍ଗତ ୟୁନିଭର୍ସିଟି କଲେଜ ଅଫ୍ ଆୟୁର୍ବେଦ, କେରଳ କୋଲ୍ଲାମସ୍ଥିତ ଅମୃତ ବିଶ୍ୱବିଦ୍ୟାପୀଠମ୍, ଓଡ଼ିଶାର କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କର୍ଣାଟକ ବିଜୟପୁରାସ୍ଥିତ ଏଭିଏସ୍ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ମହାରାଷ୍ଟ୍ର ୱାର୍ଦ୍ଧାସ୍ଥିତ ଦତ୍ତା ମେଘେ ଇନଷ୍ଟିଚ୍ୟୁଟ୍ ଅଫ୍ ହାୟର ଏଜୁକେଶନ ଆଣ୍ଡ ରିସର୍ଚ୍ଚ ସାମିଲ ଅଛନ୍ତି।

ସେହିଭଳି ଆଗକୁ ଅଧିକ ପରିଶ୍ରମକରି ପରବର୍ତ୍ତୀ ବର୍ଷଗୁଡ଼ିକରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଲକ୍ଷ୍ୟ ରଖିଥିବା ବିଭାଗୀୟ ଡିନ୍ ଡ. ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ଏପରିକି ୫ଟି ଅନୁଷ୍ଠାନ ସହଯୋଗର ଆମେ ଏହି ସଫଳତା ପାଇଛୁ। ସେହିପରି ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶଙ୍କ ସହଯୋଗ ଏବଂ ଉଦ୍ୟମ ଯୋଗୁ ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲରେ ବର୍ତ୍ତମାନ ଗବେଷଣା ଚାଲିଥିବାବେଳେ ଏଠାରେ ଶହେରୁ ଅଧିକ ଛାତ୍ରୀଛାତ୍ର ୧୪ଟି ବିଷୟରେ ଅଧ୍ୟୟନ କରୁଛନ୍ତି।

# ଓପିଏସ୍‌ସିକୁ ହାଇକୋର୍ଟଙ୍କ ନୋଟିସ



**ଉଚ୍ଚରକ୍ତଚାପ ଦର୍ଶାଇ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା ମାମଲା**

**ଜୁଲାଇ ୨୪ରେ ପରବର୍ତ୍ତୀ ଶୁଣାଣି**

**କଟକ,୨୨।୭(କାର୍ତ୍ତିକ ସାହୁ)**

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ବନ ସେବାର ସହାୟକ ବନ ସଂରକ୍ଷକ (ଗ୍ରୁପ–ଏ) (ଜେବି) ଏବଂ ବନରେଞ୍ଜର (ଗ୍ରୁପ–ବି) ପଦରେ ନିଯୁକ୍ତି ପାଇଁ ଅନୁଷ୍ଠିତ ଶାରୀରିକ ମାନଦଣ୍ଡରେ ବେଆଇନ ଭାବେ ୯ଜଣଙ୍କୁ ଅଯୋଗ୍ୟ କରାଯାଇଥିବା ନେଇ ରୁଜୁ ମାମଲାର ଶୁଣାଣି କରି ମଙ୍ଗଳବାର ହାଇକୋର୍ଟ ଓପିଏସ୍‌ସିକୁ ନୋଟିସ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ଶୁଣାଣି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୪କୁ ଧାର୍ଯ୍ୟ କରାଯାଇଛି।

ଆବେଦନକାରୀ ଦେବାଶିଷ ଦାସ ଓ ଅନ୍ୟ ୮ଜଣଙ୍କ ପକ୍ଷରୁ ଆବେଦନରେ ଦର୍ଶାଯାଇଛି ଯେ, ସହାୟକ ବନ ସଂରକ୍ଷକ ଓ ବନ ରେଞ୍ଜର ପଦ ପାଇଁ ଓପିଏସ୍‌ସି ବିଜ୍ଞାପନ ପ୍ରକାଶ କରିଥିଲା। ଏହି ପଦ ପାଇଁ ସେମାନେ ଆବେଦନ କରିଥିଲେ। ସେମାନେ ଲିଖିତ ପରୀକ୍ଷାରେ ସଫଳ ହୋଇଥିଲେ। ଓପିଏସ୍‌ସି ୱେବ୍‌ସାଇଟ୍‌ରେ ୫୩୩ଜଣ ମଧ୍ୟରୁ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କୁ ଜୁଲାଇ ୧୫ରେ ଶାରୀରିକ ପରୀକ୍ଷା ପାଇଁ ଡକାଯାଇଥିଲା। ଯଦିଓ ସେମାନଙ୍କ ଆବଶ୍ୟକ ଉଚ୍ଚତା ଓ ଛାତି ଚଉଡ଼ା ଥିଲା। କିନ୍ତୁ ବିଜ୍ଞାପନର ଧାରା ୫ ଅନୁସାରେ ବେଆଇନ ଓ ମନମୁଖି ଭାବେ ସେମାନଙ୍କୁ ଶାରୀରିକ ସହନଶୀଳତା ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଇ ନ ଥିଲା। ଉଚ୍ଚରକ୍ତଚାପ ଅଧିକ ଥିବା ଦର୍ଶାଇ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହି ରକ୍ତଚାପ ରେକର୍ଡିଂ ଏକ ଡିଜିଟାଲ ଉପକରଣ ଆଧାରରେ କରାଯାଇଥିଲା। ୧୬ ଜୁଲାଇ ୨୦୨୫ରେ ଅନୁଷ୍ଠିତ ଶାରୀରିକ ପରୀକ୍ଷାରେ ସାଧାରଣ ଉପକରଣରେ ରକ୍ତଚାପ ମାପ ହୋଇଥିବା ବେଳେ ୧୫ ଜୁଲାଇରେ ଅନୁଷ୍ଠିତ ପରୀକ୍ଷାରେ ତାହା କରାଯାଇ ନ ଥିଲା। ଓପିଏସ୍‌ସିର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଆବେଦନକାରୀମାନେ ଶାରୀରିକ ସହନଶୀଳତା ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ତେଣୁ ସେମାନଙ୍କୁ ଶାରୀରିକ ସହନଶୀଳତା ପରୀକ୍ଷା ପାଇଁ ତୁରନ୍ତ ଅନୁମତି ଦେବା ଏବଂ ଉପଯୁକ୍ତ ରକ୍ତଚାପ ମାପ ଉପକରଣ ଦ୍ୱାରା ପୁନଃରକ୍ତଚାପ ପରୀକ୍ଷା କରାଇବା ପାଇଁ ଆବେଦନକାରୀମାନେ ପ୍ରାର୍ଥନା କରିଛନ୍ତି। ମାମଲାରେ ଭୁବନେଶ୍ୱର ମୁଖ୍ୟ ବନ ସଂରକ୍ଷକ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଓପିଏସ୍‌ସି ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ସୋମ ଶେଖର ରଥ ଏବଂ ଆଇନଜୀବୀ ରାଜୀବ ରଥ ପରିଚାଳନା କରୁଛନ୍ତି।

### ଯୌନ ଉତ୍ପୀଡ଼ନ ନିବାରଣ, ପ୍ରତିକାର ସମ୍ପର୍କିତ ସଚେତନ କର୍ମଶାଳା

**ତିରିଆ,୨୨।୭(ଜାଫର ଖାଁ)**

ତିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ଯୌନ ଉତ୍ପୀଡ଼ନ ନିବାରଣ, ନିଷେଧ ଓ ପ୍ରତିକାର ସମ୍ପର୍କିତ ଏକ କର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ବେହେରାଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ ସମିତି ଗଠନ କରାଯାଇଛି। କର୍ମଶାଳାରେ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟକ୍ଷ ବେହେରା ମହିଳାଙ୍କ ଅଧିକାର, ଯୌନଶୋଷଣରୁ ସୁରକ୍ଷା ପାଇଁ ଥିବା ସାମ୍ବିଧାନିକ ଅଧିକାର ସମ୍ପର୍କରେ କହିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ପ୍ରିଜାଇଡିଂ ଅଫିସର ଇନ୍ଦିରା ସାମନ୍ତରାୟ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ଓ ଅଧିକାର ସମ୍ପର୍କରେ ମତ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧାପକ ସୁଧୀର ଚନ୍ଦ୍ର ନାଥ ଅଧାପକ କ୍ୟାପ୍‌ଟେନ୍ ଲକ୍ଷ୍ମୀଧର ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ରାମଚନ୍ଦ୍ର ବେହେରା, ଅଧ୍ୟାପିକା ରଶ୍ମିରେଖା ମଲ୍ଲିକ ମହିଳା ଅଧିକାର, ସୁରକ୍ଷା ଓ ଆତ୍ମସଚେତନ ଉପରେ ଗୁରୁତ୍ୱାରୋପ କରିଥିଲେ।

### ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

**ନାବାଳିକା ଯୌନ ନିର୍ଯାତନା ମାମଲା**

**କଟକ,୨୨।୭(କାର୍ତ୍ତିକ ସାହୁ)**

ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାର ଶୁଣାଣି କରି କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦,୦୦୦ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ହେଉଛନ୍ତି ବାରଙ୍ଗ ଅଞ୍ଚଳର କୈଳାସ ସୁନାର। ମାମଲା ବିବରଣୀ ଅନୁଯାୟୀ, ୨୦୨୪ ନଭେମ୍ବର ୨୦ରେ ବାରଙ୍ଗ ଥାନାରେ ନାବାଳିକାଙ୍କୁ ଯୌନ ନିର୍ଯାତନା ନେଇ ଅଭିଯୋଗ ହୋଇଥିଲା। କୈଳାସ ପୀଡ଼ିତାଙ୍କୁ ଚକୋଲେଟ ଦେଇ ନରଣପୁରରେ ଥିବା ଏକ ଇଟା ଭାଟି ପରିସରକୁ ଡାକି ଯୌନ ନିର୍ଯାତନା ଦେଇଥିଲେ। ଘଟଣା ସଂକ୍ରାନ୍ତରେ କାହା ଆଗରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ। ଘରକୁ ଆସିବା ପରେ ପୀଡ଼ିତା ମା’ବାପଙ୍କୁ ଜଣାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଥିସହ ପୀଡ଼ିତାଙ୍କୁ ଶିଶୁ ଭବନ ଏବଂ ଏସସିବି ମେଡିକାଲରେ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଭାରତୀୟ ନୂତନ ନ୍ୟାୟ ସଂହିତାର କଠୋର ବିଧି ବ୍ୟବସ୍ଥା ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ତଦନ୍ତ କରାଯାଇ ୧୫ ଦିନ ମଧ୍ୟରେ ଚାର୍ଜସିଟ ଦାଖଲ କରାଯାଇଥିଲା।

# ଯୌନ ନିର୍ଯାତନା ଭଳି ମାନସିକତାଠାରୁ ଦୂରରେ ରୁହ




ଛାତ୍ରୀମାନେ ଶପଥପାଠ କରୁଛନ୍ତି।

**ବାଙ୍କୀ, ୨୨।୭( ଶୁଭେନ୍ଦୁ ମହାପାତ୍ର):**

ବାଙ୍କୀ ଉପଖଣ୍ଡ ଅଂଶୁପା ସ୍ନାତକ ମହାବିଦ୍ୟାଳୟରେ ଯୌନ ନିର୍ଯାତନା ନିବାରଣ ଉପରେ ମଙ୍ଗଳବାର ଏକ ସଚେତନତା କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁରେ ଛାତ୍ରୀଛାତ୍ରମାନେ ଶୋକ ପାଳନ କରିଥିଲେ। ଶିକ୍ଷାଳୟରେ ଶାନ୍ତି ଶୃଙ୍ଖଳା ସହିତ ଶିକ୍ଷାଦାନ କରିବା ସହ ଯୌନ ନିର୍ଯାତନା ଭଳି ଘୃଣ୍ୟ ମାନସିକତାଠାରୁ ନିଜକୁ ଦୂରରେ ରଖି ଉତ୍ତମ ଲକ୍ଷଣ ବ୍ୟବହାର କରିବା ଆବଶ୍ୟକ ରହିଛି। କର୍ମଶାଳାରେ କଲେଜ ଛାତ୍ରୀଛାତ୍ରଙ୍କୁ ରାଜନୀତିଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। କଲେଜସ୍ତରରେ ନିର୍ବାଚନ କରିବା ଦ୍ୱାରା ଶିକ୍ଷା ଦାନ ପ୍ରତି ବିପଦ ସୃଷ୍ଟି ହେଉଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରାଜନୀତିକୁ ନେଇ ଆକ୍ରୋଶ ମୂଳକ ଚିନ୍ତାଧାରା ସୃଷ୍ଟି ହେଉଛି ବୋଲି ମହାବିଦ୍ୟାଳୟର ଛାତ୍ରୀମାନେ ପ୍ରକାଶ କରିଥିଲେ। ଏଥିସହ ଏଭଳି କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିବା ପାଇଁ ଶପଥ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଧ୍ୟନ୍ତରୀଣ ଅଭିଯୋଗ କମିଟି ସଭ୍ୟାମାନେ ଉପସ୍ଥିତ ଥିଲେ।

# ପୁରସ୍କୃତ ହେବେ ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗୀ

**ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ**

**ବାଙ୍କୀ, ୨୨।୭ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ଉପଖଣ୍ଡସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପ୍ରଣବ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉପଜିଲାପାଳ ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ଜାକଜମକରେ ସ୍ୱାଧୀନତା ଦିବସ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସ୍ୱାଧୀନତା ଦିବସ ଦିନ ପ୍ରାତଃ ୪ଟା ୩୦ ରୁ ୫ଟା ୩୦ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ‘ରାମଧୁନ’ ପ୍ରଚାର କରାଯିବ। ଏଥିସହ ପ୍ରତ୍ୟୁଷରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି ଓ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ସକାଳ ୭ଟା.୩୦ ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ସେହିପରି ସ୍ଥାନୀୟ କଚେରି ପଡ଼ିଆରେ ପୂର୍ବାହ୍ନ ୯ଟା ୧୫ରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଉପଜିଲାପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଚଳିତ ବର୍ଷ ମହାବିଦ୍ୟାଳୟରେ ଯୁକ୍ତ ୨ ଓ ୩ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଏଥିସହ ଉପଖଣ୍ଡର ଶ୍ରେଷ୍ଠ ଚାଷୀଙ୍କୁ ସମ୍ବର୍ଦ୍ଧନା କରାଯିବ। ଉପକାରାଗାରର କଏଦୀ ଓ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ମିଷ୍ଟାନ ଓ ଫଳ ବଣ୍ଟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆୟୋଜିତ ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହଁର, ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ଏନ୍‌ଏସି ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଅବକାରୀ ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ମାଝି, ଡ.ପଦ୍ମଲୋଚନ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ଶିକ୍ଷା ଅନୁଷ୍ଠାନର ମୁଖ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାଳି ଚରଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ୧ ମାସ ହେବ ଅସ୍ତ୍ରୋପଚାର ଅପେକ୍ଷାରେ ୧୨ବର୍ଷୀୟା ଶିଶୁ

- ଶିଶୁଭବନରେ ଅପେକ୍ଷା ବଢ଼ାଉଛି ଶିଶୁରୋଗୀଙ୍କ ଯନ୍ତ୍ରଣା
- ୱାର୍ଡରେ କର୍ମଚାରୀଙ୍କ ମୁତାବକ ଚାଲୁଛି ଏସି
- ତାପମାତ୍ରା କମ୍ ଓ ଥଣ୍ଡା ଅଧିକ ହେବାରୁ ଅସୁସ୍ଥ ହେଉଛନ୍ତି ଶିଶୁରୋଗୀ

**କଟକ,୨୨।୭(ଶିଳ୍ପା ପ୍ରିୟଦର୍ଶିନୀ)**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ(ଶିଶୁଭବନ)ରେ ସର୍ଜରି ଅପେକ୍ଷାରେ ଏକ ମାସ ହେବ ପଡ଼ିରହିଛନ୍ତି ୧୨ବର୍ଷର ଶିଶୁକନ୍ୟା। ଅସ୍ତ୍ରୋପଚାର ପାଇଁ ତାରିଖ ପରେ ତାରିଖ ଗଡି ଚାଲିଛି କିନ୍ତୁ ଏହା ସମ୍ଭବପର ହୋଇ ପାରୁ ନାହିଁ। ଅସ୍ତ୍ରୋପଚାର ବିଳମ୍ବ ହେବାରୁ ଅସନ୍ତୋଷ ପ୍ରକାଶ କରି ମେଡିକାଲରେ ପଡ଼ିରହିଛନ୍ତି ମା’ବାପା। ଅନ୍ୟପଟେ ସର୍ଜରି ୱାର୍ଡରେ ଏସି ତାପମାତ୍ରାକୁ ନିୟନ୍ତ୍ରଣ କରାଯାଉ ନାହିଁ। ସେଠାରେ ଥିବା କର୍ମଚାରୀଙ୍କ ଇଚ୍ଛା ମୁତାବକ ଏସି ତାପମାତ୍ରା ରଖାଯାଉଛି। ଫଳରେ ଶିଶୁରୋଗୀ ପ୍ରାୟତଃ ଥଣ୍ଡା ଜ୍ୱରର ଶିକାର ହେଉଛନ୍ତି ଏବଂ ବାଧ ହୋଇ ଶିଶୁରୋଗୀଙ୍କୁ ୱାର୍ଡ ବାହାରେ ଧରି ଅଭିଭାବକମାନେ ଆଶ୍ରୟ ନେଉଥିବା ମଙ୍ଗଳବାର ଦେଖିବାକୁ ମିଳିଛି।



ମା’ଙ୍କ ସହ ଅସ୍ତ୍ରୋପଚାର ଅପେକ୍ଷାରେ ଥିବା ଶିଶୁକନ୍ୟା।

ସୂଚନା ଅନୁଯାୟୀ, କେନ୍ଦୁଝର ଅଞ୍ଚଳର ୧୨ବର୍ଷୀୟା ଶିଶୁ ମାମୁନି ପାତ୍ରଙ୍କୁ ଆଜକୁ ୧୦ବର୍ଷ ହେବ ପେଟରେ ଯନ୍ତ୍ରଣା ହେବା ସହ ପେଟ ଫୁଲିବା ଆରମ୍ଭ ହୋଇଥିଲା। ମାମୁନିଙ୍କୁ ତାଙ୍କ ମା’ ରଞ୍ଜିତା ପାତ୍ର ଘସିପୁରା ମେଡିକାଲରେ ଡାକ୍ତର ଦେଖାଇଥିଲେ । ପରୀକ୍ଷା ରିପୋର୍ଟ ମୁତାବକ ମାମୁନିଙ୍କୁ ଥାଲେସେମିଆ ରୋଗ ହୋଇଥିବା ଡାକ୍ତର କହିଥିଲେ ଏବଂ ରକ୍ତ ଲଗାଯିବ ବୋଲି କହିଥିଲେ। ପରେ ମାମୁନିଙ୍କ ଚିକିତ୍ସା ଜାରି ରହିବା ସହ ରକ୍ତ ମଧ୍ୟ ଦିଆଯାଉଥିଲା। ହେଲେ ମାମୁନିଙ୍କ ହଠାତ୍ ଦେହ ଅଧିକ ଖରାପ ହେବାରୁ ଗତ ଏକ ମାସ ତଳେ ମା’ ରଞ୍ଜିତା ପ୍ରଥମେ ଘସିପୁରା ମେଡିକାଲ ପରେ ଡାକ୍ତର କଟକ ଶିଶୁଭବନକୁ ପଠାଇଥିଲେ। ଶିଶୁଭବନ ଆସିବା ପରେ ପ୍ରଥମେ ଡାକ୍ତର ତାଙ୍କୁ କାଜୁଆଲିଟିରେ ଚିକିତ୍ସା କରିଥିଲେ ଏବଂ ପେଟ ଅପରେଶନ କରାଯିବ ବୋଲି ଜଣାଇବା ପରେ ତାଙ୍କୁ ସର୍ଜରି ୱାର୍ଡକୁ ସ୍ଥାନାନ୍ତର କରିଥିଲେ। ମାମୁନି ଏବେ ଶିଶୁଭବନର ଚତୁର୍ଥ ମହଲାର ସର୍ଜରି ୱାର୍ଡରେ ଅଛନ୍ତି। ହେଲେ ଏକ ମାସ ହେବ ମାମୁନିଙ୍କୁ ଚିକିତ୍ସା ଆଳରେ କେବଳ ରକ୍ତ ଦିଆଯାଉଛି। ଅସ୍ତ୍ରୋପଚାର ପାଇଁ ଡାକ୍ତର ଗତ ଶନିବାର ତାରିଖ ଧାର୍ଯ୍ୟ କରିଥିଲେ। ହେଲେ ସର୍ଜରି ୱାର୍ଡରେ ଏସିର ତାପମାତ୍ରା ବହୁତ ସ୍ୱାଭାବିକଠାରୁ ଅଧିକ କମ ଥିବା ଫଳରେ ମାମୁନିଙ୍କୁ ଥଣ୍ଡା ଜ୍ୱର ହେବାରୁ ଅସ୍ତ୍ରୋପଚାର ବନ୍ଦ କରାଯାଇଥିଲା। ପ୍ରାୟ ଏକ ସପ୍ତାହ ହେବ ଥଣ୍ଡା ଜ୍ୱର ଭଲ ହୋଇଥିଲେ ମଧ୍ୟ ଏବେ ଡାକ୍ତର ଅସ୍ତ୍ରୋପଚାର ପାଇଁ ତାରିଖ ଦେଇନାହାନ୍ତି। ଏ ନେଇ ରଞ୍ଜିତା କହିଛନ୍ତି, ଝିଅକୁ ନେଇ ଏକ ମାସ ହେବ ଶିଶୁଭବନରେ ପଡିରହିଛୁ। ଆଜିକାଲି କହି ଏକ ମାସ ହୋଇଗଲା, ହେଲେ ଅସ୍ତ୍ରୋପଚାର ହୋଇ ପାରିଲାନାହିଁ। ଚିକିତ୍ସା କ୍ଷେତ୍ରରେ କେବଳ ରକ୍ତ ଦିଆଯାଉଛି। ୱାର୍ଡରେ ଥିବା କର୍ମଚାରୀମାନେ ଶିଶୁରୋଗୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଉନାହାନ୍ତି। ନିଜ ମୁତାବକ ଏସିର ତାପମାତ୍ରା ରଖୁଛନ୍ତି ଯାହାଦ୍ୱାରା ପ୍ରାୟ ଶିଶୁରୋଗୀ ଅସୁସ୍ଥ ହେଉଛନ୍ତି। ଫଳରେ ୱାର୍ଡ ବାହାରେ ଶିଶୁରୋଗୀଙ୍କୁ ଧରି ବସିବାକୁ ବାଧ ହେଉଛୁ ବୋଲି ସେ କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ, ମୋବାଇଲ ଲୁଟ୍

## ଅଭିଯୁକ୍ତଙ୍କୁ କାବୁ କଲେ ସ୍ଥାନୀୟ ଲୋକେ

ଭୁବନେଶ୍ୱର,୨୨।୭(ସତ୍ୟଜିତ୍ ରାଉତ)

କ୍ୟାପିଟାଲ ହସ୍ପିଟାଲରୁ ଏଜି ଛକ ଯିବା ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବତଙ୍କୁ ଅସଦାଚରଣ ସହ ମୋବାଇଲ ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ସମ୍ପୃକ୍ତ ଅଭିଯୁକ୍ତଙ୍କୁ କାବୁ କରିବା ସହ ପୋଲିସ ଜିମା ଦେଇଛନ୍ତି। ଏନେଇ ପୀଡିତାଙ୍କ ଏତଲାକ୍ରମେ କ୍ୟାପିଟାଲ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ଅଧିକ ପଚରାଉଚରା କରୁଛି। ବୁଧବାର ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ପୀଡିତା ଜଣକ ରାତି ପ୍ରାୟ ୮ଟା ୩୦ରେ କୌଣସି କାମରୁ ଫେରି ହସ୍ପିଟାଲ ରୋଡ୍‌ରେ ଏଜି ଛକ ଆଡକୁ ଚାଲିଚାଲି ଆସୁଥିଲେ। ଏଜି ଛକ ନିକଟରେ ଅଭିଯୁକ୍ତ ଜଣକ ତାଙ୍କୁ ଟାର୍ଗେଟ୍ କରିଥିଲେ। ସେ ଯୁବତୀଙ୍କୁ ଏକଲା ଥିବା ଦେଖି ଟଣାଓଟରା କରିବା ସହ ଅପରାଧ ଘଟାଇଥିଲେ।

# ସୁଭଦ୍ରା ସମୀକ୍ଷାର ଶୁଭାରମ୍ଭ କଲେ ପ୍ରଭାତୀ

## ହିତାଧିକାରୀଙ୍କଠାରୁ ତଥ୍ୟ ଆଣିବେ କଲେଜ ଛାତ୍ରୀଛାତ୍ର



ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୨୨।୭(ସୁଚିସ୍ମିତା ସାହୁ)

ରାଜ୍ୟର ମହିଳାଙ୍କ ଆର୍ଥିକ ସଶକ୍ତୀକରଣ କରିବା ହେଉଛି 'ସୁଭଦ୍ରା' ଯୋଜନା ଆରମ୍ଭର ମୂଳ ଲକ୍ଷ୍ୟ। ତେବେ ଏହି ବୃହତ୍ ଯୋଜନା ରାଜ୍ୟର କୋଣ ଅନୁକୋଣରେ ପହଞ୍ଚି ମା' ଓ ଭଉଣୀଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ କରୁଛି। ସେମାନଙ୍କ ସ୍ୱପ୍ନକୁ ନୂଆ ରୂପ ପ୍ରଦାନ କରିବାରେ ସହାୟକ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା 'ସୁଭଦ୍ରା ସମୀକ୍ଷା' କାର୍ଯ୍ୟକ୍ରମରେ କହିଛନ୍ତି। ମହିଳା ଏବଂ ଶିଶୁ ବିକାଶ ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟ ପରିସର ଶୁକବିହାର ଓ ଶନିବିହାର ଅଙ୍ଗନୱାଡି କେନ୍ଦ୍ରରେ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଉପମୁଖ୍ୟମନ୍ତ୍ରୀ। ଏହି କାର୍ଯ୍ୟକ୍ରମରେ କଲେଜ ପଢୁଆ ଛାତ୍ରୀଛାତ୍ର ସାମିଲ ହେବେ। ଆସନ୍ତା ଦୁଇ ସପ୍ତାହବ୍ୟାପୀ ସାରା ରାଜ୍ୟର ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ସାକ୍ଷାତକାର କାର୍ଯ୍ୟକ୍ରମ ମାଧ୍ୟମରେ ହିତାଧିକାରୀଙ୍କୁ ସୁଭଦ୍ରା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରି ଆବଶ୍ୟକ ତଥ୍ୟ ସୁନିଶ୍ଚିତ କରିବେ। ସୁଭଦ୍ରା ସହାୟତାର ଉପଯୋଗ ଓ ସୁଭଦ୍ରା କାର୍ଯ୍ୟକ୍ରମର ପ୍ରଭାବ ବିଷୟରେ ସେମାନେ ତଥ୍ୟ ସଂଗ୍ରହ କରିବେ। ପର୍ଯ୍ୟାୟକ୍ରମେ ୨୨ହଜାର ମହିଳା ହିତାଧିକାରୀଙ୍କୁ ନେଇ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଏହି ଗ୍ରୁପରେ ବିଭିନ୍ନ ସାମାଜିକ ବର୍ଗ ଏବଂ ବୟସଭିତ୍ତିକ ହିତାଧିକାରୀଙ୍କୁ ନିଆଯାଇଛି। ହିତାଧିକାରୀଙ୍କ ଇଚ୍ଛା ଓ ଆକାଂକ୍ଷାକୁ ବୁଝିବା ସହ ସୁଭଦ୍ରା ସହାୟତାର ଯଥାର୍ଥ ଉପଯୋଗ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରହିଛି। ସର୍ବେକ୍ଷଣ ତଥ୍ୟ ଆଧାରରେ ଆଗାମୀ ସୁଭଦ୍ରା କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ କରାଯିବ। ଏଥିରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ତଥା ତାଲିମପ୍ରାପ୍ତ କର୍ମକର୍ତ୍ତାମାନେ ଛାତ୍ରୀଛାତ୍ରଙ୍କୁ ସହଯୋଗ କରିବେ। ଆଇଆଇଏମ୍ ସମ୍ବଲପୁର ସହଯୋଗରେ ମହିଳା ଓ ଶିଶୁ ବିକାଶ ବିଭାଗ ଏହି ସମୀକ୍ଷାର ତଥ୍ୟକୁ ବିଶ୍ଳେଷଣ କରି ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରିବ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ସମାଜସେବୀ ଜଗନ୍ନାଥ ପ୍ରଧାନ, ମହିଳା ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସହରାଞ୍ଚଳ ଭିତ୍ତିଭୂମି ସୁଦୃଢ଼ ଉପରେ ଗୁରୁତ୍ୱାରୋପ



ବୈଠକରେ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୨୨।୭(ବନ୍ଦନା ସେଠୀ)

ସହରାଞ୍ଚଳ ଭିତ୍ତିଭୂମି ସୁଦୃଢ଼ ନେଇ ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୩୬ତମ ଡ୍ୟାସ୍ ବୋର୍ଡ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସହରାଞ୍ଚଳ ଭିତ୍ତିଭୂମି ବିକାଶ ନେଇ ଆରମ୍ଭ କରାଯାଇଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯାଇଥିଲା। ବିଶେଷକରି ୧୧୫ ସ୍ୱାୟତ୍ତ ଶାସନ ସଂସ୍ଥାରେ ଓ ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ ଚାଲିଥିବା ଷ୍ଟ୍ରିଟ୍ ଲାଇଟିଂ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସାରିବା ନିମନ୍ତେ ନିୟମିତ ବ୍ୟବଧାନରେ ସମୀକ୍ଷା, ଆବଶ୍ୟକ ସହଯୋଗ ଯୋଗାଇଦେବା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ସହାୟକ ହେବ। ଏହାସହିତ ନିରନ୍ତର ସହରାଞ୍ଚଳ ବିକାଶ ଦିଗରେ ଅଗ୍ରସର ହୋଇପାରିବା ବୋଲି ସେ କହିଥିଲେ। ତୃଣମୂଳସ୍ତରରୁ ଆସୁଥିବା ବିଭିନ୍ନ ମତାମତ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏଫ୍‌ପିଓଙ୍କ ଆର୍ଥିକ ସଂଯୋଗ ନେଇ ଆଲୋଚନା

ଭୁବନେଶ୍ୱର,୨୨।୭ (ବନ୍ଦନା ସେଠୀ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଦ୍ୱାରା ପରିଚାଳିତ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପକ୍ଷରୁ 'ଓଡ଼ିଶାରେ ଏଫ୍‌ପିଓଙ୍କ ପାଇଁ ଆର୍ଥିକ ସଂଯୋଗ' ନେଇ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେଣ୍ଟର ଅଫ୍ ଏକ୍ସିଲେନ୍ସର ଅନୁସନ୍ଧାନକରୀ ତଥା ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶିକା (ସମ୍ପ୍ରସାରଣ) ବୈଠକରେ ଅଧ୍ୟକ୍ଷତା କରିଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ପିଏସ୍‌ଏଫ୍‌ପିଓର ଆର୍ଥିକ ବିଶେଷଜ୍ଞ, ବ୍ୟାଙ୍କ ଅଫ୍ ବରୋଦାର ଡିଜିଏମ୍, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଜିଏମ୍, ବରିଷ୍ଠ ବ୍ୟବସାୟ ବିକାଶ ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ। ଏଫପିଓଙ୍କ ପାଇଁ ଆର୍ଥିକ ସହାୟତାର ଗୁରୁତ୍ୱ ବିଷୟରେ ଆଲୋଚନା କରାଯିବା ସହିତ ବିପଣନ, ମୂଲ୍ୟବୃଦ୍ଧି ଏବଂ ଭିତ୍ତିଭୂମି ବିକାଶ ଭଳି କାର୍ଯ୍ୟକ୍ରମ ପାଇଁ କିପରି ଋଣ ପାଇପାରିବେ ସେ ନେଇ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା। ବୈଠକରେ ବିଶେଷଜ୍ଞ ଏବଂ ସଦସ୍ୟଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଅଧିବେଶନ ହୋଇଥିଲା। ଏଥିରେ ସଦସ୍ୟମାନେ ଋଣ ସୁବିଧା, ସୁଧ ହାର, ବନ୍ଧକମୁକ୍ତ ଋଣ ଏବଂ ବ୍ୟାଙ୍କ କାଗଜପତ୍ର ସମ୍ପର୍କିତ ପ୍ରଶ୍ନର ଉତ୍ତର ପଚାରି ବୁଝିଥିଲେ। ଏହି ଅବସରରେ ସରକାରଙ୍କୁ ସେଣ୍ଟର ଅଫ୍ ଏକ୍ସିଲେନ୍ସ ନୀତି ସଂଶୋଧନ ନିମନ୍ତେ ପ୍ରସ୍ତାବ ପଠାଯାଇଥିଲା। ବୈଠକରେ କୃଷକ ଉତ୍ପାଦକ ସଂଗଠନ, କୃଷି ବିଜ୍ଞାନ କେନ୍ଦ୍ର, ସରକାରୀ ଓ ଘରୋଇ ବିଭାଗ ଏବଂ ଇମ୍ପ୍ଲିମେଣ୍ଟିଂ ଏଜେନ୍ସିର ପ୍ରତିନିଧିଙ୍କ ସମେତ ୧୧୪ଜଣ ଅଂଶଗ୍ରହଣ କରିଥିଲେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ସନ୍ଧ୍ୟାରେ ପରିବେଷିତ ନାଟକ 'ସମ୍ରାଟ ସିଏ କଳାର ପୂଜାରୀ'ର ଏକ ଦୃଶ୍ୟ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ନୂତନ ମାନ୍ୟତା

ଭୁବନେଶ୍ୱର,୨୨।୭




ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏସ୍‌ଏସ୍‌ୟୁ)କୁ ପୁଣି ଏକ ଅନ୍ତର୍ଜାତୀୟ ମାନ୍ୟତା ମିଳିଛି। ଆଉଟ୍ ଲୁକ୍ ଦ୍ୱାରା ପ୍ରକାଶିତ ଇଣ୍ଡିଆନ୍ ସେଣ୍ଟର ଫର୍ ଆଡଭାନ୍ସମେଣ୍ଟ ଅଫ୍ ରିସର୍ଚ୍ଚ ଆଣ୍ଡ୍ ଏଡୁକେଶନ (ଆଇସିଏଆର୍‌ଇ) ର୍‍ୟାଙ୍କିଂ ଅନୁସାରେ ଦେଶର ଶ୍ରେଷ୍ଠ ୨୦ଟି ଆୟୁର୍ବେଦ ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାର ଏକମାତ୍ର ଶିକ୍ଷାନୁଷ୍ଠାନ ଭାବେ କଟକର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ୩ୟ ସ୍ଥାନ ମିଳିଛି। ଏକାଡେମିକ୍ ଆଣ୍ଡ୍ ରିସର୍ଚ୍ଚ ଏକ୍ସିଲେନ୍ସ, ଇଣ୍ଡଷ୍ଟ୍ରି ଇଣ୍ଟରଫେସ୍ ଆଣ୍ଡ୍ ପ୍ଲେସ୍‌ମେଣ୍ଟ, ଇନ୍‌ଫ୍ରାଷ୍ଟ୍ରକଚର ଆଣ୍ଡ୍ ଫାସିଲିଟିଜ୍, ଗଭର୍ନାନ୍ସ ଆଣ୍ଡ୍ ଆଡମିଶନ୍ ଏବଂ ଡାଇଭର୍ସିଟି ଆଣ୍ଡ୍ ଆଉଟରିଚ୍ ଭଳି ୫ଟି କ୍ଷେତ୍ରରେ ସମୁଦାୟ ୧୦୦୦ ନମ୍ବରରୁ ଏସ୍‌ଏସ୍‌ୟୁ ୯୩୫.୫୭ ନମ୍ବର ରଖି ଏହି ସଫଳତା ଲାଭ କରିଛି।

ଆଗକୁ ପ୍ରଥମ ସ୍ଥାନରେ ରହିବାକୁ ଲକ୍ଷ୍ୟ ରହିଛି ବୋଲି ବିଭାଗୀୟ ଡିନ୍ ଡ. ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ୫ଟି ଅନୁଷ୍ଠାନ ସହଯୋଗର ଆମେ ଏହି ସଫଳତା ପାଇଛୁ। ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶଙ୍କ ସହଯୋଗ ଏବଂ ଉଦ୍ୟମ ଯୋଗୁ ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲରେ ବର୍ତ୍ତମାନ ଗବେଷଣା ଚାଲିଥିବାବେଳେ ଏଠାରେ ଶହେରୁ ଅଧିକ ଛାତ୍ରୀଛାତ୍ର ୧୪ଟି ବିଷୟରେ ଅଧ୍ୟୟନ କରୁଛନ୍ତି। ଏସ୍‌ଏସ୍‌ୟୁର ଏହି ସଫଳତା ପାଇଁ ଅନୁଷ୍ଠାନରର ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା, ମାନବ ସମ୍ବଳ ବିଭାଗ ଉପ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ, ଆଡମିଶନ୍ ବିଭାଗ ଉପ ନିର୍ଦ୍ଦେଶକ ଡ. ମଳୟ ମଲ୍ଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ପିସିସି ପକ୍ଷରୁ ରମାଦେବୀଙ୍କ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର,୨୨।୭(ରବିନାରାୟଣ ଜେନା)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଶ୍ରାଦ୍ଧ ଦିବସ କଂଗ୍ରେସ ଭବନରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଂଗ୍ରେସ ଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥିଭାବେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ତାଙ୍କର ବ୍ୟକ୍ତିଗତ ଅନୁଭୂତି ଏବଂ ସାକ୍ଷାତ ରମାଦେବୀଙ୍କ ସାଥିରେ ସ୍ମରଣ କରିଥିଲେ। ସେ କହିଥିଲେ ସ୍ୱାଧୀନତା ସଂଗ୍ରାମର ମହାନ ନେତ୍ରୀଥିଲେ ରମାଦେବୀ। ବହୁବାର ଜେଲ ଯାଇଥିଲେ, ଗାନ୍ଧୀଜୀଙ୍କ ସହିତ ପଦଯାତ୍ରା କରିଥିଲେ। ସ୍ୱାଧୀନତା ପରେ ନାରୀର ଶିକ୍ଷା, ମର୍ଯ୍ୟାଦା ଓ ସ୍ୱାଧୀନତା ପାଇଁ ଲଢେଇ କରିଥିଲେ। ଦଳିତ, ଆଦିବାସୀ, ପତିତ ଏବଂ ସଂଖ୍ୟାଲଘୁଙ୍କ ଅଧିକାର ପାଇଁ ସେ ଲଢ଼େଇ କରିଥିଲେ। ଆଜିର ସାମ୍ପ୍ରତିକ ପରିସ୍ଥିତରେ ଦେଶର ମୂଲ୍ୟବୋଧର ଯେଉଁ ଅବକ୍ଷୟ ହେଉଛି, ରମାଦେବୀଙ୍କ ଜୀବନ ହେଉଛି ଆଜିର ସମାଜପାଇଁ ଦିଗଦର୍ଶନ ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ବିଧାୟିକା ସୋଫିଆ ଫିର୍ଦୋଶ ପ୍ରମୁଖ ପ୍ରମୁଖ ଯୋଗଦେଇ ରମାଦେବୀଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ।

# ଓଡ଼ିଶାର କଳା, ସଂସ୍କୃତିର ସୁରକ୍ଷାରେ ଅଣଓଡ଼ିଆଙ୍କର ଅବଦାନ ରହିଛି

ଭୁବନେଶ୍ୱର,୨୨।୭(ବନ୍ଦନା ସେଠୀ)

ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ଓଡ଼ିଆମାନଙ୍କର ଯେତିକି ଅବଦାନ ରହିଛି, ସମତୁଳନାରେ ଅଣଓଡ଼ିଆମାନଙ୍କର ମଧ୍ୟ ଅବଦାନ ରହିଛି। ଏହା ଓଡ଼ିଆ ଭାବାବେଗ, ଚିନ୍ତା ଓ ମର୍ଯ୍ୟାଦାକୁ ଅଧିକ ଋଦ୍ଧିମନ୍ତ କରିଛି ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ କହିଛନ୍ତି। ମଙ୍ଗଳବାର ଭାରତୀୟ ଜାତୀୟ ଅଭିଲେଖାଗାରର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱର ପକ୍ଷରୁ ଷୋଡ଼ଶ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶୀର୍ଷକ ଥିଲା 'ଅନ୍ତରଙ୍ଗ ଅପରିଚିତ ବ୍ୟକ୍ତି: ଓଡ଼ିଶା ସମାଜ ଓ ସଂସ୍କୃତିରେ ଅଣଓଡିଆ ବ୍ୟକ୍ତିମାନଙ୍କ ଅବଦାନ'। ଏଥିରେ ଯୋଗଦେଇ ପ୍ରଫେସର ନାୟକ କହିଲେ, ଦେଶୀ ଅଣଓଡିଆଙ୍କ ମଧ୍ୟରେ ଜଗନ ମୋହନ ଲାଲ ଥିଲେ ଅନ୍ୟତମ। ସେହିପରି ପ୍ରେମଚାନ୍ଦଙ୍କ ଓଡିଆ ଉପନ୍ୟାସ, ବାବୁଲାଲ ଯୋଶୀଙ୍କ କଳା ବିକାଶ କେନ୍ଦ୍ର, ଚଳଚ୍ଚିତ୍ର, ନାଟକ, ରମ୍ଭା ଦେବୀଙ୍କ 'ସେବା' ଆଦି ଏ ଜାତିର ସଂସ୍କୃତି, ସଭ୍ୟତା କ୍ଷେତ୍ରରେ ବେଶ୍ ଉଲ୍ଲେଖନୀୟ ଅବଦାନ ରଖିଛି। ସେହିପରି ବିଦେଶୀ ଅଣଓଡିଆଙ୍କ ମଧ୍ୟରେ ପୀଡା ହାଉସ୍‌ଙ୍କ ଆଖୁ ଚାଷ ଓ ଚିନି ଶିଳ୍ପ, ହାଲିନା ଜିଲିଙ୍କ ପଥର କାମ, ପଟ୍ଟଚିତ୍ର ଇତ୍ୟାଦି ଆର୍ଥିକ ପ୍ରୋତ୍ସାହନ ପାଇଁ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଥିଲା। ଜେ.ବି. ଏସ୍. ହାର୍ଡେନଙ୍କ ବିଜ୍ଞାନ ପାଇଁ ଅବଦାନ ରହିଥିବାବେଳେ ଡ. ଚାର୍ଲ୍ସ ଫେବ୍ରିକ୍‌ଙ୍କ କଳାର ବିକାଶ, ଝୁନ୍‌ଝୁନ୍‌ୱାଲାଙ୍କ ବାରଙ୍ଗ କାଚ କାରଖାନା ଆଦି ଅନେକ ଅଣଓଡିଆଙ୍କର ଓଡ଼ିଶା ପ୍ରତି ଅବଦାନ ଯଥେଷ୍ଟ ମାତ୍ରାରେ ରହିଛି ବୋଲି ପ୍ରଫେସର ନାୟକ ମତବ୍ୟକ୍ତ କରିଥିଲେ। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରି କହିଲେ, ଜାତିର ସଂସ୍କୃତି ଓ ଐତିହ୍ୟ ପ୍ରତି ସମ୍ବେଦନଶୀଳତା ସେହି ଜାତି ବା ସଭ୍ୟତାର ମୂଳ ଅବଦାନ। ଆଲୋଚନାଚକ୍ରରେ ରାଜ୍ୟର ଅନେକ ଗବେଷକ, ଐତିହାସିକ, ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରାଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ।




ଜାତୀୟ ଅଭିଲେଖାଗାରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

# ନିଯୁକ୍ତି ପାଇବା ପରେ ବି ବେକାରି

## ୪ମାସ ପରେବି ଚାକିରି କରିବାକୁ ମିଳିନି ସୁଯୋଗ

ଭୁବନେଶ୍ୱର,୨୨।୭(ସୁଚିସ୍ମିତା ସାହୁ)

ନିଯୁକ୍ତିପତ୍ର ପାଇବା ପରେ ବି ବେକାର ବସିଛନ୍ତି ପରୀକ୍ଷାର୍ଥୀ। ଓଡିଶା ସ୍ପେଶାଲ ଆର୍ମଡ ପୋଲିସ(ଓଏସଏପି) ଏବଂ ଇଣ୍ଡିଆନ ରିଜର୍ଭବାଟାଲିଅନ(ଆଇଆର୍‌ବି) ଚାକିରି ପାଇଁ ୪ମାସ ହେଲା ନିଯୁକ୍ତିପତ୍ର ମିଳିଛି। ଏଯାବତ ସେମାନେଙ୍କୁ ଚାକିରିରେ ଯୋଗଦେବାକୁ ସୁଯୋଗ ମିଳିପାରିନାହିଁ। ଫଳରେ ଚାକିରି ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଦାଲତରେ ମାମଲା ଥିବା କହି ସରକାର ଦୋଷ ଖାଉଛନ୍ତି। ସାତଦିନ ମଧ୍ୟରେ ସରକାରଙ୍କ ପକ୍ଷରୁ ୧୮୫୩ଜଣ କୃତୀ ପରୀକ୍ଷାର୍ଥୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପ୍‌ଶନର ଆବାହକ ବିଭୂତି ଭୂଷଣ ମହାପାତ୍ର ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ, ଗତବର୍ଷ ସେପ୍ଟେମ୍ବର ୨୩ରେ ଓଏସଏପି ଓ ଆଇଆର୍‌ବି ବାଟାଲିଅନ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାର୍ଚ୍ଚ ୫ରେ ଚୂଡାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ମାର୍ଚ୍ଚ ୧୭ରେ ସେମାନଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସେମାନଙ୍କୁ ଅଭିନନ୍ଦନ ଜଣାଇଲେ। ହେଲେ ଏବେଯାଏ ସେମାନଙ୍କୁ ଚାକିରିରେ ଯୋଗଦେବାକୁ ସୁଯୋଗ ଦିଆଯାଉନି। ଏହା ମଧ୍ୟରେ ନିଯୁକ୍ତି ପାଇଥିବା କେନ୍ଦ୍ରାପଡାର ଚନ୍ଦନ ସ୍ୱାଇଁ ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ତେଣୁ ତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମହାପାତ୍ର ଦାବି କରିଛନ୍ତି।

ଆଇନ ବିଭାଗ ଓ ଆଡ୍‌ଭୋକେଟ ଜେନେରାଲଙ୍କୁ ବାରମ୍ବାର ପୋଲିସ ମୁଖ୍ୟାଳୟ ଚିଠି କରି ତୁରନ୍ତ ନ୍ୟାୟିକ ପ୍ରକ୍ରିୟା ସାରିବାକୁ ଅନୁରୋଧ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନି। ହାଇକୋର୍ଟରେ ମାମଲା ଗଡି ଚାଲିଥିବାରୁ ଘରୋଇ ଚାକିରି ଛାଡି ଆସିଥିବା ପିଲାମାନେ ଆଉ ଫେରିପାରୁ ନାହାନ୍ତି। ଆର୍ଥିକ ସଂକଟ ଦେଇ ସମସ୍ତେ ଗତିକରୁଛନ୍ତି।

# ବେଆଇନ ମୋରମ ଚାଲାଣ, ୩ ଚାଳକ ଗିରଫ

ବାରଙ୍ଗ,୨୨।୭(ଲିଙ୍ଗରାଜ ରାଉତ)

ପାଇକେରାପୁରରେ ବେଆଇନ ଭାବେ ଚୋରା ମୋରମ ଚାଲାଣ କରୁଥିବା ୩ଜଣ ଗାଡି ଚାଳକଙ୍କୁ ମଙ୍ଗଳବାର ଚନ୍ଦକା ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଚନ୍ଦକା ଥାନା ଅଧୀନସ୍ଥ ପାଇକେରାପୁରରେ ରହୁଥିବା ବେଗୁନିଆ ବାସୁଦେବପୁରର ସୁଦାମ ବେହେରା, ନୟାଗଡ଼ ଖଣ୍ଡପଡ଼ାର ଜିତୁ ବରାଦ ଓ ଅଜୟ ଗୁରୁ। ଏନେଇ ମାମଲା (ନଂ-୧୯୦/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ଚାଲାଣରେ ବ୍ୟବହୃତ ୩ଟି ହାଇୱା ଗୋଟିଏ ଜେସିବି ମେସିନ ପୋଲିସ୍ ଜବତ କରିଥିଲା। ଜୁନ୍ ୮ ସନ୍ଧ୍ୟାରେ ଚନ୍ଦକା ଥାନା ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ବେଆଇନ ଭାବରେ ମୋରମ ପରିବହନ ହେଉଥିବା ସୂଚନା ପାଇ ତୁରନ୍ତ ଚେଢ଼ାଉ କରିଥିଲେ। ହେଲେ ଅଭିଯୁକ୍ତମାନେ ଧମକ ଦେଇ ଖସି ପଳାଇଥିଲେ।

# ମା' ରମାଦେବୀ ଶ୍ରଦ୍ଧା, ସେବା ଭଳି ମହାନ୍ ଗୁଣର ଅଧିକାରିଣୀ

## ମା' ରମାଦେବୀଙ୍କ ୪୦ତମ ପୁଣ୍ୟତିଥି




ଉତ୍ସବରେ ଲେଖିକା ବନଜ ଦେବୀଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୨।୭(ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ମା' ରମାଦେବୀଙ୍କ ୪୦ତମ ପୁଣ୍ୟତିଥି ପାଳନ ଉତ୍ସବ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମା' ରମାଦେବୀ ଶ୍ରଦ୍ଧା, ସେବା, ବଳିଦାନ, ତ୍ୟାଗ, କରୁଣା ଭଳି ମହାନ ଗୁଣର ଅଧିକାରିଣୀ ଥିଲେ। ଏହି ଗୁଣଗୁଡ଼ିକ ତାଙ୍କ ଶୃଙ୍ଖଳିତ ଓ ପ୍ରେରଣାଦାୟକ ଜୀବନକୁ ରୂପ ଦେଇଥିଲା। ମହାତ୍ମା ଗାନ୍ଧୀ ମଧ୍ୟ ତାଙ୍କ କାର୍ଯ୍ୟଶୈଳୀରେ ବେଶ୍ ଅନୁପ୍ରାଣିତ ହୋଇଥିଲେ। ସେ ବର୍ତ୍ତମାନ ଧରାପୃଷ୍ଠରେ ନ ଥିଲେ ମଧ୍ୟ ତାଙ୍କ ଆଦର୍ଶ ଓ ଦର୍ଶନ ଚିରକାଳ ପାଇ ଲିପିବଦ୍ଧ ହୋଇରହିଛି ବୋଲି ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲେଖିକା ବନଜ ଦେବୀ ଯୋଗଦେଇ ମା' ରମାଦେବୀଙ୍କ ସହିତ ଥିବା ତାଙ୍କର ବ୍ୟକ୍ତିଗତ ସମ୍ପର୍କ ବିଷୟରେ ବର୍ଣ୍ଣନା କରିଥିଲେ। ଅତିଥି ଭାବେ ବୈଜ୍ଞାନିକ ତଥା ଲେଖକ ଚିତ୍ତରଞ୍ଜନ ମିଶ୍ର, ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ, ମା' ରମାଦେବୀ ଚେୟାର ପ୍ରଫେସର ସୁଚେତା ପ୍ରିୟବାଦିନୀ ଯୋଗଦେଇ ମା' ରମାଦେବୀଙ୍କ ଅସୀମ ସାହସ, ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ସଂଘମିତ୍ରା ଭଞ୍ଜ ମଞ୍ଚ ପରିଚାଳନା କରିଥିଲା ବେଳେ କୁଳସଚିବ ମନସ୍ୱିନୀ ସାହୁ ଧନ୍ୟବାଦ ଦେଇଥିଲେ।

# ଓପିଏସ୍‌ସିକୁ ହାଇକୋର୍ଟଙ୍କ ନୋଟିସ

- ଜୁଲାଇ ୨୪ରେ ପରବର୍ତ୍ତୀ ଶୁଣାଣି
- ଉଚ୍ଚରକ୍ତଚାପ ଦର୍ଶାଇ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା ମାମଲା

କଟକ,୨୨।୭(କାର୍ତ୍ତିକ ସାହୁ)

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ବନ ସେବାର ସହାୟକ ବନ ସଂରକ୍ଷକ (ଗ୍ରୁପ-ଏ) (ଜେବି) ଏବଂ ବନରେଞ୍ଜର (ଗ୍ରୁପ-ବି) ପଦରେ ନିଯୁକ୍ତି ପାଇଁ ଅନୁଷ୍ଠିତ ଶାରୀରିକ ମାନଦଣ୍ଡରେ ବେଆଇନ ଭାବେ ୯ଜଣଙ୍କୁ ଅଯୋଗ୍ୟ କରାଯାଇଥିବା ନେଇ ରୁଜୁ ମାମଲାର ଶୁଣାଣି କରି ମଙ୍ଗଳବାର ହାଇକୋର୍ଟ ଓପିଏସ୍‌ସିକୁ ନୋଟିସ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ଶୁଣାଣି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୪କୁ ଧାର୍ଯ୍ୟ କରାଯାଇଛି।

ଆବେଦନକାରୀ ଦେବାଶିଷ ଦାସ ଓ ଅନ୍ୟ ୮ଜଣଙ୍କ ପକ୍ଷରୁ ଆବେଦନରେ ଦର୍ଶାଯାଇଛି ଯେ, ସହାୟକ ବନ ସଂରକ୍ଷକ ଓ ବନ ରେଞ୍ଜର ପଦ ପାଇଁ ଓପିଏସ୍‌ସି ବିଜ୍ଞାପନ ପ୍ରକାଶ କରିଥିଲା। ଏହି ପଦ ପାଇଁ ସେମାନେ ଆବେଦନ କରିଥିଲେ। ସେମାନେ ଲିଖିତ ପରୀକ୍ଷାରେ ସଫଳ ହୋଇଥିଲେ। ଓପିଏସ୍‌ସି ୱେବ୍‌ସାଇଟ୍‌ରେ ୫୩୩ଜଣ ମଧ୍ୟରୁ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କୁ ଜୁଲାଇ ୧୫ରେ ଶାରୀରିକ ପରୀକ୍ଷା ପାଇଁ ଡକାଯାଇଥିଲା। ଯଦିଓ ସେମାନଙ୍କ ଆବଶ୍ୟକ ଉଚ୍ଚତା ଓ ଛାତି ଚଉଡ଼ା ଥିଲା। କିନ୍ତୁ ବିଜ୍ଞାପନର ଧାରା ୫ ଅନୁସାରେ ବେଆଇନ ଓ ମନମୁଖି ଭାବେ ସେମାନଙ୍କୁ ଶାରୀରିକ ସହନଶୀଳତା ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଇ ନ ଥିଲା। ଉଚ୍ଚରକ୍ତଚାପ ଅଧିକ ଥିବା ଦର୍ଶାଇ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହି ରକ୍ତଚାପ ରେକର୍ଡିଂ ଏକ ଡିଜିଟାଲ ଉପକରଣ ଆଧାରରେ କରାଯାଇଥିଲା। ୧୬ ଜୁଲାଇ ୨୦୨୫ରେ ଅନୁଷ୍ଠିତ ଶାରୀରିକ ପରୀକ୍ଷାରେ ସାଧାରଣ ଉପକରଣରେ ରକ୍ତଚାପ ମାପ ହୋଇଥିବା ବେଳେ ୧୫ ଜୁଲାଇରେ ଅନୁଷ୍ଠିତ ପରୀକ୍ଷାରେ ତାହା କରାଯାଇ ନ ଥିଲା। ଓପିଏସ୍‌ସିର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଆବେଦନକାରୀମାନେ ଶାରୀରିକ ସହନଶୀଳତା ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ତେଣୁ ସେମାନଙ୍କୁ ଶାରୀରିକ ସହନଶୀଳତା ପରୀକ୍ଷା ପାଇଁ ତୁରନ୍ତ ଅନୁମତି ଦେବା ଏବଂ ଉପଯୁକ୍ତ ରକ୍ତଚାପ ମାପ ଉପକରଣ ଦ୍ୱାରା ପୁନଃରକ୍ତଚାପ ପରୀକ୍ଷା କରାଇବା ପାଇଁ ଆବେଦନକାରୀମାନେ ପ୍ରାର୍ଥନା କରିଛନ୍ତି। ମାମଲାରେ ଭୁବନେଶ୍ୱର ମୁଖ୍ୟ ବନ ସଂରକ୍ଷକ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଓପିଏସ୍‌ସି ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ସୋମ ଶେଖର ରଥ ଏବଂ ଆଇନଜୀବୀ ରାଜୀବ ରଥ ପରିଚାଳନା କରୁଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୨।୭।୨୦୨୫

| | |
|---|---|
| ୫,୬୬,୯୩୬ ଟଙ୍କା | |
| ସୁନା | ୧୯.୧୦୦ ଗ୍ରାମ୍ |
| ରୁପା | ୩୮.୭୦୦ ଗ୍ରାମ୍ |

# ନିର୍ଦ୍ଧାରିତ ସମୟ ପୂର୍ବରୁ ଉନ୍ନୟନମୂଳକ କାର୍ଯ୍ୟ ଶେଷକର

**ବିଭିନ୍ନ ଉନ୍ନୟନମୂଳକ ଯୋଜନାର ମାସିକ ସମୀକ୍ଷା ବୈଠକ**

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)



ସମୀକ୍ଷା ବୈଠକରେ ଜିଲାପାଳ ଚଞ୍ଚଳ ରାଣାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ।

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାର ସମସ୍ତ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ମାସିକ ସମୀକ୍ଷା ବୈଠକ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ ବେହେରା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ(ବୈଷୟିକ)ଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ, ପଞ୍ଚମ ରାଜ୍ୟ ଅର୍ଥ କମିଶନ, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ, ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ମିଶନ ଶକ୍ତି ଗୃହ ନିର୍ମାଣ, ମିଶନ ଶକ୍ତି ଜିପିଏଲ୍ଏଫ୍ ଗୃହ ନିର୍ମାଣ, ମିଶନ ଶକ୍ତି ଖୁଚୁରା ଦୋକାନ ଗୃହ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସମବାୟ ବିଭାଗ ଦ୍ୱାରା ଚିହ୍ନିତ ପିଏସ୍‌ସି ଗୃହ ନିର୍ମାଣ, ଅନ୍ତ୍ୟୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା, ଏମ୍‌ଜିଏନ୍ଆରଇଜିଏସ୍ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଯୋଜନା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ମାସିକ ସମୀକ୍ଷା ହୋଇଥିଲା।

ଜିଲାପାଳ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୟୋପଯୋଗୀ ସମାପ୍ତ କରିବା ନିମନ୍ତେ ଉପସ୍ଥିତ ଥିବା ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ କାର୍ଯ୍ୟକାରୀ ହେଉଥିବା ଅସମ୍ପୂର୍ଣ୍ଣ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା, ଆବଶ୍ୟକସ୍ଥଳେ ଅତିରିକ୍ତ ଅର୍ଥ ମଞ୍ଜୁର କରିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଆବଶ୍ୟକ ଜମି ଚିହ୍ନଟ ନ ଥିବା କାରଣରୁ ଆରମ୍ଭ ହୋଇନି ତାହାର ଏକ ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଚିହ୍ନଟ ସମସ୍ତ ହିତାଧିକାରୀଙ୍କୁ ଆବଶ୍ୟକ କିସ୍ତି ତଥା ପାଇଖାନା ଗୃହ, ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ, ୯୦ ଶ୍ରମ ଦିବସ ତୁରନ୍ତ ପ୍ରଦାନ କରିବାକୁ ଗୃହରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀଙ୍କୁ ତାଗିଦା କରିଥିଲେ।

## ମକରା ନଦୀରେ କୁମ୍ଭୀର ଆତଙ୍କ

କଣାସ,୨୨।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ଦୟାନଦୀର ଶାଖାନଦୀ ମକରାର ଅଡ଼ାଲ ଗ୍ରାମଠାରେ ମଙ୍ଗଳବାର ଅପରାହ୍ନ ୨ଟାରେ କୁମ୍ଭୀର ଭାସୁଥିବା ୪ ଜଣ ଯୁବକ ଦେଖି ଫଟୋ ଉଠାଇ ସୋସିଆଲ ମିଡିଆରେ ଭାଇରାଲ୍ କରିବା ସହିତ ବନ ବିଭାଗ ଏବଂ ଗଡ଼ିଶାଗୋଦା ଥାନାକୁ ଜଣାଇଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚି ୨ କି.ମି. ନଦୀ କୂଳେ କୂଳେ କୁମ୍ଭୀର ସନ୍ଧାନରେ ବୁଲିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ନଦୀ ବନ୍ଧର ଉଭୟପାର୍ଶ୍ୱ ଓ ଅଡାଲ ସେତୁ ଉପରେ କୁମ୍ଭୀରକୁ ଦେଖିବା ପାଇଁ ଶତାଧିକ ଲୋକ ଅପେକ୍ଷା କରି ରହିଥିଲେ ମଧ୍ୟ କୁମ୍ଭୀରକୁ ଦେଖିପାରି ନ ଥିଲେ।

ସୂଚନାଯୋଗ୍ୟ, ଦୀର୍ଘ ୮ ମାସ ତଳେ ଗୋଟିଏ କୁମ୍ଭୀର ଦୟା ଓ ମକରା ନଦୀରେ ବୁଲି ଆତଙ୍କ ସୃଷ୍ଟି କରିଥିବାବେଳେ କେତେଜଣ ମତ୍ସ୍ୟଜୀବୀ ଓ ଜନସାଧାରଣ ଜଙ୍କିଆ ନିକଟ ଦୟାନଦୀରୁ କୁମ୍ଭୀରଟିକୁ ଧରି ବନ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ।

## କଳହରୁ ଲଙ୍କାକାଣ୍ଡ, ଘରେ ନିଆଁ ଲଗାଇଦେଲେ ସ୍ୱାମୀ

ପିପିଲି,୨୨।୭(ଦୁର୍ଗାମାଧବ ମିଶ୍ର)

ପିପିଲି ପୌରାଞ୍ଚଳରେ ପାରିବାରିକ କଳହରୁ ସ୍ୱାମୀ ଲଙ୍କାକାଣ୍ଡ ଘଟାଇଛନ୍ତି। ସ୍ତ୍ରୀ ରହୁଥିବା ଭଡ଼ାଘରେ ନିଆଁ ଲଗାଇ ଦେଇଛନ୍ତି ସ୍ୱାମୀ। ସ୍ତ୍ରୀଙ୍କ ଆକ୍ଟିଭା, ସ୍କୁଲରେ ପଢୁଥିବା ଝିଅର ସାଇକେଲ ସହ ଅନ୍ୟ ଏକ ବାଇକ୍ ମଧ୍ୟ ପୋଡ଼ିଦେଇଛନ୍ତି।

ସୂଚନାଯୋଗ୍ୟ, ପିପିଲି ହସନପୁର ଗ୍ରାମର ଆବୁଆ ପ୍ରଧାନ ନିମାପଡ଼ା ଅଞ୍ଚଳର ଲିଙ୍ଗରାଜ ପ୍ରଧାନଙ୍କ ଝିଅ ଲିପିକାଙ୍କୁ ପ୍ରେମବିବାହ କରିଥିଲେ। ଉକ୍ତ ଦମ୍ପତିଙ୍କର ୧୩ ଓ ୧୦ ବର୍ଷର ୨ଟି ଝିଅ ଅଛନ୍ତି। ଲିପିକା ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନାରେ ପିପିଲି ବ୍ଲକରେ ଜଣେ କର୍ମଚାରୀ ଅଟନ୍ତି। ଶାଶୁଘରେ ପାରିବାରିକ କଳହ ବଢ଼ିବାରୁ ସ୍ତ୍ରୀ ଓ ଦୁଇଝିଅଙ୍କୁ ଆଣି ପିପିଲି ପୌରାଞ୍ଚଳର ୪ନଂ. ୱାର୍ଡ ବଣିଆସାହିରେ ଏକ ଭଡ଼ାଘରେ ରଖିଥିଲେ। ସ୍ୱାମୀ ହସନପୁର ଘରେ ରହୁଥିବା ବେଳେ ଲିପିକା ଏଠାରେ ଦୁଇଝିଅଙ୍କ ସହ ରହୁଥିଲେ। ଝିଅ ଏକାକୀ ରହୁଥିବା କାରଣରୁ ଲିପିକାଙ୍କ ବାପା ଓ ବୋଉ ଆସି ରହୁଥିଲେ। ବିଭିନ୍ନ ସମୟରେ ଆବୁଆ ଉକ୍ତ ଭଡ଼ାଘରକୁ ଆସି ଟଙ୍କା ମାଗି ମାଡ଼ ମାରନ୍ତି ବୋଲି ଲିପିକା ଅଭିଯୋଗ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ଆବୁଆ ଉକ୍ତ ଘର ନିକଟକୁ ଆସି ଘରର ମୁଖ୍ୟ ପ୍ରବେଶଦ୍ୱାର ପାଖ ଝରକାବାଟେ ଘର ଭିତରକୁ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ ବୋଲି ଲିପିକା ଗଣମାଧ୍ୟମକୁ କହିଛନ୍ତି। ସେଠାରେ ଥିବା ସାଇକେଲ ଓ ବାଇକ୍ ସହ ଆକ୍ଟିଭା ଜଳି ପାଉଁଶ ହୋଇଯାଇଛି। ଆକ୍ଟିଭାଟି ଲିପିକାଙ୍କର ହୋଇଥିବାବେଳେ ଝିଅର ସାଇକେଲ ଥିଲା। ଲିପିକା ରହୁଥିବା ଭଡ଼ାଘରେ ଆଉ ଏକ ପରିବାର ଭଡ଼ାରେ ରହୁଥିବାବେଳେ ତାଙ୍କ ବାଇକ୍ ମଧ୍ୟ ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି। ଭୟଭୀତ ଅବସ୍ଥାରେ ଲିପିକାଙ୍କ ପରିବାର ଓ ସେହି ଘରେ ରହୁଥିବା ଅନ୍ୟ ଏକ ପରିବାରର ସଦସ୍ୟମାନେ ଘରର ପଛପାଖ ଦେଇ ବାହାରି ଯିବାକୁ ଉଦ୍ୟମ କରିବା ସମୟରେ କେତେଜଣ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଖବରପାଇ ପିପିଲି ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରି ଆବୁଆଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

## ସଂକ୍ଷେପରେ

### ଖବରଦାତାଙ୍କ ବିୟୋଗରେ ଜିଲାପାଳଙ୍କ ଶୋକ

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

କୋଣାର୍କର ଖବରଦାତା ଅଜିତ୍ ମଲିକଙ୍କ ବିୟୋଗରେ ଜିଲାପାଳ ଚଞ୍ଚଳ ରାଣା ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ମଲିକ କେବଳ ଜଣେ ଖବରଦାତା ଭାବରେ ନୁହେଁ, ବରଂ ସମାଜସେବା ଓ ଅନ୍ୟାନ୍ୟ ଜନହିତକର କାର୍ଯ୍ୟକ୍ରମରେ ଜଡ଼ିତ ରହି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଈଶ୍ୱର ତାଙ୍କ ଆତ୍ମାର ସଦ୍‌ଗତି କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସ୍ୱର୍ଗତ ମଲିକଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଥିଲେ।

### ବାଲିଡିହାରେ ବନ ମହୋତ୍ସବ ପାଳିତ

ଅସ୍ତରଙ୍ଗ,୨୨।୭(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ବାଲିଡିହା ଗ୍ରାମରେ ମା' ବାସୁଳେଇଙ୍କ ପୀଠରେ ମା' ବାସୁଳେଇ ଚାରିଟେବଲ ଟ୍ରଷ୍ଟ ଓ ବାଲିଡ଼ିହା ଗ୍ରାମବାସୀଙ୍କ ସହଯୋଗରେ ତୃତୀୟ ବାର୍ଷିକ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ବାବୁଲି ବେହେରା, ସମ୍ପାଦକ ସୂଚନ ଗୁରୁ, ଈଶ୍ୱର ବେହେରା, ପ୍ରଭୃତି ବେହେରା, ବିକାଶ ବେହେରା, ବୁଦ୍ଧେଶ୍ୱର ବେହେରା ପ୍ରମୁଖ ସଭ୍ୟ ଯୋଗଦେଇ ୫ ଶହରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଅତିଥି ଭାବେ ଆଇନଜୀବୀ ବୀରେନ କୁମାର ମହାନ୍ତି ଓ ସାମାଜିକ କର୍ମୀ ଅନ୍ନଦା କୁମାର ବେହେରା ଯୋଗଦେଇ ଟ୍ରଷ୍ଟର ସଭ୍ୟ ଓ ଗ୍ରାମବାସୀଙ୍କୁ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଅଧିକରୁ ଅଧିକ ଚାରା ରୋପଣ କରାଯାଇ ଗ୍ରାମର ସୌନ୍ଦର୍ଯ୍ୟ ବୃଦ୍ଧି କରାଯିବା ପାଇଁ ଟ୍ରଷ୍ଟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ମାଟିରେ ମିଶିଲା ବ୍ୟବସାୟୀଙ୍କ କ୍ୟାବିନ୍

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ପୁରୀ ବଡ଼ଦାଣ୍ଡରେ ମଙ୍ଗଳବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ରାସ୍ତାପାର୍ଶ୍ୱରେ କରିଥିବା ଉଠାଦୋକାନକୁ ପୌରସଂସ୍ଥା ପକ୍ଷରୁ ଜେସିବି ଲଗାଇ ଭଙ୍ଗାଯିବା ସହ ବ୍ୟବସାୟୀଙ୍କୁ ପୋଲିସ ଉଠାଇ ନେଇଥିବା ଜଣାପଡ଼ିଛି। ବଡ଼ଦାଣ୍ଡ ପାରାଡାଇଜ୍ ସମ୍ମୁଖରେ ଦୋକାନ କରିଥିବା ନିରଞ୍ଜନ ସିଂଙ୍କ କ୍ୟାବିନ୍ ମାଟିରେ ମିଶାଇଦେଇଛି ପ୍ରଶାସନ। ମଙ୍ଗଳବାର ସକାଳ ପ୍ରାୟ ୧୦ଟା ୩୦ମିନିଟ୍ ସମୟରେ ନିରଞ୍ଜନ ଦୋକାନରେ ବସିଥିବା ସମୟରେ ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପହଞ୍ଚିଥିଲେ। ଦୋକାନରୁ ବାହାରି ଯିବାକୁ ପୋଲିସ ଅଧିକାରୀ ଓ ପୌର ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଦୋକାନ କରିଥିବାରୁ ସେ ସେଠାରୁ ଉଠିବେନି ବୋଲି କହିଥିଲେ। ମାତ୍ର ପୋଲିସ ତାଙ୍କୁ ସେଠାରୁ ଟେକି ନେଇଥିଲେ। ନିରଞ୍ଜନଙ୍କ ବଡ଼ଭାଇ ନିରାକାର ସିଂ ଏହାକୁ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଉଠାଇ ନେଇଥିଲା। ପରେ ଜେସିବି ଲଗାଇ ସମ୍ପୂର୍ଣ୍ଣ କ୍ୟାବିନକୁ ଭଙ୍ଗାଯାଇଥିଲା। ନିରଞ୍ଜନଙ୍କୁ ଉଠାଇ ନେଇ ପୋଲିସ କୁମ୍ଭାରପଡ଼ା ଥାନାରେ ରଖିଥିବା ବେଳେ ଅଣ୍ଡରଟେକିଂ ଲେଖିବା ପରେ ତାଙ୍କୁ ପୋଲିସ ଛାଡିଥିଲା। ନିରଞ୍ଜନଙ୍କର ମୁଣ୍ଡ ଓ ଛାତିରେ ଆଘାତ ଲାଗିଥିବାରୁ ତାଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି।

## ବେଟି ବଚାଅ, ବେଟି ପଢ଼ାଅ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ ।

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ସର୍କିଟ ହାଉସ୍ କନ୍‌ଫରେନ୍ସ ହଲ୍‌ଠାରେ ମହିଳା ଓ ଶିଶୁ ବିକାଶ ତରଫରୁ ବେଟି ବଚାଅ ବେଟି ପଢ଼ାଅ ସଚେତନତା କର୍ମଶାଳା ମଙ୍ଗଳବାର ଅପରାହ୍ନରେ ଅତିରିକ୍ତ ଜିଲାପାଳ (ପ୍ରୋଟକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ମତବ୍ୟକ୍ତ କରି କହିଛନ୍ତି, ସମାଜରେ ନାରୀ ସଶକ୍ତୀକରଣ ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିରେ ଭ୍ରୂଣହତ୍ୟା ଆଇନ ବେଟି ବଚାଅ ଉପରେ ଗୁରୁତ୍ୱ ଦିଆଯାଇଛି। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ ଶତପଥୀ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଭ୍ରୂଣହତ୍ୟା ଆଇନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ। ପୁରୀ ଜିଲାରେ ମୋଟ ୩୭୦ ଜଣ ପୋଷ୍ୟପୁତ୍ର ଭାବରେ ସରକାର ଗ୍ରହଣ କରିଛନ୍ତି, ଏଥିମଧ୍ୟରୁ ୧୧୮ ଜଣ ବାଳିକା ଅନ୍ତର୍ଭୁକ୍ତ। ସେମାନଙ୍କର ବାଲ୍ୟ ଅବସ୍ଥାରୁ ଶିକ୍ଷା ଓ ବିବାହ ପର୍ଯ୍ୟନ୍ତ ଭରଣପୋଷଣ ସରକାର କରୁଛନ୍ତି। ମହିଳା ଓ ଶିଶୁ ବିଭାଗ ତରଫରୁ ପ୍ରତି ବ୍ଲକସ୍ତରରୁ ଜିଲା ପର୍ଯ୍ୟନ୍ତ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କର ମାଗଣାରେ ପାଠପଢ଼ା ଓ ପୁଷ୍ଟିକର ଖାଦ୍ୟ ଦେବା ବ୍ୟବସ୍ଥା କରାଯାଇଛି। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ ଶତପଥୀ, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ତନୁପ୍ରଭା ବେଉରା, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ନିର୍ଦ୍ଦେଶକ ଟୁରିଜମ୍ ସରୋଜ କୁମାର ପ୍ରଧାନ, ସିଡିପିଓ ମନୋଜ କୁମାର ତ୍ରିପାଠୀ, କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ପ୍ରଦୀପ କୁମାର ସେନାପତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ସମସ୍ତ ବ୍ଲକର ଆଇସିଡିଏସ୍ ସୁପରଭାଇଜର ଯୋଗ ଦେଇଥିଲେ।

## ସରକାରୀ ଜମି ଜବରଦଖଲ: ଜଳିଆପଡ଼ାରେ ତୀବ୍ର ଉତ୍ତେଜନା

କଣାସ,୨୨।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ଜଳିଆପଡ଼ା ଗ୍ରାମରେ ସରକାରୀ ଜମି ଜବରଦଖଲକୁ ନେଇ ଗ୍ରାମବାସୀ ଦୁଇଗୋଷ୍ଠୀ ହୋଇ ଦୀର୍ଘ ଏକ ମାସ ହେଲା କଣାସ ତହସିଲଦାର ହିମାଂଶୁ ଶେଖର ଗିରିଙ୍କ ନିକଟରେ ମାପଚୁପ କରି ସରକାରୀ ଜମି ବାହାର କରିବା ପାଇଁ ଦୁଇଗୋଷ୍ଠୀ ପୃଥକ୍ ପୃଥକ୍ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ତହସିଲଦାର ଗିରି ଘଟଣାସ୍ଥଳକୁ ଯାଇ ତଦନ୍ତକରି ଫେରି ଆସିଥିଲେ ମଧ୍ୟ ମାପଚୁପ ନ କରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ଦୁଇପକ୍ଷ କଣାସ ତହସିଲଦାର, ଉପଜିଲାପାଳ, ଜିଲାପାଳ ପୁରୀଙ୍କୁ ଜଣାଇବା ସହିତ ଗୋଟିଏ ଗୋଷ୍ଠୀ ଉପଜିଲାପାଳ ଓ ଜିଲାପାଳଙ୍କୁ ସାକ୍ଷାତ୍ କରିଥିବା ଜଣାପଡ଼ିଛି।

## ପୀଡ଼ିତାଙ୍କ ଘରେ କଂଗ୍ରେସର ୫ ଜଣିଆ ଟିମ୍

ବଳଙ୍ଗା,୨୨।୭(କେଦାରେଶ୍ୱର ନନ୍ଦ)

କଂଗ୍ରେସର ୫ ଜଣିଆ ଟିମ୍ ପୀଡ଼ିତାଙ୍କ ଘର, ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅତିରିକ୍ତ ଏସ୍‌ପି ସଚିନ ପଟେଲ ଓ ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସରକାରଙ୍କ ନିକଟରେ ଦାବି କରିଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ଏମ୍‌ପି ଅନନ୍ତ ନାରାୟଣ ସେଠୀ, ମହିଳା ନେତ୍ରୀ ନିରୁପମା ପାତ୍ର, ବନ୍ଦିତା ପରିଡ଼ା, ରାଜେଶ ମିଶ୍ର, ଜ୍ୟୋତି ମହାନ୍ତି ଓ ନିମାପଡ଼ା ବ୍ଲକର ସଂଯୋଜକ କାଳନ୍ଦୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଖବରଦାତାଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ଶ୍ରଦ୍ଧାଞ୍ଜଳି ସଭାରେ ପ୍ରେସ୍ କ୍ଲବର କର୍ମକର୍ତ୍ତା ଓ ସଦସ୍ୟବୃନ୍ଦ।

ନିମାପଡ଼ା,୨୨।୭(ବିଚିତ୍ରାନନ୍ଦ ସାହୁ)

କୋଣାର୍କର ଯୁବ ଖବରଦାତା ଅଜିତ୍ ମଲିକଙ୍କ ଅକାଳ ବିୟୋଗ ଘଟିଛି। ମଙ୍ଗଳବାର ନିମାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ସଭାପତି ଅକ୍ଷୟ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଛି। ସଭାରେ ସ୍ୱର୍ଗତ ମଲିକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ପ୍ରାର୍ଥନା କରାଯାଇଥିଲା। ସଭାରେ ପ୍ରେସ୍ କ୍ଲବ୍‌ର ସମ୍ପାଦକ ରମାକାନ୍ତ ବେହେରା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସହସମ୍ପାଦକ ଅଶୋକ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରାଙ୍କ ସମେତ କ୍ଲବର ସମସ୍ତ ଉପଦେଷ୍ଟା ଓ ସଦସ୍ୟମାନେ ଯୋଗଦେଇ ସ୍ୱର୍ଗତ ମଲିକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମଲିକ ଜଣେ ଶାନ୍ତ, ସରଳ, ମେଳାପି, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ଅକାଳ ବିୟୋଗରେ କୋଣାର୍କ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଚାରାରୋପଣ

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିପିନ ବିହାରୀ ଖୁଣ୍ଟିଆ, ପ୍ରକାଶ କୁମାର ଆଚାର୍ଯ୍ୟ, ପୋଲିସ ଅଧିକାରୀ, ପ୍ରଦୀପ କୁମାର ଦଳାଇ, ପ୍ରକୃତି ମିତ୍ର ପୁରସ୍କାରପ୍ରାପ୍ତ ପୋଲିସ ଅଧିକାରୀ, ବିଦ୍ୟାଳୟର ସମ୍ପାଦକ ଅରବିନ୍ଦ ଶତପଥୀ, ସଭାପତି ଡ. ଅଭିମନ୍ୟୁ ଭୂୟାଁ, ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ଦାସ, ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ଓ ସହ ପ୍ରଧାନାଚାର୍ଯ୍ୟ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଚାର୍ଯ୍ୟ ଶରତ କୁମାର ପଢିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଚାରାରୋପଣ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ।

## ମାମଲା ରୁଜୁ କରୁନି ପୋଲିସ, ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ବ୍ୟବସାୟୀ

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ଭଡ଼ାଘରୁ ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ବ୍ୟବସାୟୀ ରଜତ କୁମାର ସାହୁ ବାରମ୍ବାର କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି ମାମଲା ରୁଜୁ କରୁନାହିଁ। ଫଳରେ ରଜତ ବାଧ୍ୟ ହୋଇ ପୋଷ୍ଟାଲ୍‌ରେ ଏସ୍‌ପିଙ୍କୁ ଅଭିଯୋଗ ଜଣାଇଛନ୍ତି। ବ୍ୟବସାୟୀ ସାହୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ବଡ଼ଶଙ୍ଖ ନିକଟରେ ଥିବା ଭଡ଼ାଘରୁ ଚାବିଭାଙ୍ଗି ଦୁର୍ବୃତ୍ତ ୧୫ରୁ ୨୦ହଜାର ଟଙ୍କାର ଜିନିଷ ଚୋରି କରିଛନ୍ତି। ଏନେଇ ରଜତ ଅଭିଯୋଗ କରିବା ପରେ ତାଙ୍କୁ କେତେକ ଅସାମାଜିକ ବ୍ୟକ୍ତି ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଉଛନ୍ତି। ତେଣୁ ଏସ୍‌ପି ଘଟଣାକୁ ଗୁରୁତ୍ୱର ସହ ନେଇ ଅଭିଯୋଗ ଭିତ୍ତିରେ କେସ ରୁଜୁ କରିବା ପାଇଁ ଥାନାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସାହୁ ନିବେଦନ କରିଛନ୍ତି।

## ସଚେତନତା ସୃଷ୍ଟି ଦ୍ୱାରା ସବୁକିଛି ପରିବର୍ତ୍ତନ ହୋଇପାରିବ

ଗୋପ,୨୨।୭
(ଭାରତୀ ଭୂଷଣ ଉପାଧ୍ୟାୟ)

ସଚେତନତା ସୃଷ୍ଟି କଲେ ସବୁକିଛି ସମ୍ଭବ ହୋଇପାରିବ ବୋଲି ମଙ୍ଗଳବାର ଗୋପ ପୋଲିସ ପକ୍ଷରୁ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଓ ତରଙ୍ଗିରା ଆଦର୍ଶ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର ଦିଗ ଉପରେ ସଚେତନ କରାଯାଇଥିଲା। ଗୋପ ଥାନାର ମହିଳା ଏସ୍‌ଆଇ ଦେବସ୍ମିତା ସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରକାଶ ଯେ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଏବେ ବିଭିନ୍ନ କାର୍ଯ୍ୟକ୍ରମ ସରକାର ହାତକୁ ନେଇଥିବା ମଙ୍ଗଳବାର ଗୋପ ପୋଲିସ ପକ୍ଷରୁ ଏପରି କାର୍ଯ୍ୟକ୍ରମ ହୋଇଥିଲା। ପୋଲିସ ପ୍ରଥମେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର ସଚେତନତା ସୃଷ୍ଟି କରିଥିଲା।



ଏସ୍‌ଆଇ ଦେବସ୍ମିତା ସିଂ ଛାତ୍ରୀମାନଙ୍କୁ ସଚେତନ କରାଉଛନ୍ତି ।

## ବୟାନ ରେକର୍ଡ ପାଇଁ ଦିଲ୍ଲୀ ଏମ୍ସକୁ ଅନୁମତି ମଗାଯିବ

ବଳଙ୍ଗା,୨୨।୭(କେଦାରେଶ୍ୱର ନନ୍ଦ)

ଗତ ଶନିବାର ବଳଙ୍ଗା ଅଞ୍ଚଳରେ ଛାତ୍ରୀଙ୍କୁ ଜାଳିଦେବା ଘଟଣାରେ ପୋଲିସ ଆଜିପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଟେର୍ ପାଇପାରୁନାହିଁ। ଏମ୍ସରେ ପୀଡ଼ିତାଙ୍କର ବୟାନ ରେକର୍ଡ କରାଯାଇଥିଲା। ପୁଣିଥରେ କ୍ରାଇମବ୍ରାଞ୍ଚ ଓ ତଦନ୍ତ ଅଧିକାରୀଙ୍କ ମିଳିତ ସହଯୋଗରେ ପୁନଃ ବୟାନ ରେକର୍ଡ କରିବା ପାଇଁ ଦିଲ୍ଲୀ ଏମ୍ସକୁ ଅନୁମତି ମଗାଯିବ ବୋଲି ସୂଚନା ମିଳିଛି। ୪ର୍ଥ ଦିନରେ ସ୍ଥାନୀୟ ଅଞ୍ଚଳର ୪ ଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିଛି।

## ଗାଡ଼ି ଧକ୍କାରେ ଜଣେ ମୃତ

ବାଲୁଗାଁ,୨୨।୭(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧିନ ୧୬ନଂ ଜାତୀୟ ରାଜପଥର ସୋଲରୀ ଛକ ନିକଟରେ ସୋମବାର ବିଳମ୍ବିତ ରାତ୍ରିରେ ଏକ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ । ସେ ଏକ ଧଳା ଚେକ୍‌ସାର୍ଟ ଓ ଫୁଲ୍‌ପ୍ୟାଣ୍ଟ ପିନ୍ଧିଥିବା ବେଳେ ତାଙ୍କର ବୟସ ଆନୁମାନିକ ୫୦ ବର୍ଷ ହେବ। ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ମଙ୍ଗଳବାର ଭୋରରୁ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଏ ସଂକ୍ରାନ୍ତରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୨୧୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ୩ ଯୁବତୀଙ୍କୁ ଅସଦାଚରଣ, ୨ ଅଟକ

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

**ଅନ୍ୟମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ**

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପୁରୀରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୩ ଯୁବତୀଙ୍କୁ କେତେ ଜଣ ଯୁବକ ଅସଦାଚରଣ କରିଥିବା ଭଳି ଘଟଣା ସାମ୍ନାକୁ ଆସିଛି। ଏପରି ଘଟଣା ଜଣାପଡ଼ିବା ପରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନ ହେବ ରାଜ୍ୟ ସମେତ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ନାରୀଙ୍କ ପ୍ରତି ଦୁର୍ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ସୋମବାର ସନ୍ଧ୍ୟାରେ ୩ ଭଉଣୀ ମହାପ୍ରଭୁଙ୍କ ଦର୍ଶନ ସାରି ଘରକୁ ଫେରୁଥିଲେ। ସମଙ୍ଗ ପାର୍କିଂଠାରେ ବସିଥିବା ୪ରୁ ୫ ଜଣ ଯୁବକ ସେମାନଙ୍କ ପିଛା କରିବା ସହ ଅସଦାଚରଣ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ୨ଟି ବାଇକ୍‌ରେ ୪ରୁ ୫ଜଣ ଯୁବକ ଆସି ତିନି ଯୁବତୀଙ୍କୁ ଅସଦାଚରଣ କରିବା ସହ ସୁନା ଚେନ୍ ଛଡ଼ାଇ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ଅଟକ ୨ ଯୁବକ ବ୍ରହ୍ମଗିରି ଅଞ୍ଚଳର ବୋଲି ସୂଚନା ମିଳୁଛି।

ଅଭିଯୋଗ ଅନୁଯାୟୀ, ଚକ୍ରବୁଲା ଏକାଦଶୀ ଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ତିନି ଭଉଣୀ ଯାଇଥିଲେ। ସେଠାରୁ ପ୍ରାୟ ସନ୍ଧ୍ୟା ୭ଟାରେ ଘରକୁ ଫେରିଥିଲେ। ଫେରିବା ବାଟରେ ସମଙ୍ଗ ପାର୍କିଂ ଶଙ୍ଖଠାରେ ଅନ୍ଧାର ରାସ୍ତା ଦେଖି ୨ ବାଇକ୍‌ରେ ଆସିଥିବା ଯୁବକ ତାଙ୍କୁ ଘେରି ଯାଇଥିଲେ। ଯୁବତୀଙ୍କୁ ଟଣାଓଟରା କରିବା ସହ ସୁନା ଚେନ୍ ଓ ଭ୍ୟାନିଟ୍ ବ୍ୟାଗ୍ ଛଡ଼ାଇ ନେଇଥିଲେ। ଏନେଇ ଯୁବତୀମାନେ ଚିତ୍କାର କରିଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଘେରି ଯାଇଥିଲେ। କୌଶଳକ୍ରମେ ଅନ୍ୟ ଯୁବକମାନେ ଘଟଣାସ୍ଥଳରୁ ଖସି ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଲୋକମାନେ କାବୁ କରିଥିଲେ। ସଦର ଥାନାକୁ ଖବର ଦେବା ପରେ ସଦର ଥାନା ପୋଲିସ ପହଞ୍ଚି ଦୁଇଜଣଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ କେସ୍ ନଂ. ୪୧୫/୨୫ ଓ ଦଫା ୩୯୪, ୩୦୯ ଓ ୭୪ରେ ଏକ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ଜାରି ରଖିଛି।

ଏନେଇ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ସୋମବାର ରାତିରେ ସଦର ଥାନାରେ ୩ଜଣ ଯୁବତୀଙ୍କୁ କିଛି ଯୁବକ ଅସଦାଚରଣ କରିଥିବା ନେଇ ପୀଡ଼ିତାଙ୍କ ବାପା ଅଭିଯୋଗ କରିଛନ୍ତି। ଯୁବତୀମାନେ ଶ୍ରୀମନ୍ଦିରରୁ ଫେରୁଥିବା ବେଳେ କିଛି ଯୁବକ ବାଟ ଓଗାଳିବା ସହ ତାଙ୍କଠାରୁ ସୁନାଚେନ୍ ଓ ଭ୍ୟାନିଟ୍ ଛଡ଼ାଇ ନେଇଥିଲେ। ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତିକୁ ନେଇ ସିସିଟିଭି, ଲୋକମାନଙ୍କୁ ପଚରାଉଚରା କରାଯାଉଛି। ଖୁବ୍‌ଶୀଘ୍ର ଅପରାଧୀମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ। ଯୁବକମାନେ ପୁରୀ ବୁଲିବାକୁ ଆସିଥିବା ଅନୁମାନ କରାଯାଉଛି। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇଛି। ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଏସ୍‌ପି କହିଛନ୍ତି। ପୁଲିସର ଠିକ୍ ପାଟ୍ରୋଲିଂ ନଥିବା ଓ ପୋଲିସ ପ୍ରତି ଭୟ ନ ଥିବାରୁ ଅପରାଧୀ ଓ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିଯାଇଛି ବୋଲି ଅଭିଯୋଗ ହୋଇଛି।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଗ୍ରାଣ୍ଡ୍ ଫିନାଲେ

# ଢେଙ୍କାନାଳର ଶାକମ୍ଭରୀ ଏସ୍‌ଏଚ୍‌ଜି ପ୍ରଥମ ବିଜେତା

### କଟକ ଦ୍ୱିତୀୟ, ମୟୂରଭଞ୍ଜ ତୃତୀୟ

ଭୁବନେଶ୍ୱର,୨୨।୭
(ସୁଚିସ୍ମିତା ସାହୁ)

ମିଶନ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ 'ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା'ର ଗ୍ରାଣ୍ଡ୍ ଫିନାଲେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ସେମାନେ ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରକାରର ଖାଦ୍ୟ ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ ପ୍ରଥମ ବିଜେତା ହୋଇଥିବା ଢେଙ୍କାନାଳର ଶାକମ୍ଭରୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଉପମୁଖ୍ୟମନ୍ତ୍ରୀ ୨ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସେହିପରି କଟକର ମା' ଗଡ଼ଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମୟୂରଭଞ୍ଜର ମା' ଧାନ କ୍ଷେତ୍ରପାଳ ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ସ୍ଥାନରେ ରହିଛି। ଦ୍ୱିତୀୟ ବିଜେତାଙ୍କୁ ୧.୫ ଲକ୍ଷ ଓ ତୃତୀୟ ବିଜେତାଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଲେ, ଘରୋଇ ଦାୟିତ୍ୱ ଭିତରେ ମହିଳାମାନେ ନିଜ ପ୍ରତିଭା ପ୍ରଦର୍ଶନ କରି ସ୍ୱାବଲମ୍ବନ ଓ ସଶକ୍ତୀକରଣର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି। ସେମାନେ ଉଦ୍ୟୋଗୀ ହେବାର ସାହସ ହିଁ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିପାରିବ। ରାଜ୍ୟର ପାରମ୍ପରିକ ଓ ବିସ୍ମୃତ ଖାଦ୍ୟ ସଂସ୍କୃତିକୁ ପୁନରୁଦ୍ଧାର କରିବା ଏହି ପ୍ରତିଯୋଗିତାର ମୂଳ ଲକ୍ଷ୍ୟ। ମିଶନ ଶକ୍ତି ବିଭାଗର ଏହି ନୂତନ ପ୍ରୟାସ ମହିଳାଙ୍କ ମଧ୍ୟରେ ଉଦ୍ୟୋଗିତାର ଚେତନା ସୃଷ୍ଟି କରିପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ପ୍ରତିଯୋଗିତା ପାରମ୍ପରିକ ଖାଦ୍ୟ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା, ମହିଳାଙ୍କ ରନ୍ଧନ ଜ୍ଞାନକୁ ସ୍ୱୀକୃତି ଦେବା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଉଦ୍ୟୋଗିତା ବୃଦ୍ଧି କରିବା ଲକ୍ଷ୍ୟରେ ଆୟୋଜିତ ହୋଇଥିଲା।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଥମ ବିଜେତା ଢେଙ୍କାନାଳର ଶାକମ୍ଭରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ୨ଲକ୍ଷ ଟଙ୍କା ପୁରସ୍କାର ରାଶିର ଚେକ୍ ପ୍ରଦାନ କରୁଛନ୍ତି।

କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ, ନିର୍ଦ୍ଦେଶକ ଡ. ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ସେମିଫାଇନାଲରେ ଭାଗ ନେଇଥିବା ୩୦ ଦଳ ମଧ୍ୟରୁ କଟକ, ମୟୂରଭଞ୍ଜ, ଢେଙ୍କାନାଳ, କୋରାପୁଟ, ନୂଆପଡ଼ା, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, ନବରଙ୍ଗପୁର ଏବଂ ଜଗତ୍‌ସିଂହପୁର ଜିଲାର ୧୦ଟି ଶ୍ରେଷ୍ଠ ଦଳ ଫାଇନାଲରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳକୁ କୁକିଂ ଗ୍ୟାସ୍, ଇଣ୍ଡକ୍ସନ କୁକ ଟପ୍, ବାସନକୁସନ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ସହିତ ଏକ ସୁସଜ୍ଜିତ କାର୍ଯ୍ୟସ୍ଥଳୀ ପ୍ରଦାନ କରାଯାଇଥିଲା। ମାଷ୍ଟରସେଫ ଇଣ୍ଡିଆ ସିଜନ ୬ର ବିଜେତା ସେଫ ଅବିନାଶ ନାୟକ ପ୍ରତିଯୋଗିତାର ମୁଖ୍ୟ ବିଚାରକ ଥିଲେ। ସେଫ ସୁରଜ କୁମାର ସାହୁ ଓ ସେଫ ସସ୍ମିତ ସୁମନ ଅନ୍ୟ ବିଚାରକ ଭାବେ ରହିଥିଲେ।

# ପୂର୍ବାଞ୍ଚଳ ହେଉଛି ସାହିତ୍ୟର ଗନ୍ତାଘର: ମାଧବ କୌଶିକ

ଭୁବନେଶ୍ୱର,୨୨।୭(ବନ୍ଦନା ସେଠୀ)

### ଆରମ୍ଭ ହେଲା ପୂର୍ବାଞ୍ଚଳୀୟ ଲେଖକ ସମ୍ମିଳନୀ

କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦ୍ୱିଦିବସୀୟ ପୂର୍ବାଞ୍ଚଳୀୟ ଲେଖକ ସମ୍ମିଳନୀ ମଙ୍ଗଳବାର ସଂସ୍କୃତି ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଡ. ମାଧବ କୌଶିକ ସଭାପତିତ୍ୱ କରି କହିଲେ, ଭାରତର ପୂର୍ବାଞ୍ଚଳ ହେଉଛି ସାହିତ୍ୟର ଗନ୍ତାଘର। ଏହି ଅଞ୍ଚଳ ଅନେକ ପ୍ରସିଦ୍ଧ ସାହିତ୍ୟ ସାଧକଙ୍କୁ ଜନ୍ମ ଦେଇଛି। ଏବେ ପ୍ରଯୁକ୍ତିବିଦ୍ୟା ବଳରେ ଲୋକ ସାହିତ୍ୟ ତଥା ଲୁକ୍କାୟିତ ସାରସ୍ୱତ ସମ୍ପଦର ସୁରକ୍ଷା ତଥା ପ୍ରସାର କରିପାରିବା। ମାତ୍ର ଏହା ଯେମିତି ଆମକୁ ଦାସ କରି ନ ଦିଏ ସେଥିପାଇଁ ଦୃଷ୍ଟି ଦେବାକୁ ପଡିବ ବୋଲି ସେ ମତ ରଖିଥିଲେ। ସଚିବ ଡ. କେ. ଶ୍ରୀନିବାସରାଓ ସ୍ୱାଗତ ଭାଷଣ ପ୍ରଦାନ କରି ସମ୍ମିଳନୀ ଆୟୋଜନର ଗୁରୁତ୍ୱ ଏବଂ ପୂର୍ବାଞ୍ଚଳ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ ଦୟାଲାଲ ଯୋଶୀ (ଓଡ଼ିଆ), ଶୂନ୍ୟରେ ହସ୍ତାକ୍ଷର (ଓଡ଼ିଆ), ଅବୋଥିରା (ବୋଡୋ), ଟୋଟୋଦେର ଉପକଥା (ବଙ୍ଗଳା), ଅତିକ୍ରମ (ଅହମିଆ) ଏବଂ ଏନ୍ ଇକ୍ସ୍‌ପ୍ଲୋରେସନ ଟୁ ନାଗା ଫୋକ୍ ସଙ୍ଗ (ଇଂଲିଶ) ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ ପୂର୍ବାଞ୍ଚଳୀୟ ଉପଦେଷ୍ଟା ତଥା ପରିଷଦ ଆବାହକ ଡ. ଗୌରହରି ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସାହିତ୍ୟ ଏକାଡେମୀ କୋଲକାତା କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଲେଖକ ଲେଖିକା, ଗବେଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।



ସଂସ୍କୃତି ଭବନଠାରେ ଉଦ୍‌ଘାଟିତ ପୂର୍ବାଞ୍ଚଳୀୟ ଲେଖକ ସମ୍ମିଳନୀରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଡ. ମାଧବ କୌଶିକଙ୍କ ସହ ଅନ୍ୟ ଅତିଥି।

# ୨୫ରେ ବସ୍ତ୍ର ନିବେଶକ ସମ୍ମିଳନୀ

ଭୁବନେଶ୍ୱର,୨୨।୭
(ଅନୁରାଧା ମହାରଣା)

ରାଜ୍ୟ ସରକାର ଆସନ୍ତା ୨୫ ତାରିଖରେ ଭୁବନେଶ୍ୱରରେ ପ୍ରଥମଥର ପାଇଁ ଏକ ବସ୍ତ୍ର ନିବେଶକ ସମ୍ମିଳନୀ 'ଓଡ଼ିଶା ଟେକ୍ସ ୨୦୨୫'ର ଆୟୋଜନ କରିବାକୁ ଯାଉଛନ୍ତି। ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିବେ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାକୁ ବସ୍ତ୍ର, ପୋଷାକ ଏବଂ ଟେକ୍ନିକାଲ ଟେକ୍ସଟାଇଲର ଏକ ପ୍ରମୁଖ ହବ୍ ଭାବେ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ ବସ୍ତ୍ର କ୍ଷେତ୍ରର ଶୀର୍ଷ ସ୍ଥାନୀୟ ସଂସ୍ଥାଗୁଡ଼ିକ ସହ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହେବା ସହ ଏବଂ ବଡ଼ ନିବେଶ ଘୋଷଣା ହେବାର ସମ୍ଭାବନା ରହିଛି। ଏହି ଉଦ୍ୟମ ରାଜ୍ୟର ଶିଳ୍ପ ବିକାଶକୁ ଦୃଢ଼ କରିବା ସହ ୨୦୩୦ ସୁଦ୍ଧା ଓଡ଼ିଶାକୁ ଭାରତର ବସ୍ତ୍ର ରାଜଧାନୀ ଭାବେ ପ୍ରତିଷ୍ଠା କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

'ଓଡ଼ିଶା ଟେକ୍ସ ୨୦୨୫' ପୂର୍ବ ଭାରତର ସବୁଠାରୁ ବଡ଼ ବସ୍ତ୍ର ନିବେଶ ଇଭେଣ୍ଟ ହେବ। ଏହା ସ୍ଥାନୀୟ ବସ୍ତ୍ର କମ୍ପାନୀ, ବିଶ୍ୱସ୍ତରୀୟ ବ୍ରାଣ୍ଡ, ଉତ୍ପାଦକ, ଷ୍ଟାର୍ଟଅପ୍ ଏବଂ ଯୁବ ଉଦ୍ୟୋଗୀମାନଙ୍କୁ ଏକାଠି କରିବ। ବର୍ତ୍ତମାନ ରାଜ୍ୟ ସରକାର ବସ୍ତ୍ର, ପୋଷାକ ଏବଂ ପରିଧାନଯୋଗ୍ୟ ଉତ୍ପାଦ ପାଇଁ ୬ଟି ନୂଆ ଶିଳ୍ପ ପାର୍କ ନିର୍ମାଣ କରୁଛନ୍ତି। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଛନ୍ତି, ଏହି ମଞ୍ଚ ଓଡ଼ିଶାକୁ ସ୍ଥାନୀୟ ବସ୍ତ୍ର ସଂସ୍ଥାଗୁଡ଼ିକୁ ଆକର୍ଷିତ କରିବ ଏବଂ ଆମ ଯୁବପିଢ଼ି ପାଇଁ ପ୍ରଚୁର ନିଯୁକ୍ତି ଓ ରୋଜଗାର ସୁଯୋଗ ସୃଷ୍ଟି କରିବ। ପ୍ରଗତିଶୀଳ ନୀତି, ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ଦକ୍ଷ କର୍ମଶକ୍ତି ସହ ଆମେ ଏକ ଦୃଢ଼ ଇକୋସିଷ୍ଟମ ଗଢୁଛୁ, ଯେଉଁଠାରେ ବସ୍ତ୍ର କ୍ଷେତ୍ର ଶିଳ୍ପ ବିକାଶ, ମହିଳା ସଶକ୍ତୀକରଣ ଏବଂ ଗ୍ରାମୀଣ ରୂପାନ୍ତରଣର ଏକ ଶକ୍ତିଶାଳୀ ଚାଳକ ହେବ। ଏହି କାର୍ଯ୍ୟକ୍ରମରେ ତିରୁପୁର, ବେଙ୍ଗାଲୁରୁ, ସୁରଟ, ଏନ୍‌ସିଆର୍, ପଞ୍ଜାବ ଓ ପଶ୍ଚିମବଙ୍ଗ ଆଦି ପ୍ରମୁଖ ବସ୍ତ୍ର ହବ୍‌ରୁ ୩୦୦ରୁ ଅଧିକ ପ୍ରତିନିଧି ଯୋଗଦେବାର ସମ୍ଭାବନା ରହିଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।

# ବଙ୍ଗୋପସାଗରରେ ପ୍ରବେଶ କରିବ ବାତ୍ୟା 'ୱିଫା'ର ଅବଶିଷ୍ଟାଂଶ

ଭୁବନେଶ୍ୱର,୨୨।୭(ଅନୁରାଧା ମହାରଣା)

### ଆସୁଛି ୨ ଲଘୁଚାପ, ପ୍ରବଳରୁ ଅତି ପ୍ରବଳ ବର୍ଷା

ରାଜ୍ୟରେ ଏବେ ମୌସୁମୀ ସକ୍ରିୟ ରହିଥିବାବେଳେ ବଙ୍ଗୋପସାଗରରେ ଦାନା ବାନ୍ଧୁଛି ପୁଣି ଏକ ଲଘୁଚାପ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ବାତ୍ୟା 'ୱିଫା'ର ଅବଶିଷ୍ଟାଂଶ ଏକ ଘୂର୍ଣ୍ଣିବଳୟ ରୂପରେ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୁରୁବାର ସୁଦ୍ଧା ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ କ୍ରମଶଃ ଲଘୁଚାପର ରୂପ ନେବ। ଫଳରେ ବୁଧବାର ସମସ୍ତ ୨୧ ଜିଲାରେ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଗଜପତି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଝାରସୁଗୁଡ଼ା, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର, ସମ୍ବଲପୁର, ସୋନପୁର, ବରଗଡ଼, ନୂଆପଡ଼ା, ଦେବଗଡ଼ରେ ପ୍ରବଳ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି। ସେହିଭଳି ଏସବୁ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ୨୪ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ଉତ୍ତର ବିହାରର ମଧ୍ୟଭାଗରୁ ଝାଡ଼ଖଣ୍ଡ ଦେଇ ଓଡ଼ିଶା ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ ରହିଛି। ଏହା ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏ ନେଇ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଯିବା ପାଇଁ ବାରଣ କରାଯାଇଛି।

# ଚଞ୍ଚଳ ରାଣା ବିଏମ୍‌ସି କମିଶନର



ଭୁବନେଶ୍ୱର,୨୨।୭(ବନ୍ଦନା ସେଠୀ)

ବଦଳିଲେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର। ରାଜେଶ ପ୍ରଭାକର ପାଟିଲଙ୍କ ବଦଳରେ ନୂତନ କମିଶନର ଭାବେ ଚଞ୍ଚଳ ରାଣାଙ୍କୁ ଦାୟିତ୍ୱ ମିଳିଛି। ଏନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଫିସର ଚଞ୍ଚଳ ରାଣା ପୁରୀ ଜିଲାପାଳ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଚଳିତ ରଥଯାତ୍ରା ସମୟରେ ବିଭିନ୍ନ ଅଘଟଣ ହେବା ପରେ ଦୃଢ ପଦକ୍ଷେପ ସ୍ୱରୂପ ଚଞ୍ଚଳଙ୍କୁ ପୁରୀ ଜିଲାପାଳ ଭାବେ ବଦଳି କରାଯାଇଥିଲା। ଏହା ପୂର୍ବରୁ ସେ ଖୋର୍ଦ୍ଧା ଜିଲାପାଳ ଭାବେ ଦାୟିତ୍ୱ ତୁଲାଉଥିଲେ। ରଥଯାତ୍ରା ଅଘଟଣ ପରେ ଏହାକୁ ଅତି ସୁଚାରୁରୂପେ ପରିଚାଳନା କରିଥିବା ଚଞ୍ଚଳଙ୍କ ପାଇଁ ଭୁବନେଶ୍ୱର ସହରର ବିକାଶ ତଥା ସହରକୁ ୧ନମ୍ବର ସହର ଭାବେ ପରିଣତ କରିବା ଏକପ୍ରକାର ଚାଲେଞ୍ଜ ହେବ।

# ଏକ୍ସଏଟି ପ୍ରବେଶିକା ପରୀକ୍ଷା ପାଇଁ ପଞ୍ଜୀକରଣ ଆରମ୍ଭ

ଭୁବନେଶ୍ୱର,୨୨।୭
(ବନ୍ଦନା ସେଠୀ)

ଏକ୍ସଏଲ୍‌ଆଇ (ଜାଭିୟର ଆସୋସିଏଶନ୍ ଅଫ୍ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ସ) ପକ୍ଷରୁ ଏମ୍‌ବିଏ ଏବଂ ପିଜିଡିଏମ୍ ପାଇଁ ଏକ୍ସଏଟି ୨୦୨୬ ପ୍ରବେଶିକା ପରୀକ୍ଷା ଜାନୁଆରୀ ୪ରେ ଅନୁଷ୍ଠିତ ହେବ। ଏନେଇ atxatonline.inରେ ପଞ୍ଜୀକରଣ ଜାରି ରହିଛି। ଜୁଲାଇ ୧୦ରୁ ଆରମ୍ଭ ହୋଇଥିବା ପଞ୍ଜୀକରଣ ଡିସେମ୍ବର ୫ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି। ଭୁବନେଶ୍ୱର, କଟକ, ଦରଭଙ୍ଗା, ଢେଙ୍କାନାଳ, ଆଗ୍ରା, ଅହମ୍ମଦାବାଦ୍, ଅଜମେର, ଅଲିଗଡ, ଆଲ୍ଲାହାବାଦ, ଅମ୍ବାଲା, ଅମରାବତି, ବରେଲି, ଭଟିଣ୍ଡା, ଗାନ୍ଧୀନଗର, ଗୋଆ, ଗୋରଖପୁର, ଗୁଆହାଟୀ ଆଦି ଭାରତର ୧୦୦ରୁ ଅଧିକ ସହରରେ ଏକ୍ସଏଟି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ।

# ବିଏମ୍‌ସି ହସ୍ପିଟାଲରେ ଖୋଲିଲା କ୍ୟାନ୍‌ସର ବିଭାଗ

### ପ୍ରତି ମଙ୍ଗଳବାର ରୋଗ ଚିହ୍ନଟ ସହ ଚିକିତ୍ସା ସେବା ମିଳିବ

ଭୁବନେଶ୍ୱର,୨୨।୭(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଡାକ୍ତରଖାନାରେ ଖୋଲିଲା କ୍ୟାନ୍‌ସର ରୋଗ ଚିହ୍ନଟ ଓ ଚିକିତ୍ସା ବିଭାଗ। ଏଣିକି ପ୍ରତି ମଙ୍ଗଳବାର ଦିନ କ୍ୟାନ୍‌ସର ରୋଗୀଙ୍କର ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ସହ ସେମାନଙ୍କ ଚିକିତ୍ସା କରାଯିବ। ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଡାକ୍ତରମାନେ ଉପସ୍ଥିତ ରହିବେ। ପୂର୍ବରୁ ବିଏମ୍‌ସି ହସ୍ପିଟାଲ ପକ୍ଷରୁ କ୍ୟାନସର ରୋଗର ଚିକିତ୍ସା ପଣ୍ଡା କ୍ୟୁରୀ ଦ୍ୱାରା କରାଯାଉଥିଲା। ପଣ୍ଡା କ୍ୟୁରୀ ପକ୍ଷରୁ ଜଣେମାତ୍ର ଡାକ୍ତର ଆସୁଥିଲେ ଏବଂ କ୍ୟାନସର ରୋଗୀମାନଙ୍କୁ ଦେଖି କେବଳ ପରାମର୍ଶ ଦେଉଥିଲେ। ତେବେ ପଣ୍ଡା କ୍ୟୁରୀର ଚୁକ୍ତି ଅବଧି ଶେଷ ହୋଇଯିବା ପରେ ଏବେ ବିଏମ୍‌ସି ପକ୍ଷରୁ ସିଧାସଳଖ ଏହି ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହୋଇଛି।


କ୍ୟାନ୍‌ସର ରୋଗ ଚିହ୍ନଟ ଓ ଚିକିତ୍ସା ବିଭାଗର ଉଦ୍‌ଘାଟନ ଅବସରରେ ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟମାନେ।

ଏବେ ବିଭିନ୍ନ ବିଭାଗର ୫ଜଣ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କୁ ପରୀକ୍ଷା କରିବା ସହ ଉପଲବ୍ଧ ବ୍ୟବସ୍ଥା ଅନୁଯାୟୀ ଚିକିତ୍ସା କିମ୍ବା ପରାମର୍ଶ ଦେବେ। ଏଠାରେ ରୋଗ ଚିହ୍ନଟ ସହ ସାଧାରଣ ଚିକିତ୍ସା କରାଯିବ। ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ୟାନସର ବିଭାଗର ଉଦ୍‌ଘାଟନ କରିଥିଲେ। ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସ୍ଥାନୀୟ କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ପୌରାଞ୍ଚଳ ମୁଖ୍ୟ ଚିକିତ୍ସାଧିକାରୀ ଡା. ସିଦ୍ଧାର୍ଥ ଶଙ୍କର ରାୟ, କ୍ୟାନ୍‌ସର ବିଭାଗର ମୁଖ୍ୟ ଡାକ୍ତରଙ୍କ ସହ ଅନ୍ୟାନ୍ୟ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରଦାନ କରାଯାଇଥିବା ଏକ ଷ୍ଟେରିଲାଇଜେଶନ ମେଶିନ୍‌ର ଶୁଭ ଉଦଘାଟନ କରାଯାଇଥିଲା। ଏହି ମେଶିନରେ ଅପରେଶନରେ ବ୍ୟବହୃତ ସମସ୍ତ ଯନ୍ତ୍ରପାତିର ଷ୍ଟେରିଲାଇଜେଶନ କରାଯିବ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଭଞ୍ଜ


@ ଶୁଭମ


@ ଚନ୍ଦନ


@ ମୁକେଶ


@ ବଳରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୁକ୍ତାକାଶ କାରାଶ୍ରମରୁ ଜଣେ କଏଦୀ ମୁକ୍ତ

ବାରଙ୍ଗ,୨୨।୭
(ଲିଙ୍ଗରାଜ ରାଉତ)

ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରୁ ମଙ୍ଗଳବାର ଜଣେ କଏଦୀଙ୍କୁ ମୁକ୍ତ କରାଯାଇଛି। ସେ ହେଲେ କନ୍ଧମାଳ ଜି.ଉଦୟଗିରି ଥାନା ଅଧୀନସ୍ଥ ଲିଙ୍ଗାଗୁଡା ଗ୍ରାମରେ ଅନୀଲ ପ୍ରଧାନ। ଏକ ହତ୍ୟା ମାମଲାରେ ୨୦୦୯ ମାର୍ଚ୍ଚ ୯ରେ ଅନୀଲଙ୍କୁ ଆଜୀବନ ସଜା ହୋଇଥିଲା। ପରେ ୨୦୧୮ ଫେବ୍ରୁଆରି ୫ ତାରିଖରେ ସେ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମକୁ ଆସିଥିଲେ। ଅନୀଲଙ୍କୁ ମୁକ୍ତ କରିବା ପରେ ମୁକ୍ତାକାଶରେ କଏଦୀଙ୍କ ସଂଖ୍ୟା ହ୍ରାସ ପାଇ ୨୯ରେ ପହଞ୍ଚିଛି ବୋଲି ସୁପରିଟେଣ୍ଡେଣ୍ଟ ସ୍ମିତା ମହାନ୍ତି ଓ ସହକାରୀ ଜେଲର ସ୍ୱାଗତ ରଞ୍ଜନ ସାହୁ ସୂଚନା ଦେଇଛନ୍ତି।

# ୪ କଂଗ୍ରେସ କର୍ମୀଙ୍କୁ ଜାମିନ ମିଳିଲା

ଭୁବନେଶ୍ୱର,୨୨।୭(ସତ୍ୟଜିତ୍ ରାଉତ)

### ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡା, ପଥର ମାଡ ଘଟଣା

ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ବାସଭବନକୁ ଅଣ୍ଡା ଓ ପଥର ମାଡ କରିବା ସହ ପୋଲିସକୁ ଆକ୍ରମଣ ମାମଲାରେ ଜେଲରେ ଥିବା ୪ କଂଗ୍ରେସ କର୍ମୀଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। ସେମାନେ ହେଲେ ଆଦିତ୍ୟ ପ୍ରୀତମ ଦାସ (୨୭), ସୌମ୍ୟ ରଞ୍ଜନ ଜେନା (୨୫), ଶୁଭଙ୍କର ସେଠୀ (୨୧) ଓ ବଳରାମ ସାହୁ (୨୨)। ସମସ୍ତେ ଜେଲରୁ ମୁକୁଳିବା ପରେ କଂଗ୍ରେସ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସୂଚନାଯୋଗ୍ୟ, ଜୁଲାଇ ୧୫ ସନ୍ଧ୍ୟାରେ ଅଭିଯୁକ୍ତମାନଙ୍କ ନେତୃତ୍ୱରେ ୮ରୁ ୧୦ ଜଣ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କ୍ୱାର୍ଟର୍ସ ସମ୍ମୁଖରେ ଏକାଠି ହୋଇ ନାରାବାଜି ଦେବା ସହ ଅଣ୍ଡା, ଟମାଟୋ ଆଦି ମାଡ଼ କରିଥିଲେ। ବାରଣ କରିବାରୁ ସେମାନେ ପୋଲିସ କର୍ମୀଙ୍କ ସହ ଧସ୍ତାଧସ୍ତି ଓ ଗାଳିଗୁଲଜ କରିଥିଲେ। ଏଥିରେ ଦୁଇଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏନେଇ କ୍ୟାପିଟାଲ ଥାନା ମାମଲା (ନଂ.୩୨୮/୨୦୨୫) ରୁଜୁ କରି ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ଢେଙ୍କାନାଳର ଶାକମ୍ଭରୀ ଏସ୍‌ଏଚ୍‌ଜି ପ୍ରଥମ ବିଜେତା

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଗ୍ରାଣ୍ଡ୍ ଫିନାଲେ

■ କଟକ ଦ୍ୱିତୀୟ ଓ ମୟୂରଭଞ୍ଜ ତୃତୀୟ ବିଜେତା

ଭୁବନେଶ୍ୱର,୨୨।୭(ସୁଚିସ୍ମିତା ସାହୁ)

ମିଶନ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ 'ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା'ର ଗ୍ରାଣ୍ଡ୍ ଫିନାଲେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ସେମାନେ ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରକାରର ଖାଦ୍ୟ ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ ପ୍ରଥମ ବିଜେତା ହୋଇଥିବା ଢେଙ୍କାନାଳର ଶାକମ୍ଭରୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଉପମୁଖ୍ୟମନ୍ତ୍ରୀ ୨ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସେହିପରି କଟକର ମା' ଗଡ଼ଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମୟୂରଭଞ୍ଜର ମା' ଧାନ କ୍ଷେତ୍ରପାଳ ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ସ୍ଥାନରେ ରହିଛି। ଦ୍ୱିତୀୟ ବିଜେତାଙ୍କୁ ୧.୫ ଲକ୍ଷ ଓ ତୃତୀୟ ବିଜେତାଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଥମ ବିଜେତା ଢେଙ୍କାନାଳର ଶାକମ୍ଭରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ୨ଲକ୍ଷ ଟଙ୍କା ପୁରସ୍କାର ରାଶିର ଚେକ୍ ପ୍ରଦାନ କରୁଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଲେ, ଘରୋଇ ଦାୟିତ୍ୱ ଭିତରେ ମହିଳାମାନେ ନିଜ ପ୍ରତିଭା ପ୍ରଦର୍ଶନ କରି ସ୍ୱାବଲମ୍ବନ ଓ ସଶକ୍ତୀକରଣର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି। ସେମାନେ ଉଦ୍ୟୋଗୀ ହେବାର ସାହସ ହିଁ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିପାରିବ। ରାଜ୍ୟର ପାରମ୍ପରିକ ଓ ବିସ୍ମୃତ ଖାଦ୍ୟ ସଂସ୍କୃତିକୁ ପୁନରୁଦ୍ଧାର କରିବା ଏହି ପ୍ରତିଯୋଗିତାର ମୂଳ ଲକ୍ଷ୍ୟ। ମିଶନ ଶକ୍ତି ବିଭାଗର ଏହି ନୂତନ ପ୍ରୟାସ ମହିଳାଙ୍କ ମଧ୍ୟରେ ଉଦ୍ୟୋଗିତାର ଚେତନା ସୃଷ୍ଟି କରିପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ପ୍ରତିଯୋଗିତା ପାରମ୍ପରିକ ଖାଦ୍ୟ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା, ମହିଳାଙ୍କ ରନ୍ଧନ ଜ୍ଞାନକୁ ସ୍ୱୀକୃତି ଦେବା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଉଦ୍ୟୋଗିତା ବୃଦ୍ଧି କରିବା ଲକ୍ଷ୍ୟରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ, ନିର୍ଦ୍ଦେଶକ ଡ. ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ସେମିଫାଇନାଲରେ ଭାଗ ନେଇଥିବା ୩୦ ଦଳ ମଧ୍ୟରୁ କଟକ, ମୟୂରଭଞ୍ଜ, ଢେଙ୍କାନାଳ, କୋରାପୁଟ, ନୂଆପଡ଼ା, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, ନବରଙ୍ଗପୁର ଏବଂ ଜଗତସିଂହପୁର ଜିଲ୍ଲାର ୧୦ଟି ଶ୍ରେଷ୍ଠ ଦଳ ଫାଇନାଲରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳକୁ କୁକିଂ ଗ୍ୟାସ, ଇଣ୍ଡକ୍ସନ କୁକ ଟପ୍, ବାସନକୁସନ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ସହିତ ଏକ ସୁସଜ୍ଜିତ କାର୍ଯ୍ୟସ୍ଥଳୀ ପ୍ରଦାନ କରାଯାଇଥିଲା। ମାଷ୍ଟରସେଫ ଇଣ୍ଡିଆ ସିଜନ ୬ର ବିଜେତା ସେଫ ଅବିନାଶ ନାୟକ ପ୍ରତିଯୋଗିତାର ମୁଖ୍ୟ ବିଚାରକ ଥିଲେ। ସେଫ ସୁରଜ କୁମାର ସାହୁ ଓ ସେଫ ସମିତ ସୁମନ ଅନ୍ୟ ବିଚାରକ ଭାବେ ରହିଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଜଣେ ମୃତ

ବାଲୁଗାଁ,୨୨।୭(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ସୋରଣା ଛକ ନିକଟରେ ସୋମବାର ବିଳମ୍ବିତ ରାତ୍ରିରେ ଏକ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ। ସେ ଏକ ଧଳା ଟେକ୍ସଟାର୍ଟ ଓ ଫୁଲପ୍ୟାଣ୍ଟ ପିନ୍ଧିଥିବା ବେଳେ ତାଙ୍କର ବୟସ ଆନୁମାନିକ ୫୦ ବର୍ଷ ହେବ। ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ମଙ୍ଗଳବାର ଭୋରରୁ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏ ସଂକ୍ରାନ୍ତରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୨୧୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତକଙ୍କୁ ଚିହ୍ନଟ ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ଜୟପ୍ରକାଶ ପରିଡ଼ା କହିଛନ୍ତି।

### ମୁକ୍ତାକାଶ କାରାଶ୍ରମରୁ ଜଣେ କଏଦୀ ମୁକ୍ତ

ବାରଙ୍ଗ,୨୨।୭(ଲିଙ୍ଗରାଜ ରାଉତ)

ଜାମୁଝଡ଼ିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରୁ ମଙ୍ଗଳବାର ଜଣେ କଏଦୀଙ୍କୁ ମୁକ୍ତ କରାଯାଇଛି। ସେ ହେଲେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଥାନା ଅଧୀନସ୍ଥ ଲିଙ୍ଗାଗୁଡ଼ା ଗ୍ରାମର ଅନୀଲ ପ୍ରଧାନ। ଏକ ହତ୍ୟା ମାମଲାରେ ୨୦୦୯ ମାର୍ଚ୍ଚ ୯ରେ ଅନୀଲଙ୍କୁ ଆଜୀବନ ଜେଲ୍ ହୋଇଥିଲା। ପରେ ୨୦୧୮ ଫେବୃଆରୀ ୫ ତାରିଖରେ ସେ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମକୁ ଆସିଥିଲେ। ଅନୀଲଙ୍କୁ ମୁକ୍ତ କରିବା ପରେ ମୁକ୍ତାକାଶରେ କଏଦୀଙ୍କ ସଂଖ୍ୟା ହ୍ରାସ ପାଇ ୨୯ରେ ପହଞ୍ଚିଥିବା ସୁପରିଣ୍ଟେଣ୍ଡେଣ୍ଟ ସ୍ମିତା ମହାନ୍ତି ଓ ସହକାରୀ ଜେଲର ସ୍ୱାଗତ ରଞ୍ଜନ ସାହୁ ସୂଚନା ଦେଇଛନ୍ତି।

## ମହିଳା କର୍ମଚାରୀ, ଛାତ୍ରୀଙ୍କ ସଶକ୍ତୀକରଣ ସଂକ୍ରାନ୍ତ କର୍ମଶାଳା



ବାଉରୀବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟରେ ଆୟୋଜିତ କର୍ମଶାଳାରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଜଟଣୀ,୨୨।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ଛତାବରସ୍ଥିତ ବାଉରୀବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ମହିଳା କର୍ମଚାରୀ ଏବଂ ଛାତ୍ରୀଙ୍କ ସଶକ୍ତୀକରଣ ସଂକ୍ରାନ୍ତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟରେ କାର୍ଯ୍ୟରତ ମହିଳା କର୍ମଚାରୀ ଏବଂ ଅଧ୍ୟୟନରତ ଛାତ୍ରୀମାନେ କିପରି ଯୌନ ଉତ୍ପୀଡ଼ନରୁ ନିଜକୁ ସୁରକ୍ଷିତ ରଖିପାରିବେ ସେ ନେଇ ସଚେତନ କରାଯାଇଥିଲା। ଅଧ୍ୟକ୍ଷ ଶୁଭେନ୍ଦୁ ମୋହନ ପରିଡ଼ା ପ୍ରାରମ୍ଭରେ ମହିଳା ଓ ଛାତ୍ରୀଙ୍କ ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ ସମ୍ପର୍କରେ ସୂଚନା ଦେବା ସହ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଆଇସିସି କମିଟି ଅଧ୍ୟକ୍ଷ ଡା. ଅମିତା ଦାସମହାପାତ୍ର ନାରୀ ସୁରକ୍ଷା ନେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ କୌଣସି ଜରୁରୀ ପରିସ୍ଥିତିରେ ୧୮୧ ନିଃଶୁଳ୍କ ସହାୟତା ନମ୍ବରରେ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ତୃପ୍ତିମୟୀ ପଟ୍ଟନାୟକ, ସୁଜିତା ମିଶ୍ର, ସବ୍ୟସାଚୀ ମହାନ୍ତି, ପ୍ରାଣକୃଷ୍ଣ ସାହୁ, ବିନୋଦ ବାରିକ, ମାନସ କୁମାର ନାୟକ ଏବଂ ପଦ୍ମାବତୀ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ମାହୁଲୀ କଲେଜରେ ଆଇସିସି ଗଠିତ

ବାଣପୁର,୨୨।୭(ଦିଲୀପ କୁମାର ସ୍ୱାଇଁ)

'ଇଣ୍ଟରନାଲ କମ୍ପ୍ଲେନ୍ କମିଟି' (ଆଇସିସି) ଗଠନ ପାଇଁ ମଙ୍ଗଳବାର ମାହୁଲୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। 'ଇଣ୍ଟରନାଲ କମ୍ପ୍ଲେନ୍ କମିଟି' ଗଠନ କରାଯାଇଛି। ଅଧ୍ୟାପିକା ସଂଘମିତ୍ରା ପଟ୍ଟନାୟକ, ଡ. କବିତା ଦେ, କଲ୍ୟାଣୀ ମହାନ୍ତି, ଅଧ୍ୟାପକ ଦିଲୀପ କୁମାର ବେହେରା, ଗ୍ରନ୍ଥାଗାରିକ ଜଗବନ୍ଧୁ ରାଉତ, ଅଫିସ କର୍ମଚାରୀ ବିନୋଦିନୀ ପାଇକରାୟ, ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆହ୍ୱାନ'ର ସଭ୍ୟା ପ୍ରଣୀତା ଦାସ, ଆଡଭୋକେଟ ପ୍ରଦୋଷ କୁମାର ଦାସ, ଛାତ୍ର ପ୍ରତିନିଧି ଭାବେ +୩ କଳା ଶେଷ ବର୍ଷର ଛାତ୍ରୀ ବର୍ଷାରାଣୀ ମହାରଣା, +୩ ଶେଷ ବର୍ଷ ବିଜ୍ଞାନ ଛାତ୍ରୀ ଅନୁରାଧା ପ୍ରଧାନ ସର୍ବସମ୍ମତି କ୍ରମେ ଏହି କମିଟିରେ ସ୍ଥାନ ପାଇଛନ୍ତି। ମହିଳା ଓ ଶିଶୁ ସୁରକ୍ଷା ପାଇଁ ଜରୁରୀ ପଦକ୍ଷେପ ନେବାକୁ ଉଦ୍ଦିଷ୍ଟ ନିଃଶୁଳ୍କ ଫୋନ ନଂ ୧୮୧କୁ କଲେଜ ନୋଟିସ ବୋର୍ଡରେ ଜାରି କରାଯାଇଛି। ଏହିଅବସରରେ ଅଧ୍ୟକ୍ଷ ସାହୁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

## ଓପିଏସ୍‌ସିକୁ ହାଇକୋର୍ଟଙ୍କ ନୋଟିସ

### ଉଚ୍ଚ ରକ୍ତଚାପ ଦର୍ଶାଇ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା ମାମଲା

କଟକ,୨୨।୭(କାର୍ତ୍ତିକ ସାହୁ)

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ବନ ସେବାର ସହାୟକ ବନ ସଂରକ୍ଷକ (ଗ୍ରୁପ-ଏ) (ଜେବି) ଏବଂ ବନରେଞ୍ଜର (ଗ୍ରୁପ-ବି) ପଦରେ ନିଯୁକ୍ତି ପାଇଁ ଅନୁଷ୍ଠିତ ଶାରୀରିକ ମାନଦଣ୍ଡରେ ବେଆଇନ ଭାବେ ଏକଜଣଙ୍କୁ ଅଯୋଗ୍ୟ କରାଯାଇଥିବା ନେଇ ରୁଜୁ ମାମଲାର ଶୁଣାଣି କରି ମଙ୍ଗଳବାର ହାଇକୋର୍ଟ ଓପିଏସ୍‌ସିକୁ ନୋଟିସ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ଶୁଣାଣି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୪କୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ଦେବାଶିଷ ଦାସ ଓ ଅନ୍ୟ ୮ଜଣଙ୍କ ପକ୍ଷରୁ ଆବେଦନରେ ଦର୍ଶାଯାଇଛି ଯେ, ସହାୟକ ବନ ସଂରକ୍ଷକ ଓ ବନ ରେଞ୍ଜର ପଦ ପାଇଁ ଓପିଏସ୍‌ସି ବିଜ୍ଞାପନ ପ୍ରକାଶ କରିଥିଲା। ଏହି ପଦ ପାଇଁ ସେମାନେ ଆବେଦନ କରିଥିଲେ। ସେମାନେ ଲିଖିତ ପରୀକ୍ଷାରେ ସଫଳ ହୋଇଥିଲେ। ଓପିଏସ୍‌ସି ୱେବ୍‌ସାଇଟ୍‌ରେ ୫୩୩ଜଣ ମଧ୍ୟରୁ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କୁ ଜୁଲାଇ ୧୫ରେ ଶାରୀରିକ ପରୀକ୍ଷା ପାଇଁ ଡକାଯାଇଥିଲା। ଯଦିଓ ସେମାନଙ୍କ ଆବଶ୍ୟକ ଉଚ୍ଚତା ଓ ଛାତି ଚଉଡ଼ା ଥିଲା। କିନ୍ତୁ ବିଜ୍ଞାପନର ଧାରା ୫ ଅନୁସାରେ ବେଆଇନ ଓ ମନମୁଖି ଭାବେ ସେମାନଙ୍କୁ ଶାରୀରିକ ସହନଶୀଳତା ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଇ ନ ଥିଲା। ଉଚ୍ଚରକ୍ତଚାପ ଅଧିକ ଥିବା ଦର୍ଶାଇ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହି ରକ୍ତଚାପ ରେକର୍ଡ଼ ଏକ ଡିଜିଟାଲ ଉପକରଣ ଆଧାରରେ କରାଯାଇଥିଲା। ୧୬ ଜୁଲାଇ ୨୦୨୫ରେ ଅନୁଷ୍ଠିତ ଶାରୀରିକ ପରୀକ୍ଷାରେ ସାଧାରଣ ଉପକରଣରେ ରକ୍ତଚାପ ମାପ ହୋଇଥିବା ବେଳେ ୧୫ ଜୁଲାଇରେ ଅନୁଷ୍ଠିତ ପରୀକ୍ଷାରେ ତାହା କରାଯାଇ ନ ଥିଲା। ଓପିଏସ୍‌ସିର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଆବେଦନକାରୀମାନେ ଶାରୀରିକ ସହନଶୀଳତା ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ତେଣୁ ସେମାନଙ୍କୁ ଶାରୀରିକ ସହନଶୀଳତା ପରୀକ୍ଷା ପାଇଁ ତୁରନ୍ତ ଅନୁମତି ଦେବା ଏବଂ ଉପଯୁକ୍ତ ରକ୍ତଚାପ ମାପ ଉପକରଣ ଦ୍ୱାରା ପୁନଃରକ୍ତଚାପ ପରୀକ୍ଷା କରାଇବା ପାଇଁ ଆବେଦନକାରୀମାନେ ପ୍ରାର୍ଥନା କରିଛନ୍ତି। ମାମଲାରେ ଭୁବନେଶ୍ୱର ମୁଖ୍ୟ ବନ ସଂରକ୍ଷକ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଓପିଏସ୍‌ସି ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ସୋମ ଶେଖର ରଥ ଏବଂ ଆଇନଜୀବୀ ରାଜୀବ ରଥ ପରିଚାଳନା କରୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବଳରାମ


@ ଭଞ୍ଜ


@ ଚନ୍ଦନ


@ ମୁକେଶ


@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବେଆଇନ ମାଙ୍କଡ଼ା ପଥର ଖଣିରେ ଚଢ଼ାଉ


ଚଢ଼ାଉ ସମୟରେ ଜବତ ହୋଇଥିବା କଟର ମେଶିନ୍।

ଟାଙ୍ଗି,୨୨।୭ (ଉତ୍ତମନାଥ ସାହୁ)

ଚାନ୍ଦପୁର ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଖୋଳାଯାଇ ବାହାରକୁ ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ମଙ୍ଗଳବାର ଚାନ୍ଦପୁର ଥାନା ଆଇଆଇସି ଦିଳୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଦେଇ ନିକଟସ୍ଥ ବେଆଇନ ମାଙ୍କଡ଼ା ପଥର ଖଣିରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଘଟଣାସ୍ଥଳରୁ ଶ୍ରମିକମାନେ ପଳାଇ ଯାଇଥିବାବେଳେ ବ୍ୟବହୃତ ଏକ କଟର ମେଶିନକୁ ପୋଲିସ ଜବତ କରିଛି। ଏହି ଘଟଣାରେ କେଉଁମାନେ ସଂପୃକ୍ତ ଅଛନ୍ତି, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଆଇଆଇସି ସ୍ୱାଇଁ କହିଛନ୍ତି।

# ପଥର ଉତ୍ତୋଳନ ଟେଣ୍ଡରକୁ ନେଇ ଛକାପଞ୍ଝା

ଖୋର୍ଦ୍ଧା,୨୨।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତାପଙ୍ଗ ଓ କାଇପଦର ଅଞ୍ଚଳରେ ଶ୍ରୀଜଗନ୍ନାଥଙ୍କ ବହୁ ମୂଲ୍ୟବାନ କଳାମୁଗୁନି ପଥର ଖଣି ରହିଛି। ସ୍ଥାନୀୟ ଖଣି ଉପନିର୍ଦ୍ଦେଶାଳୟ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇଛି। ପୂର୍ବରୁ ଏହି ପଥର ଖଣି ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିଲା। ଏବେ ଏହାର ଦାୟିତ୍ୱ ଖଣି ନିଗମ ଅଧୀନରେ ରହିଛି। ତାପଙ୍ଗ ଓ କାଇପଦର ଅଞ୍ଚଳରେ ଥିବା ୬ଟି ଖଣି ଲିଜ୍ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଓ ଖଣି ଟେଣ୍ଡର ପ୍ରକ୍ରିୟାକୁ ନେଇ ଛକାପଞ୍ଝା ଲାଗିରହିଛି। ଗୋଟିଏ ଗୋଷ୍ଠୀ ଏକପାଖିଆ ଭାବେ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗନେଇ ନିଲାମ ନେବାକୁ ମସୁଧା ଚଳାଉଥିବା ବେଳେ ନିରାଶ ହେବାକୁ ପଡ଼ିଛି। ଖଣି ଉତ୍ତୋଳନ ପାଇଁ ଆବେଦନର ଶେଷ ତାରିଖ ଜୁନ ୨୮ ଥିଲା। ଜୁନ୍ ୨୯ରେ ଟେଣ୍ଡର ଖୋଲାଯିବାକୁ ଧାର୍ଯ୍ୟ ହୋଇଥିଲା। ଜୁଲାଇ ୧୫ରୁ ୨୫ ମଧ୍ୟରେ ଖଣି ନିଲାମ ସକାଶେ ସମୟ ଧାର୍ଯ୍ୟ କରାଯାଇଥିଲା। ହନୁମାନିଆ (ଗ), ଶଙ୍ଖାରୀ, ଟାଙ୍ଗେଣି, କଳିଙ୍ଗ(କ), (ଖ), (ଗ) ପ୍ରଭୃତି ରହିଛି। ଏଥିଲାଗି ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ଖଣିରୁ ପଥର ଉତ୍ତୋଳନ ପାଇଁ କ୍ୟୁବିକ୍ ମିଟର ପିଛା ୪୩୭ ଟଙ୍କା ଧାର୍ଯ୍ୟ କରାଯାଇଛି। ହନୁମାନିଆ(ଗ) ଓ ଟାଙ୍ଗେଣି ଖଣି ପାଇଁ ୧୭୧, କଳିଙ୍ଗ-କ-ଖ-ଗ ନିମନ୍ତେ ୩୫୪ ଟଙ୍କା ଏବଂ ଶଙ୍ଖାରୀ ନିମନ୍ତେ ୪୩୭ ଟଙ୍କା ଧାର୍ଯ୍ୟ ହୋଇଛି। ସୋମବାର କଳିଙ୍ଗ (କ)ର ନିଲାମ ସରିଥିବାବେଳେ ୯ ଜଣ ଅଂଶଗ୍ରହଣ କରିଥିଲେ। ଯାହା ନିଲାମ ନେଇଥିବା ସଂସ୍ଥା ସର୍ବାଧିକ ୧୪୦୪ ଟଙ୍କାରେ ଉକ୍ତ ଖଣିର ନିଲାମ ନେଇଛି। ମଙ୍ଗଳବାର କଳିଙ୍ଗ (ଖ)ର ନିଲାମ ହୋଇଛି। ଏହି ଟେଣ୍ଡର ପ୍ରକ୍ରିୟାକୁ ନେଇ ତାପଙ୍ଗ ଆଞ୍ଚଳିକ କ୍ରସର ମାଲିକ ସଂଘ ଏବଂ ପାହାଡ଼ କ୍ରିୟାନୁଷ୍ଠାନ କମିଟି ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାକୁ ଉକ୍ତ କମିଟି ଦ୍ୱୟ ବିରୋଧ କରି ଆସୁଛନ୍ତି। ପାହାଡ଼ କ୍ରିୟାନୁଷ୍ଠାନ କମିଟି

### ପାହାଡ଼ କ୍ରିୟାନୁଷ୍ଠାନ କମିଟି ନିରାଶ



ପକ୍ଷରୁ ପୂର୍ବ ନିଷ୍ପତ୍ତି କ୍ରମେ ମନୋନୀତ ସଂସ୍ଥା ଟେଣ୍ଡର ଭରିଥିବାବେଳେ ପ୍ରଥମ ଦିନ ଟେଣ୍ଡର ପାଇବାରେ ବିଫଳ ହୋଇଛନ୍ତି। ପୂର୍ବରୁ ପାହାଡ଼ କ୍ରିୟାନୁଷ୍ଠାନ କମିଟି ବ୍ୟତୀତ ବାହାର କୌଣସି ସଂସ୍ଥା ଟେଣ୍ଡର ପାଇଲେ, ତାଙ୍କୁ କୌଣସି ସହଯୋଗ ନ କରିବାକୁ ଏବଂ କୌଣସି କ୍ରସର ସଂସ୍ଥା ପଥର ନ ଉଠାଇବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ତେବେ ବିଧାୟକଙ୍କ ତାଗିଦ ସତ୍ତ୍ୱେ ଟେଣ୍ଡର ପରିମାଣ ଅଧିକ ରହିବା ଓ ବାହାର ସଂସ୍ଥା ନିଲାମ ପାଇବା ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ରବିବାର ଜିଲ୍ଲା ପରିଷଦ ସଭ୍ୟଙ୍କ ବାସଭବନରେ କକ୍ଷରେ ଏକାଧିକ ଖଣି ଓ କ୍ରସର ମାଲିକ ଏକାଠି ହୋଇ ସକାଳ ୮ଟା ରୁ ରାତି ୮ଟା ପର୍ଯ୍ୟନ୍ତ ରୁଦ୍ଧ ଦ୍ୱାର ବୈଠକ କରିଥିଲେ। ତେବେ କମିଟି ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଫସର ଫାଟିଲା। ମଙ୍ଗଳବାର ପୁଣି ଥରେ ସନ୍ଧ୍ୟାରେ ଏକାଧିକ ଖଣି ମାଲିକଙ୍କୁ ନେଇ ବୈଠକ ଚାଲିଥିଲା। ତେବେ କ'ଣ ଆଲୋଚନା ହେଲା, ତାହା ପଦାକୁ ଆସି ନ ଥିବା ବେଳେ ପାହାଡ଼ କ୍ରିୟାନୁଷ୍ଠାନ କମିଟିର ଆଶା ମଉଳି ଯାଉଥିବା ଚର୍ଚ୍ଚା ଚାଲିଛି। ବାର୍ଷିକ ବର୍ଷ ଧରି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଖଣି ଖାଦାନକୁ ଲିଜ୍ ନେଇ ଧାର୍ଯ୍ୟ ଠାରୁ ଅଧିକ ପଥର ଉତ୍ତୋଳନ କରି ମାଲାମାଲ ହେଉଥିଲେ। ଚଳିତ ବର୍ଷ ଖଣି ନିଗମ ପକ୍ଷରୁ ପଥର ଉତ୍ତୋଳନ ଦର ଅଧିକ ରଖାଯାଇଛି। ଏହାଦ୍ୱାରା ଶ୍ରୀମନ୍ଦିର ପ୍ରଶାସନ ରାଜ୍ୟ ସରକାର ଅଧିକ ରୟାଲଟି ପାଇବା ସହ ଆୟ ବୃଦ୍ଧି ମଧ୍ୟ ଘଟିବ। ତେବେ ତାପଙ୍ଗ ଆଞ୍ଚଳିକ କ୍ରସର ମାଲିକ ସଂଘ ଏବଂ ପାହାଡ଼ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଖଣି ନିଲାମ ନିଜ ଅକ୍ତିଆରକୁ ଆଣିବା ପାଇଁ ଘନ ଘନ ବୈଠକ କରିବା ସତ୍ତ୍ୱେ ନିରାଶ ହେବାକୁ ପଡ଼ିଲା ବୋଲି ଚର୍ଚ୍ଚା ଚାଲିଛି।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଗ୍ରାଣ୍ଡ୍ ଫିନାଲେ

# ଢେଙ୍କାନାଳର ଶାକମ୍ଭରୀ ଏସ୍ଏଚ୍‌ଜି ପ୍ରଥମ ବିଜେତା

### କଟକ ଦ୍ୱିତୀୟ, ମୟୂରଭଞ୍ଜ ତୃତୀୟ

ଭୁବନେଶ୍ୱର,୨୨।୭
(ସୁଚିସ୍ମିତା ସାହୁ)

ମିଶନ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ 'ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା'ର ଗ୍ରାଣ୍ଡ୍ ଫିନାଲେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ସେମାନେ ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରକାରର ଖାଦ୍ୟ ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ ପ୍ରଥମ ବିଜେତା ହୋଇଥିବା ଢେଙ୍କାନାଳର ଶାକମ୍ଭରୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)କୁ ଉପମୁଖ୍ୟମନ୍ତ୍ରୀ ୨ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସେହିପରି କଟକର ମା' ଗଡ଼ଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମୟୂରଭଞ୍ଜର ମା' ଧାନ କ୍ଷେତ୍ରପାଳ ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ସ୍ଥାନରେ ରହିଛି। ଦ୍ୱିତୀୟ ବିଜେତାଙ୍କୁ ୧.୫ ଲକ୍ଷ ଓ ତୃତୀୟ ବିଜେତାଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଲେ, ଘରୋଇ ଦାୟିତ୍ୱ ଭିତରେ ମହିଳାମାନେ ନିଜ ପ୍ରତିଭା ପ୍ରଦର୍ଶନ କରି ସ୍ୱାବଲମ୍ବନ ଓ ସଶକ୍ତୀକରଣର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି। ସେମାନେ ଉଦ୍ୟୋଗୀ ହେବାର ସାହସ ହିଁ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିପାରିବ। ରାଜ୍ୟର ପାରମ୍ପରିକ ଓ ବିସ୍ମୃତ ଖାଦ୍ୟ ସଂସ୍କୃତିକୁ ପୁନରୁଦ୍ଧାର କରିବା ଏହି ପ୍ରତିଯୋଗିତାର ମୂଳ ଲକ୍ଷ୍ୟ। ମିଶନ ଶକ୍ତି ବିଭାଗର ଏହି ନୂତନ ପ୍ରୟାସ ମହିଳାଙ୍କ ମଧ୍ୟରେ ଉଦ୍ୟୋଗିତାର ଚେତନା ସୃଷ୍ଟି କରିପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ପ୍ରତିଯୋଗିତା ପାରମ୍ପରିକ ଖାଦ୍ୟ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା, ମହିଳାଙ୍କ ରନ୍ଧନ ଜ୍ଞାନକୁ ସ୍ୱୀକୃତି ଦେବା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଉଦ୍ୟୋଗିତା ବୃଦ୍ଧି କରିବା ଲକ୍ଷ୍ୟରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ, ନିର୍ଦ୍ଦେଶକ ଡ. ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ସେମିଫାଇନାଲରେ ଭାଗ ନେଇଥିବା ୩୦ ଦଳ ମଧ୍ୟରୁ କଟକ, ମୟୂରଭଞ୍ଜ, ଢେଙ୍କାନାଳ, କୋରାପୁଟ, ନୂଆପଡ଼ା, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, ନବରଙ୍ଗପୁର ଏବଂ ଜଗତ୍‌ସିଂହପୁର ଜିଲାର ୧୦ଟି ଶ୍ରେଷ୍ଠ ଦଳ ଫାଇନାଲରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳକୁ କୁକିଂ ଗ୍ୟାସ୍, ଇଣ୍ଡକ୍ସନ କୁକ ଟପ୍, ବାସନକୁସନ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ସହିତ ଏକ ସୁସଜ୍ଜିତ କାର୍ଯ୍ୟସ୍ଥଳୀ ପ୍ରଦାନ କରାଯାଇଥିଲା। ମାଷ୍ଟରସେଫ ଇଣ୍ଡିଆ ସିଜନ ୬ର ବିଜେତା ସେଫ ଅବିନାଶ ନାୟକ ପ୍ରତିଯୋଗିତାର ମୁଖ୍ୟ ବିଚାରକ ଥିଲେ। ସେଫ ସୁରଜ କୁମାର ସାହୁ ଓ ସେଫ ସସ୍ମିତ ସୁମନ ଅନ୍ୟ ବିଚାରକ ଭାବେ ରହିଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଥମ ବିଜେତା ଢେଙ୍କାନାଳର ଶାକମ୍ଭରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ୨ଲକ୍ଷ ଟଙ୍କା ପୁରସ୍କାର ରାଶିର ଚେକ୍ ପ୍ରଦାନ କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବଳରାମ


@ ଭଞ୍ଜ


@ ଚନ୍ଦନ


@ ମୁକେଶ


@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### 'କଲେଜ ଆୱାରନେସ୍ ଡ୍ରାଇଭ' କାର୍ଯ୍ୟକ୍ରମ

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ବିଦ୍ୟାର୍ଥୀମାନେ ଏକ ସୁରକ୍ଷିତ, ସଚେତନ ଓ ସାହସୀ ଶିକ୍ଷା ପରିବେଶରେ ଶିକ୍ଷା ଗ୍ରହଣ କରନ୍ତୁ। ସେଥିପାଇଁ ପୁରୀ ପୋଲିସ ତରଫରୁ ଏକ ବିଶେଷ ଅଭିଯାନ 'କଲେଜ ଆୱାରନେସ୍ ଡ୍ରାଇଭ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପୋଲିସ ଅଧୀକ୍ଷକ ପିନାକ ମିଶ୍ରଙ୍କ ଦିଗ୍‌ଦର୍ଶନ ଓ ନିର୍ଦ୍ଦେଶନାରେ ଜିଲାର ସବୁ ୪ଟି ପୋଲିସ ଉପଖଣ୍ଡ ତଥା ସହର, ସଦର, ନିମାପଡ଼ା ଓ ପିପିଲି ଅନ୍ତର୍ଗତ ବିଭିନ୍ନ କଲେଜରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀମାନଙ୍କୁ ମାନସିକ ସ୍ୱାସ୍ଥ୍ୟ, ଶାରୀରିକ ସୁରକ୍ଷା, ନିଶା ଓ ସାଇବର ଅପରାଧ ବିଷୟରେ ସଚେତନ କରିବା। କାର୍ଯ୍ୟକ୍ରମ ନିମାପଡ଼ା ଉପଖଣ୍ଡରେ ୫ଟି କଲେଜ, ସଦର ଉପଖଣ୍ଡରେ ୬ଟି କଲେଜ ଓ ସ୍କୁଲ, ପିପିଲି ଉପଖଣ୍ଡରେ ୨ଟି କଲେଜ, ସହର ଉପଖଣ୍ଡରେ ଗୋଟିଏ ସ୍କୁଲ। ଏହିପରି ମୋଟ ୧୪ଟି କଲେଜରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ବିଦ୍ୟାର୍ଥୀ ଏକ ସୁରକ୍ଷିତ ଓ ମିଶାଣିଆ ମନୋଭାବରେ ପୋଲିସ ସହ ତାଙ୍କର ଅନୁଭୂତି ବାଣ୍ଟିଛନ୍ତି। ଅନେକ କଲେଜରେ ରାଗିଂ, ମାନସିକ ଚାପ ଏବଂ ସାଇବର ଠକେଇ ଭଳି ବିଷୟ ଉପରେ ଗଭୀର ଆଲୋଚନା କରାଯାଇଛି। ଏହି ଅଭିଯାନକୁ ଜିଲାର ସମସ୍ତ କଲେଜରେ ବ୍ୟାପକ କରିବା ନେଇ ପୋଲିସ ପକ୍ଷରୁ ଯୋଜନା କରାଯାଇଛି।

### ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଜଣେ ଗିରଫ

ଗୋପ,୨୨।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗାଁ ଦାଣ୍ଡରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଗୋପ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଯୁବକ ଜଣକ ହେଲେ ହରମୋହନ ସାହୁ(୪୮)। ସେ ରାଜି ନ ହେବାରୁ ତାଙ୍କୁ ଗାଁ ଦାଣ୍ଡରେ ମାଡ଼ ରକ୍ତାକ୍ତ କରିଥିଲେ। ପରେ ପରିବାର ଲୋକେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିକାରଗ୍ରସ୍ତ ମହିଳାଙ୍କ ଭାଇ ଗୋପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନରେ ଦୀର୍ଘ ଦିନ ଧରି ମସ୍ତିଷ୍କ ବିକୃତ ଘଟିବା ପରେ ଗୋପ ଥାନା ଅଞ୍ଚଳରେ ଉକ୍ତ ମହିଳା ଜଣକ ବୁଲୁଛନ୍ତି। ମହିଳା ଜଣଙ୍କ ଗାଁର ଏକ ପିଣ୍ଡାରେ ଶୋଇଥିବା ବେଳେ ସେହି ଗ୍ରାମର ହରମୋହନ ନାମକ ଯୁବକ ମହିଳାଙ୍କ ନିକଟରେ ପହଞ୍ଚି ନିକଟସ୍ଥ କେନାଲ ବନ୍ଧକୁ ଡାକିଥିଲେ। ମହିଳା ଜଣଙ୍କ ରାଜି ନ ହେବାରୁ ରାଗରେ ଜର୍ଜରିତ ଯୁବକ ଜଣଙ୍କ ଗାଁଦାଣ୍ଡରେ କାଠ ଫାଳିଆରେ ମାଡ଼ ମାରିଥିଲେ। ପରିବାର ସଦସ୍ୟ ଏପରି ଘଟଣା ସମ୍ପର୍କରେ ଅବଗତ ହୋଇ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଥିଲା। ପୋଲିସ ଏହି ଘଟଣା ସମ୍ପର୍କରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ହରମୋହନଙ୍କୁ ଗିରଫ କରିଛି। ଏନେଇ ଗୋପ ଥାନାଧିକାରୀ ୨୨୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।


ପୁରୀ ପ୍ରବେଶ ପଥ ଆଲାମଚଣ୍ଡୀ ସମ୍ମୁଖ ଐତିହ୍ୟ ପୁଷ୍କରିଣୀ ପଥର ପୋଖରୀ ଅବହେଳିତ ଅବସ୍ଥାରେ ପଡିରହିଛି। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

## ଖବରଦାତା ଅଜିତଙ୍କ ହୃଦ୍‌ଘାତରେ ପରଲୋକ, ବିଭିନ୍ନ ମହଲରେ ଶୋକ

କୋଣାର୍କ,୨୨।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଅଞ୍ଚଳର କାର୍ଯ୍ୟରତ ବରିଷ୍ଠ ଖବରଦାତା ଓ ସାମାଜିକ କର୍ମୀ ଅଜିତ କୁମାର ମଲିକ(୫୩)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସୋମବାର ବିଳମ୍ବିତ ରାତିରେ ଥାନା ଛକ କୋଣାର୍କ ପ୍ରିଣ୍ଟିଂ ପ୍ରେସ ଦୋକାନରେ ବସି ନ୍ୟୁଜ୍ ଲେଖୁଥିବା ବେଳେ ଜୀବନ ଚାଲିଯାଇଥିଲା। ଆମ୍ବୁଲାନ୍ସ ଯୋଗେ ପ୍ରାଥମିକ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କୋଣାର୍କ ତଥା ଆଖପାଖ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି।

ସେ ଦୀର୍ଘ ୧୫ବର୍ଷ ଧରି ନିରପେକ୍ଷ ଓ ନିର୍ଭୀକ ସାମ୍ବାଦିକତା କାର୍ଯ୍ୟ କରି ଆସୁଥିଲେ। ସ୍ୱର୍ଗତ ଖବରଦାତା ଅଜିତଙ୍କ ମରଶରୀରକୁ ଭଗବତୀ ବିହାରସ୍ଥିତ ବାସଭବନକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ କୋଣାର୍କ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମର ଶରୀରକୁ କୋଣାର୍କ ବଜାର ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଭଣଜା ଚିରଞ୍ଜୀବୀ ମୁଖାଗ୍ନି ଦେଇଥିଲେ। ଖବରଦାତା ଅଜିତ୍‌ଙ୍କ ଅକାଳ ବିୟୋଗରେ ପୁରୀ ଜିଲାପାଳ ଚଞ୍ଚଳ ରାଣା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ନିମାପଡ଼ା ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାସ, କାକଟପୁର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, କୋଣାର୍କ ପ୍ରେସ କ୍ଲବ, କୋଣାର୍କ ସାମ୍ବାଦିକ ସଂଘ ସମେତ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଓ ବ୍ୟକ୍ତି ବିଶେଷମାନେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ୨୫ରୁ ଟେବୁଲ ଟେନିସ୍ ପ୍ରତିଯୋଗିତା

ପୁରୀ,୨୨।୭(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ର୍‍ୟାଙ୍କ ଟେବୁଲ ଟେନିସ୍ ପ୍ରତିଯୋଗିତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ପୁରୀ ଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲା ଟେବୁଲ୍ ଟେନିସ୍ ଆସୋସିଏଶନ ଆନୁକୂଲ୍ୟରେ ଏକ ଖବରଦାତା ସମ୍ମିଳନୀ ମରିଚିକୋର୍ଟ ସ୍ଥିତ ପୁରୀ ସେବା ସମିତି ପରିସରରେ ଅନୁଷ୍ଠିତ ହେବ ବୋଲି ଜିଲା ଟେବୁଲ ଟେନିସ୍ ଆସୋସିଏଶନର ସମ୍ପାଦକ ବିମଳ ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ ଖେଳାଳି ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାରେ ଜାତୀୟ ତଥା ଅନ୍ତର୍ଜାତୀୟ ଖେଳାଳି ଯୋଗଦାନ କରି କ୍ରୀଡ଼ା ପ୍ରଦର୍ଶନ କରିବେ। ୨୫ ତାରିଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡ. ଶ୍ରୀନିବାସ ଆଚାର୍ଯ୍ୟ, ପରୀକ୍ଷିତ ସାହୁ, ଦାମୋଦର ପ୍ରଧାନୀ, ଦୁର୍ଗା ପ୍ରସାଦ ଦାସ ମହାପାତ୍ର, ବେଣୁଧର ମହାପାତ୍ର, ଶ୍ୟାମଳ କୁଣ୍ଡୁ ଏବଂ ପ୍ରଫେସର ବିମଳ ପ୍ରସାଦ ମହାନ୍ତିଙ୍କ ଭଳି ପ୍ରତିଷ୍ଠାତା ସଭ୍ୟଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ପୁରୀ ଜିଲାକୁ ପ୍ରତିନିଧିତ୍ୱ କରୁଥିବା ଉତ୍କଳିକା ପତି, ରଞ୍ଜିତା ଭଟ୍ଟାଚାର୍ଯ୍ୟ, ହରପ୍ରସାଦ ଦାସ ମହାପାତ୍ର ଏବଂ ଜିଜ୍ଞାଶୁ ସାଇ କିରଣ ପ୍ରଧାନଙ୍କୁ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ମାନିତ କରାଯିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଇପ୍‌ସିତ ପ୍ରତିହାରୀ ଓ ଆସୋସିଏଶନର ସଦସ୍ୟମାନେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଜିଲା ଟେବୁଲ ଟେନିସର ସମ୍ପାଦକ ଓ ଅନ୍ୟମାନେ।

## ଦେବୀ ନଦୀ ନିକଟରୁ ମିଳିଲା ପ୍ରାଚୀନ ବୌଦ୍ଧମୂର୍ତ୍ତି

କାକଟପୁର/ଅସ୍ତରଙ୍ଗ,୨୨।୭
(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ଓ ଅସ୍ତରଙ୍ଗ ଦେଇ ପ୍ରବାହିତ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପଥର ସ୍ପର ଉପରେ ବୌଦ୍ଧ ପ୍ରତ୍ନତାତ୍ତ୍ୱିକ ଅବଶେଷ ମିଳିଛି। ଏକ ବୁଦ୍ଧ ମୂର୍ତ୍ତି ସହ ନାଲି ଗାମୁଛା ଉଦ୍ଧାର କରାଯାଇଛି।

ସୂଚନାଯୋଗ୍ୟ, ମଙ୍ଗଳବାର ପୂର୍ବାହ୍ନରେ କାକଟପୁର ବାଉରିଆକଣ ଅଞ୍ଚଳର ଯୁବକ ଆଦର୍ଶ ବରାଳ ଦେବୀ ନଦୀ ବନ୍ଧରେ ଯାଉଥିବା ସମୟରେ ଅଚାନକ ଦେଖିଲେ ନଦୀବନ୍ଧ ସ୍ପର ଉପରେ ଏକ ବୁଦ୍ଧ ମୂର୍ତ୍ତି ଥୁଆ ହୋଇଛି। ଖବରପାଇ ସ୍ଥାନୀୟ ଲୋକେ ପହଞ୍ଚିବା ପରେ ଦେଖିଥିଲେ ବୌଦ୍ଧମୂର୍ତ୍ତି ଖୋଦିତ ଷଷ୍ଠ ସପ୍ତମ ଶତାବ୍ଦୀ ଅର୍ଘ୍ୟ ସ୍ତୁପ। ସ୍ଥାନୀୟ ଲୋକେ ଦେବୀ ନଦୀ ସ୍ପର ନିକଟରୁ ବୁଦ୍ଧ ମୂର୍ତ୍ତିକୁ ଉଦ୍ଧାର କରି ବାଉରିଆକଣ ତ୍ରିନାଥ ମନ୍ଦିର ନିକଟରେ ସ୍ନାନ ମାର୍ଜନା ପରେ ପୂଜାର୍ଚ୍ଚନା କରିଥିଲେ।


ନଦୀରୁ ମିଳିଥିବା ପ୍ରାଚୀନ ବୌଦ୍ଧମୂର୍ତ୍ତୀ।

## ମହିଳା କର୍ମଚାରୀ, ଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନ ସମ୍ବନ୍ଧୀୟ ସଚେତନତା କର୍ମଶାଳା

ସାକ୍ଷୀଗୋପାଳ,୨୨।୭(ଭରତ ରାଉତ)

ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ପ୍ରତି ଯୌନ ଉତ୍ପୀଡ଼ନତାର ନିଷେଧ, ନିରାକରଣ ଓ ପ୍ରତିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ ସଭାପତିତ୍ୱ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପର୍ଯ୍ୟବେକ୍ଷଣ ଅଧିକାରିଣୀ ପ୍ରାଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର ମହିଳା ଓ ଛାତ୍ରୀମାନେ ଯୌନ ଉତ୍ପୀଡ଼ନ ପ୍ରତି ଶୂନ୍ୟ ସହିଷ୍ଣୁତା ପ୍ରଦର୍ଶନ କରିବାକୁ ଉଦ୍‌ବୋଧନ ଦେବା ସହ ସୁମର୍ଯ୍ୟାଦା ରକ୍ଷା କରି ରହିଲେ ଏହାକୁ କେତେକାଂଶରେ ଦୂର କରିହେବ ବୋଲି ମତବ୍ୟକ୍ତ କରିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅନ୍ୟତମ ସଦସ୍ୟା ସବିତା କୁମାରୀ ପଣ୍ଡା ନାରୀ ପୁରୁଷମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ, ମାତ୍ର ନାରୀ ନିଜେ ନିଜର ସୁରକ୍ଷା ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ କିରାଣି ତଥା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅନ୍ୟତମ ସଦସ୍ୟ ସିତାଂଶୁ କୁମାର ମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅନ୍ୟତମ ସଦସ୍ୟ ମହେଶ୍ୱର ମିଶ୍ର ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହୋଇ ରହିବା ପାଇଁ ପରାମର୍ଶ ଦେବା ସହ ସଭାର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଖୋଲିଲା ଅସ୍ତରଙ୍ଗ, କାକଟପୁରରେ ଜେଏମ୍ଏଫ୍‌ସି କୋର୍ଟ

### ଭିସିରେ ଉଦ୍‌ଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି

- ପ୍ରଥମ ମାମଲାରେ ଚୋରା ମଦ ବ୍ୟବସାୟୀ
- ମାମଲାରେ ସାକ୍ଷୀଙ୍କ ବୟାନ ରେକର୍ଡ

କାକଟପୁର/ଅସ୍ତରଙ୍ଗ,୨୨।୭(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଦୀର୍ଘ ବର୍ଷ ଧରି ହୋଇ ଆସୁଥିବା ଦାବି ପୂରଣ ପୂର୍ବକ ପୁରୀ ଜିଲା ଅସ୍ତରଙ୍ଗ ଓ କାକଟପୁରରେ ମଙ୍ଗଳବାର ଜେଏମ୍ଏଫ୍‌ସି କୋର୍ଟର ଶୁଭାରମ୍ଭ ହୋଇଛି। ଅସ୍ତରଙ୍ଗର ତହସିଲ କାର୍ଯ୍ୟାଳୟ ଓ କାକଟପୁର ବ୍ଲକ ନିକଟରେ ଉକ୍ତ କୋର୍ଟ ନିର୍ମିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ୍ ଏହାକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ସକାଳ ୯ଟା ୪୫ ମିନିଟ୍‌ରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ପର୍ବରେ ଅସ୍ତରଙ୍ଗ କୋର୍ଟ ପରିସରରେ ନିମାପଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ସୌମ୍ୟକ ପାତ୍ର, ଅସ୍ତରଙ୍ଗ ଜେଏମ୍ଏଫ୍‌ସି କୋର୍ଟ ରେଜିଷ୍ଟ୍ରାର ବିଚାରପତି ସୁଧାବାଈ ଅଗ୍ରୱାଲ, ଏ. ନୀଳମାଧବ ଭୋଇ, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଲିୟାରସିଂ, କାକଟପୁର କୋର୍ଟ ପରିସରରେ ପୁରୀ ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଚିନ୍ମୟୀ ମିଶ୍ର, କାକଟପୁର ଜେଏମ୍ଏଫ୍‌ସି କୋର୍ଟର ବିଚାରପତି ଶ୍ରୀଚନ୍ଦନ ଦାଶ, କୋର୍ଟ ମ୍ୟାନେଜର୍ ମଳୟ ଗିରି, ଏ. ଶରତ ମହାପାତ୍ର, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, ବିଡିଓ ବିଷ୍ଣୁ ଗୋବିନ୍ଦଙ୍କ ସମେତ ଅସ୍ତରଙ୍ଗରେ ଓକିଲ ଉମାକାନ୍ତ ମିଶ୍ର, ଦିବ୍ୟଦର୍ଶୀ ବିଶ୍ୱାଳ, ଦିଲୀପ ବେହେରା, ଦିଲୀପ ବାରିକ, ସତ୍ୟ ନାରାୟଣ ପଣ୍ଡା, ସଦାଶିବ ପ୍ରଧାନ ପ୍ରମୁଖ ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଜଜ୍‌ମାନେ।

ପ୍ରଥମ ଦିନରେ ଅବକାରୀ ବିଭାଗ ଅନୁଯାୟୀ ଚୋରା ମଦ ବିକ୍ରି ମୋକଦ୍ଦମାରେ ୨ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସେହିପରି ଅସ୍ତରଙ୍ଗ କୋର୍ଟରେ ସହନ ଗ୍ରାମର ଚୁନିଲତା ମହାନ୍ତିଙ୍କ ଅଭିଯୋଗକ୍ରମେ ମାରପିଟ ଘଟଣାରେ ଅସ୍ତରଙ୍ଗ ଥାନା କେସ୍ ନଂ.୧୪୪/୨୫ ମାମଲାରେ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ଦଫା ୧୧୫(୨), ୧୧୭(୨), ୧୨୬(୨), ୨୯୬, ୩(୫), ୩୫୧(୨), ୭୪ ଅସ୍ତରଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଭିଯୁକ୍ତ କାଳନ୍ଦୀ ମହାନ୍ତିଙ୍କର ଜାମିନକୁ ଖାରଜ କରି ବିଚାର ବିଭାଗୀୟ ହାଜତ ନିମାପଡ଼ାକୁ ପଠାଇଥିଲେ। କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳବାସୀଙ୍କ ଅନେକ ଦିନର ସ୍ୱପ୍ନ ଆଜି ବାସ୍ତବରେ ପରିଣତ ହୋଇଥିବାରୁ ସମସ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା। ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଲୋକେ ନିକଟରେ ଆଇନ ସେବା ପାଇପାରିବେ। ପୂର୍ବରୁ ସେମାନଙ୍କୁ ବିଭିନ୍ନ ମୋକଦ୍ଦମା ପାଇଁ ନିମାପଡ଼ା ଯିବାକୁ ପଡୁଥିଲା, ଯେଉଁଥିପାଇଁ ସାଧାରଣ ଲୋକେ ବହୁ ଖର୍ଚ୍ଚାନ୍ତ ହେଉଥିଲେ। ଏଣିକି ଆଇନ ସେବା ନିକଟରେ ପାଇପାରିବେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

**ଆଜି ଶୁକ ପାଇକା କେନାଲରେ ପ୍ରଥମ ଜଳ ଛଡ଼ାଯିବ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଆୟଡ଼ପୁର ପଞ୍ଚାୟତରେ ନବନିର୍ମିତ ଶୁକ ପାଇକା କେନାଲରେ ବୁଧବାର ସକାଳେ ପରୀକ୍ଷା ମୂଳକ ଭାବେ ଜଳ ଛଡ଼ାଯିବ। ୭୫ବର୍ଷ ତଳେ ବୋଷ କେନାଲ ଖୋଲା ଯିବା ପରେ ଶୁକପାଇକା ନଦୀର ମୁହାଣ ସବୁ ଦିନ ପାଇଁ ବନ୍ଦ କରିଦିଆ ଯାଇଥିଲା। ୨୦୨୨-୨୦୨୩ ଆର୍ଥିକ ବର୍ଷରେ ଏହି ନଦୀକୁ କେନାଲରେ ରୂପାନ୍ତରିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କେନାଲ ଦ୍ୱାରା କୌଣସି ଅଞ୍ଚଳକୁ ଜଳ ସେଚିତ କରିବାର ବ୍ୟବସ୍ଥା ନାହିଁ କାରଣ ଏହି ଅଞ୍ଚଳ ବୋଷ କେନାଲ ଦ୍ୱାରା ଜଳସେଚନ ହୋଇ ଆସୁଛି। ଜଳସ୍ତରକୁ ମାଟିରେ ସନ୍ତୁଳିତ ରଖିବା, ନୌବିହାର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ମାଇକ ଦ୍ୱାରା ଜଳ ପ୍ରବାହ ସଂକ୍ରାନ୍ତରେ ପ୍ରଚାର କରାଯାଇ ଜନସାଧାରଣଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଉଛି।

# ଢେଙ୍କାନାଳର ଶାକମ୍ଭରୀ ଏସ୍ଏଚ୍‌ଜି ପ୍ରଥମ ବିଜେତା

## କଟକ ଦ୍ୱିତୀୟ, ମୟୂରଭଞ୍ଜ ତୃତୀୟ

ଭୁବନେଶ୍ୱର,୨୨।୭(ସୁଚିସ୍ମିତା ସାହୁ)

ମିଶନ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ 'ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା'ର ଗ୍ରାଣ୍ଡ୍ ଫିନାଲେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ସେମାନେ ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରକାରର ଖାଦ୍ୟ ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ ପ୍ରଥମ ବିଜେତା ହୋଇଥିବା ଢେଙ୍କାନାଳର ଶାକମ୍ଭରୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)କୁ ଉପମୁଖ୍ୟମନ୍ତ୍ରୀ ୨ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସେହିପରି କଟକର ମା' ଗଡ଼ଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମୟୂରଭଞ୍ଜର ମା' ଧାନ କ୍ଷେତ୍ରପାଳ ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ସ୍ଥାନରେ ରହିଛି। ଦ୍ୱିତୀୟ ବିଜେତାଙ୍କୁ ୧.୫ ଲକ୍ଷ ଓ ତୃତୀୟ ବିଜେତାଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଲେ,



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଥମ ବିଜେତା ଢେଙ୍କାନାଳର ଶାକମ୍ଭରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ୨ଲକ୍ଷ ଟଙ୍କା ପୁରସ୍କାର ରାଶିର ଚେକ୍ ପ୍ରଦାନ କରୁଛନ୍ତି।

**ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଗ୍ରାଣ୍ଡ୍ ଫିନାଲେ**

ଘରୋଇ ଦାୟିତ୍ୱ ଭିତରେ ମହିଳାମାନେ ନିଜ ପ୍ରତିଭା ପ୍ରଦର୍ଶନ କରି ସ୍ୱାବଲମ୍ବନ ଓ ସଶକ୍ତୀକରଣର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି। ସେମାନେ ଉଦ୍ୟୋଗୀ ହେବାର ସାହସ ହିଁ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିପାରିବ। ରାଜ୍ୟର ପାରମ୍ପରିକ ଓ ବିସ୍ମୃତ ଖାଦ୍ୟ ସଂସ୍କୃତିକୁ ପୁନରୁଦ୍ଧାର କରିବା ଏହି ପ୍ରତିଯୋଗିତାର ମୂଳ ଲକ୍ଷ୍ୟ। ମିଶନ ଶକ୍ତି ବିଭାଗର ଏହି ନୂତନ ପ୍ରୟାସ ମହିଳାଙ୍କ ମଧ୍ୟରେ ଉଦ୍ୟୋଗିତାର ଚେତନା ସୃଷ୍ଟି କରିପାରିଛିବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ପ୍ରତିଯୋଗିତା ପାରମ୍ପରିକ ଖାଦ୍ୟ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା, ମହିଳାଙ୍କ ରନ୍ଧନ ଜ୍ଞାନକୁ ସ୍ୱୀକୃତି ଦେବା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଉଦ୍ୟୋଗିତା ବୃଦ୍ଧି କରିବା ଲକ୍ଷ୍ୟରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ, ନିର୍ଦ୍ଦେଶକ ଡ. ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ସେମିଫାଇନାଲରେ ଭାଗ ନେଇଥିବା ୩୦ ଦଳ ମଧ୍ୟରୁ କଟକ, ମୟୂରଭଞ୍ଜ, ଢେଙ୍କାନାଳ, କୋରାପୁଟ, ନୂଆପଡ଼ା, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, ନବରଙ୍ଗପୁର ଏବଂ ଜଗତ୍‌ସିଂହପୁର ଜିଲାର ୧୦ଟି ଶ୍ରେଷ୍ଠ ଦଳ ଫାଇନାଲରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳକୁ କୁକିଂ ଗ୍ୟାସ୍, ଇଣ୍ଡକ୍ସନ କୁକ ଟପ୍, ବାସନକୁସନ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ସହିତ ଏକ ସୁସଜ୍ଜିତ କାର୍ଯ୍ୟସ୍ଥଳୀ ପ୍ରଦାନ କରାଯାଇଥିଲା। ମାଷ୍ଟରସେଫ ଇଣ୍ଡିଆ ସିଜନ ୬ର ବିଜେତା ସେଫ ଅବିନାଶ ନାୟକ ପ୍ରତିଯୋଗିତାର ମୁଖ୍ୟ ବିଚାରକ ଥିଲେ। ସେଫ ସୁରଜ କୁମାର ସାହୁ ଓ ସେଫ ସମ୍ମିତ ସୁମନ ଅନ୍ୟ ବିଚାରକ ଭାବେ ରହିଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com


@ ବଳରାମ


@ ଭଞ୍ଜ


@ ଚନ୍ଦନ


@ ମୁକେଶ


@ ଶୁଭମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ସଂକ୍ଷେପରେ**

## ୨ରେ ସତ୍ୟବ୍ରତ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ

କଟକ,୨୨।୭(କାର୍ତ୍ତିକ ସାହୁ)

ବାରବାଟୀ ୟୁନାଇଟେଡ୍ କ୍ଲବ ଦ୍ୱାରା ଅଗଷ୍ଟ ୨ ଓ ୩ ତାରିଖରେ ଏ-ଡିଭିଜନ ପୁରୁଷ ଫୁଟ୍‌ବଲ ପ୍ରତିଯୋଗିତା ସତ୍ୟବ୍ରତ ମେମୋରିଆଲ 'ସୁପର କ୍ଲବ ୨୦୨୫' ବାଲିଯାତ୍ରା ପଡ଼ିଆରେ ଆୟୋଜିତ ହେବ। ପ୍ରଥମ ଦିନ ୪ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଓ ଦ୍ୱିତୀୟ ଦିନ ୨ଟି ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଉକ୍ତ ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେବେ। ଦଳଗୁଡ଼ିକ ମଧ୍ୟରେ ସନରାଇଜ କ୍ଲବ, ଜୟଦୁର୍ଗା କ୍ଲବ, ମଙ୍ଗଳା କ୍ଲବ, ବିଡାନାସୀ କ୍ଲବ, ସ୍ପୋର୍ଟ୍ସ ହଷ୍ଟେଲ, ଚାନ୍ଦ କ୍ଲବ, ଗ୍ୟାଲେକ୍ସ କ୍ଲବ ଓ ସନସାଇନ କ୍ଲବ ଭାଗ ନେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଚାମ୍ପିୟନ ଦଳକୁ ୧୫ ହଜାର ଟଙ୍କା ଓ ରନର୍ ଅପ୍ ଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ। ଏଥିପାଇଁ ଆୟୋଜିତ ପ୍ରସ୍ତୁତି ବୈଠକରେ ମହମ୍ମଦ ସାହିଦ ଜବ୍ବାର, ସଞ୍ଜୀବ ମହାନ୍ତି, ସେକ ଦାଉଦ, କାର୍ତ୍ତିକ ବେହେରା, ମହମ୍ମଦ ସାଜିଦ ସେକ ମୁସ୍ତାକିମ, ସେକ ଜାହିଦ, ସେକ କାଦିମ, ଆଶିଷ କୁମାର ନନ୍ଦି, ବିଜୟ କୁମାର ମହାପାତ୍ର, ହୃଷିକେଶ ବୈହେରା, ସେକ୍ ଜାହାଙ୍ଗିର ଅଲି ଓ ବାରବାଟୀ କ୍ଲବର ଚେୟାରମ୍ୟାନ ଆଇନଜୀବୀ ପ୍ରକାଶ କୁମାର ନନ୍ଦ, ସଭାପତି ଶିବ ଶଙ୍କର ସାହୁ, ସଚିବ ପୀତବାସ ସାହୁ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ମହିଳାମାନେ ନିଜ ଅଧିକାର ପ୍ରତି ସଚେତନ ହୁଅନ୍ତୁ



ରଘୁନାଥଜୀଉ କଲେଜରେ ଯୌନ ଉତ୍ପୀଡ଼ନ ନିବାରଣ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୨।୭(କାର୍ତ୍ତିକ ସାହୁ)

**ରଘୁନାଥଜୀଉ କଲେଜରେ ଯୌନ ଉତ୍ପୀଡ଼ନ ନିବାରଣ ସଚେତନତା**

ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟର ଆଭ୍ୟନ୍ତରିଣ ଅଭିଯୋଗ କମିଟି ଓ ଆଇକ୍ୟୁଏସି ଦ୍ୱାରା ଯୌନ ଉତ୍ପୀଡ଼ନ ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସମାଜ ଶିକ୍ଷାକେନ୍ଦ୍ର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଯୌନ ଉତ୍ପୀଡ଼ନର କାରଣ ଓ ନ୍ୟାୟିକ ନିରାକରଣ ବିଷୟରେ କହିଥିଲେ। ମୁଖ୍ୟବକ୍ତା ସଖୀ ଅନୁଷ୍ଠାନର ମୁଖ୍ୟ ପାର୍ବତୀ ନାୟକ ନିଜ ଅନୁଷ୍ଠାନର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ମହିଳା ଆତ୍ମରକ୍ଷା କୌଶଳ ଜାଣିବା ଜରୁରି ବୋଲି କହିଥିଲେ। ସମ୍ମାନିତ ଅତିଥି ମିନତୀ ବିଧାଣି ଝିଅମାନେ ସାହସୀ ହେବା ସହିତ ଆଇନର ସହାୟତା ନେବାକୁ କହିଥିଲେ। ଶିଶୁ ଓ ସମାଜ ମଙ୍ଗଳ ସଂସ୍ଥାର ସେକ୍ରେଟାରୀ ମିନତୀ ବିଧାଣୀ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ମହିଳାମାନେ ନିଜ ଅଧିକାର ପ୍ରତି ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଆଭ୍ୟନ୍ତରିଣ ଅଭିଯୋଗ କମିଟି ମୁଖ୍ୟ ଅଧ୍ୟାପିକା ଅନିମା ମହାପ୍ରଶସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ସରୋଜ କୁମାର ଦାଶ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ କମିଟି ଆଭିମୁଖ୍ୟ ବିଷୟରେ କହିଥିଲେ। ବାଲେଶ୍ୱର କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟ ଡ. ଅକ୍ଷୟ କୁମାର ନାୟକ, ଅଧ୍ୟାପିକା ସସ୍ମିତା ରାଉତ, କ୍ଲର୍କ ଦେବେନ୍ଦ୍ର କୁମାର ବେହେରା ଓ ଛାତ୍ରୀ ସିଦ୍ଧି ଶତପଥି, ଶୁଭଶ୍ରୀ ସାହୁ, ରୀତାଞ୍ଜଳି ବେହେରା, ଅର୍ପିତା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡାକ୍ତର ଅକ୍ଷୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ରାହୁଲ, ସୋଫିଆଙ୍କ କୁଶପୁତ୍ତଳିକା ଦାହ

କଟକ,୨୨।୭(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା କଟକ ଜିଲା ପକ୍ଷରୁ ବକ୍ସିବଜାର ଛକରେ କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ କଂଗ୍ରେସର ଦୋମୁହାଁ ନୀତିର ମୁଖା ଖୋଲିବା ପାଇଁ ଏକ ପଥପ୍ରାନ୍ତ ସଭା କରାଯାଇଛି। କଂଗ୍ରେସ ଦଳ ମୋହନ ସରକାରଙ୍କ ବିରୋଧରେ ବିଷୋଦଗାର କରୁଥିବା ବେଳେ ଛାତ୍ର କଂଗ୍ରେସର ସଭାପତିଙ୍କ ଘୃଣ୍ୟ କାର୍ଯ୍ୟକୁ ଭାଜପା କଟକ ଜିଲା ପକ୍ଷରୁ ନିନ୍ଦା କରାଯାଇଛି। ଏହିକ୍ରମରେ କଂଗ୍ରେସ ବରିଷ୍ଠ ନେତା ରାହୁଲ ଗାନ୍ଧୀ ଓ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବସ୍ତୁ, ରବି ମିଶ୍ର, ଭାଗିରଥି ଦଳେଇ, ରତନ ମହାନ୍ତି, ନମିତା ମିଶ୍ର, ଚିରଞ୍ଜିବୀ ଖଣ୍ଡାୟତରାୟ, ଦିପକ ଦାସ, ଲକ୍ଷ୍ମୀଧର ବେହେରା, ମହମ୍ମଦ ସବୀର ପ୍ରମୁଖ ଉପସ୍ଥିତ ଥିଲେ।

## ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଚେତନତା କାର୍ଯ୍ୟକ୍ରମ

ଚୌଦ୍ୱାର,୨୨।୭(ଆଶୁତୋଷ ଦାସ)

ଚୌଦ୍ୱାର କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କଲେଜର ଗୋପବନ୍ଧୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରଙ୍କ ନିର୍ଦ୍ଦେଶନାମାକୁ ଆଖିଆଗରେ ରଖି କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ କମିଟି ମାଧ୍ୟମରେ ସମାଧାନ କରାଯିବ ବୋଲି ଅଧ୍ୟକ୍ଷା କହିଥିଲେ। କମିଟି ସମସ୍ତ ସଦସ୍ୟ ଓ ଛାତ୍ରୀଛାତ୍ର ଯୋଗଦେଇ ନିୟମାବଳୀ ଉପରେ ଆଲୋଚନା କରିଥିଲେ। ଆଗକୁ ଏହାର ନିରାକରଣ ପାଇଁ କି କି ପଦକ୍ଷେପ ନିଆଯାଇ ପାରିବ ସେ ବିଷୟରେ ଉପସ୍ଥିତ ସଭ୍ୟମାନେ ଆଲୋକପାତ କରିଥିଲେ। କମିଟି ସଦସ୍ୟା ଅଧ୍ୟାପିକା ସସ୍ମିତା ଭୂୟାଁ, ହରପ୍ରୀୟା ମହାପାତ୍ର, ସରିତା କର, ଡ.ମମତା ସାହୁଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଲିଜା ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷାଧିକ ଟଙ୍କା ଜବତ, ଅଭିଯୁକ୍ତ ଗିରଫ

କଣ୍ଟାପଡା,୨୨।୭(ସୁରନାରାୟଣ ସାହୁ)

ଅଡଶପୁରଠାରେ ଥିବା ଏକ ଅନଲାଇନ ଡେଲିଭରି ହବ୍ ଲକର ତାଡି ଲକ୍ଷାଧିକ ଟଙ୍କା ଚୋରି କରିବା ଅଭିଯୋଗରେ ଓଲଟପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଯୁବକଙ୍କଠାରୁ ସମସ୍ତ ଚୋରି ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲ ଗୋବିନ୍ଦପୁର ଥାନା ଅନ୍ତର୍ଗତ ତଣ୍ଡିକଣା ଗ୍ରାମର ଅଜୟ କୁମାର ରାଉତ (୩୦)। ମଙ୍ଗଳବାର ଓଲଟପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ସଦର ଏଡିପିଓ କିରଣ ହେମ୍ବ୍ରମଙ୍କ ସୂଚନା ଅନୁଯାୟୀ ଗିରଫ ଅଭିଯୁକ୍ତ ଉକ୍ତ ହବ୍‌ରେ ଜଣେ ଡେଲିଭରି ବୟ ଭାବେ କାମ କରୁଥିଲେ। ତେବେ କୌଣସି କାରଣରୁ ଚୋରି ହେବାର ୨/୩ ଦିନ ପୂର୍ବରୁ ତାଙ୍କୁ ହବ୍‌ରୁ ବାହାର କରି ଦିଆଯାଇଥିଲା। ଗତ ୨୦ ତାରିଖ ବିଳମ୍ବିତ ରାତିରେ


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି ଓ ଜବତ ଟଙ୍କା।

**ଡେଲିଭରି ହବ୍‌ରୁ ଟଙ୍କା ଚୋରି ଅଭିଯୋଗ**

ଅଭିଯୁକ୍ତ ଅଜୟ ହବ୍ ବାହାରେ ଲାଗିଥିବା ସିସିଟିଭି ଓ ସ୍କାଏଲାଇଟ ଭାଙ୍ଗି ଭିତରେ ପଶି ଲକର ତାଡି ନେଇଥିଲେ। ପରଦିନ ସକାଳେ ସୁପରଭାଇଜର ଜୀବନଜ୍ୟୋତି ପାଇଟାଳ ହବ୍ ଭିତରକୁ ଯିବାପରେ ଲକର ତଡାଯାଇଥିବା ଦେଖିଥିଲେ। ଲକରରେ ଥିବା ୨ଲକ୍ଷ ୯ ହଜାର ୮୨୬ ଟଙ୍କା ଚୋରି ହୋଇଯାଇଛି ବୋଲି ଓଲଟପୁର ଥାନାରେ ଅଭିଯୋଗ କରିଥିଲେ। ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡା ସନ୍ଦେହରେ ଅଜୟଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ସମସ୍ତ କଥା ସ୍ୱୀକାର କରିଥିଲେ।

## ଦୁର୍ଘଟଣାରେ ଟ୍ରକ୍ ଚାଳକ ମୃତ, ହେଲ୍‌ପର ଗୁରୁତର

ଖୁଣ୍ଟୁଣୀ,୨୨।୭(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ବେଲଦା ଗ୍ରାମର ଟ୍ରକ୍ ଚାଳକ ସୁଶାନ୍ତ ନାଏକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୁଶାନ୍ତ ଖୁଣ୍ଟୁଣୀ ଅଞ୍ଚଳର ଏକ କାରଖାନାରୁ ଗତ ୨୦ ତାରିଖରେ କ୍ରୋମ ନେଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଯାଉଥିଲା। ଶ୍ରୀକାକୁଲମ ଜିଲା କସବୁଗା ଥାନା ଅନ୍ତର୍ଗତ ପଲାସାଠାରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ତଳକୁ ଖସି ଯାଇଥିଲା। ଫଳରେ ସୁଶାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ହେଲପର ଦୀପକ ନାଏକ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ।

## ଶିକ୍ଷା କେନ୍ଦ୍ରର ନୂତନ ଗୃହ ପ୍ରବେଶ, ଚାରା ବଣ୍ଟନ

ମଙ୍ଗୁଳି-ଜଗତପୁର,୨୨।୭ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କହ୍ନେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ନୂତନ ଶ୍ରେଣୀ ଗୃହ ପ୍ରବେଶ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କେନ୍ଦ୍ର ସମ୍ପାଦକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସାମାଜିକ କର୍ମୀ ଗଙ୍ଗାଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଭୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋକ ସେବା ଫାଉଣ୍ଡେଶନ ଅଧ୍ୟକ୍ଷ ତଥା ଟାଙ୍ଗୀ-ସାଲେପୁରର ବରିଷ୍ଠ ଭାଜପା ନେତା ହିମାଂଶୁ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ର କଟକ ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ଼ ରଞ୍ଜନ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ କରିଥିଲେ। ଶିକ୍ଷା ବିନା ଦେଶର ଉନ୍ନତି ଅସମ୍ଭବ, ସେହିପରି ବୃକ୍ଷ ବିନା ଜୀବନ ଅସମ୍ଭବ। ତେଣୁ ପ୍ରତ୍ୟେକଟି ପିଲା ଶିକ୍ଷା ନେବା ସହ ପରିବେଶକୁ ରକ୍ଷା କରିବା ପାଇଁ ଚାରାରୋପଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ କେବିକେ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ଉପକରଣ ଓ ବିଭିନ୍ନ କିସମର ଚାରା ଅତିଥି ଦ୍ୱାରା ଅଭିଭାବକମାନଙ୍କୁ ବଣ୍ଟନ କରାଯାଇଥିଲା। ଶିକ୍ଷା କେନ୍ଦ୍ର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳୀ ମହାପାତ୍ର ଧନ୍ୟବାଦ ଦେଇଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

# ସିଦ୍ଧେଶ୍ୱରପୁର ଜନଜାତି ବସ୍ତି ଉଚ୍ଛେଦ


ରେଲୱେ ପକ୍ଷରୁ ବସ୍ତି ଉଚ୍ଛେଦ କରାଯାଉଛି।

କଟକ ସଦର,୨୨।୭(ସୁଶାନ୍ତ କୁମାର ଜେନା)

ଜାତୀୟ ରାଜପଥ ନଂ.୫୫ର ସିଦ୍ଧେଶ୍ୱରପୁରଠାରେ ଓଭର ବ୍ରିଜ ନିର୍ମାଣ କରାଯିବ। ଏହି କାର୍ଯ୍ୟ ପାଇଁ ମଙ୍ଗଳବାର କନ୍ଦରପୁର ଥାନା ଅନ୍ତର୍ଗତ ସିଦ୍ଧେଶ୍ୱରପୁରଠାରେ ଥିବା ଜନଜାତି ବସ୍ତିକୁ ରେଲୱେ ଓ ସାଧାରଣ ପ୍ରଶାସନ ଉଚ୍ଛେଦ କରିଥିଲା। କୋର୍ଟରୁ ସ୍ଥଗିତାଦେଶ ଆଣିଥିବାରୁ ୩୨ ପରିବାର ସାମୟିକ ଆଶ୍ୱସ୍ତି ଲାଭ କରିଛନ୍ତି। ୫୫ ପରିବାରଙ୍କୁ ଉଚ୍ଛେଦ କରାଯାଇଥିଲା। ଏହି ସ୍ଥାନରେ ସମ୍ପୂର୍ଣ୍ଣ ବସ୍ତି ଉଚ୍ଛେଦ ନ ହୋଇ ପାରିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ପଡ଼ିବ। ଏହି ସ୍ଥାନରେ ଥିବା ଏକ ଅଙ୍ଗନୱାଡ଼ି କେନ୍ଦ୍ରକୁ ଭଙ୍ଗା ଯାଇନାହିଁ।

# ଅଧ୍ୟାପିକାଙ୍କୁ ଯୌନ ନିର୍ଯାତନା ଘଟଣା: ୨ ଜଣିଆ ଟିମ୍‌ର ତଦନ୍ତ

ଖୁଣ୍ଟୁଣୀ,୨୨।୭(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁସ୍ଥିତ ଶ୍ରୀଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟ କେତେଜଣ ଅଧ୍ୟାପିକାମାନଙ୍କୁ କଲେଜ ଅଧ୍ୟକ୍ଷ ଦେଇଥିବା ଯୌନ ନିର୍ଯାତନା, ଜାତିଗତ ଆକ୍ଷେପ ଅଭିଯୋଗ ଘଟଣାର ତଦନ୍ତ ମଙ୍ଗଳବାର ୨ଜଣିଆ ଟିମ୍ କରିଛି। କଟକ ମୁଖ୍ୟାଳୟ ଅତିରିକ୍ତ ଏସ୍‌ପି ମିନାକ୍ଷୀ ଠାକୁର ଓ ଗୁରୁ ଥାନା ଏସଆଇ ତନୁଶ୍ରୀ ସାହୁ ପ୍ରମୁଖ ୨ଜଣିଆ ଟିମ୍ ଏହି କଲେଜରେ ପହଞ୍ଚି ପୂର୍ବାହ୍ନ ସାଢ଼େ ୧୧ଟାରୁ ସାଢ଼େ ୧ଟା ଯାଏ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଜଣଜଣ କରି ସମସ୍ତଙ୍କ ମତାମତ ସଂଗ୍ରହ କରି ଫେରି ଯାଇଥିଲେ। ପ୍ରକାଶ ଥାଉକି, ଗତବର୍ଷ ନଭେମ୍ବରରେ କଲେଜର ଇଂଲିଶ ବିଭାଗ ଅଧ୍ୟାପିକା, ଓଡ଼ିଆ ଅଧ୍ୟାପିକା, ଇତିହାସ ଅଧ୍ୟାପିକା, ମନସ୍ତତ୍ତ୍ୱବିତ୍ତ ଅଧ୍ୟାପିକା ଏବଂ ବାଣିଜ୍ୟ ଅଧ୍ୟାପିକାଙ୍କୁ କଲେଜ ଅଧ୍ୟକ୍ଷ ଅଶୋକ ସାମନ୍ତରାୟ ଯୌନ ନିଯାତନା, ଜାତିଆଣ ଆକ୍ଷେପ କରିବା, ମାନସିକସ୍ତରରେ ନିର୍ଯାତନା ଦେଇ ତାଙ୍କ ବେତନ ଓ ଇନକ୍ରିମେଣ୍ଟ ବନ୍ଦ କରିବା ଏବଂ ବାୟୋମେଟ୍ରିକରେ ଏପଟସେପଟ କରିବା ଆଦି ବିଭିନ୍ନସ୍ତରରେ ହଇରାଣ କରୁଥିବା ସେମାନେ ଗୁରୁଡିଝଟିଆ ଥାନା, ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଜିଲାପାଳ,ଏସ୍‌ପି, ଆଠଗଡ଼ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସେମାନଙ୍କ କଥା କେହି ନ ଶୁଣିବାରୁ ପୁଣି ଗତ ଜାନୁଆରୀ ୨୦ରେ ପୋଲିସ ମହାନିର୍ଦ୍ଦେଶ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ଆଠଗଡ଼ ଉପଜିଲାପାଳଙ୍କୁ ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏକ ଲୋକାଲ କମ୍ପ୍ଲେନ କମିଟି ଗଠନ କରି ତଦନ୍ତ ରିପୋର୍ଟ ଚଳିତ ମାସ ୧୬ରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ରିପୋର୍ଟ ଆଧାର କରି କାର୍ଯ୍ୟାନୁଷ୍ଠାନ ହେବ। ଆମେ ନିଶ୍ଚିନ୍ତ ନ୍ୟାୟ ପାଇବୁ ବୋଲି ଅଧ୍ୟାପିକାମାନେ ଚାହିଁ ବସିଛନ୍ତି। କଲେଜ ଅଧ୍ୟକ୍ଷ ସାମନ୍ତରାୟଙ୍କୁ ପ୍ରତିକ୍ରିୟା ନେବାରେ ଏହି ଘଟଣାର ଉଚ୍ଚ ଶିକ୍ଷା ବିଭାଗ ତଦନ୍ତ କରିଛନ୍ତି, ନ୍ୟାୟଳୟଙ୍କ ଆଶ୍ରୟ ନେଇ ମୁଁ କଲେଜ ଅଧ୍ୟକ୍ଷ ପଦରେ ରହିଛି। ମୋ ବିରୋଧରେ କେତେକ ପକ୍ଷ ବଦନାମ କରିବାକୁ କପୋଳକଳ୍ପିତ ଅଭିସନ୍ଧିମୂଳକ ତଥ୍ୟ କହି ଅଧ୍ୟାପିକାମାନଙ୍କୁ ମତେଇ ଗୁରୁ କଲେଜ ଭଳି ଏକ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବାକୁ ଯେଉଁ ଚେଷ୍ଟା କରୁଛନ୍ତି, ସେଥିରେ ସେମାନେ ସଫଳ ହେବେ ନାହିଁ ବୋଲି ସାମନ୍ତରାୟ କହିଛନ୍ତି। ଯଦି ମୋତେ ନ୍ୟାୟ ନ ମିଳେ ମୁଁ କଲେଜ ଆଗରେ ଆତ୍ମାହୁତି ଦେବି ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି।

# ଭିତ୍ତିଭୂମି କ୍ଷେତ୍ରରେ ୨୦୦ ମିଲିୟନ ଡଲାର ବିନିଯୋଗ

## ମେରିଲ ସହ ଏଡିଆଇଏର ଚୁକ୍ତିନାମା

ମୁମ୍ବାଇ,୨୨।୭ (ଅଭୟ ଦାଶ)

ଆବୁଧାବି ନିବେଶ ପ୍ରାଧିକରଣ (ଏଡିଆଇଏ)ର ଏକ ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ ସଂସ୍ଥା ତଥା ଭାରତର ଅଗ୍ରଣୀ ମେଡିକାଲ ଉପକରଣ କମ୍ପାନୀ ମାଇକ୍ରୋ ଲାଇଫ ସାଇନ୍ସେସ୍ ପ୍ରାଇଭେଟ୍ ଲିମିଟେଡ୍(ମେରିଲ୍)ରେ ପ୍ରାୟ ୩% ଅଂଶଧନ ପାଇଁ ୨୦୦ ମିଲିୟନ୍ ଆମେରିକୀୟ ଡଲାର ବିନିଯୋଗ କରିବାକୁ ନିର୍ଦ୍ଦିଷ୍ଟ ଚୁକ୍ତିନାମା କରିଛି। ଏହି ବିନିଯୋଗ ମେରିଲ୍‌ର ମୂଲ୍ୟ ୬.୬ ବିଲିୟନ୍ ଆମେରିକୀୟ ଡଲାରରେ ଆକଳନ କରାଯାଇଛି। ଏହି କାରବାର ଭାରତୀୟ ପ୍ରତିଯୋଗିତା ଆୟୋଗ (ସିସିଆଇ) ଦ୍ୱାରା ନିୟାମକ ଅନୁମୋଦନ ଅଧୀନରେ ରହିବ। ଏହି ବିନିଯୋଗ ପରେ ମେରିଲ୍ ଦୁଇଟି ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ନିବେଶକ ଆଡିଆ ଏବଂ ୱାରବର୍ଗ ପିନକସ୍ ଦ୍ୱାରା ସମର୍ଥିତ ହେବ। ସେହିଭଳି ବିଲାଖିଆ ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ମେରିଲ୍ ହେଉଛି ମେଡିକାଲ୍ ଟେକ୍ନୋଲୋଜି(ମେଡ୍‌ଟେକ୍) କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଉଦ୍ଭାବକ, ଯାହାକି କାର୍ଡିଓଭାସ୍କୁଲାର୍, ଷ୍ଟ୍ରକ୍‌ଚରାଲ୍ ହାର୍ଟ, ଅର୍ଥୋପେଡିକ୍ସ, ଏଣ୍ଡୋ-ସର୍ଜରି, ଇନ୍-ଭିଟ୍ରୋ ଡାଇଗ୍ନୋଷ୍ଟିକ୍ସ ଏବଂ ସର୍ଜିକାଲ୍ ରୋବୋଟିକ୍ସ ସହିତ ଅନେକ ବିଶେଷତ୍ୱ ମଧ୍ୟରେ କ୍ଲିନିକାଲ୍ ଭାବେ ଅଗ୍ରଗତି ସାଧନ ଉପରେ ଦୃଢ଼ ଧ୍ୟାନ ଦେଇଥାଏ। ଭାରତର ଭାପିରେ ମୁଖ୍ୟାଳୟ ଥିବା ମେରିଲ୍ ଏକ ୧୦୦ ଏକର ସ୍ଥାୟୀ ମେଡ୍‌ଟେକ୍ କ୍ୟାମ୍ପସରେ ଅତ୍ୟାଧୁନିକ, ଭର୍ଟିକାଲ୍ ଭାବେ ସମନ୍ୱିତ ଏବଂ ବିଶ୍ୱସ୍ତରୀୟ ସାର୍ଟିଫିକେଟ୍‌ପ୍ରାପ୍ତ ଉତ୍ପାଦନ ଏବଂ ଆର୍ ଏବଂ ଡି ସୁବିଧା ପରିଚାଳନା କରିଥାଏ। କମ୍ପାନୀର ୧୩,୦୦୦ରୁ ଅଧିକ କର୍ମଚାରୀ ଅଛନ୍ତି। ଏହାର ୩୫+ ଗ୍ଲୋବାଲ୍ ସହାୟକ କମ୍ପାନୀ ଏବଂ ଏହା ୧୫୦ରୁ ଅଧିକ ଦେଶରେ ସ୍ୱାସ୍ଥ୍ୟସେବା ପ୍ରଣାଳୀକୁ ସେବା ଯୋଗାଉଛି। ମେରିଲ୍ ବିଶ୍ୱର ଅଗ୍ରଣୀ ମେଡ୍‌ଟେକ୍ କମ୍ପାନୀ ହେବାକୁ ପ୍ରତିଶ୍ରୁତିବଦ୍ଧ ରହିଛି, ଯାହାକି ସବୁଜ ଶକ୍ତି ଦ୍ୱାରା ୧୦୦% ଚାଳିତ ହେବ ଏବଂ ସ୍ଥାୟୀ ଉଦ୍ଭାବନ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିବ।




ଏକ ଦୃଢ଼ ଆଭ୍ୟନ୍ତରୀଣ ଗ୍ଲୋବାଲ୍ ଆର୍ ଏବଂ ଡି ଇକୋସିଷ୍ଟମ୍ ଏବଂ ୨୦୦+ ଟେକ୍ନୋଲୋଜି ପ୍ଲାଟ୍‌ଫର୍ମର ଏକ ପୋର୍ଟଫୋଲିଓ ସହିତ ମେରିଲ୍ ଗ୍ଲୋବାଲ୍ କ୍ଲିନିକାଲ୍ ଗବେଷଣା ଏବଂ ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ମାଇଭାଲ୍ ଟ୍ରାନ୍ସକାଥେଟର ହାର୍ଟ ଭଲ୍‌ଭ(ଟିଏଚ୍‌ଭି)ସିରିଜ୍, ମାଇକ୍ଲିପ୍ ଟ୍ରାନ୍ସକାଥେଟର ଏଜ୍-ଟୁ-ଏଜ୍ ରିପେୟାର (ଟିଇଆର୍) ସିଷ୍ଟମ ଏବଂ ଏମ୍‌ଆଇଏସ୍‌ଏସ୍‌ଓ ସର୍ଜିକାଲ ରୋବୋଟିକ୍ ସିଷ୍ଟମ ଭଳି ବେକ୍ ଥ୍ରୁ ଇନୋଭେଶନ ପରବର୍ତ୍ତୀ ପିଢ଼ିର ଉଦ୍ଭାବନ ପ୍ରତି ମେରିଲ୍‌ର ଉତ୍ସର୍ଗୀକୃତ ଭାବନାକୁ ଦର୍ଶାଏ। ଏହାର ୧୨+ ଗ୍ଲୋବାଲ୍ ପ୍ରଶିକ୍ଷଣ ଏକାଡେମୀ ମାଧ୍ୟମରେ ମେରିଲ୍ ବାର୍ଷିକ ୧୦,୦୦୦ରୁ ଅଧିକ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କୁ ସଶକ୍ତ କରୁଛି। ଏ ନେଇ ମେରିଲ୍‌ର ବରିଷ୍ଠ ଉପସଭାପତି(ରଣନୀତି) ସଞ୍ଜୀବ ଭଟ୍ଟ କହିଛନ୍ତି, ଏଡିଆଇଏ ଦ୍ୱାରା ଏହି ନିବେଶ ମେରିଲ୍‌ର ଦୀର୍ଘମିଆଦୀ ଦୃଷ୍ଟିଭଙ୍ଗୀ ଏବଂ ବିଶ୍ୱସ୍ତରୀୟ ଆକାଂକ୍ଷା ଉପରେ ଆତ୍ମବିଶ୍ୱାସକୁ ଦୃଢ଼ୀଭୂତ କରିଥାଏ। ଏହି ନିବେଶ ଆମକୁ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ବିଶ୍ୱସ୍ତରୀୟ ପ୍ରତିଭାକୁ ଆକର୍ଷିତ କରିବା ଏବଂ ଆମର ଗବେଷଣା ଓ କ୍ଲିନିକାଲ୍ ଗବେଷଣା ପ୍ରୟାସକୁ ଆହୁରି ମଜଭୁତ କରିବାକୁ ସକ୍ଷମ କରିବ। ଯେହେତୁ ଆମେ ଉନ୍ନତ ସ୍ୱାସ୍ଥ୍ୟସେବା ସାଧନ ମାଧ୍ୟମରେ ମାନବ ଜୀବନର ଗୁଣବତ୍ତାକୁ ଉନ୍ନତ କରିବା ଦିଗରେ କାର୍ଯ୍ୟ କରୁଛୁ।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୨୨।୭

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩ (୧୩.୫୩) ପଏଣ୍ଟ ହ୍ରାସ ଘଟି ୮୨,୧୮୭ (୮୨,୧୮୬.୮୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୦ (୨୯.୮୦) ପଏଣ୍ଟ ବଢ଼ି ୨୫,୦୬୧ (୨୫,୦୬୦.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଟିପିସିଓଡିଏଲ୍‌ରେ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା

ଭୁବନେଶ୍ୱର,୨୨।୭

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ୍)ର ନୂତନ ଅଭିଯାନ 'ସୁରକ୍ଷା ପଦକ୍ଷେପ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଚଳିତ ମୌସୁମୀ ଋତୁ ଲାଗି କମ୍ପାନୀ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତ ରହିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷକରି ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବଜାୟ ରଖିବା ଏବଂ ବର୍ଷାଋତୁରେ ସମସ୍ତ ଗ୍ରାହକ ଓ ଅଂଶୀଦାରମାନଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବାକୁ ଏହି ସୁରକ୍ଷା ପଦକ୍ଷେପଗୁଡ଼ିକ ପ୍ରସ୍ତୁତ କରାଯାଇଛି।

ସେହିଭଳି ମୌସୁମୀ ଋତୁରେ ପାଣି ଜମିବା, ବଜ୍ରପାତ ଓ ବିଦ୍ୟୁତ୍ ଯୋଗାଣରେ ଅସ୍ଥିରତା ଭଳି ଆହ୍ୱାନ ଦେଖାଦେଇଥାଏ। ଏଭଳି ପରିସ୍ଥିତି ବିଦ୍ୟୁତ୍‌ଜନିତ ଦୁର୍ଘଟଣାଗୁଡ଼ିକୁ ଏଡ଼ାଇବା ପାଇଁ ସଚେତନତା ଓ ପ୍ରତିଷେଧମୂଳକ ପଦକ୍ଷେପ ଆବଶ୍ୟକ ରହିଛି। ନିଜକୁ, ନିଜ ପରିବାର ଓ ସମ୍ପତ୍ତିର ସୁରକ୍ଷା ପାଇଁ ସୁରକ୍ଷିତ ଅଭ୍ୟାସ ଗ୍ରହଣ କରିବାକୁ ଟିପିସିଓଡିଏଲ୍ ପକ୍ଷରୁ ସମସ୍ତ ଗ୍ରାହକଙ୍କୁ ଆହ୍ୱାନ ଦିଆଯାଇଛି।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ମୌସୁମୀ ଋତୁରେ ପାଣିପାଗ ସ୍ଥିତି ଯୋଗୁ ବିପଦ ଆଶଙ୍କା ବୃଦ୍ଧି ପାଉଥିବାରୁ ଆମେ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଉଛୁ। ବିଶେଷକରି ସତର୍କ ରହିବା ଏବଂ ଏହି ସରଳ ତଥା ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପଦକ୍ଷେପଗୁଡ଼ିକୁ ପାଳନ କରିବା ପାଇଁ ଆମେ ଆମ ସମସ୍ତ ଗ୍ରାହକଙ୍କୁ ଆହ୍ୱାନ ଦେଉଛୁ। ଆମେ ସମସ୍ତେ ମିଳିତ ଭାବେ ଏହି ଋତୁସାରା ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିପାରିବା।

ଅପରପକ୍ଷେ ଗ୍ରାହକମାନେ ଜରୁରିକାଳୀନ ସ୍ଥିତି, ବିଦ୍ୟୁତ୍ ବିଭ୍ରାଟ ଏବଂ ଯେକୌଣସି ପ୍ରକାରର ବିଦ୍ୟୁତ୍ ସମ୍ପର୍କିତ ବିପଦ ବିଷୟରେ ଆମର ୨୪ଘଣ୍ଟିଆ ଦେୟମୁକ୍ତ ନମ୍ବର: ୧୮୦୦-୩୪୫-୭୧୨୨ କିମ୍ବା ୧୯୧୨ ସହ ଅଫିସିଆଲ ୱେବ୍‌ସାଇଟ୍: www.tpcentralodisha.com ଏବଂ ଆଣ୍ଡ୍ରଏଡ୍ ଓ ଆଇଓଏସ୍ ପ୍ଲାଟଫର୍ମରେ ଉପଲବ୍ଧ ଥିବା ମିତ୍ର ଆପ୍ ଜରିଆରେ ସୂଚନା ଦେଇପାରିବେ।

ଟିପିସିଓଡିଏଲ୍ ସର୍ବଦା ଏହାର ସମସ୍ତ ଗ୍ରାହକଙ୍କୁ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ଉପରେ କାମ କରୁଛି।

# ବଜାଜ ଫାଇନାନ୍ସର ନୂତନ ଅଭିଯାନ

ଭୁବନେଶ୍ୱର,୨୨।୭

ବଜାଜ ଫାଇନାନ୍ସ ଲିମିଟେଡ୍‌ର ନୂତନ ଅଭିଯାନ ତଥା ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ 'ନକ୍ ଆଉଟ୍ ଡିଜିଟାଲ୍ ଫ୍ରଡ୍'ର ଶୁଭାରମ୍ଭ ନିକଟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଏହା ଜରିଆରେ ଡିଜିଟାଲ୍ ବ୍ୟବହାରକାରୀମାନଙ୍କୁ ବିଭିନ୍ନ ପ୍ରକାର ବିପଦ ଏବଂ ଅର୍ଥକୁ ସୁରକ୍ଷିତ ରଖିବାର ସର୍ବୋତ୍ତମ ପ୍ରଣାଳୀ ବିଷୟରେ ସୂଚନା ଦିଆଯାଇଛି। ସେହିଭଳି ନକ୍‌ଆଉଟ୍ ଡିଜିଟାଲ୍ ଫ୍ରଡ୍ କାର୍ଯ୍ୟକ୍ରମ ଭାରତୀୟ ରିଜର୍ଭ ବ୍ୟାଙ୍କର ୨୦୨୪ ନିର୍ଦ୍ଦେଶାବଳୀ ସହ ସମନ୍ୱିତ ରହିଛି। ଏହା ଏନ୍‌ବିଏଫ୍‌ସିଗୁଡିକ ପାଇଁ ଠକେଇ ବିପଦ ପରିଚାଳନା ଉପରେ ଗୁରୁତ୍ୱାରୋପ କରୁଛି ଏବଂ ପ୍ରାରମ୍ଭିକ ଚିହ୍ନଟ, କର୍ମଚାରୀଙ୍କ ଦାୟିତ୍ୱ ଏବଂ ସାର୍ବଜନୀନ ସମ୍ପୃକ୍ତି ଉପରେ ଗୁରୁତ୍ୱ ଦେଉଛି, ତଥା ଡିଜିଟାଲ୍ ପରିବେଶକୁ ସମସ୍ତଙ୍କ ପାଇଁ ସୁରକ୍ଷିତ କରିବ। ଏହି କାର୍ଯ୍ୟକ୍ରମରେ ଠକମାନଙ୍କ ଦ୍ୱାରା କରାଯାଉଥିବା ନକଲି ସୋସିଆଲ୍ ମିଡିଆ ଆକାଉଣ୍ଟ, ଆର୍ଥିକ ସଂସ୍ଥା ଭଳି ଜାଲ୍ ହ୍ୱାଟ୍ସଆପ୍ ଗ୍ରୁପ୍ ଏବଂ ୱେବସାଇଟ୍, ମିଥ୍ୟା ଦାବି କରିବା ଏବଂ ତାଙ୍କ କର୍ମଚାରୀଙ୍କ ଭାବେ ଅଭିନୟ କରି କରୁଥିବା ସାଧାରଣ ଆର୍ଥିକ ଠକେଇ ଆଡକୁ ନାଗରିକମାନଙ୍କ ଧ୍ୟାନକୁ ଆକର୍ଷିତ କରୁଛି।

ଭୁବନେଶ୍ୱର-କଟକ ପୋଲିସ କମିଶନରେଟର ଏସିପି (ସାଇବର ଅପରାଧ) ଅକ୍ଷୟ କୁମାର ନାୟକ କହିଛନ୍ତି, ଆଜିର ଡିଜିଟାଲ ଆଧାରିତ ସମାଜରେ ସୁରକ୍ଷା ବିଷୟରେ ଆମର ବୁଝାମଣା ପ୍ରତ୍ୟକ୍ଷ ପରିସୀମାଠାରୁ ଆଗକୁ ବଢ଼ିବା ଆବଶ୍ୟକ ରହିଛି। ଆମର ଦେଶର ସୀମା ସୁରକ୍ଷା ବାହିନୀ ଦ୍ୱାରା ସୁରକ୍ଷିତ ରହିଥିବାବେଳେ ଆମର ଆର୍ଥିକ ଏବଂ ଅନ୍‌ଲାଇନ ସ୍ଥାନରେ ରହିଥିବା ଲୁକ୍କାୟିତ ବିପଦଗୁଡିକ ପ୍ରତି ସମାନ ଧ୍ୟାନ ଦେବା ଆବଶ୍ୟକ ରହିଛି। ଏହି ଅବସରରେ ଏହି ଅବସରରେ ବଜାଜ୍ ଫାଇନାନ୍ସର ପ୍ରବକ୍ତା କହିଛନ୍ତି, 'ଆମ ଗ୍ରାହକ ମାନଙ୍କର ଆର୍ଥିକ ସୁରକ୍ଷା ଆମ ପାଇଁ ସର୍ବୋଚ୍ଚ । ଆମେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ନିରନ୍ତର ଅନ୍‌ଲାଇନ ଏବଂ ଅଫ୍‌ଲାଇନ ପରାମର୍ଶ ଜାରି କରୁଛୁ ଏବଂ ନାଗରିକମାନଙ୍କ ସହିତ କ୍ଷେତ୍ରସ୍ତରର ପରସ୍ପର କ୍ରିୟା ମାଧ୍ୟମରେ ସମସ୍ତଙ୍କୁ ସାଇବର ସୁରକ୍ଷିତ ରହିବାକୁ ଉତ୍ସାହିତ କରୁଛୁ।

# ଅଭିଷେକୋତ୍ସବ-୨୦୨୫ ଉଦ୍‌ଯାପିତ




ଅତିଥିଙ୍କ ସମେତ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୨।୭

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପଟିଆସ୍ଥିତ ଓଡିଏମ୍ ଶିକ୍ଷାସମୂହ (ଓଡିଏମ୍ ପବ୍ଲିକ ସ୍କୁଲ ଏବଂ ଓଡିଏମ୍ ଗ୍ଲୋବାଲ ସ୍କୁଲ)ର ପ୍ରମୁଖ କାର୍ଯ୍ୟକ୍ରମ ଏବଂ ଛାତ୍ର ସଂସଦ ଉତ୍ସବ 'ଅଭିଷେକୋତ୍ସବ-୨୦୨୫' ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାୟୁସେନାର ବିଶିଷ୍ଟ ସେବା ମେଡାଲ୍ ଅଳଙ୍କୃତ ଏୟାର କମୋଡର ତୁଷାରକାନ୍ତ ରଥ ମୁଖ୍ୟ ଅତିଥିଭାବେ ଯୋଗଦାନକରି ଛାତ୍ର ସଂସଦର ଚୟନିତ ସଦସ୍ୟମାନଙ୍କୁ ସଦନ-ବ୍ୟାଜ୍ ପିନ୍ଧାଇ ଦାୟିତ୍ୱନିଷ୍ଠ କରାଇଥିଲେ ତଥା ନିଜ ଅଭିଭାଷଣରେ ସେମାନଙ୍କୁ ଶୃଙ୍ଖଳିତ, ଅନୁଶାସିତ ତଥା ରାଷ୍ଟ୍ରୀୟବୋଧତାରେ ଉଦ୍‌ବୁଦ୍ଧ କରିଥିଲେ। ଡ. ମୀନକେତନ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଜୀବନଶୈଳୀ, କଠିନ ପରିଶ୍ରମ ତଥା ପ୍ରଯତ୍ନଶୀଳତା ସହ ଅମୂଲ୍ୟ ମାନବ ସଂସାଧନ ଭାବେ ନିଜର ଭବିଷ୍ୟତ ନିର୍ମାଣ କରି ରାଜ୍ୟ ତଥା ରାଷ୍ଟ୍ର ହିତରେ ସେବାବ୍ରତୀ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ଶିକ୍ଷା-ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ ଏବଂ ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମ (ବିଦ୍ୟାଳୟ କାଉନସିଲର ଏହି ଅଭିଷେକ ଉତ୍ସବ) ରେ ଗ୍ରୁପ୍ କ୍ୟାପ୍‌ଟେନ୍ ପୁନୀତ ଛିଲ୍ଲାର (କମାଣ୍ଡିଂ ଅଫିସର, ଏୟାର ଏସିସି) ସପତ୍ନୀକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ସଂସଦର ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସମବେତ ଓଡିଏମ୍ ସଙ୍ଗୀତ ଗାନ କରାଯାଇଥିଲା। ପ୍ରାଚାର୍ଯ୍ୟ ସୁବ୍ରତ କୁମାର ଷଡଙ୍ଗୀ ତଥା ଅନ୍ୟ ଅଧ୍ୟାପକ ଅଧ୍ୟାପିକାମାନଙ୍କ ଗହଣରେ ମୁଖ୍ୟ ଅତିଥ୍ୟ ନବନିର୍ବାଚିତ କ୍ୟାପ୍‌ଟେନ୍ ଏବଂ ଭାଇସ୍-କ୍ୟାପ୍‌ଟେନମାନଙ୍କୁ ବ୍ୟାଜ୍ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ।

# ୟୁକୋ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୨୨।୭

ୟୁକୋ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକ୍ରମ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଥିଲା। ଏପରିକି ୨୦୨୫ ଜୁନ୍ ଶେଷ ସୁଦ୍ଧା ବ୍ୟାଙ୍କର କାରବାର ପ୍ରଥମ ତ୍ରୈମାସ ମଧ୍ୟରେ ୧୦.୧୬% ଅଭିବୃଦ୍ଧି ହାର ହାସଲକରି ୬୦୭ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି। ଏହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୫୫୧ କୋଟି ଟଙ୍କା କାରବାର କରିଥିଲା। ସେହିଭଳି ବ୍ୟାଙ୍କର ସକଳ ଅଗ୍ରିମରେ ୧୬.୪୮% ବୃଦ୍ଧି ଘଟି ୨,୨୫,୧୦୧ କୋଟିରେ ପହଞ୍ଚିଛି। ୨୦୨୫ ଜୁନ୍‌ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧିରେ ୧୩.୫୧% ବୃଦ୍ଧି ଘଟି ୫,୨୩,୭୩୬ କୋଟିରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ସୁଧ ଆୟରେ ୬.୬୧% ବୃଦ୍ଧି ଘଟି ୨,୪୦୩ କୋଟିରେ ପହଞ୍ଚିଛି। ଏପରିକି ପ୍ରଥମ ତ୍ରୈମାସିକ ଶେଷ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ହାର/ମାର୍ଜିନ ୨.୯୬% ବୃଦ୍ଧି ପାଇଥିବାବେଳେ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ୧୮.୩୯% ବୃଦ୍ଧି ପାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ୯୬.୮୮%ରେ ପହଞ୍ଚିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ୧୮.୨୪% ଅଭିବୃଦ୍ଧି ହାରରେ ୧,୫୬୨ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୬୯ ବିପିଏସ୍ ହ୍ରାସ ପାଇ ୨.୬୩% ରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୩୩ ବିପିଏସ୍ ହ୍ରାସ ପାଇ ୦.୪୫% ରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ୟୁକୋ ବ୍ୟାଙ୍କର ୩,୩୦୫ ଘରୋଇ ଶାଖା ରହିଥିବାବେଳେ ହଂକଂ ଓ ସିଙ୍ଗାପୁରରେ ୨ ଶାଖା ରହିଛି ଏବଂ ଇରାନ୍‌ରେ ଗୋଟିଏ ପ୍ରତିନିଧି କାର୍ଯ୍ୟାଳୟ ରହିଛି। ବ୍ୟାଙ୍କର ୨,୫୭୫ ଏଟିଏମ୍ ଓ ୧୦,୯୨୦ ବିସି ପଏଣ୍ଟ ଅଛି।

# କାଉଡ଼ିଆ ଯାତ୍ରାରେ ବେଟି ବଚାଓ ସନ୍ଦେଶ



ନୂଆଦିଲ୍ଲୀ

ଦେଶର ଝିଅମାନଙ୍କ ଉନ୍ନତି ଏବଂ ଶିକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା 'ବେଟି ବଚାଓ ବେଟି ପଢ଼ାଓ' ସ୍ଲୋଗାନକୁ ଦିଲ୍ଲୀର ରାଜୌରୀ ଗାର୍ଡେନ୍ ଅଞ୍ଚଳର କମଲ ନିଜର ଅନନ୍ୟ କାଉଡ଼ିଆ ଯାତ୍ରା ସହ ଜୀବନ୍ତ କରିଛନ୍ତି। କମଲ ତାଙ୍କ ଛୋଟ ଝିଅ ଦକ୍ଷିତାକୁ ଗୋଟିଏ କାନ୍ଧରେ ବସାଇ ଅନ୍ୟ କାନ୍ଧରେ ଝିଅ ଓଜନର ପବିତ୍ର ଗଙ୍ଗା ଜଳର ଭାରକୁ ନେଇ ସମ୍ପ୍ରତି ଉତ୍ତରାଖଣ୍ଡର ହରିଦ୍ୱାରରୁ ଦିଲ୍ଲୀ ଯାତ୍ରା କରୁଛନ୍ତି। କମଲ କହିଛନ୍ତି, ୪ ବର୍ଷ ତଳେ ତାଙ୍କ ଝିଅ ଗୁରୁତର ଅସୁସ୍ଥ ହୋଇ ଯାଇଥିଲେ। ଯଦି ଝିଅ ସୁସ୍ଥ ହୋଇଯାଏ, ତେବେ କାଉଡ଼ିଆ ଯାତ୍ରାରେ ଝିଅ ଓଜନର ଗଙ୍ଗାଜଳ ବହନ କରି ବାବା ଭୋଲେନାଥଙ୍କୁ ଅର୍ପଣ କରିବେ ବୋଲି ସେ ଯାଚିଥିଲେ। ଭୋଲେନାଥଙ୍କ କୃପାରୁ ସେତେବେଳେ ତାଙ୍କ ଝିଅ ଠିକ୍ ହୋଇଯାଇଥିଲେ ଏବଂ ସେ ଏବେ ଭୋଲେନାଥଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରୁଛନ୍ତି ବୋଲି କମଲ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନ ତାଙ୍କୁ ଅନୁପ୍ରାଣିତ କରିଛି। ଉକ୍ତ ବାର୍ତ୍ତା ସହ ସେ ଏହି କାଉଡ଼ିଆ ଯାତ୍ରା କରୁଥିବା କମଲ କହିଛନ୍ତି। ଭଲ ପାଠ ପଢ଼ି ଝିଅ ଦକ୍ଷିତା ବହୁ ଆଗକୁ ବଢ଼ୁ, ଏହା ତାଙ୍କର ଏକମାତ୍ର ଆଶା ବୋଲି କମଲ କହିଛନ୍ତି।

## ଫୁରସତ୍

# ଖୁବ୍‌ଶୀଘ୍ର କାଜୋଲ, ଟ୍ୱିଙ୍କଲଙ୍କ ଟକ୍ ଶୋ'

ମୁମ୍ବାଇ

ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ ଭିଡିଓ ପକ୍ଷରୁ ମଙ୍ଗଳବାର ଏକ ନୂତନ ଟକ୍ ଶୋ'ର ଘୋଷଣା କରାଯାଇଛି। ଅଭିନେତ୍ରୀ କାଜୋଲ ଏବଂ ଟ୍ୱିଙ୍କଲ ଖାନ୍ନା ଏହି ଶୋ'କୁ ହୋଷ୍ଟ କରିବେ। 'ଟୁ ମଚ୍ ୱିଥ୍ କାଜୋଲ ଆଣ୍ଡ ଟ୍ୱିଙ୍କଲ' ନାମକ ଏହି ଟକ୍ ଶୋ'ର ପ୍ରଯୋଜନା ବନିଜୟ ଏସିଆ ଦେଇଛନ୍ତି। ଏହି ଶୋ'ରେ ବଲିଉଡ୍, ଚଳଚ୍ଚିତ୍ର ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରର ଅନେକ ପ୍ରଖ୍ୟାତ ବ୍ୟକ୍ତି ଅତିଥି ଭାବେ ଯୋଗଦେବେ ବୋଲି ଜଣାପଡ଼ିଛି। ପ୍ରାଇମ ଭିଡିଓ ଇଣ୍ଡିଆର ଡାଇରେକ୍ଟର ନିଖିଲ ମଧୋକ କହିଛନ୍ତି, ଏହି ଟକ୍ ଶୋ' ଦର୍ଶକଙ୍କ ପାଇଁ ନିଶ୍ଚିତ ଭାବେ ଏଣ୍ଟରଟେନିଂ ହେବ। କାଜୋଲ ଏବଂ ଟ୍ୱିଙ୍କଲଙ୍କ ପରି ଆକର୍ଷଣୀୟ ସେଲିବ୍ରିଟିଙ୍କ ଗହଣରେ ବହୁ ବିଶିଷ୍ଟ ଅତିଥି ସେମାନଙ୍କର ଅନୁଭୂତି ଏବଂ ବିଶେଷ ମୁହୂର୍ତ୍ତଗୁଡ଼ିକୁ ବଖାଣିବେ, ଯାହା ଅତ୍ୟନ୍ତ ମଜାଦାର ହେବ। ପ୍ରାଇମ ଭିଡିଓ ପକ୍ଷରୁ ମଙ୍ଗଳବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଖୁବ୍‌ଶୀଘ୍ର ଏହି ଶୋ' ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଉକ୍ତ ପୋଷ୍ଟରେ ଅନେକ ସେଲିବ୍ରିଟି କମେଣ୍ଟ କରି ଉଭୟ କାଜୋଲ ଏବଂ ଟ୍ୱିଙ୍କଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଟ୍ୱିଙ୍କଲଙ୍କ ସ୍ୱାମୀ ତଥା ଅଭିନେତା ଅକ୍ଷୟ କୁମାର କମେଣ୍ଟ କରି ଲେଖିଛନ୍ତି, ଟ୍ୱିଙ୍କଲଙ୍କ ସହ କାଜୋଲ ମିଶି ଗୋଟିଏ ଶୋ'କୁ ହୋଷ୍ଟ କରିବେ। ଏହା ଅତ୍ୟନ୍ତ ମଜାଦାର ଏବଂ ଆକର୍ଷଣୀୟ ହେବ। ସେ ଏହି ଟକ୍‌ଶୋ'ର ଅପେକ୍ଷାରେ ରହିଛନ୍ତି।



# ଅଳିଆ ଗୋଟାଉଛନ୍ତି ପୂର୍ବ ଆଇପିଏସ୍ ଅଫିସର

ଚଣ୍ଡିଗଡ଼

ସାଧାରଣତଃ ଅବସର ପରେ ଅନେକ ବ୍ୟକ୍ତି ପରିବାରକୁ ଅଧିକ ସମୟ ଦେବା କିମ୍ବା ଭ୍ରମଣ ପାଇଁ ଯିବା ଆଦି ବିଭିନ୍ନ ଯୋଜନା କରିଥାନ୍ତି। ତେବେ ଏହିପରି ମନୋଭାବରୁ ଚଣ୍ଡିଗଡ଼ ନିବାସୀ ୮୮ ବର୍ଷୀୟ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଇନ୍ଦରଜିତ ସିଂ ସିଦ୍ଧୁ ବ୍ୟତିକ୍ରମ ପାଲଟିଛନ୍ତି। ୧୯୬୪ ବ୍ୟାଚ୍‌ର ଏହି ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀଙ୍କର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ଚଣ୍ଡିଗଡ ସେକ୍ଟର ୪୯ ଅଞ୍ଚଳର ବିଭିନ୍ନ ଗଳିରେ ଏକ ଠେଲାଗାଡ଼ି ସହଯୋଗରେ ଅଳିଆ ସଂଗ୍ରହ କରୁଥିବାର ଦେଖିବାକୁ ମିଳିଛି। ସେ ପ୍ରତିଦିନ ସକାଳ ୬ଟାରୁ ଏହି କାର୍ଯ୍ୟ ଆରମ୍ଭ କରୁଥିବା ଇନ୍ଦରଜିତ କହିଛନ୍ତି। ବିଭିନ୍ନ ଗଳିରେ ପଡ଼ିଥିବା ଅଳିଆ ସଂଗ୍ରହକରି ଚଣ୍ଡିଗଡ଼ ସହରର ସ୍ୱଚ୍ଛତାରେ ସେ ନିଜ ଯୋଗଦାନ ଦେଇଥାନ୍ତି। ତେବେ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ସ୍ୱଚ୍ଛ ସର୍ଭେରେ ଚଣ୍ଡିଗଡ଼ର ପ୍ରଦର୍ଶନ ଆଶାନୁରୂପ ହୋଇ ନାହିଁ ବୋଲି କହି ଇନ୍ଦରଜିତ ନିରାଶାବ୍ୟକ୍ତ କରିଛନ୍ତି। ତେବେ ଏଥିପାଇଁ ସେ କାହାରିକୁ ଦାୟୀ କରିନାହାନ୍ତି। ବରଂ ସହରର ସ୍ୱଚ୍ଛତା ପାଇଁ ସେ ନିଜେ ଅଧିକ ପରିଶ୍ରମ କରିବେ ବୋଲି କହିଛନ୍ତି।



# କୃଷି ଗବେଷଣାକୁ ବ୍ୟାପକ ଭାବେ ଗ୍ରହଣ କରାଯାଉ: ଯୋଗୀ

ଭୁବନେଶ୍ୱର, ୨୨।୭
(ଅନୁରାଧା ମହାରଣା)



ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଙ୍ଗଳବାର ଉତ୍ତରପ୍ରଦେଶ କୃଷି ଗବେଷଣା ପରିଷଦ (ୟୁପିସିଏଆର୍)ର ୩୬ତମ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ କୃଷିକୁ ରାଜ୍ୟର ସର୍ବବୃହତ ରୋଜଗାର ସୃଷ୍ଟିକାରୀ କ୍ଷେତ୍ର ଭାବେ ଉଲ୍ଲେଖ କରିଛନ୍ତି। 'ବିକଶିତ କୃଷି ବିକଶିତ ଉତ୍ତରପ୍ରଦେଶ ୨୦୪୭' ଉପରେ ସେ କହିଲେ, କୃଷି ଗବେଷଣା ଓ ନବସୃଜନକୁ ବ୍ୟାପକ ଭାବେ ଗ୍ରହଣ କରାଯିବା ଉଚିତ। କାରଣ ବର୍ତ୍ତମାନ ମାତ୍ର ୨୫-୩୦% ଚାଷୀ ବୈଜ୍ଞାନିକ ଚାଷ ପଦ୍ଧତି ଗ୍ରହଣ କରୁଛନ୍ତି। କୃଷି ବୈଜ୍ଞାନିକ, ଯୁବ ଉଦ୍ଭାବକ ଓ କୃଷକ ଉତ୍ପାଦକ ସଂଗଠନ (ଏଫପିଓ)ଙ୍କୁ ସମ୍ମାନିତ କରି ଯୋଗୀ କହିଲେ, ଉତ୍ତରପ୍ରଦେଶର ବିକାଶ କଲେ ଭାରତକୁ ବିକଶିତ ରାଷ୍ଟ୍ର ହେବାରୁ କେହି ଅଟକାଇ ପାରିବେ ନାହିଁ। ରାଜ୍ୟରେ ୮୬% କୃଷି ଜମି ଜଳସେଚିତ। ଏହାସହ ରାଜ୍ୟରେ ପ୍ରଚୁର ଜଳ ସମ୍ପଦ ରହିଛି। ୪ଟି ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ଓ ଏକ ନୂତନ ବିଶ୍ୱବିଦ୍ୟାଳୟ ନିର୍ମାଣାଧୀନ ରହିଥିବାବେଳେ ୮୯ଟି କୃଷି ବିଜ୍ଞାନ କେନ୍ଦ୍ର ଚାଷୀଙ୍କୁ ଜ୍ଞାନ ଓ ପ୍ରଯୁକ୍ତି ଯୋଗାଇବାରେ କାର୍ଯ୍ୟ କରୁଛି। ତଥାପି ବହୁ କମ୍ ଚାଷୀ ବୈଜ୍ଞାନିକ ଗବେଷଣାର ଲାଭ ଉଠାଇ ପାରୁଛନ୍ତି। ଦେଶର ୧୬% ଜନସଂଖ୍ୟା ଥାଇ ମାତ୍ର ୧୧% ଚାଷ ଉପଯୋଗୀ ଜମି ସହ ଉତ୍ତରପ୍ରଦେଶ ୨୦%ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରୁଛି। ରାଜ୍ୟରେ ଉତ୍ପାଦନକୁ ୩ଗୁଣା କରିବାର ସମ୍ଭାବନା ରହିଛି। ମାତ୍ର ଏଥିପାଇଁ ସ୍ଥାନୀୟ ଜଳବାୟୁ ଓ ମାଟି ଅନୁଯାୟୀ ଗବେଷଣା ଜରୁରୀ। ସେ ୨୦୨୯ ସୁଦ୍ଧା ଉତ୍ତରପ୍ରଦେଶକୁ ୧ ଟ୍ରିଲିୟନ ଡଲାରର ଅର୍ଥନୀତି ଓ ୨୦୪୭ ସୁଦ୍ଧା ଭାରତକୁ ୩୦ ଟ୍ରିଲିୟନ ଡଲାରର ଅର୍ଥନୀତି ଗଢ଼ିବା ଲକ୍ଷ୍ୟରେ ଯୋଗଦାନ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ସୂଚନାମୂଳକ ପୁସ୍ତିକା ଓ ନିୟୁଜଲେଟର ଉନ୍ମୋଚନ କରିବା ସହ କୃଷି ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ଉତ୍ସବରେ କୃଷିମନ୍ତ୍ରୀ ସୂର୍ଯ୍ୟପ୍ରତାପ ଶାହୀ, ରାଜ୍ୟମନ୍ତ୍ରୀ ଦିନେଶ ପ୍ରତାପ ସିଂହ, ବଳଦେବ ସିଂହ ଔଲାଖ, ଗୌସେବା ଆୟୋଗର ଅଧ୍ୟକ୍ଷ ଶ୍ୟାମ ବିହାରୀ ଗୁପ୍ତା, ପ୍ରମୁଖ ସଚିବ ରବୀନ୍ଦ୍ର, ୟୁପିସିଏଆର୍‌ର ଡାଇରେକ୍ଟର ଜେନେରାଲ ଡ. ସଞ୍ଜୟ ସିଂହ ଓ ଅଧ୍ୟକ୍ଷ କ୍ୟାପଟେନ ବିକାଶ ଗୁପ୍ତା ଉପସ୍ଥିତ ଥିଲେ।

**ଉତ୍ତରପ୍ରଦେଶ କୃଷି ବିକାଶର କଥା କହିଲେ**

# ଯୋଡ଼ାମ୍ବ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଫୁଟ ବର୍ଷାଜଳ



ଯୋଡ଼ାମ୍ବ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷାଜଳ ପ୍ରବାହିତ ।

ମାଲକାନଗିରି/ ଚିତ୍ରକୋଣ୍ଡା, ୨୨।୭
(ଦୁର୍ଯ୍ୟୋଧନ ପାତ୍ର/ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଯୋଡ଼ାମ୍ବ ସଦର ପଞ୍ଚାୟତ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଫୁଟର ବର୍ଷାଜଳ ପ୍ରବେଶ କରିଛି। ସୋମବାର ରାତିରେ ଯୋଡ଼ାମ୍ବ ଅଞ୍ଚଳରେ ପ୍ରବଳ ବର୍ଷା ହେବା ଯୋଗୁ ନିକଟ ପାହାଡ଼ରୁ ପାଣି ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପଶିଥିଲା। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପ୍ରାୟ ୪ ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଥିବା ବେଳେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାରେ ଥିବା ୧୦ ଚିକିତ୍ସାଧୀନ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ବାହାର କରି ଆଣିଥିଲେ। ଏଥିସହ ଯୋଡ଼ାମ୍ବ ନିକଟରେ ଥିବା ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ନିକଟସ୍ଥ ୩ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି।


## NOTICE

No.E-253:Sealed Tenders are invited from the interested firms for supply of dietary articles i.e. **Bengal Gram, Sliced Milk Bread, Fresh Green Grass, Fresh Green Vegetables** for the animal house of VIMSAR, Burla for the financial year 2025-26. The detail terms and conditions in this college website i.e www.vimsar.ac.in and district website i.e.www.sambalpur.odisha.govt.in. The last date of receipt of tenders will be on 19.08.2025 latest by 5.30 PM which will be opened on 19.08.2025 at 11.30 AM in the Conference Hall of Dean & Principal, VIMSAR Burla.

**Sd/-**
**Dean & Principal,**
**VSS Institution of Medical Sciences & Research, Burla**

OIPR-10012/11/0004/2526

## Government of Odisha, "e"-Procurement Notice
## WORKS DEPARTMENT

No.B-314
E-mail : ceroads.bbsr@gmail.com

**Bid Identification No. CE-Roads-I-07/2025-26**

1. The Chief Engineer (Roads-I), Odisha on behalf of Governor of Odisha invites percentage rate bids in double cover system through ONLINE MODE form eligible contractors for Roadwork as mentioned below :
2. Nature of work : Road works
3. No. of work : 4 Nos.
4. Tender Paper cost : Rs. 10,000.00
5. Class of Contractor : 'A' Class / Special Class / Super Class
6. Available of bid document in the website : From 10.00 A.M. of 23.07.2025 to 5.30 P.M. of 12.08.2025
7. Date of opening of Bid : Dt.13.08.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

**Sd./- Chief Engineer (Roads-I), Odisha**

OIPR-34181/11/0033/2526

## Bhubaneswar Municipal Corporation

Notice No. - 36035/BMC/2025-26 Dt. : 21.07.2025

**REQUEST FOR PROPOSAL FOR**

**SELECTION OF AGENCY FOR TOWING OF ILLEGALLY PARKED VEHICLE UNDER THE JURISDICTION OF BMC AREA BHUBANESHWAR MUNICIPAL CORPORATION AREA**

**No.C-728** : Bhubaneswar Municipal Corporation (BMC) invites proposals from reputed Agencies for towing of illegally parked vehicle under the jurisdiction of Bhubaneswar Municipal Corporation Area. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BMC website: **www.bmc.gov.in** from **03.00 PM of 24.07.2025 to 04.00 PM of 11.08.2025**. The last date of receipt of technical and financial bids is **11.08.2025** till **4.00 PM** and the same would be opened on **11.8.2025 at 5.00 P.M. The Pre-bid meeting** is scheduled on **29.07.2025 at 04.00 P.M.** in the Conference Hall at BMC Office. Further details can be seen from the BMC Website. Any addendum/corrigendum/cancellation of tender can also be seen in the said website..

BMC reserves the right to cancel this invitation and / or invite fresh Bid/ RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

**Sd./- Deputy Commissioner (Revenue)**
**Bhubaneswar Municipal Corporation**

OIPR-13002/11/0222/2526

## ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

**ସୂଚନା**

ସଂ.୧୮୯- ସି ଗୋପନୀୟ ବିବିଧ-୨୦/୨୦୨୫ ତା.୨୧.୦୭.୨୫ରିଖ

No.E-251:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, MISSION DIRECTOR, NHM,ODISHA ଦର୍ଶାଯାଇ ବର୍ତ୍ତମାନର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ଜାଲି ବା ନକଲି ଦସ୍ତଖତ ଥିବା ୨୮୩୨ ତା.୯.୭.୨୦୨୫ ସଂଖ୍ୟା ବିଶିଷ୍ଟ ଏକ ଜାଲି ବା ନକଲି ଚିଠି ନିମ୍ନ ସ୍ୱାକ୍ଷରକାରୀଙ୍କ ଗୋଚରକୁ ଆସିଛି । ଏପରି ଚିଠି ନିମ୍ନ ସ୍ୱାକ୍ଷରକାରୀ ଦସ୍ତଖତ କରିନାହାନ୍ତି କି ଏହି ନିର୍ଦ୍ଦେଶାଳୟରୁ ଏହା ନିର୍ଗମନ କରାଯାଇନାହିଁ । ଏହି ଜାଲି ବା ନକଲି ଚିଠିକୁ କାର୍ଯ୍ୟକାରୀ ନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଉଛି । ଏହି ଚିଠିକୁ ନେଇ କୌଣସି ଅଘଟଣ ଘଟିଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଉତ୍ତରଦାୟୀ ରହିବ ନାହିଁ ।

ସ୍ୱା./-
ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଓଡ଼ିଶା

OIPR-10002/11/0016/2526

## ODISHA CONSTRUCTION CORPORATION LIMITED, BHUBANESWAR

PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM

No.CAD-1211: **"e"-Procurement Notice No.25/OCCL/2025-26 (on-line)**

Online percentage rate tender is invited from the eligible bidders for the following work.

| Sl. No. | Name of Work | Bid Identification No. | Approx. value of work | Bid Security (in Rs.) | Period of Completion (in months) | Availability & Submission of tender of Tender (On-line) |
|---|---|---|---|---|---|---|
| 01 | Construction works of Arrival Plaza for "Integrated Master Plan of Hirakud Reservoir" | OCCL_SMP/04/2025-26 | Rs.17.68 Crore | Rs.17,68,000/- | 09 Calendar Months | From 25.07.2025, 03.30 PM to 14.08.2025, 05.30 PM |

Procurement Officer : Managing Director, OCCL.
Date of Opening of the Tender : **16.08.2025, 12.00 noon onwards**
Further details can be seen from the e-Procurement portal : https://www.tendersodisha.gov.in. https://odishaconstruction.com

**Sd./- Managing Director**

OIPR-34120/11/0043/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, RAYAGADA

No.O-444
Email ID : ccerwcrayagada@gmail.com

Letter No. 1459 Date : 15.07.2025

**e-Procurement Notice for Periodical Renewal work of 5 Year Post DLP PMGSY Roads for financial year 2024-25 under Incentive grant**

1. Name of the work : Periodical Renewal work of 5 Year Post DLP PMGSY Roads for finacial year 2024-25 under Incentive grant (14 Nos Packages)
2. Class of contractor : "B", "A" & "Special" Class of (Odisha PWD) or relevant class of other licensing authority
3. Estimated Cost : Varies from Rs.109.31 Lakhs to Rs.706.03 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-13/ RWCRGDA/ /2025-26 | Dt.23.07.2025 at 11.00 A.M. | Dt.12.08.2025 Up to 5.00 P.M. | Dt.11.08.2025 Up to 5.00 P.M. | Dt.13.08.2025 at 11.00 A.M. | Will be intimated later |

5. The details of works can be seen from the website www.pmgsytenders.gov.in
6. Any Corrigendum/Addendum will be displayed in the above e-tender website.

**Sd./- Chief Construction Engineer, Rural Works Circle, Rayagada**

OIPR-25196/11/0022/2526

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-1216

**Tender Call Notice No- BBSR/ELECT-II/E-366/25-26/1762 Dt:17.07.2025**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply installation, testing and commissioning of two nos 10 passenger lift for integrated infrastructure Complex (Old age home) at Sartaguda, Phulbani, Kandhamala.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID.No. BBSR/ ELECT-II/ e-24/25-26 | 23.07.2025 at 12.00 Hrs. | 02.08.2025 at 16.00 Hrs. |

Further details can be seen from the e-Procurement portal: **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website.**

**Sd./-Divisional Head (Elect-II), IDCO, Bhubaneswar**

OIPR-14003/11/0209/2526

## ODISHA PUBLIC SERVICE COMMISSION CUTTACK

**NOTICE**

**No. 5208 / P.S.C., Dt. 22.07.2025**
**1E-30-2025/26 (DR-III)**

**Post Graduate Teacher in Discipline - PSYCHOLOGY**
(Advertisement No.25 of 2023-24)

**No.D-142** : In Continuation to this Office Notice No. 5135/PSC, dtd. 18.07.2025, it is for information of all shortlisted candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Psychology - Discipline**, pursuant to Advertisement No. 25 of 2023-24 will be held from **04.08.2025 to 06.08.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 04.08.2025 | 08.30 A.M. | 10.30 A.M. | 103478, 103482, 103490, 103501, 103506, 103519, 103530, 202518, 202520, 202529, 202530, 308299, 308304, 308308, 308309, 308314, 308316, 308326, 308333 & 308344 **= 20 Candidates** |
| | 12.30 P.M. | 02.30 P.M. | 308357, 308359, 308360, 308365, 308369, 308374, 308376, 308378, 308383, 308388, 308410 & 308411 **= 12 Candidates** |
| 05.08.2025 | 08.30 A.M. | 10.30 A.M. | 308418, 308423, 308438, 308441, 308445, 308446, 308464, 308473, 308485, 308517, 308523, 308532, 308539, 308549, 308552, 308555, 308573, 308574, 308580 308593 **= 20 Candidates** |
| | 12.30 P.M. | 02.30 P.M. | 308594, 403727, 403728, 403733, 403738, 403774, 403776, 403778, 403785, 403807, 403817 & 403825 **= 12 Candidates** |
| 06.08.2025 | 08.30 A.M. | 10.30 A.M. | 403839, 403845, 403848, 403853, 505509, 505511, 505515, 505516, 505544, 505552, 505555, 505556, 505571, 505577, 505582 & 505597 **= 16 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that, the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the Top **Right-hand Corner**. (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the competent authority.
11. Permanent Disability Certificate (indicating percentage of permanent disability i.e. **40% and more**);
12. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt. 16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
13. Identity Card of Sports Persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0278/2526 **Sd./- Secretary**

## ODISHA PUBLIC SERVICE COMMISSION CUTTACK

**NOTICE**

**No. 5204 / P.S.C., Dt. 22.07.2025**
**1E-08-2025/26 (DR-III)**

**Recruitment to the post of Post Graduate Teacher in Discipline - HOME SCIENCE**
(Advertisement No.25 of 2023-24)

**No.D-141** : In continuation to this Office Notice No. 5137/PSC, dtd. 18.07.2025, it is for information of all shortlisted candidates that the **Document Verification and Interview/ Personality Test** for recruitment to the post of **Post Graduate Teacher** in **Home Science Discipline**, pursuant to Advertisement No. 25 of 2023-24 will be held from **11.08.2025 to 14.08.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 11.08.2025 | 08.30 A.M. | 10.30 A.M. | 102375, 102384, 102393, 201643, 201649, 201654, 201656, 201663, 305550, 305553 & 305561 **= 11 Candidates** |
| | 12.30 P.M. | 02.30 P.M. | 305564, 305568, 305583, 305584, 305587, 305590 & 305601 **= 07 Candidates** |
| 12.08.2025 | 08.30 A.M. | 10.30 A.M. | 305603, 305604, 305606, 305607, 305610, 305612, 305616, 305622, 305635, 305636 & 305640 **= 11 Candidates** |
| | 12.30 P.M. | 02.30 P.M. | 305646, 305650, 305652, 305653, 305661, 402421 & 402433 **= 07 Candidates** |
| 13.08.2025 | 08.30 A.M. | 10.30 A.M. | 402444, 402446, 402448, 402449, 402461, 402467, 503542, 503543, 503547, 503553 & 503554 **= 11 Candidates** |
| | 12.30 P.M. | 02.30 P.M. | 503562, 503567, 503570, 503572, 503574, 503575 & 503577 **= 07 Candidates** |
| 14.08.2025 | 08.30 A.M. | 10.30 A.M. | 503591, 503596, 503602, 503610, 503611, 503615, 503622, 503623, 503638, 503640 & 503642 **= 11 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that, the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the Top **Right-hand Corner**. (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the 'competent authority'.
11. Permanent Disability Certificate (indicating percentage of permanent disability i.e. **40% and more**);
12. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt. 16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service.
13. Identity Card of Sports Persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0279/2526 **Sd./- Secretary**

## ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ, ଜିଲ୍ଲା:ଖୋର୍ଦ୍ଧା

ସ୍ଥାନ/ପୋ-ବାଲୁଗାଁ, ଜିଲ୍ଲା-ଖୋର୍ଦ୍ଧା
ଇ-ମେଲ୍- eonac.balugaon2013@gmail.com
ବିଜ୍ଞାପନ ସଂଖ୍ୟା ୧୩୧୩/ତାରିଖ ୨୧.୦୭.୨୦୨୫

**ବିଜ୍ଞାପନ**

No.C-721: ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ ୨୦୨୫-୨୬ (ତା.୧.୦୮.୨୦୨୫ ରିଖ ଠାରୁ ତା.୩୧.୦୭.୨୦୨୬ ରିଖ) ପର୍ଯ୍ୟନ୍ତ ଏକ ବର୍ଷ ନିମନ୍ତେ ନିମ୍ନଲିଖିତ ନିଲାମ ଟେଣ୍ଡରଗୁଡିକ ବ୍ୟକ୍ତିବିଶେଷ/ସଂସ୍ଥା/ଅନୁଷ୍ଠାନଙ୍କଠାରୁ ଆହ୍ୱାନ କରୁଅଛନ୍ତି । ନିଲାମ/ଟେଣ୍ଡରର ସମସ୍ତ ବିବରଣୀ /ତଥ୍ୟ NIC, Khordhaଙ୍କ ୱେବ୍‌ସାଇଟ୍ www.khordha.odisha.gov.in ରେ ଉପଲବ୍ଧ ଅଟେ । ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନ Commercial Bid Cover No.A ଏବଂ Price Bid Cover No.B ଏହିପରି ୨ ଗୋଟି Envelopeକୁ ଅନ୍ୟ ଗୋଟିଏ ବଡ Envelopeରେ Cover No.Cରେ ଜଉମୁଦ କରି ପୌରପରିଷଦ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ପକାଇବେ/ସ୍ପିଡ୍ ପୋଷ୍ଟ/ ରେଜିଷ୍ଟ୍ରି ପୋଷ୍ଟ ଦ୍ୱାରା ତା.୨୪.୦୭.୨୦୨୫ ରିଖଠାରୁ ତା.୩୧.୦୭.୨୦୨୫ ରିଖ ଅପରାହ୍ଣ ୫.୦୦ ଘଟିକା ମଧ୍ୟରେ ପକାଇବେ । ନିଲାମ ଫର୍ମ (Cost of Tender Paper) ର ମୂଲ୍ୟ Cover No.Aରେ ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁଙ୍କ ନାମରେ ପ୍ରାପ୍ତି ହେବା ନିମନ୍ତେ ପ୍ରସ୍ତୁତ କରି ନିର୍ଦ୍ଧାରିତ ସମୟ ସୀମା ଭିତରେ Cover No.A ରେ ରଖିବା ବାଧ ଅଟେ । ଯେଉଁ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନର Commercial Bid, Cover No.A ଯୋଗ୍ୟ ବିବେଚିତ ହେବ, କେବଳ ସେହି ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନର Price Bid, Cover No.B ଖୋଲାଯିବ ।

| କ୍ର. ସଂ. | ନିଲାମ/ଟେଣ୍ଡରର ନାମ | ସର୍ବନିମ୍ନ ଇଜରା/ ନିଲାମ ମୂଲ୍ୟ | ନିଲାମ ପାଇଁ ଫର୍ମ ମୂଲ୍ୟ (Non-refundable) |
|---|---|---|---|
| ୧ | ଚିଲିକା କୂଳରେ ଡଙ୍ଗା ଘାଟରେ ପାର୍କିଂ କରୁଥିବା ଯେକୌଣସି ଡଙ୍ଗା ଫି ଆଦାୟ ନିମନ୍ତେ | ଟ.୨,୬୦,୯୨୦/- | ଟ.୨,୦୦୦/- |
| ୨ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ବସଷ୍ଟାଣ୍ଡଠାରେ ପାର୍କିଂ କରୁଥିବା ଯେକୌଣସି ବସ ପାର୍କିଂ ଫି ଆଦାୟ ନିମନ୍ତେ | ଟ.୨,୭୫,୦୦୦/- | ଟ.୨,୦୦୦/- |
| ୩ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଲାଗୁଥିବା ସମସ୍ତ ବିଜ୍ଞାପନ ହୋର୍ଡିଂ ଠାରୁ ଫି ଆଦାୟ ନିମନ୍ତେ | ଟ.୨,୪୩,୨୧୦/- | ଟ.୨,୦୦୦/- |

- ନିଲାମ/ଟେଣ୍ଡରଧାରୀମାନଙ୍କ ପାଇଁ ନିଲାମ/ଟେଣ୍ଡର ବାବଦରେ ସବିଶେଷ ତଥ୍ୟ ଜାଣିବା ନିମନ୍ତେ ତା.୨୫.୦୭.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ (Briefing Session) ବୈଠକ ଅନୁଷ୍ଠିତ ହେବ ।
- ନିଲାମ/ଟେଣ୍ଡର ଫର୍ମ ବିକ୍ରିର ଅନ୍ତିମ ତାରିଖ ତା.୩୧.୦୭.୨୦୨୫ ରିଖ ସମୟ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ଅଟେ ।
- ନିଲାମ/ଟେଣ୍ଡର ଫର୍ମ ପକାଇବାର ଅନ୍ତିମ ତାରିଖ ତା.୩୧.୦୭.୨୦୨୫ ରିଖ ଅପରାହ୍ଣ ୫.୦୦ ଘଟିକା ପର୍ଯ୍ୟନ୍ତ ।
- ନିଲାମ/ଟେଣ୍ଡର Commercial Bid, Cover No.A ଖୋଲିବାର ତାରିଖ ତା.୦୧.୦୮.୨୦୨୫ ସମୟ ଅପରାହ୍ଣ ଘ.୩.୦୦ ମିନିଟ୍ ଅଟେ ।
- ନିଲାମ/ଟେଣ୍ଡର Price Bid, Cover No.B ଖୋଲିବାର ତାରିଖ ତା.୦୧.୦୮.୨୦୨୫ ସମୟ ଅପରାହ୍ଣ ୩.୩୦ ଘଟିକା ଅଟେ ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ

OIPR-13148/11/0011/2526

## GOVERNMENT OF ODISHA
## DEPARTMENT OF WATER RESOURCES
## O/o THE CHIEF ENGINEER AND BASIN MANAGER, MAHANADI BASIN, AT-BURLA, DISTRICT-SAMBALPUR, PIN-768017

No.A-
E-mail Id - cebmumbburla@gmail.com

**'e' Procurement Notice No-CE & BM-MB-07/2025-2026 (Online)**
**BID IDENTIFICATION NO-CE & BM-MB-07/2025-2026 (Online)**

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Bheden Canal Section, Bargarh Irrigation Division, Bargarh) |
| 2 | No of works | : | One (01) number |
| 3 | Class of contractor | : | 'A Class" and "Special Class" |
| 4 | Bid Identification No | : | CE&BM-MB-07/2025-2026 (Online) |
| 5 | Estimated cost | : | Rs.13.99 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 24.07.2025 at 11.30 A.M. to Dated - 14.08.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 14.08.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 16.08.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

**Sd./- Chief Engineer & Basin Manager, Mahanadi Basin, Burla**

OIPR-32508/11/0014/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁଡୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**BIRTHDAY WISH**



**Divyashree Debarchana**
(D.D., GUDUNI, DHANA)
Khandagiri bari, Bhubaneswar
Happy Birthday Dhana. may God bless you abundantly with love, peace, joy and good health forever. Bou & Maa with lots of love, hugs and kisses.....
Bou- Mina kumari, Maa- Binapani.
ଧ-୧୩୮୦


# ସମ୍ବଲପୁର, କନ୍ଧମାଳ ବିଜୟୀ

**ଭୁବନେଶ୍ୱର, ୨୨।୭ (ତପନ ସ୍ୱାଇଁ)**

ସାହାଣୀ କପ୍ ସିନିୟର ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ବୌଦ୍ଧ ଜୋନ୍‌ରେ ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଓ କନ୍ଧମାଳ ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ସମ୍ବଲପୁର ୩-୨ ଗୋଲରେ

## ସାହାଣୀ କପ୍ ଫୁଟବଲ

ବଲାଙ୍ଗୀରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୁନୀଲ ମୁଣ୍ଡା ୬ଷ୍ଠ, ପ୍ରଶାନ୍ତ ଓରାମ ୨୬ ଓ ଛବିଳ କିଷାନ ୬୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବଲାଙ୍ଗୀର ପକ୍ଷରୁ ସୁବ୍ରତ ପାତ୍ର ୪ର୍ଥ ଓ ୭୬ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ମ୍ୟାଚରେ କନ୍ଧମାଳ ୯-୦ ଗୋଲରେ ନୂଆପଡ଼ାକୁ ହରାଇ ଦେଇଛି। କନ୍ଧମାଳ


ବଲ୍‌କୁ ନିୟନ୍ତ୍ରଣକୁ ନେବାଲାଗି ଦୁଇ ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।

ପକ୍ଷରୁ ଦେବାଶିଷ ରାମ ମାରାଣ୍ଡି ୧୧, ୨୨ ଓ ୨୯ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ସେକ୍ ଫରିଦ ୨୧ ଓ ୫୯ତମ ମିନିଟରେ ୨ଟି ଏବଂ ଦିଲୁ ମଲିକ ୧୮, ମହମ୍ମଦ ଇମତିଆଜ ୪୫+୪ ଓ ବେବେଶ୍ୱର ମଲିକ ୮୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ନୂଆପଡ଼ାର ସନ୍ତୋଷ ମଲିକ ୩୭ତମ ମିନିଟରେ ଗୋଟିଏ ଆତ୍ମଘାତୀ ଗୋଲ ଦେଇଥିଲେ।

# ଇଂଲଣ୍ଡ ଦଳରେ ମେଣ୍ଟାଲ କୋଚ୍ ଗିଲବର୍ଟ ଏନୋକା

**ଲଣ୍ଡନ,୨୨।୭:** ଇଂଲଣ୍ଡ କ୍ରିକେଟ୍ ଦଳ ପକ୍ଷରୁ ପୂର୍ବତନ ଅଲ ବ୍ଲାକ୍ସ ମେଣ୍ଟାଲ ସ୍କିଲ କୋଚ୍ ଗିଲବର୍ଟ ଏନୋକାଙ୍କୁ ନିଯୁକ୍ତ କରାଯାଇଛି। ଚଳିତ ସିଜନ ଆରମ୍ଭରୁ ସେ ଇଂଲଣ୍ଡ ଦଳ ସହ କାମ କରିଥିଲେ ଏବଂ ଆଗାମୀ ଦୁଇଦିନ ଧରି ଦଳର ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। ଇଂଲଣ୍ଡ ଦଳର ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ବନ୍ଧୁ ଏନୋକା ପୂର୍ବରୁ ବିଭିନ୍ନ କ୍ରୀଡ଼ାରେ ଏଲିଟ୍ ଦଳ ସହ କାର୍ଯ୍ୟ କରିଛନ୍ତି। ସେ ୨୦୨୩ରେ ଚେଲ୍‌ସି ସହ କାର୍ଯ୍ୟ କରିଥିଲେ।

# ପଦକ ନିଶ୍ଚିତ କଲେ ବୈଷ୍ଣବୀ

**ଭୁବନେଶ୍ୱର, ୨୨।୭ (ତପନ ସ୍ୱାଇଁ)**

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ଜର୍ମାନୀର ରାଇନେ-ରୁହରଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତୀୟ ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରହିଛି। ଭାରତର ବୈଷ୍ଣବୀ ଅଦକର ମହିଳା ସିଙ୍ଗଲ୍ସ ଟେନିସର ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ମଙ୍ଗଳବାର କ୍ୱାର୍ଟର ଫାଇନାଲରେ ସେ ଜର୍ମାନୀର ସିନା ହର୍ମାନଙ୍କୁ ୬-୧, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ମିକ୍ସଡ ଡବଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଭାରତୀୟ ଯୋଡ଼ି ବୈଷ୍ଣବୀ ଓ ଅଥର୍ବ ଶର୍ମା ୬-୨, ୬-୪ରେ ଆମେରିକା ଯୋଡ଼ି ଓଲିଭିଆ ସେଣ୍ଟର ଓ ଜେରୀ ବାର୍ଟନଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଭାରତର ପ୍ରଥମ ମହିଳା ଓ ଦ୍ୱିତୀୟ ଖେଳାଳିଭାବେ ବୈଷ୍ଣବୀ ଟେନିସ ଇଭେଣ୍ଟରେ ପଦକ ନିଶ୍ଚିତ କରିଛନ୍ତି। ପୂର୍ବରୁ ୧୯୭୯ରେ ନନ୍ଦନ ବଲ ପୁରୁଷ ସିଙ୍ଗଲ୍ସରେ ରୌପ୍ୟ ପଦକ ଜିତିଥିଲେ। ବୁଧବାର ବୈଷ୍ଣବୀ ସେମିଫାଇନାଲରେ ସ୍ଲୋଭାକିଆର ମେରୀ ଏସ୍‌ଜେରଙ୍କୁ ଭେଟିବେ। ସେହିପରି ଭାରତୀୟ ମିକ୍ସଡ ଡବଲ୍ସ ଯୋଡ଼ି କ୍ୱାର୍ଟର ଫାଇନାଲରେ ଜାପାନିଜ ଯୋଡ଼ିଙ୍କ ବିପକ୍ଷରେ ଖେଳିବେ। ଭାରତୀୟ ଆଥଲେଟ୍‌ଙ୍କ ଅଭିଯାନ ବୁଧବାରଠାରୁ ଆରମ୍ଭ ହେବ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ସମେତ ଭାରତର ଏକାଧିକ ଆଥଲେଟ୍ ପଦକ ଜିତିବା ସମ୍ଭାବନା ରହିଛି। ବିଶେଷ କରି କିଟ୍ ଛାତ୍ର ଅନିମେଶ କୁଜୁରଙ୍କ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି। ଭାରତୀୟ ଦଳର ଟ୍ରେନିଂ କ୍ୟାମ୍ପ ଏଠାରେ ହୋଇଥିବାରୁ ପଦକ ନିଶ୍ଚିତ କରିଥିବା ବୈଷ୍ଣବୀଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# କର୍ଣ୍ଣାଟକ ପାଇଁ ଖେଳିବେ କରୁଣ

**ବେଙ୍ଗାଲୁରୁ,୨୨।୭(ପି.ଟି.):** ଆଗାମୀ ଘରୋଇ କ୍ରିକେଟ୍ ସିଜନରେ ଭାରତୀୟ ବ୍ୟାଟର କରୁଣ ନାୟାର କର୍ଣ୍ଣାଟକ ପାଇଁ ଖେଳିବେ। ସେ ଗତ ୩ ବର୍ଷ ହେଲା ବିଦର୍ଭ ଲାଗି ଖେଳୁଥିଲେ। ତାଙ୍କୁ ମଧ୍ୟ ବିଦର୍ଭ କ୍ରିକେଟ୍ ଆସୋସିଏଶନ(ଭିସିଏ)ପକ୍ଷରୁ ନୋ ଅବ୍‌ଜେକ୍‌ଶନ ସାର୍ଟିଫିକେଟ୍(ଏନ୍‌ଓସି) ଦିଆଯାଇଛି। ନାୟାରଙ୍କ ପ୍ରତିନିଧିତ୍ୱରେ ବିଦର୍ଭ ୨୦୨୪-୨୫ ରଣଜୀ ଟ୍ରଫି ଚାମ୍ପିୟନ ହୋଇଥିଲା। ସେ ୫୩ ଆଭରେଜ୍‌ରେ ୮୬୩ ରନ୍ କରିଥିଲେ। ଏପରିକି କେରଳ ବିପକ୍ଷ ଫାଇନାଲରେ ଶତକ ମଧ୍ୟ କରିଥିଲେ। ଗତ ସିଜନରେ ଭଲ ପ୍ରଦର୍ଶନ ବଳରେ ନାୟାର ୮ ବର୍ଷର ବ୍ୟବଧାନ ପରେ ଭାରତୀୟ ଟେଷ୍ଟ ଦଳକୁ ଫେରିଛନ୍ତି। ସେ ବିଜୟ ହଜାରେ ଟ୍ରଫିରେ ଲଗାତର ୫ ଶତକ ସହ ୭୭୯ ରନ୍ କରିଥିଲେ। ଏପରିକି ସେ ଟୁର୍ନାମେଣ୍ଟରେ ୫୪୨ ରନ୍ କରିବା ପରେ ଆଉଟ୍ ହୋଇଥିଲେ, ଯାହା ଏକ ରେକର୍ଡ। ନାୟାରଙ୍କୁ ବିଦାୟ ଦେବା କଷ୍ଟକର। କାରଣ ସେ ଗତ ଦୁଇ ସିଜନରେ ଆମ ଦଳର ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ। କିନ୍ତୁ ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଏବଂ ଆମେ ତାହାକୁ ସମ୍ମାନ ଦେଉଛୁ। ତାଙ୍କୁ ଏନ୍‌ଓସି ଦିଆଯାଇଛି। ଆଶା କରୁଛୁ ସେ ଆଗାମୀ ସିଜନରେ ଭଲ ପ୍ରଦର୍ଶନ କରନ୍ତୁ ବୋଲି ଭିସିଏ ଅଧିକାରୀ କହିଛନ୍ତି।

# ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ବିସିସିଆଇକୁ ସାମିଲ କରାଯିବ

**ନୂଆଦିଲ୍ଲୀ,୨୨।୭(ପି.ଟି.)**

ବୁଧବାର ସଂସଦରେ ଆଗତ ହେବାକୁ ଯାଉଥିବା ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ସାମିଲ କରାଯିବ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ କହାଯାଇଛି। ଏହି ବିଲ୍ ଆଇନରେ ପରିଣତ ହେବା ପରେ ସମସ୍ତ ଜାତୀୟ ମହାସଂଘ ଭଳି ବିସିସିଆଇକୁ ମଧ୍ୟ ଆଇନର ପାଳନ କରିବାକୁ ପଡ଼ିବ। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯିବା ପରେ ବିସିସିଆଇ ମଧ୍ୟ ଅଲିମ୍ପିକ୍ ଅଭିଯାନର ଅଂଶ ହୋଇଛି। କ୍ରୀଡ଼ା ପ୍ରଶାସନ ବିଲ୍‌ର ଉଦ୍ଦେଶ୍ୟ ହେଉଛି ନିର୍ଦ୍ଧାରିତ ସମୟରେ ନିର୍ବାଚନ, ଉତ୍ତରଦାୟୀ ପ୍ରଶାସନ ଓ ଆଥଲେଟ୍‌ଙ୍କ କଲ୍ୟାଣ ଲାଗି ଜାତୀୟ ଫେଡେରେଶନକୁ ସଂସ୍ଥାଗତ କରିବା।


# Classified Everyday
0674-2580101, 9692975378


**MATRIMONIAL**

**BRIDE WANTED**

Handsome Karan Boy 1995, 5'10", B.Tech Serving Officer SBI, Bhubaneswar. "SUNASANSAR". 9937512659. D-76294

**GROOM WANTED**

ବୟସ 28 କୌଣସି ଚାକିରୀ କରୁନଥିବା ସୁନ୍ଦରୀ ସୁଶୀଳ ଘରୋଇ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7326056138. D-1351


**REAL ESTATE**
**SALE**

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

**Sale of personal plot 60x80= 4800 sft Nearer to Phulanakhara, 11km from BBSR @ 1500 per sft with big compound wall, beautiful road, touching to a building 7809525452** D-1362

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

**3000sqft., 5500sqft. Godown & 25000sqft. open space with brickwall, Electricity & Water available at Manguli, Cuttack. Contact- 7978027615, 9871716662.** D-1392




Newly open SPA positively health benefits (expert therapist). Contact- 7327030529. D-76929

Newly open health benefits SPA by expert therapist. Contact- 8280961126. D-76928

**AFFIDAVIT**

By virtue of an affidavit sworn before the Notary Public, Cuttack, dated 22.07.2025, I, SMT. JAIKADHI MAHAPATRA, Address: At-Club Pada, P.O.-Balangir, Dist.- Balangir, Odisha, PIN-767001 declare that I have changed my name from JAIKATI MOHAPATRA to SMT. JAIKADHI MAHAPATRA. Henceforth, I shall be known as SMT. JAIKADHI MAHAPATRA for all purposes. D-1388

I, Khusi Jain, D/o-Mukesh Kumar Jain, Resident of At/P.O.- Kursud, P.S.- Sindhekela, Dist.-Bolangir, PIN-767035, Odisha declare by this affidavit No.-06, date- 21.07.2025. That now onwards I shall be known as Khushi Jain for all future purposes. D-1387

I, Sri Mukesh Jain, S/o-Late Manik Chand Jain, Resident of At/P.O.- Kursud, P.S.- Sindhekela, Dist.- Bolangir, PIN-767035, Odisha declare by this affidavit No.-05, date- 21.07.2025. That now onwards I shall be known as Mukesh Kumar Jain for all future purposes. D-1386

I, Jyotsnarani Bagh, W/o- Ghanashyam Rana, Resident of At - 31G, Ekta Nagar, Dist.- Sundargarh, PIN- 770001, Odisha declare by this affidavit No.- A 2935, dated 21.07.2025. That now onwards I shall be known as Jyotsna Bag for all future purposes. D-1385

By virtue of an affidavit sworn before Executive Magistrate, Chandbali, on dated 08.07.2025, I, Itishree Mohanty (20 yrs), D/o- Gourahari Mohanty, Vill- Kulhibindha, P.O.- Tentulidihi, P.S.- Chandbali, Dist.- Bhadrak, Odisha, PIN- 756133 declare that I have changed my name from Rajalaxmi Mohanty to Itishree Mohanty. Henceforth, I shall be known as Itishree Mohanty for all purposes.
Itishree Mohanty
D-1383

I, Mina Sahoo, D/o- Late Sridhar Sahoo, resident of Village/ P.O.- Astaranga, P.S.- Astaranga, Dist.- Puri, PIN- 752109, Odisha declare by this affidavit No.- 74, dtd. 21.07.2025. That now onwards I shall be known as **RONALISA BEHURA** for all purposes. D-75849

By virtue of an affidavit sworn before the Executive Magistrate, Bhubaneswar vide CF.51/ dated 17.08.2021, I, Choudhury Bikram Keshari Praharaj (New Name), Address: Plot No.-1268, Siripur, Unit-8, Post- Baramunda, P.S.- Khandagiri, Bhubaneswar, Dist.- Khordha, PIN- 751003 declare that I have changed my name from Bikram Keshari Praharaj (Old Name) to Choudhury Bikram Keshari Praharaj (New Name). Henceforth, I shall be known as CHOUDHURY BIKRAM KESHARI PRAHARAJ (New Name) for all purposes.
CHOUDHURY BIKRAM KESHARI PRAHARAJ
D-1397

I, Smt. Ranjana Pattnaik alias @Ranjana Patra, W/o- Ramakrishna Patra @Ramkrushna Patra, Ichhabatiguda, At/P.O.- Nabarangapur, Dist.- Nabarangapur at present residing at Village/Post- Dangarpaunsi, P.S.- Kundura, Dist.-Koraput, vide affidavit No.- 122, date 23.4.2025 sworn before the Executive Magistrate, Kundra, Dist.- Koraput, have declared that Ranjana Pattnaik and Ranjana Patra is one and same person for all future purpose. D-1393

I, Shanti Soreng, aged about 40 years, W/o- Kishor Soreng, Resident of Vill-Jhirpani, P.O.- Panchora, P.S.-Kutra, Dist.-Sundargarh, Odisha, do hereby solemnly affirm and declare as under, my son's Aadhaar Card vide No.- XXXX XXXX 5790 in which My Son name has been wrongly mentioned as Prabina Sareng instead of Praween Soreng. That Prabina Sareng and Praween Soreng denotes to one and same person, ie myself.
Praween Soreng
D-1391

By virtue of an affidavit sworn before Executive Magistrate, Khordha, dated 15.07.2025, I, Ganesh Chandra Nayak, Address: Vill-Doctor Lane, Khordha, P.O./P.S./Dist.-Khordha, Odisha, 752055 declare that I have changed the name of my son from Juel Jena to Juel Nayak. Henceforth, he shall be known as Juel Nayak for all purposes.
Ganesh Chandra Nayak
D-73594

I, Laxmidhar Sahoo, S/o- Bhikari Charan Sahoo and Laxmidhar Sahoo, S/o- Brundaban Sahoo is same person, At- 55, Budhanagar, Bhubaneswar. By affidavit I shall be known as Laxmidhar Sahoo, S/o- Bhikari Charan Sahoo for all purposes. D-76930

By virtue of an affidavit sworn before the Executive Magistrate, Birmaharajpur, date 18.07.2025, I, Rusudh Samal, R/o. Village- Kardapal, P.O.- Mursundhi, P.S.-Birmaharajpur, Dist.- Subarnapur, PIN- 767018 declare that I have changed my son's name from Maheswar Samal to Pritam Samal. Henceforth, he shall be known as Pritam Samal for all purposes.
Rusudh Samal
D-1391

I, Dinesh Chandra, S/o Late Sh. Mathura Dutt Pandey, Resident of Plot No. 125, Suanga, Near Radhe Krishna Temple, P.O.- Sarakantra, Dist. Khordha, Odisha, PIN- 751019, declare by this affidavit No.- 27383 dtd.- 15/07/2025 that now onwards I shall be known as DINESH CHANDRA PANDEY for all future purposes. D-1396

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ**



**✓ ଉମାକାନ୍ତ ମହାପାତ୍ର**
ଆବିର୍ଭାବ: ୦୫.୦୫.୧୯୭୨
ତିରୋଧାନ: ୦୨.୦୮.୨୦୨୪
ବିଏଲ -୩୫, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

ବାପା, ଚାହୁଁ ଚାହୁଁ ବର୍ଷେ ବିତିଗଲା। ତୁମେ ଯେଉଁଠି ବି ଥାଅ ଭଲରେ ଥାଏ। ଆମେ ତୁମର ଆଶୀର୍ବାଦକୁ ପାଥେୟ କରି ତୁମ ଆଶା ପୂରଣ କରିବାକୁ ଚେଷ୍ଟା କରିବୁ।
ତୁମର ହତଭାଗ୍ୟ ଝିଅ
ମନସ୍ୱିନୀ ମହାପାତ୍ର (ଟିକି)
ରୋଜାଲିନ ମହାପାତ୍ର (ପିକି)
ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୧୩୯୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ**



**✓ ଡାଃ. ଅମ୍ବିକା ପ୍ରସାଦ ମହାନ୍ତି**
ଆବିର୍ଭାବ - ୦୩/୦୨/୧୯୩୫
ତିରୋଧାନ - ୨୩/୦୭/୨୦୧୯

ଚାହୁଁ ଚାହୁଁ ଛଅ ବର୍ଷ ବିତିଗଲା । ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସଭାବ ଓ କର୍ତ୍ତବ୍ୟନିଷ୍ଠାକୁ ପାଥେୟ କରି ବାଟ ଚାଲିବାକୁ ଚେଷ୍ଟା କରୁଛୁ । ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର

ଶ୍ରଦ୍ଧାଞ୍ଜଳି ସହ : ପୁତ୍ର/ପୁତ୍ରବଧୂ, ଝିଅ/ଜ୍ୱାଇଁ, ନାତି/ନାତୁଣୀ ଓ ବନ୍ଧୁ ଏବଂ ଆତ୍ମିୟସ୍ୱଜନ ।
ଧ-୧୩୮୧

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଭଗବାନ ରାଉତ**
ଆବିର୍ଭାବ: ୦୮।୦୪।୧୯୫୩
ତିରୋଧାନ: ୨୩।୦୭।୨୦୨୩
ଖଟଖୁରା, କାମାକ୍ଷାନଗର, ଢେଙ୍କାନାଳ

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କର ସର୍ବଦା ପାଥେୟ ହେଉ। ତୁମେ ଏ ଦୁନିଆରେ ନ ଥିଲେ ମଧ୍ୟ ଆମମାନଙ୍କ ପାଇଁ ତୁମର ସ୍ମୃତି ସର୍ବଦା ଜୀବିତ ହୋଇ ରହିଅଛି। ପ୍ରଭୁ ଶ୍ରୀଜଗନ୍ନାଥ ତୁମର ପବିତ୍ର ଆତ୍ମାକୁ ଶାନ୍ତି ଦିଅନ୍ତୁ।
ତୁମର ହତଭାଗା: ପତ୍ନୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ଡୁଗୁ, ଚିଣ୍ଟୁ, ବୈଭବ, ଆରଭ, ଯୁହାନ ଓ ରାଉତ ପରିବାର ଏବଂ ବନ୍ଧୁ ପରିବାରବର୍ଗ
ଧ-୧୩୮

**ବିଶେଷଜ୍ଞ**
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ଜାଣି ରଖନ୍ତୁ



ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ। ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ସମ୍ଭାବନା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । କୁକୁଡ଼ା ଘରକୁ ପରିଷ୍କାର ଏବଂ ଶୁଖିଲା ରଖନ୍ତୁ । ଲିଟରକୁ ନିୟମିତ ବଦଳାନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ସମ୍ଭାବନା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପଶୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏହି ମାସରେ ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପଶୁମାନଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ସମ୍ଭାବନା ଥାଏ ।

## ସଅଳ ମୁଗ କିସମ

ଆଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨-୩, ଆଇପିଏମ୍ ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀକାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ । ବିହନକୁ ଫିମ୍ପିନାଶକ ଓ ଜୀବାଣୁ କଲ୍‌ଚର ଉପଚାରକରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପିଏସ୍‌ବି) ସହ ଗୋଳାଇ ବୁଣନ୍ତୁ । ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ । ଘାସମରା ବିଷ ପ୍ରୟୋଗକରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ ।



# ବାର୍ଡ ଫ୍ଲୁ : କାରଣ, ସତର୍କତା



ଡା. ବୀରକିଶୋର ପରିଡ଼ା

ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ହେଉଛି ଏକ ମାରାତ୍ମକ ଭୂତାଣୁଜନିତ ରୋଗ ଏବଂ ଏହା କୁକୁଡ଼ା, ବତକ, ଟର୍କି, ଗିନି କୁକୁଡ଼ା ବା ଚାଇନା କୁକୁଡ଼ା ଓ ପାଣିତୁଆ ଭଳି ପକ୍ଷୀଙ୍କଠାରେ ଦେଖାଦେଇ ପ୍ରଭୂତ କ୍ଷତି ଘଟାଇଥାଏ । ଏହାକୁ ବାର୍ଡ ଫ୍ଲୁ ବା ଫାଉଲ ପ୍ଲେଗ୍ ରୋଗ ମଧ୍ୟ କହିଥାନ୍ତି । ଏହି ରୋଗର ଭୂତାଣୁ କୁକୁଡ଼ା ବା ଆଗନ୍ତୁକ ପକ୍ଷୀ ମାଧ୍ୟମରେ ମନୁଷ୍ୟ, ଘୁଷୁରି ଓ ଘୋଡ଼ା ଆଦି ପ୍ରାଣୀଙ୍କଠାରେ ଇନଫ୍ଲୁଏଞ୍ଜା ରୋଗ ସୃଷ୍ଟି କରି ମୃତ୍ୟୁର କାରଣ ହୋଇଥାଏ। ସର୍ବପ୍ରଥମେ ୧୮୭୮ ମସିହାରେ ଇଟାଲୀରେ କୁକୁଡ଼ାଙ୍କଠାରେ ଏକ ମାରାତ୍ମକ କୁକୁଡ଼ାଙ୍କ ପ୍ଲେଗ ରୋଗ ରୂପରେ ଦେଖାଦେଇଥିଲା। ବାର୍ଡ ଫ୍ଲୁ ଆମ ଦେଶରେ ପ୍ରଥମ ଥର ପାଇଁ ମହାରାଷ୍ଟ୍ରରେ ଦେଖାଯାଇଥିଲା।

**କାରଣ :** ବାର୍ଡ ଫ୍ଲୁ ରୋଗର ଭୂତାଣୁ ହେଉଛି ଏକ ଖଣ୍ଡ ବିଖଣ୍ଡିତ ଆର.ଏନ.ଏ. ଯୁକ୍ତ ଏଚ୍-୫, ଏନ୍-୧ ଭୂତାଣୁ ଏବଂ ଅର୍ଥୋମିକ୍ସୋ ପରିବାରର ଅନ୍ତର୍ଭୁକ୍ତ । ଏହି ରୋଗର ଭୂତାଣୁ ଏଥିଯୋଗୁ ସହଜରେ ରୂପ ପରିବର୍ତ୍ତନ କରିଥାଏ । ଏହି ଭୂତାଣୁ ହେଉଛି ଇନ୍‌ଫ୍ଲୁଏଞ୍ଜା ଭୂତାଣୁ-କ ଶ୍ରେଣୀ ଅନ୍ତର୍ଭୁକ୍ତ । ଏହି ଭୂତାଣୁ ୭୦ଡିଗ୍ରୀ ସେଣ୍ଟିଗ୍ରେଡ ଉତ୍ତାପରେ ଅଧଘଣ୍ଟାରେ ମରିଯାଆନ୍ତି ।

**କିପରି ବ୍ୟାପେ :** ଏସିଆ ଓ ୟୁରୋପ ଭଳି ମହାଦେଶର ବିଦେଶୀ ଆଗନ୍ତୁକ ପକ୍ଷୀ, ପାଣିତୁଆ ଆଦି ଆମ ରାଜ୍ୟର ଚିଲିକା ହ୍ରଦ ବା ଅନ୍ୟାନ୍ୟ ଜଳାଶୟ ସ୍ଥାନକୁ ଆସିବା ଦ୍ୱାରା କିମ୍ବା ସ୍ଥଳ ବିଶେଷରେ ଅନ୍ୟାନ୍ୟ ଦେଶ ବା ରାଜ୍ୟର ସଂକ୍ରମିତ ପକ୍ଷୀ ବା କୁକୁଡ଼ା ଆସିବା ଦ୍ୱାରା ବାର୍ଡ ଫ୍ଲୁ ଆଶଙ୍କା ଦେଖାଦେଇଥାଏ । ଆକ୍ରାନ୍ତଙ୍କ ପାଟିରୁ ନିର୍ଗତ ଲାଳ, ମଳ, ପକ୍ଷ ଓ ସଂକ୍ରମିତ ପକ୍ଷୀ ଦ୍ୱାରା ପାଣି, ମାଟି, ବାୟୁ ଏବଂ ଖାଦ୍ୟ ମାଧ୍ୟମରେ ଏହି ରୋଗ ବ୍ୟାପିଥାଏ। ଅଣ୍ଡା ଓ ଅନ୍ୟାନ୍ୟ କୁକ୍କୁଟଜାତ ଦ୍ରବ୍ୟ ମାଧ୍ୟମରେ ମଧ୍ୟ ଏହିରୋଗର ଭୂତାଣୁ ବ୍ୟାପିଥାଏ।

**ସଂକ୍ରମଣ ସମୟ :** ଏହି ରୋଗର ଭୂତାଣୁ କୁକୁଡ଼ାଠାରେ ପ୍ରବେଶ କରିବା ପରଠାରୁ ଲକ୍ଷଣ ପ୍ରକାଶ ପାଇବା ପର୍ଯ୍ୟନ୍ତ ୩ ରୁ ୭ ଦିନ ସମୟ ନେଇଥାଏ । ଏହା କୁକୁଡ଼ାର ବୟସ ତଥା ଜାତି ଅନୁସାରେ ଅବଶ୍ୟ ଫରକ୍ ହୋଇଥାଏ।

**ଲକ୍ଷଣ :** ଏହି ରୋଗ କୁକୁଡ଼ାଙ୍କଠାରେ ଦେଖାଯିବା ମାତ୍ରେ କୁକୁଡ଼ା ଅତ୍ୟଧିକ ଦୁର୍ବଳ ଦେଖାଯିବା ସହିତ ସେମାନଙ୍କ ପରଗୁଡ଼ିକ ଅସଜଡ଼ା ପରି ଦେଖାଯାଏ । ହଠାତ୍ ଅଣ୍ଡା ଦେବା ବନ୍ଦ କରି ଦିଅନ୍ତି । ପତଳା ପାଣି ପରି ଝାଡ଼ା ହୁଏ। ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ ବା ମୁକୁଟ, ୱାଟଲ ଏବଂ ଆଖି ଚତୁଃପାର୍ଶ୍ୱ ଫୁଲିଯାଏ । ଆକ୍ରାନ୍ତ କୁକୁଡ଼ାର ଅଣ୍ଡା ଖୋଳପା ନ ଥାଇ ଲତଲତିଆ ଅଣ୍ଡା ଦେଇଥାଏ । କୁକୁଡ଼ାଙ୍କ ଅଗ୍ରଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟିକା ପରି ଜଣାପଡ଼େ । କୁକୁଡ଼ାଙ୍କ ମୁହଁ ବା ମୁଣ୍ଡ ଫୁଲିଯାଏ। ଏହି ରୋଗ ଆରମ୍ଭର ୪୮ ଘଣ୍ଟା ମଧ୍ୟରେ କୁକୁଡ଼ା ମୃତ୍ୟୁବରଣ କରନ୍ତି । ଏହି ରୋଗରେ କୁକୁଡ଼ାଙ୍କ ସର୍ବାଧିକ ମୃତ୍ୟୁହାର ଶତକଡ଼ା ୧୦୦ଭାଗ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ଏହି ରୋଗ କୁକୁଡ଼ା ବା ପକ୍ଷୀ ମାଧ୍ୟମରେ ହିଁ ମନୁଷ୍ୟଙ୍କୁ ବ୍ୟାପିଥାଏ । ମନୁଷ୍ୟଙ୍କଠାରେ ଏହି ରୋଗ ଦେଖାଦେଲେ ଜ୍ୱର, କାଶ, ତଣ୍ଟିଦରଜ, ଘୋଳାବିନ୍ଧା, ଆଖି ସଂକ୍ରମଣ, ନିମୋନିଆ ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇବା ସହିତ ଶ୍ୱାସନଳୀଜନିତ ଲକ୍ଷଣ ପ୍ରକାଶ ପାଇଥାଏ ।



"ବାର୍ଡ ଫ୍ଲୁ କୁକୁଡ଼ାଙ୍କଠାରେ ଦେଖାଯିବା ମାତ୍ରେ କୁକୁଡ଼ା ଅତ୍ୟଧିକ ଦୁର୍ବଳ ଦେଖାଯିବା ସହିତ ସେମାନଙ୍କ ପରଗୁଡ଼ିକ ଅସଜଡ଼ା ପରି ଦେଖାଯାଏ । ହଠାତ୍ ଅଣ୍ଡା ଦେବା ବନ୍ଦ କରି ଦିଅନ୍ତି । ପତଳା ପାଣି ପରି ଝାଡ଼ା ହୁଏ। ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ ବା ମୁକୁଟ, ୱାଟଲ ଏବଂ ଆଖି ଚତୁଃପାର୍ଶ୍ୱ ଫୁଲିଯାଏ । ଆକ୍ରାନ୍ତ କୁକୁଡ଼ାର ଅଣ୍ଡା ଖୋଳପା ନ ଥାଇ ଲତଲତିଆ ଅଣ୍ଡା ଦେଇଥାଏ । କୁକୁଡ଼ାଙ୍କ ଅଗ୍ରଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟିବା ପରି ଜଣାପଡ଼େ । କୁକୁଡ଼ାଙ୍କ ମୁହଁ ବା ମୁଣ୍ଡ ଫୁଲିଯାଏ। ଏହି ରୋଗ ଆରମ୍ଭର ୪୮ ଘଣ୍ଟା ମଧ୍ୟରେ କୁକୁଡ଼ା ମୃତ୍ୟୁବରଣ କରନ୍ତି ।"

**ରୋଗ ଚିହ୍ନଟ ପ୍ରଣାଳୀ :** ୧୧ ଦିନିଆ ଏମ୍ବ୍ରିଓଯୁକ୍ତ ଅଣ୍ଡାର ସଂସ୍ପର୍ଶରେ ଆସିଲେ ଅଣ୍ଡାସ୍ଥିତ ଛୁଆ ୪୮ ରୁ ୭୨ ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରନ୍ତି । ଅନ୍ୟାନ୍ୟ ପରୀକ୍ଷା ଦ୍ୱାରା ଯଥା - ଏଚ୍.ଏ, ଏଚ୍.ଆଇ., ଏ.ଜି.ପି.ଟି, ସି.ଏଫ୍.ଟି., ଏଲିଶା ଇତ୍ୟାଦି ପରୀକ୍ଷା ପାଇଁ କୁକୁଡ଼ାଙ୍କ ରକ୍ତ ବା ସିରମ୍ ସଂଗ୍ରହ କରିବାକୁ ପଡ଼ିଥାଏ ।

**ନମୁନା ସଂଗ୍ରହ:** ଜୀବନ୍ତ ଆକ୍ରାନ୍ତ କୁକୁଡ଼ାର ନାକ, ମଳଦ୍ୱାର ବା କ୍ଲୋଏକାଲ୍ ନିକଟରୁ ବିଶୋଧିତ ଉପାୟରେ ସ୍ୱାବ୍ ସଂଗ୍ରହ କରି ପଠାଯାଏ। । ମୃତ କୁକୁଡ଼ାଙ୍କ ଫୁସଫୁସ୍, ଟ୍ରାକିଆ, ଅନ୍ତନଳୀ, ଜୀବନ୍ତ କୁକୁଡ଼ାର ରକ୍ତ ବା ସିରମ୍ ସଂଗ୍ରହ କରି ବରଫ ମାଧ୍ୟମରେ ପଠାଯାଏ । ଏହି ନମୁନାଗୁଡ଼ିକ କେନ୍ଦ୍ର ସରକାରଙ୍କ ବିଭିନ୍ନ ଆଞ୍ଚଳିକ ରୋଗ ଚିହ୍ନଟ ପରୀକ୍ଷାଗାର, ମଧ୍ୟପ୍ରଦେଶ ଭୋପାଳସ୍ଥିତ ଜାତୀୟ ନିରାପଦ ପ୍ରାଣୀରୋଗ ପରୀକ୍ଷାଗାର, ଆଇଜତନଗର, କଲିକତା ଏବଂ ମୁକ୍ତେଶ୍ୱରସ୍ଥିତ ଭାରତୀୟ ପ୍ରାଣୀ ଗବେଷଣା ପ୍ରତିଷ୍ଠାନକୁ ପଠାଯାଇଥାଏ ।

**ଚିକିତ୍ସା ପ୍ରଣାଳୀ :** ଏହି ରୋଗକୁ ସଂପୂର୍ଣ୍ଣ ପ୍ରତିହତ ବା ଚିକିତ୍ସା କରିବା ପାଇଁ ସେପରି କୌଣସି ଚିକିତ୍ସା ନାହିଁ । ମନୁଷ୍ୟଙ୍କଠାରେ ଏହି ରୋଗର ପ୍ରଭାବକୁ କମାଇବା ପାଇଁ ଆମାଣ୍ଟିଡିନ୍-ହାଇଡ୍ରୋକ୍ଲୋରାଇଡ୍ ଭଳି ଔଷଧ ବ୍ୟବହାର କରାଯାଏ । ଯେହେତୁ ଏହି ରୋଗର ଭୂତାଣୁ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ଥାଏ ଏବଂ ଅବିଳମ୍ବେ ରୂପ ବଦଳାଏ, ତେଣୁ ସେଥିପାଇଁ ସଂପୂର୍ଣ୍ଣ ଫଳପ୍ରଦ ଟିକା ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ଆମ ରାଜ୍ୟର ଲୋକମାନେ କୁକୁଡ଼ା ମାଂସ ସିଝାଇ ଖାଇବାର ଅଭ୍ୟାସ ଯୋଗୁ ଆମ ପଦ୍ଧତିରେ ରନ୍ଧା ଯାଉଥିବା ଖାଦ୍ୟ ଦ୍ରବ୍ୟରେ ଭୂତାଣୁ ରହିବାର କୌଣସି ଆଶଙ୍କା ନ ଥାଏ । ତେଣୁ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାରେ ଭୟର କାରଣ ନାହିଁ । କିନ୍ତୁ କୁକୁଡ଼ା କାଟୁଥିବା ଲୋକ ସତର୍କତା ଅବଲମ୍ବନ କରିବା ଉଚିତ ।

**ରୋଗ ନିୟନ୍ତ୍ରଣ ଓ ସାବଧାନତା :** ବିଦେଶୀ ପକ୍ଷୀଙ୍କ ଆଗମନକୁ ବାରଣ ସହିତ ସେମାନେ ରହୁଥିବା ସ୍ଥାନ ବା ଜଳାଶୟର ଜଳକୁ ବ୍ୟବହାର କରିବା ଅନୁଚିତ। ବାହାର ରାଜ୍ୟ ବା ସ୍ଥାନରୁ କୁକୁଡ଼ା ଓ କୁକୁଡ଼ା ଜାତ ଦ୍ରବ୍ୟ ଯଥା- ଅଣ୍ଡା ଓ ମାଂସ ନେବା ଆଣିବା ଉପରେ କଟକଣା ଜାରି ରଖିବା ଉଚିତ। କୁକୁଡ଼ାମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ଘରେ ରଖିବା, କୁକୁଡ଼ାଙ୍କୁ ସୁଷମ ତଟକା ଖାଦ୍ୟ ପ୍ରଦାନ, ବାହ୍ୟ ଜୀବ ବା ପକ୍ଷୀ ଯାନବାହନ ବା ମନୁଷ୍ୟ ଫାର୍ମ ମଧ୍ୟକୁ ଅବାଧ ପ୍ରବେଶ ନିଷେଧ, ପରିଷ୍କାର ପାନୀୟ ଜଳଯୋଗାଣ, ଠିକ୍ ସମୟରେ ପ୍ରତିଷେଧକ ଟିକା ପ୍ରଦାନ, ମୃତ ପକ୍ଷୀକୁ ବାହାରେ ନ ଫିଙ୍ଗି ପୋଡ଼ିଦେବା ବା ଗଭୀର ଗର୍ତ୍ତକରି ପୋତିଦେବା ଇତ୍ୟାଦି ଭଳି ପଦକ୍ଷେପ ଗ୍ରହଣ କଲେ ଏହି ରୋଗର ସମ୍ଭାବନାକୁ ସହଜରେ ଏଡାଇ ଦିଆଯାଇ ପାରିବ ।

**ବିଭାଗୀୟ ପଦକ୍ଷେପ :** ସରକାରଙ୍କ ତରଫରୁ ଏହି ରୋଗର ସଂପୂର୍ଣ୍ଣ ନିରାକରଣ ପାଇଁ ଅନେକ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରାଯାଉଅଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ସମସ୍ତ ପ୍ରାଣୀଚିକିତ୍ସା ଅଧିକାରୀମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଉଅଛି । ଏହି ରୋଗର ଭୂତାଣୁ ୭୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପରେ ୩୦ ମିନିଟ୍ ମଧ୍ୟରେ ନଷ୍ଟ ହୋଇ ଯାଆନ୍ତି । ଆମ ପଦ୍ଧତିରେ ରନ୍ଧା ଯାଉଥିବା ଖାଦ୍ୟ ଦ୍ରବ୍ୟରେ ଭୂତାଣୁ ରହିବାର କୌଣସି ଆଶଙ୍କା ନାହିଁ । କୌଣସି କାରଣରୁ କୁକୁଡ଼ାଙ୍କ ବହୁ ସଂଖ୍ୟାରେ ମୃତ୍ୟୁ ଘଟିଲେ ବା ରୋଗ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶନେବା ବିଧେୟ ।

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଅଧିକ ଅମଳକ୍ଷମ ଟମାଟୋ ବିହନ



**ଅ**ଧିକ ଅମଳକ୍ଷମ ଟମାଟୋ ପାଇଁ ଉନ୍ନତ ବିହନ କିସମଗୁଡ଼ିକ ହେଲା- ବିଟି-୨, ବିଟି-୧୦, ବିଟି-୧୨, ନୀଳାଦ୍ରି, ସଦାବାହାର, ମାଧୁରୀ, ମହାରଥି, ମର୍ନିସନ୍, ରଶ୍ମି, ନବୀନ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର। ୧ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଜାଣ୍ଡିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।

## ପନିପରିବା ଚାଷ



ବର୍ଷାଦିନେ ସାଧାରଣତଃ ବାଇଗଣ, ବିଲାତି ବାଇଗଣ, କୋବି, ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡଙ୍ଗ ଆଦି ପନିପରିବା ଫସଲ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳଜମିରେ ଲଗାଯାଇଥାଏ। ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇଦିଅନ୍ତୁ। ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ। ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୭ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୫-୭ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ।

## ଆଖୁଚାଷର ଭେଳାବନ୍ଧା କାମ

**ଜ**ମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ । ଫସଲ ୪-୫ ମାସର ହୋଇଥିଲେ ଭେଳା ବନ୍ଧା କାମ କରନ୍ତୁ। ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ । ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍/କ୍ଲୋରୋଣ୍ଟ୍ରାନିଲିପ୍ରୋଲ୍ ୩୭୫ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ । ସଅଳ କାଣ୍ଡବିନ୍ଧା କୀଟକୁ ଦମନକରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ



ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ବିଷର ୩-୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।

# ଅନୁମୋଦିତ ପ୍ରଣାଳୀରେ ଧାନ ତଳି ରୁଆ

ଯେଉଁ ଚାଷୀଭାଇମାନେ ଅନୁମୋଦିତ ପ୍ରଣାଳୀରେ ଧାନ ରୋଇ ସାରିଛନ୍ତି ଏବଂ ରୁଆର ୨୦ଦିନ ହୋଇଗଲାଣି, ଅନାବନା ଘାସ ବାଛି କିସମ ଅନୁଯାୟୀ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ ପିଲ ସାର ଆକାରରେ ପ୍ରୟୋଗ କରନ୍ତୁ। ତଳି ୩-୪ ସପ୍ତାହର ହୋଇଗଲେ ରୋଇବା ପାଇଁ ଉପଯୁକ୍ତ ହୋଇଥାଏ। ସେପରି ସ୍ଥଳେ ତଳି ରୋଇବା ପାଇଁ ମୁଖ୍ୟ କିଆରିକୁ କାଦୁଅ କରନ୍ତୁ। ପ୍ରଥମେ ୩-୪ ଓଡ଼ ଚାଷକରି ପାଣି ବାନ୍ଧି ରଖନ୍ତୁ। ରୋଇବା ପୂର୍ବଦିନ ଅତ୍ୟଧିକ ପାଣି ନିଗାଡ଼ିଦେଇ ଜମିକୁ କାଦୁଅ କରନ୍ତୁ। ସବୁଜ ସାର ପାଇଁ ଆଜୋଲା ବଢ଼ାଇଥିଲେ କାଦୁଅ ବେଳେ ହଳକରି ମାଟିରେ ମିଶାଇ ଦିଅନ୍ତୁ। ଏକର ପ୍ରତି ୨କି.ଗ୍ରା. ଆଜୋଟୋବ୍ୟାକ୍ଟର (ମଧ୍ୟମ ଜମିରେ ) ବା ଆଜୋସ୍ପିରିଲମ୍ (ଖାଲଜମିରେ) ସହ ୨କି.ଗ୍ରା. ପିଏସ୍ ବି ଖତ ସହ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ। ଶେଷଓଡ଼ କାଦୁଅରେ କିସମ ଅନୁଯାୟୀ ଏକର ପ୍ରତି ୬-୮କି.ଗ୍ରା. ଯବକ୍ଷାରଜାନ ,୧୨-୧୬କି.ଗ୍ରା. ଫସ୍‌ଫରସ୍ ଓ ୧୨-୧୬କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ। ତଳିଘରାରେ ଦାନାଦାର ବିଷ ପ୍ରୟୋଗ କରି ନ ଥିଲେ ପ୍ରତି ଲିଟର ପାଣିରେ ୧ମି.ଲି.ହିସାବରେ କ୍ଲୋରୋପାଇରିଫସ୍ ମିଶାଇ ତଳିର ଚେରକୁ ୮-୧୦ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ। ଧାଡ଼ିକୁ ୧୫-୨୦ସେ.ମି. ବୁଦାକୁ ବୁଦା ୧୦ସେ.ମି. ବ୍ୟବଧାନ ରଖନ୍ତୁ। ବୁଦା ପ୍ରତି ୨ରୁ ୩ଟି କରି ତଳି ସିଧା ଓ ଅଗଭୀରରେ ରୁଅନ୍ତୁ। ରୁଆ ସମୟରେ କିଆରିରେ ନଖବୁଡ଼ା ପାଣି ରଖନ୍ତୁ।



୧୪

# କର ବା ମର ସ୍ଥିତିରେ ଭାରତ



କୋଚ୍ ଗୌତମ ଗମ୍ଭୀରଙ୍କ ଉପସ୍ଥିତିରେ ପିଚ୍ ନିରୀକ୍ଷଣ କରୁଛନ୍ତି ଅଧିନାୟକ ଶୁବମନ ଗିଲ୍।

ମାଞ୍ଚେଷ୍ଟର,୨୨।୭(ପି.ଟି.)

ଆଜିଠାରୁ ଓଲ୍ଡ ଟ୍ରାଫୋର୍ଡଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି(ଏଟିଟି) କ୍ରିକେଟ୍ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଖେଳାଯିବ। ଏପର୍ଯ୍ୟନ୍ତ ସିରିଜ୍‌ରେ ୩ ମ୍ୟାଚ୍ ଖେଳାଯାଇଥିବା ବେଳେ ଇଂଲଣ୍ଡ ଏବେ ୨-୧ରେ ଆଗରେ ରହିଛି। ଏଣୁ ଏହି ମ୍ୟାଚ୍ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ କର-ବା-ମର ସ୍ଥିତିରେ ଛିଡ଼ା ହୋଇଛି। ଦଳକୁ ୫ ଟେଷ୍ଟବିଶିଷ୍ଟ ସିରିଜ୍‌କୁ ବରାବର କରିବା ପାଇଁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଦରକାର। କିନ୍ତୁ ଓଲ୍ଡ ଟ୍ରାଫୋର୍ଡରେ ଭାରତ ପୂର୍ବରୁ କଦାପି କୌଣସି ଟେଷ୍ଟ ଜିତିନାହିଁ। ପୂର୍ବରୁ ଏଠାରେ ୯ ମ୍ୟାଚ୍ ଖେଳିଥିବା ଭାରତ ୪ଟିରେ ପରାଜିତ ହୋଇଥିବା ବେଳେ ୫ ମ୍ୟାଚ୍‌କୁ ଡ୍ର' ରଖିଛି। ଏହି ରେକର୍ଡ ଅପେକ୍ଷା ଭାରତୀୟ ଦଳ ପାଇଁ ଟିମ୍ କମ୍ବିନେଶନ ଚିନ୍ତାର କାରଣ ପାଲଟିଛି। ଦଳରେ ଆହତ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଚୂଡ଼ାନ୍ତ ଏକାଦଶରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ। ଲର୍ଡ୍ସ ଟେଷ୍ଟରେ ଖେଳିଥିବା ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଓ ପେସର ଆକାଶ ଦୀପଙ୍କ ସହିତ ଅର୍ଶଦୀପ ସିଂ ଆହତ ହୋଇଛନ୍ତି। ଲିଡ୍ସରେ ପ୍ରଥମ ଟେଷ୍ଟରେ ପରାଜିତ ହେବା ପରେ ଭାରତୀୟ ଦଳ ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍‌ରେ ୩ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର ଓ ନୀତୀଶଙ୍କୁ ଏକାଠି ଖେଳାଇଥିଲା। ପ୍ରଥମ ଟେଷ୍ଟରେ ଖେଳିଥିବା ଶାର୍ଦ୍ଦୂଳ ଠାକୁର ସିଧାସଳଖ ନୀତୀଶଙ୍କ ବଦଳରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇପାରନ୍ତି। ହରିୟାଣା ପେସର ଅଂଶୁଲ କାମ୍ବୋଜ୍‌ଙ୍କୁ ପଦାର୍ପଣ ସୁଯୋଗ ମିଳିପାରେ। ଗ୍ରୋଇନ୍ ଇଞ୍ଜୁରି କାରଣରୁ ଆକାଶ ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତେବେ କାମ୍ବୋଜ୍ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ମଧ୍ୟରୁ ଜଣଙ୍କୁ ତୃତୀୟ ପେସର ଭାବେ ଖେଳାଯିବ। ଆକାଶଙ୍କ ଭଳି କାମ୍ବୋଜ୍‌ଙ୍କ ନିକଟରେ ବଲ୍‌ରୁ ପ୍ରଚୁର ସିମ୍ ମୁଭ୍‌ମେଣ୍ଟ ହାସଲ କରିବାର ଦକ୍ଷତା ରହିଛି। ସେ ନିକଟରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଭାରତ ଏ' ପାଇଁ ଭଲ ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ରେ ପ୍ରିମିୟର ପେସର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜଙ୍କ ଖେଳିବା ପକ୍କା। ଲର୍ଡ୍ସ ଟେଷ୍ଟକୁ ଛାଡ଼ିଦେଲେ ସିରିଜ୍‌ରେ ପ୍ରଥମ ଦୁଇ ଟେଷ୍ଟରେ ଭାରତୀୟ ବ୍ୟାଟରମାନେ ଭଲ ପ୍ରଦର୍ଶନ କରିଥିଲେ। ବ୍ୟାଟରଙ୍କ ମଧ୍ୟରେ ଅଧିନାୟକ ଗିଲ୍, ଭେଟେରାନ ଓପ୍‌ନର ଲୋକେଶ ରାହୁଲ, ଉଇକେଟ୍‌କିପର ରିଷଭ ପନ୍ତ, ଯୁବ ଓପ୍‌ନର ଯଶସ୍ୱୀ ଜୟସ୍ୱାଲ ଭଲ ଫର୍ମରେ ରହିଛନ୍ତି। କିନ୍ତୁ ବ୍ୟାଟିଂ ଲାଇନ୍‌ରେ କେବଳ ଗୋଟିଏ ପରିବର୍ତ୍ତନ କରାଯିବ ବୋଲି ଆଶା କରାଯାଉଛି। ପ୍ରଥମ ୩ ଟେଷ୍ଟରେ କରୁନ ନାୟାର ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଯଦି ତାଙ୍କୁ ବାଦ୍ ଦିଆଯାଏ, ତେବେ ସାଇ ସୁଦର୍ଶନଙ୍କୁ ଦଳରେ ସାମିଲ କରାଯିବ। ଯଦି ନାୟାରଙ୍କୁ ଆଉ ଏକ ସୁଯୋଗ ଦିଆଯାଏ, ତେବେ ତାଙ୍କୁ ବଡ଼ ଇନିଂସ ଖେଳିବାକୁ ପଡ଼ିବ। ନ ହେଲେ ଏହା ତାଙ୍କ କ୍ୟାରିୟରର ଅନ୍ତିମ ଟେଷ୍ଟ ହୋଇପାରେ। ଗତ ମ୍ୟାଚ୍‌ରେ ଆହତ ସମସ୍ୟା ଯୋଗୁ ଉଇକେଟ୍ କିପିଂ କରି ନ ଥିବା ପନ୍ତ ଏବେ ପୂରା ଫିଟ୍ ଅଛନ୍ତି। ସେ ଟ୍ରେନିଂ ସେସନରେ ନିଜ ଫିଟ୍‌ନେସ୍‌ର ପ୍ରମାଣ ଦେଇଛନ୍ତି। ଲଗାତର ୪ ଅର୍ଦ୍ଧଶତକ ହାସଲ କରିଥିବା ଜାଡେଜା ଲୋୟର ମିଡଲ ଅର୍ଡର ସମ୍ଭାଳିବେ। କିନ୍ତୁ ବଲ୍‌ରେ ତାଙ୍କଠାରୁ ଅଧିକ ଯୋଗଦାନର ଆଶା କରାଯାଉଛି।

ତେବେ ଭାରତୀୟ ଦଳ ଇଂଲଣ୍ଡର ଅନ୍ୟ ଭେନ୍ୟୁ ଅପେକ୍ଷା ଓଲ୍ଡ ଟ୍ରାଫୋର୍ଡରେ ନିୟମିତ ଖେଳେନାହିଁ। ଭାରତ ଅନ୍ତିମଥର ୨୦୧୪ରେ ଏଠାରେ ଟେଷ୍ଟ ମ୍ୟାଚ୍ ଖେଳିଥିଲା। ଏହି ଭେନ୍ୟୁରେ ଅନ୍ତିମ ଭାରତୀୟ ବ୍ୟାଟର ଭାବେ ଶତକ କରିବାର ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାମରେ ରହିଛି, ଯାହାକି ସେ ୧୯୯୦ ଟୁର୍‌ରେ କରିଥିଲେ। ଗତ ସପ୍ତାହରେ ମାଞ୍ଚେଷ୍ଟରରେ ନିୟମିତ ବର୍ଷା ହୋଇଛି। ଏଣୁ ମ୍ୟାଚ୍‌ରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିପାରେ। ଅନ୍ୟପକ୍ଷରେ ସିରିଜ୍‌ରେ ଡ୍ରାଇଭର ସିଟ୍‌ରେ ଥିବା ଘରୋଇ ଇଂଲଣ୍ଡ ତା'ର ଚୂଡ଼ାନ୍ତ ଏକାଦଶ ଘୋଷଣା କରିସାରିଛି।

ସମ୍ଭାବ୍ୟ ଭାରତୀୟ ଦଳ: ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟାର/ସାଇ ସୁଦର୍ଶନ, ଶୁବମନ ଗିଲ୍(ଅଧିନାୟକ), ରିଷଭ ପନ୍ତ(ଉଇକେଟ୍‌କିପର ଓ ଉପ ଅଧିନାୟକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ସିରାଜ, ଯଶପ୍ରୀତ ବୁମ୍‌ରା, ଅଂଶୁଲ କାମ୍ବୋଜ୍/ପ୍ରସିଦ୍ଧ କ୍ରିଷ୍ଣା।

ଇଂଲଣ୍ଡ ଏକାଦଶ: ଜ୍ୟାକ୍ କ୍ରଲି, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍(ଉଇକେଟ୍‌କିପର), ଲିଆମ ଡସନ, କ୍ରିସ୍ ୱୋକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚ୍ଚର।

## ଆଜିଠୁ ଚତୁର୍ଥ ଟେଷ୍ଟ

### ଓଲ୍ଡ ଟ୍ରାଫୋର୍ଡରେ ଦ୍ୱିପାକ୍ଷିକ ରେକର୍ଡ

ମୋଟ ଟେଷ୍ଟ: ୯, ଇଂଲଣ୍ଡ ବିଜୟୀ-୪, ଭାରତ ବିଜୟୀ-୦, ଡ୍ର-୫।
ଇଂଲଣ୍ଡ ବିଜୟୀ: ୧୯୫୨- ଏକ ଇନିଂସ ଓ ୨୦୭ ରନ୍, ୧୯୫୯- ୧୭୧ ରନ୍, ୧୯୭୪- ୧୧୩ ରନ୍, ୨୦୧୪- ଏକ ଇନିଂସ୍ ଓ ୫୪ ରନ୍।
ମ୍ୟାଚ୍ ଡ୍ର: ୧୯୩୬, ୧୯୪୬, ୧୯୭୧, ୧୯୮୨ ଓ ୧୯୯୦।
ସର୍ବାଧିକ ସ୍କୋର: ଇଂଲଣ୍ଡ- ୫୭୧/୮(ଘୋଷଣା), ୧୯୩୬। ଭାରତ-୪୩୨ ରନ୍, ୧୯୯୦।
ସର୍ବନିମ୍ନ ସ୍କୋର: ଭାରତ ୫୮/ଅଲ୍‌ଆଉଟ, ୧୯୫୨, ଇଂଲଣ୍ଡ: ୧୫୩/୫(ଘୋଷଣା), ୧୯୪୬।

ADMISSION OPEN
NIIS INSTITUTE OF INFORMATION SCIENCE & MANAGEMENT
SARADA VIHAR, MADANPUR, BHUBANESWAR, KHORDHA - 752054
Permitted by Govt. of Odisha & Affiliated to Utkal University
Reputed Institute of 26 years providing regular programmes
+3 Arts (Hons)
+3 Science (Hons)
+3 Commerce(Hons)
M.Com. (F&C)
M.Com.(Traditional)
M.Sc. (CS, Phy.,Chem., Biotech)
MPMIR
MSW
Excellent Placement Opportunities and Skill Development Programme is an added advantage, Flexible in fee payment.
Contact: 9040004375, 9778899990, 9778899991

# ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍



ଖେଲୋ ଇଣ୍ଡିଆ ସାଇକ୍ଲିଂ ଲିଗ୍ ଆରମ୍ଭରେ ଉପସ୍ଥିତ ସାଇକ୍ଲିଷ୍ଟ ଓ ଅତିଥିମାନେ।

ଭୁବନେଶ୍ୱର, ୨୨।୭(ତପନ ସ୍ୱାଇଁ)

ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ଆନୁକୂଲ୍ୟରେ ଗଞ୍ଜାମର ଗୋପାଳପୁରଠାରେ ପ୍ରଥମଥର ପାଇଁ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରୁ ୨୦୦ରୁ ଊର୍ଦ୍ଧ୍ୱ ମହିଳା ସାଇକ୍ଲିଷ୍ଟ ଓ ୧୬ ଟେକ୍ନିକାଲ ଅଫିସିଆଲ ଏଥିରେ ଅଂଶଗ୍ରହଣ କରିଥିଲେ। ଆୟୋଜକଙ୍କ ପକ୍ଷରୁ ସମସ୍ତ ପ୍ରତିଯୋଗୀଙ୍କୁ ସାଇକ୍ଲିଂ ହେଲ୍‌ମେଟ ପ୍ରଦାନ କରାଯାଇଥିଲା। ସିନିୟର ବର୍ଗରେ ୧୫ କିଲୋମିଟର, ଜୁନିୟର ଓ ଯୁଥ୍ ବର୍ଗରେ ୧୦ କି.ମି. ଲେଖାଏ ପ୍ରତିଯୋଗିତା ହୋଇଥିଲା। ମହିଳା ସିନିୟର ବର୍ଗର ରେସିଂ ସାଇକେଲ ଓ ସାଧାରଣ ସାଇକେଲ ବିଭାଗରେ ଯଥାକ୍ରମେ ଉର୍ମିଳା ବେହେରା ଓ ରତ୍ନୁ ରାଓ ପ୍ରଥମ, ଲିଲି ମାଝି ଓ ସୋମାଲି ନାୟକ ଦ୍ୱିତୀୟ ଏବଂ ମୁସ୍‌କାନ କିଷନ ଓ ବନ୍ଦନା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ଜୁନିୟର ବର୍ଗରେ ମନୀଷା ସାହୁ, ଶିବାନୀ ସାଓ ଏବଂ ବନିତା କିଷନ ପ୍ରଥମ ୩ ସ୍ଥାନ ପାଇଥିଲେ। ଜୁନିୟର ଏବଂ ଯୁଥ୍ ବର୍ଗରେ ଯଥାକ୍ରମେ ସସ୍ମିତା ପଣ୍ଡା ଓ ତପସ୍ୱିନୀ ପାଣିଗ୍ରାହୀ ପ୍ରଥମ, ପୂର୍ବେଇ ମହାନ୍ତି ଓ ଅର୍ପିତା ପଣ୍ଡା ଦ୍ୱିତୀୟ ଏବଂ ସୁଶ୍ରୀ ସନ୍ତୋଷିନୀ ସେଠୀ ଓ କାଜଲ ଗୌଡ଼ ତୃତୀୟ ସ୍ଥାନ ହାସଲ କରିଥିଲେ। ଆୟୋଜକ କମିଟି ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବିଷୋୟୀଙ୍କ ତତ୍ତ୍ୱାବଧାନ, ରାଜ୍ୟ ସାଇକ୍ଲିଂ ସଂଘ ସମ୍ପାଦକ ପ୍ରସନ୍ନ କୁମାର ରାଉତଙ୍କ ସଂଯୋଜନା ଓ ସଭାପତି ମିନତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଣିଜ୍ୟ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଏବଂ ଗଞ୍ଜାମ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ କେ. କାମେଶ୍ୱର ରାଓ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସଂଘ ଉପସଭାପତି ନୃସିଂହ ଚରଣ ସାହୁ, ଯୁଗ୍ମ ସମ୍ପାଦକ ଗୋପୀନାଥ ପଣ୍ଡା ଏବଂ ସଦସ୍ୟ ରାମକୃଷ୍ଣ ଦାସ, ସମ୍ବିତ୍ ମହାନ୍ତି, ଅପୂର୍ବ ରଞ୍ଜନ ବେହେରା, ମନୋରଞ୍ଜନ ବାରିକ ଓ ଅନୀତା କୁମାରୀ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ସିରିଜ୍ ଜିତିଲା ଭାରତ

## ହରମନପ୍ରୀତଙ୍କ ଶତକ, କ୍ରାନ୍ତିଙ୍କୁ ୬ ଉଇକେଟ

ଲଣ୍ଡନ,୨୨।୭(ପି.ଟି.)

ଅଧିନାୟିକା ହରମନପ୍ରୀତ କୌରଙ୍କ ଶତକ ଓ କ୍ରାନ୍ତି ଗୌଡ଼ଙ୍କ ୬ ଉଇକେଟ ସଫଳତା ବଳରେ ଭାରତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଇଂଲଣ୍ଡକୁ ୧୩ ରନରେ ପରାସ୍ତ କରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଭାରତୀୟ ଦଳ ୨-୧ରେ ଜିତି ନେଇଛି। ଏହି ମ୍ୟାଚ୍ ଜରିଆରେ ହରମନପ୍ରୀତ ଦିନିକିଆରେ ୪ ହଜାର ରନ ପୂରଣ କରିଛନ୍ତି। ସେ ମିତାଲି ରାଜ ଓ ସ୍ମୃତି ମନ୍ଧାନାଙ୍କ ପରେ ତୃତୀୟ ଭାରତୀୟ ଭାବେ ଏହି କ୍ଲବରେ ସାମିଲ ହୋଇଛନ୍ତି।

ଭାରତୀୟ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୩୧୮ ରନ କରିଥିଲା। ଦଳ ପାଇଁ ଅଧିନାୟିକା ହରମନପ୍ରୀତ ୮୪ ବଲରେ ୧୪ ଚୌକା ସହିତ ୧୦୨ ରନର ଶତକୀୟ ପାଳି ଖେଳିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ସପ୍ତମ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗୁଏଜ ୫୦ (୭ ଚୌକା), ମନ୍ଧାନା ୪୫ (୫ ଚୌକା), ହର୍ଲିନ ଦେଓଲ ୪୫ (୪ ଚୌକା) ଓ ରିଚା ଘୋଷ ୧୮ ବଲରେ ଧୂଆଁଧାର ୩୮ (୩ ଚୌକା ଓ ୨ ଛକା) ରନ କରିଥିଲେ। ଜବାବରେ ଇଂଲଣ୍ଡ ଖୁବ ଶସ୍ତାରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ଏଭଳି ସ୍ଥିତିରେ ଅଧିନାୟିକା ସ୍କିଭର-ବ୍ରଣ୍ଟ ଓ ଏମ୍ମା ଲାମ୍ବ ତୃତୀୟ ଉଇକେଟରେ ୧୬୨ ରନ ଯୋଡ଼ିଥିଲେ, ଯାହାକି ଭାରତ ବିପକ୍ଷରେ ଇଂଲଣ୍ଡ ପାଇଁ ସବୁଠୁ ବଡ଼ ଭାଗୀଦାରି। ଲାମ୍ବ ୬୮ (୫ ଚୌକା) ରନ କରିଥିବା ବେଳେ ଶ୍ରୀ ଚରଣୀଙ୍କ ବଲରେ ବୋଲ୍ଡ ହୋଇଥିଲେ। ବ୍ରଣ୍ଟ ଅଳ୍ପକେ ଶତକ ହାତଛଡ଼ା କରିଥିଲେ। ସେ ୧୧ ଚୌକା ସହିତ ୯୮ ରନ ରନ କରି ପାଭିଲିଅନ ଫେରିଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ନର୍ଦ୍ଧାରିତ ୪୯.୫ ଓଭରରେ ୩୦୫ ରନ କରି ଅଲଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଗୌଡ଼ ସର୍ବାଧିକ ୬ ଉଇକେଟ ସଫଳତା ଅର୍ଜନ କରିଥିବା ବେଳେ ଚରଣୀ ୨ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ହରମନପ୍ରୀତ୍ କୌର୍।

### ସଂକ୍ଷିପ୍ତ ସ୍କୋର

ଭାରତୀୟ ମହିଳା ଦଳ: ୫୦ ଓଭରରେ ୩୧୮/୫ (ହରମନପ୍ରୀତ କୌର-୧୦୨, ସ୍ମୃତି ମନ୍ଧାନା-୪୫, ହର୍ଲିନ ଦେଓଲ-୪୫, ଜେମିମା ରୋଡ୍ରିଗୁଏଜ-୩୮*, ସୋଫି ଏକଲେଷ୍ଟୋନ-୧/୨୮, ଲୌରେନ ଫିଲର-୧/୬୪)। ଇଂଲଣ୍ଡ ମହିଳା ଦଳ: ୪୯.୫ ଓଭରରେ ୩୦୫/ଅଲଆଉଟ୍ (ନାଟ ସ୍କିଭର-ବ୍ରଣ୍ଟ-୯୮, ଏମ୍ମା ଲାମ୍ବ-୬୮, ସୋଫିଆ ଡଙ୍କଲି-୩୪, କ୍ରାନ୍ତି ଗୌଡ଼-୬/୫୨, ଶ୍ରୀ ଚରଣୀ-୨/୬୮, ଦୀପ୍ତି ଶର୍ମା-୧/୫୫)।

# ଓଡ଼ିଶାର ଦ୍ୱିତୀୟ ପରାଜୟ

## ଜାତୀୟ ଜୁନିୟର ଫୁଟ୍‌ବଲ

ଭୁବନେଶ୍ୱର, ୨୨।୭(ତପନ ସ୍ୱାଇଁ)



ଅମନ ଲାକ୍ରା

ଅମୃତସରରେ ଚାଲିଥିବା ଜାତୀୟ ଜୁନିୟର ବାଳକ ଫୁଟ୍‌ବଲ ବି.ସି. ରୟ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ମଙ୍ଗଳବାର ସାହିବ୍‌ଜାଦା ଫତେ ସିଂ ଫୁଟ୍‌ବଲ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୧-୨ ଗୋଲରେ ମଣିପୁର ନିକଟରୁ ହାରିଯାଇଛି। ସଂଘର୍ଷପୂର୍ଣ୍ଣ ମ୍ୟାଚର ୨୬ତମ ମିନିଟ୍‌ରେ ମଣିପୁର ପକ୍ଷରୁ ଖଉତଲେଇବାମ ସୁଲ୍‌ତାନ ଗୋଲ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଦଳକୁ ୧-୦ରେ ଅଗ୍ରଣୀ ରଖିଥିଲେ। ଓଡ଼ିଶା ଅଧିନାୟକ ଅମନ ଲାକ୍ରା ୫୭ତମ ମିନିଟ୍‌ରେ ଗୋଲଟି ପରିଶୋଧ କରିବାରୁ ମ୍ୟାଚ୍ ସମାନସ୍ତରକୁ ଚାଲିଆସିଥିଲା। ମାତ୍ର ୭୦ତମ ମିନିଟ୍‌ରେ ମଣିପୁରର ଅମୋମ କ୍ରିଶ୍ ସିଂ ସ୍କୋର କରିଥିବା ଗୋଲ୍‌ଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ପୂର୍ବରୁ ଗତ ରବିବାର ଗୁରୁ ନାନକ ଦେବ ୟୁନିଭର୍ସିଟି (ଜିଏନ୍‌ଡିୟୁ) ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ କର୍ଣ୍ଣାଟକଠାରୁ ୧-୩ ଗୋଲରେ ହାରିଯାଇଥିଲା। ଆସନ୍ତା ୨୪ରେ ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ଝାଡ଼ଖଣ୍ଡ ବିପକ୍ଷରେ ଖେଳିବ।

# ପିଣ୍ଟ୍ରେ ଜିତିଲେ ୧୬ତମ ଷ୍ଟେଜ୍

ମଣ୍ଟ ଭେଣ୍ଟକ୍ସ, ୨୨।୭: ଚଳିତବର୍ଷ ଟୁର୍ ଡି' ଫ୍ରାନ୍ସରେ ଏକ ଷ୍ଟେଜ୍ ଜିତିବାରେ ଭାଲେଣ୍ଟିନ ପାରେଟ୍ ପିଣ୍ଟ୍ରେ ହେଉଛନ୍ତି ପ୍ରଥମ ଘରୋଇ ରାଇଡର। ମଙ୍ଗଳବାର ସେ ରେସ୍‌ର ୧୬ତମ ଷ୍ଟେଜ୍ ବିଜେତା ହୋଇଥିବାବେଳେ ଟାଡେଜ ପୋଗାକାର ଓଭରଅଲ୍ ଅଗ୍ରଣୀ ବଜାୟ ରଖିଛନ୍ତି। 'ବିଷ୍ଟ ଅଫ୍ ପ୍ରୋଭିନ୍ସ' ଭାବେ ପରିଚିତ ମଣ୍ଟ ଭେଣ୍ଟକ୍ସ ପର୍ବତ ଶୀର୍ଷରେ ପିଣ୍ଟ୍ରେ ଏକ ସ୍ପ୍ରିଣ୍ଟରେ ପୂର୍ବତନ ଲିଡର ବେନ୍ ହିଲିଙ୍ଗଠାରୁ ଅଳ୍ପକେ ଆଗରେ ରହିଥିଲେ। ସାଣ୍ଟିଆଗୋ ବାଇଟ୍ରାଗୋ ପାରେଟ୍ ପିଣ୍ଟ୍ରେଙ୍କ ଟିମ୍‌ମେଟ୍ ଇଲାନ୍ ୱାନ୍‌ଡରଙ୍କଠାରୁ ୪ ସେକେଣ୍ଡ ଆଗରେ ରହି ୩ୟ ସ୍ଥାନ ଅଧିକାର କରିଥିଲେ। ପୋଗାକାର ୪ର୍ଥ ସ୍ଥାନରେ ରହିଥିବା ବେଳେ ଜେନେରାଲ କ୍ଲାସିଫିକେଶନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଡାନିଶ ରାଇଡର ତାଙ୍କଠାରୁ ୨ ସେକେଣ୍ଡ ପଛରେ ଥାଇ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ଜେନେରାଲ କ୍ଲାସିଫିକେଶନରେ ପୋଗାକାର ବର୍ତ୍ତମାନ ଭିଙ୍ଗେଗାର୍ଡଙ୍କଠାରୁ ୪ ମିନିଟ୍ ୧୫ ସେକେଣ୍ଡ ଆଗରେ ରହିଛନ୍ତି।

# ରାଜ୍ୟ ପୋଲିସ ଭଲିବଲ, ବାସ୍କେଟ୍‌ବଲ ଉଦ୍‌ଘାଟିତ

କଟକ,୨୨।୭(କାର୍ତ୍ତିକ ସାହୁ)

କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନ ପରିସରରେ ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତା-୨୦୨୫ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ପୋଲିସ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି। ପ୍ରତିଯୋଗୀ ଓ କ୍ରୀଡ଼ା ପରିଚାଳକମାନଙ୍କୁ ଖେଳୁଆଡ଼ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଛନ୍ତି। ଚାମ୍ପିୟନଶିପ ଆୟୋଜନ ଓ ପରିଚାଳନା ନିମନ୍ତେ ସେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ଆମେରିକାର ବର୍ମିଂହାମଠାରେ ଅନୁଷ୍ଠିତ ବିଶ୍ୱ ପୋଲିସ ଓ ଅଗ୍ନିଶମ କ୍ରୀଡ଼ା- ୨୦୨୫ରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରି ଓଡ଼ିଶା ପୋଲିସର ୭ ଜଣ କୃତି କ୍ରୀଡ଼ାବିତ ଅପୂର୍ବ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ ସହ ଦେଶ, ରାଜ୍ୟ ତଥା ଓଡ଼ିଶା ପୁଲିସକୁ ଗୌରବାନ୍ୱିତ କରିଛନ୍ତି। ଭାରତୀୟ କ୍ରୀଡା ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଲେଖି, ଓଡ଼ିଶା ପୋଲିସ ଖେଳାଳିମାନେ ବିଭିନ୍ନ ଆଥଲେଟିକ୍ସ ଏବଂ କରାଟେ ଇଭେଣ୍ଟରେ ବ୍ୟକ୍ତିଗତ ଭାବେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ କାଂସ୍ୟ ସମେତ ୨୦ ପଦକ ହାସଲ କରିଛନ୍ତି। ଏହିଅସାଧାରଣ ସଫଳତା ଦେଶ, ରାଜ୍ୟ ଏବଂ ଓଡ଼ିଶା ପୋଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ମୁଖ୍ୟ ଅତିଥି କୁମାର କହିଛନ୍ତି। ସୂଚନା ଯୋଗ୍ୟ, ଆସନ୍ତା ୨୮ ପର୍ଯ୍ୟନ୍ତ ଷଷ୍ଠ ବାଟାଲିୟନର ବିଭିନ୍ନ ଗ୍ରାଉଣ୍ଡରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଚାମ୍ପିୟନଶିପରେ ସାରା ରାଜ୍ୟର ବିଭିନ୍ନ ଜିଲା ଏବଂ ବାଟାଲିୟନରୁ ୨୫ଟି ପୋଲିସ ଭଲିବଲ ଟିମ ଓ ୫ଟି ପୋଲିସ ବାସ୍କେଟବଲ ଟିମ ଅଂଶ ଗ୍ରହଣ କରିଛନ୍ତି। ସମୁଦାୟ ୪୨୯ ଜଣ ଖେଳାଳି ସାମିଲ ହୋଇଛନ୍ତି। ଉଦଘାଟନୀ ସମାରୋହରେ ଆଇଜିପି ଗଜଭିୟେ ସତୀଶ କୁମାର, ଏଆଇଜି (ମୁଖ୍ୟାଳୟ) ତପନ ନାରାୟଣ ରଥ, ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟ ନାରାୟଣ ମଲ୍ଲିକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନ୍ଧାତା ସାଇ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଟିମର ଅଧିନାୟକ, ଖେଳାଳିମାନେ ଉପସ୍ଥିତ ଥିଲେ।




ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ଅବସରରେ ପ୍ରତିଯୋଗୀଙ୍କ ପରେଡ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ